ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ସୋମବାର, ନଭେମ୍ବର ୩/୨୦୨୫ (୧୨ ପୃଷ୍ଠା) Bhubaneswar, Monday, November 3/2025 Page 12 ₹ 7.00 | RAYAGADA
୫୧ଶ ଭାଗ ୩୩୭ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 51 ISSUE 337 ମୂଲ୍ୟ ₹୭/-




**ଜେନ୍ ଜି ଅବତାରରେ ଶାହରୁଖ**

ରବିବାର ୬୦ ବର୍ଷରେ ପଦାର୍ପଣ କରିଥିବା ବଲିଉଡ୍ ଅଭିନେତା ଶାହରୁଖ ଖାନ୍‌ଙ୍କ ଆଗାମୀ ଚଳଚ୍ଚିତ୍ର 'କିଙ୍ଗ୍'ର ଟିଜର ରିଲିଜ୍ ହୋଇଛି, ଯହିଁରେ ତାଙ୍କୁ ଜେନ୍ ଜି ଭୂମିକାରେ ଦେଖିବାକୁ ମିଳିବ। ୦୨

୧୨ **ଅର୍ଶଦୀପ ପ୍ଲେୟର ଅଫ୍ ଦି ମ୍ୟାଚ**

ଅଷ୍ଟ୍ରେଲିଆ ବିପକ୍ଷ ୩ୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି ଭାରତୀୟ ବୋଲର ଅର୍ଶଦୀପ ସିଂ।




# ଅସମ୍ଭାଳ ଭିଡ଼

## ଭିଡ଼ ନିୟନ୍ତ୍ରଣରେ ପୋଲିସ ବିଫଳ

**ପୁରୀ, ୨।୧୧ (ଅଜିତ୍ କୁମାର ମହାନ୍ତି)**

କାର୍ତ୍ତିକ ଶୁକ୍ଳ ଏକାଦଶୀ ତିଥି ତଥା ରବିବାରଠାରୁ ପଞ୍ଚକ ବ୍ରତ ଆରମ୍ଭ ହୋଇଛି। ଚଳିତବର୍ଷ ତିଥି କ୍ଷୟ ଯାଉଥିବାରୁ ପଞ୍ଚକ ବ୍ରତ ୫ଦିନ ପରିବର୍ତ୍ତେ ୪ ଦିନ ଅନୁଷ୍ଠିତ ହେବ। ପଞ୍ଚକର ପ୍ରଥମ ଦିନରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ବଡ଼ଦାଣ୍ଡରେ ଅସମ୍ଭାଳ ଭିଡ଼ ହୋଇଥିବା ଜଣାପଡ଼ିଛି। ପ୍ରଥମ ଦିନ ଏକାଦଶୀ ତିଥିରେ ମହାପ୍ରଭୁଙ୍କୁ ଠିଆକିଆ ବେଶ ବା ଲକ୍ଷ୍ମୀନାରାୟଣ ବେଶରେ ସଜ୍ଜିତ କରାଯାଇଥିବା ବେଳେ ଦର୍ଶନ ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ପ୍ରବଳ ଭିଡ଼ ହେତୁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଭିଡ଼ ନିୟନ୍ତ୍ରଣ କରିବାରେ ପୋଲିସ ବିଫଳ ହୋଇଛି। ଫଳରେ ଭକ୍ତମାନଙ୍କ ମଧ୍ୟରେ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଛି। ଏଭଳି ବ୍ୟବସ୍ଥାକୁ ଶ୍ରଦ୍ଧାଳୁମାନେ ନାପସନ୍ଦ କରିଛନ୍ତି।

ଶ୍ରୀମନ୍ଦିରରେ କେବଳ ସିଂହଦ୍ୱାର ଦେଇ ପ୍ରବେଶ ସହ ଅନ୍ୟ ୩ ଦ୍ୱାର ଦେଇ ପ୍ରସ୍ଥାନ ନିମନ୍ତେ ବ୍ୟବସ୍ଥା ଥିବାରୁ ଭକ୍ତମାନେ ପ୍ରଶାସନ ପକ୍ଷରୁ ମାର୍କେଟଛକ ନିକଟରୁ କରାଯାଇଥିବା ବ୍ୟାରିକେଡ୍‌ରେ ଆସି ଶ୍ରୀମନ୍ଦିର ସିଂହଦ୍ୱାରରେ ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଭକ୍ତଙ୍କ ସୁବିଧା ନିମନ୍ତେ ବ୍ୟାରିକେଡ୍ ମଧ୍ୟରେ ଖରାରୁ ରକ୍ଷା ପାଇଁ ଛାଇର ବ୍ୟବସ୍ଥା କରାଯାଇଥିଲା। ପାନୀୟ ଜଳର ସୁବିଧା କରାଯାଇଥିଲେ ମଧ୍ୟ ସେପରି ଦେଖିବାକୁ ମିଳି ନ ଥିଲା କି ଫ୍ୟାନ୍‌ର ବ୍ୟବସ୍ଥା ମଧ୍ୟ ନ ଥିଲା, ଯାହାକୁ ନେଇ ଅନେକ ଭକ୍ତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ସେହିପରି ପ୍ରଶାସନ ପକ୍ଷରୁ ପୁରୀବାସୀ ତଥା ବରିଷ୍ଠ ନାଗରିକଙ୍କ ଦର୍ଶନ ନେଇ ସେପରି କୌଣସି ବ୍ୟବସ୍ଥା ହୋଇ ନ ଥିଲା। ମହାପ୍ରସାଦ ପାଇଁ ଉତ୍ତର ଦ୍ୱାର ଠାରେ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଲୋକଙ୍କୁ ଘଣ୍ଟା ଘଣ୍ଟା ଧରି ଠିଆହେବାକୁ ପଡ଼ିଥିଲା। ଅପରପକ୍ଷରେ ଦର୍ଶନ ବ୍ୟବସ୍ଥାରେ ମଧ୍ୟ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଭକ୍ତଙ୍କ ନିମନ୍ତେ ☞ପୃଷ୍ଠା-୪



ପୁରୀ ଶ୍ରୀମନ୍ଦିରରେ ପଞ୍ଚକର ପ୍ରଥମଦିନରେ ରବିବାର ଶ୍ରଦ୍ଧାଳୁଙ୍କ ଭିଡ଼। (ଫଟୋ : ଯଜ୍ଞେଶ୍ୱର ମହାନ୍ତି)

## ରୁଚି ମସଲା ପ୍ରତିଷ୍ଠାତା ଶରତ ସାହୁଙ୍କ ପରଲୋକ

### ମୁଖ୍ୟମନ୍ତ୍ରୀଙ୍କ ଶୋକ



**କଟକ, ୨।୧୧ (କାର୍ତ୍ତିକ ସାହୁ)**


ଓଡ଼ିଶା ମସଲା ଶିଳ୍ପରେ କ୍ରାନ୍ତି ଆଣିଥିବା ବିଶିଷ୍ଟ ଶିଳ୍ପପତି ତଥା ରୁଚି ମସଲାର ପ୍ରତିଷ୍ଠାତା ଡକ୍ଟର ଶରତ କୁମାର ସାହୁଙ୍କର ରବିବାର ମଧ୍ୟାହ୍ନରେ ପରଲୋକ ହୋଇଯାଇଛି। ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା। ସେ କିଛିଦିନ ଧରି କର୍କଟ ରୋଗରେ ଆକ୍ରାନ୍ତ ହୋଇ ମୁମ୍ବାଇର ଲୀଳାବତୀ ହସ୍‌ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ବିୟୋଗରେ ଓଡ଼ିଶା ଶିଳ୍ପ ଜଗତ ସହ ସମ୍ପୃକ୍ତ ବ୍ୟକ୍ତିମାନେ ଶୋକପ୍ରକାଶ କରିଛନ୍ତି। ସେ ୧୯୭୬ରେ କଟକସ୍ଥିତ ମଧୁପାଟଣା ଶିଳ୍ପାଞ୍ଚଳରେ ରୁଚି କମ୍ପାନି ପ୍ରତିଷ୍ଠା କରି ଓଡ଼ିଶାର ଘରେ ଘରେ ରୁଚି ମସଲାକୁ ☞ପୃଷ୍ଠା-୪

# ୧୦୦୦ କୋଟି ଟଙ୍କାର ଡିଲ୍

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତିରେ ହଜାରେ କୋଟିର ଡିଲ୍ ହୋଇଛି। ଏଥିରେ ପୂର୍ବ ସରକାରଙ୍କ ସମ୍ପୃକ୍ତି ରହିଥିଲା ବୋଲି ଘଟଣାର ମାଷ୍ଟର ମାଇଣ୍ଡ ଶଙ୍କର ପୃଷ୍ଟି ରବିବାର ପ୍ରଘଟ କରିଛନ୍ତି। ନେପାଳ ସୀମା ଉତ୍ତରାଖଣ୍ଡରୁ ଶନିବାର ରାତିରେ ଶଙ୍କରଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ଗିରଫ କରି ରବିବାର ସକାଳେ ଭୁବନେଶ୍ୱର ଆଣିଥିଲା। ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ଶଙ୍କର ଗଣମାଧ୍ୟମ ଆଗରେ ମୁହଁ ଖୋଲିଛନ୍ତି। ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାରେ ବଡ଼ ଦୁର୍ନୀତି ହୋଇଛି। ଏହି ଘଟଣାରେ ଅନେକ ବଡ଼ ଲୋକଙ୍କ ସମ୍ପୃକ୍ତି ରହିଛି। ଶଙ୍କରଙ୍କ ଏଭଳି ରାଜନୈତିକ ଲିଙ୍କ୍ ଟାର୍ଗେଟ ପରେ ବୟାନବାଜି ଆରମ୍ଭ ହୋଇଯାଇଛି। ଉଭୟ ଭାଜପା ଓ ବିଜେଡି ପରସ୍ପରକୁ ଆରୋପ ପତ୍ୟାରୋପ କରିଛନ୍ତି।

### ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି

- ପୂର୍ବ ସରକାରଙ୍କୁ ଟାର୍ଗେଟ କଲେ ଶଙ୍କର ପୃଷ୍ଟି
- କ୍ରାଇମବ୍ରାଞ୍ଚ ଅଫିସ୍‌ରେ ଶଙ୍କର-ମୁନାଙ୍କୁ ମୁହାଁମୁହିଁ ଜେରା



**ଭୁବନେଶ୍ୱର, ୨।୧୧ (ସତ୍ୟଜିତ ରାଉତ)**

ଶଙ୍କରଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ବିମାନ ଯୋଗେ ଦିଲ୍ଲୀରୁ ଭୁବନେଶ୍ୱର ଆଣିଥିଲା। ରବିବାର ସକାଳେ ଭୁବନେଶ୍ୱର ଏୟାରପୋର୍ଟରୁ ଶଙ୍କର ବାହାରିବା ପରେ ଗଣମାଧ୍ୟମକୁ ଚାଞ୍ଚଲ୍ୟକର ବୟାନ ଦେଇ କହିଥିଲେ, ସେ ଯଦି ସରେଣ୍ଡର କରି ନ ଥାନ୍ତେ ପୂର୍ବ ସରକାରଙ୍କ ହଜାରେ କୋଟିର ଡିଲ୍ ସାମ୍ନାକୁ ଆସିଥାନ୍ତା କେମିତି ? ପରୀକ୍ଷା ବାତିଲ୍ କରିବା ପାଇଁ ଯେଉଁ ଷଡ଼ଯନ୍ତ୍ର ହୋଇଥିଲା, ଷଡ଼ଯନ୍ତ୍ର ଯିଏ କରିଥିଲେ, ତାହାର ସବୁ ତଥ୍ୟ ସରକାରଙ୍କୁ ଦିଆଯିବ। ସେ ଲୁଚି ନ ଥିଲେ ବରଂ ନିୟମ ଅନୁଯାୟୀ ସାମ୍ନା କରିଥିଲେ ବୋଲି ଶଙ୍କର କହିଛନ୍ତି। ଏପରିକି ହାଇକୋର୍ଟରେ ଜାମିନ ଆବେଦନ କରାଯାଇଥିଲା। ସୁପ୍ରିମକୋର୍ଟରେ ମଧ୍ୟ ଆବେଦନ କରିଥାନ୍ତେ। ହାଇକୋର୍ଟ ସମୟ ଦେଇଥିଲେ। ସ୍ତ୍ରୀଙ୍କ ନାଁରେ କୌଣସି ମାମଲା ନାହିଁ। ଗିରଫ ଅଭିଯୁକ୍ତମାନଙ୍କ ତଥ୍ୟ ବାହାର କରନ୍ତୁ। କାହା ସହ ତାଙ୍କର ସମ୍ପର୍କ ନାହିଁ ବୋଲି ଶଙ୍କର କହିଛନ୍ତି। ଅନ୍ୟପକ୍ଷରେ କ୍ରାଇମବ୍ରାଞ୍ଚ ଶଙ୍କରଙ୍କଠାରୁ ଫର୍ଚୁନର କାର୍ (ଓଡି୦୭ଏୟୁ୯୭୭୭), ୩ ମୋବାଇଲ, ପାସ୍‌ପୋର୍ଟ ଓ ମାମଲା ସମ୍ବନ୍ଧୀୟ ଅନ୍ୟାନ୍ୟ ଦସ୍ତାବିଜ୍ ଜବତ କରିଛି। ତାଙ୍କ ବିରୋଧରେ ବିଏନ୍‌ଏସ୍ ଦଫା ୩୧୯(୨), ୩୧୮(୪), ୩୩୮, ୩୩୬(୩), ୩୪୦(୨), ୧୧୧, ୬୧(୨), ୩(୫) ଏବଂ ଓଡ଼ିଶା ପବ୍ଲିକ୍ ଏକ୍‌ଜାମିନେଶନ୍ (ପ୍ରିଭେନଶନ୍ ଅଫ୍ ଅନ୍‌ଫେୟାର ମିନ୍ସ) ଆକ୍ଟ, ୨୦୦୪ର ସେକ୍ସନ ୧୧(୧) ଓ ୧୨(୧) ଲଗାଯାଇଛି। ଶଙ୍କରଙ୍କୁ ଏୟାରପୋର୍ଟରୁ ସିଧା କଟକସ୍ଥିତ କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ପୂର୍ବରୁ ରିମାଣ୍ଡରେ ଆସିଥିବା ଘନିଷ୍ଠ ସହଯୋଗୀ ମୁନା ମହାନ୍ତିଙ୍କ ସହ ଶଙ୍କରଙ୍କର ମୁହାଁମୁହିଁ ଜେରା କରାଯାଇଛି। ଜେରା ବେଳେ କ୍ରାଇମବ୍ରାଞ୍ଚ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଥିବା ସୂଚନା ମିଳିଛି। ଅଭିଯୁକ୍ତ ଶଙ୍କରଙ୍କୁ ସୋମବାର ବ୍ରହ୍ମପୁର ନିଆଯିବ। ମାମଲା ଚାଲିଥିବା ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ତାଙ୍କୁ ହାଜର କରାଯିବ। ତେବେ ଶଙ୍କରଙ୍କୁ ରିମାଣ୍ଡରେ ଆଣିବାକୁ ବିଚାରପତିଙ୍କ ନିକଟରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଆବେଦନ କରାଯାଇପାରେ ବୋଲି ଜଣାପଡ଼ିଛି। ଏହି ମାମଲାରେ ପୂର୍ବରୁ ☞ପୃଷ୍ଠା-୪

## ସ୍ମୃତି-ଶେଫାଳିଙ୍କ ଶତକୀୟ ଭାଗୀଦାରି

### ମହିଳା ଦିନିକିଆ କ୍ରିକେଟ୍ ବିଶ୍ୱକପ୍ ଫାଇନାଲ

**ନବି ମୁମ୍ବାଇ, ୨।୧୧**

ସ୍ଥାନୀୟ ଡି.ୱାଇ. ପାଟିଲ ଷ୍ଟାଡିୟମରେ ରବିବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦିନିକିଆ ମହିଳା କ୍ରିକେଟ ବିଶ୍ୱକପ୍‌ର ଫାଇନାଲ ଅନୁଷ୍ଠିତ ହୋଇଛି। ଓପନିଂ ଯୋଡ଼ିରେ ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମାଙ୍କ ଶତକୀୟ ଭାଗୀଦାରି ବଳରେ ଭାରତ ୫୦ ଓଭରରେ ୭ ଉଇକେଟ ହରାଇ ୨୯୮ ରନ ସଂଗ୍ରହ କରିଛି। ଏହା ପୂର୍ବରୁ ଭାରତ ୨୦୦୫ ଓ ୨୦୧୭ ବିଶ୍ୱକପ୍‌ରେ ରନରଅପ୍ ହୋଇଥିଲା। ରିପୋର୍ଟ ପ୍ରସ୍ତୁତ ବେଳକୁ ଦକ୍ଷିଣ ଆଫ୍ରିକା ୧୫ ଓଭରରେ ୨ ଉଇକେଟ ହରାଇ ୭୮ ରନ୍ ସଂଗ୍ରହ କରିଛି।

ବର୍ଷା ଯୋଗୁ ମ୍ୟାଚ ପାଖାପାଖି ୨ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଦକ୍ଷିଣ ଆଫ୍ରିକା ଅଧିନାୟିକା ଲୌରା ୱଲଭାର୍ଡଟ। ଭାରତର ଦୁଇ ଓପନର ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମା ଓପନିଂ ଯୋଡ଼ିରେ ଶତକୀୟ ଭାଗୀଦାରି ଗଢ଼ି ଦଳ ପାଇଁ ବଡ଼ ସ୍କୋରର ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ଦୁହେଁ ୧୦୬ ବଲ୍‌ରୁ ୧୦୪ ରନର ପାର୍ଟନରଶିପ୍ ଗଢ଼ିବା ପରେ ୧୮ତମ ଓଭରର ☞ପୃଷ୍ଠା-୪



ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମା


# କକ୍ଷପଥରେ ସବୁଠୁ ଓଜନଦାର ସାଟେଲାଇଟ୍

### ଇତିହାସ ରଚିଲା ଇସ୍ରୋ

**ଶ୍ରୀହରିକୋଟା, ୨।୧୧ (ପି.ଟି.)**

ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଭାରତ ମାଟିରୁ ସବୁଠୁ ଓଜନଦାର ଯୋଗାଯୋଗ ଉପଗ୍ରହକୁ ରବିବାର କକ୍ଷପଥରେ ଅବସ୍ଥାପିତ କରି ଇତିହାସ ସୃଷ୍ଟି କରିଛି। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରର ଦ୍ୱିତୀୟ ଲଞ୍ଚ ପ୍ୟାଡ୍‌ରୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ନୂଆ ପିଢ଼ିର 'ବାହୁବଳୀ' ରକେଟ ଏଲ୍‌ଭିଏମ୍‌୩-ଏମ୍‌୫ ସହାୟତାରେ ୪,୪୧୦ କିଲୋଗ୍ରାମ ଓଜନ ବିଶିଷ୍ଟ କମ୍ୟୁନିକେଶନ ସାଟେଲାଇଟ୍ ସିଏମ୍‌ଏସ୍-୦୩କୁ ସଫଳତାର ସହ ଏହାର ନିର୍ଦ୍ଧାରିତ କକ୍ଷପଥରେ ଅବସ୍ଥାପିତ କରାଯାଇଛି। ଏହା ଭାରତୀୟ ମହାକାଶ ସଂସ୍ଥା ପାଇଁ ଏକ ବିରଳ ସଫଳତା। ଏହି ସଫଳତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇସ୍ରୋ ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି।

ସିଏମ୍‌ଏସ୍-୦୩ ଏକ ମଲ୍ଟି-ବ୍ୟାଣ୍ଡ ଯୋଗାଯୋଗ ଉପଗ୍ରହ, ଯାହା ଭାରତୀୟ ଭୂଖଣ୍ଡ ସମେତ ବିସ୍ତୃତ ମହାସାଗର ଅଞ୍ଚଳ ଉପରେ ସେବା ପ୍ରଦାନ କରିବ ବୋଲି ଇସ୍ରୋ କହିଛି। ଭୂ-ସମକାଳିକ ସ୍ଥାନାନ୍ତର କକ୍ଷ(ଜିଟିଓ)ରେ ଅବସ୍ଥାପିତ ଏହି ସାଟେଲାଇଟ୍ ୨୦୧୩ରେ ଲଞ୍ଚ ହୋଇଥିବା ଜିସାଟ୍ ୭ ସିରିଜ୍ ସ୍ଥାନରେ ସେବା ପ୍ରଦାନ କରିବ। ଯୋଗାଯୋଗ ଉପଗ୍ରହ ଆବଶ୍ୟକ କକ୍ଷପଥରେ ସଫଳତାର ସହ ଅବସ୍ଥାପିତ ହୋଇଥିବା ଇସ୍ରୋ ଅଧ୍ୟକ୍ଷ ଭି. ନାରାୟଣନ କହିଛନ୍ତି। ଏହା ବହୁତ ଓଜନଦାର ହୋଇଥିବାରୁ ଏଥିପାଇଁ ବାହୁବଳୀ ରକେଟର ବ୍ୟବହାର କରାଯାଇଥିଲା। ପୂର୍ବରୁ ଉକ୍ତ ରକେଟ ଚନ୍ଦ୍ରୟାନ-୩କୁ ମହାକାଶକୁ ପ୍ରେରଣ କରି ଦେଶ ପାଇଁ ଗର୍ବ ଆଣିଥିଲା। ସିଏମ୍‌ଏସ୍-୦୩ ସାଟେଲାଇଟ୍‌କୁ ଏଭଳି ଭାବେ ଡିଜାଇନ୍ କରାଯାଇଛି, ଯେପରି ଏହା ଅନ୍ୟୂନ ୧୫ ବର୍ଷ ପାଇଁ ସେବା ପ୍ରଦାନ କରିବ। ଆତ୍ମନିର୍ଭର ଭାରତର ଏହା ଆଉ ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ବୋଲି ନାରାୟଣନ କହିଛନ୍ତି। ପାଗ ଅନୁକୂଳ ହେଉ ନ ଥିବାରୁ ଏହି ମିଶନ ପାଇଁ ଇସ୍ରୋ ବୈଜ୍ଞାନିକମାନଙ୍କୁ ବହୁତ କଠିନ ସମୟ ଦେଇ ଗତି କରିବାକୁ ପଡ଼ିଥିଲା। ତେବେ ସେମାନେ କଠିନ ପରିଶ୍ରମ କରି ସଫଳତା ସୁନିଶ୍ଚିତ କରିଥିଲେ। ଓଜନଦାର ସାଟେଲାଇଟ୍ ଲଞ୍ଚ ପାଇଁ ଇସ୍ରୋ ପୂର୍ବରୁ ଫ୍ରେଞ୍ଚ ଗୁଆନାର କୋଉରୋଇ ଲଞ୍ଚ ବେସ୍ ଏବଂ ଫ୍ରାନ୍ସ କମ୍ପାନୀର ଆରିଆନ୍ ରକେଟକୁ ବ୍ୟବହାର କରୁଥିଲା। ୨୦୧୮ରେ ଇସ୍ରୋ ଏହାର ସବୁଠୁ ଓଜନଦାର ସାଟେଲାଇଟ୍ ଜିସାଟ୍-୧୧କୁ ଫ୍ରେଞ୍ଚ ଗୁଆନାରୁ ଆରିଆନ୍-୫ ଭିଏ-୨୪୬ ସହାୟତାରେ ମହାକାଶକୁ ଛାଡ଼ିଥିଲା। ଉକ୍ତ ସାଟେଲାଇଟ୍‌ର ଓଜନ ଥିଲା ୫,୮୫୪ କିଲୋଗ୍ରାମ୍। ସିଏମ୍‌ଏସ୍-୦୩ ସାଟେଲାଇଟ୍‌କୁ ଲଞ୍ଚ କରିବାରେ ବ୍ୟବହୃତ ☞ପୃଷ୍ଠା-୪



## ରାଶନ କାର୍ଡ ଇ-କେୱାଇସି ଅବଧି ଡିସେମ୍ବର ୩୧କୁ ବୃଦ୍ଧି

**ଭୁବନେଶ୍ୱର, ୨।୧୧ (ରବିନାରାୟଣ ଜେନା)**

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ଥିବା ରାଜ୍ୟର ସମସ୍ତ ପି.ଡି.ଏସ୍. ହିତାଧିକାରୀଙ୍କ ପାଇଁ ସରକାର ରାଶନକାର୍ଡର ଇ-କେୱାଇସି ଅବଧିକୁ ଡିସେମ୍ବର ୩୧ ଯାଏ ବୃଦ୍ଧି କରିଛନ୍ତି। ରବିବାର ଏ ସଂକ୍ରାନ୍ତରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଅବଗତ କରାଯାଇଛି। ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ଥିବା ସମସ୍ତ ହିତାଧିକାରୀଙ୍କ ଆଧାରଭିତ୍ତିକ ଇ-କେୱାଇସି ପ୍ରକ୍ରିୟା ଜାରି ରହିଛି। ରାଜ୍ୟର ସମସ୍ତ ୧୧,୮୨୭ ଗୋଟି ଖାଉଟି ସୁଲଭ ମୂଲ୍ୟ ଦୋକାନ ତଥା ୩୧୪ ଗୋଟି ବ୍ଲକ ଓ ୬୪ ଗୋଟି ପୌରାଞ୍ଚଳ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ରାଶନ କାର୍ଡ ପରିଚାଳନା କେନ୍ଦ୍ରଗୁଡ଼ିକରେ ଏହା ଜାରି ରହିଛି । ବିଭାଗ ପକ୍ଷରୁ କୁହାଯାଇଛି, ଅଦ୍ୟାବଧି ଇ-କେୱାଇସି କରାଇପାରି ନ ଥିବା ହିତାଧିକାରୀମାନଙ୍କୁ ପ୍ରତ୍ୟେକ ମାସର ପି.ଡି.ଏସ୍. ସାମଗ୍ରୀ ପୂର୍ବଭଳି ପ୍ରଦାନ କରାଯାଉଛି । କୌଣସି ଯୋଗ୍ୟ ହିତାଧିକାରୀଙ୍କୁ ଇ-କେୱାଇସି ହୋଇ ନ ଥିବା କାରଣରୁ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ କରାଯାଇନାହିଁ। ଏହି ଇ-କେୱାଇସି ପ୍ରକ୍ରିୟା ଆସନ୍ତା ଡିସେମ୍ବର ୩୧ ପର୍ଯ୍ୟନ୍ତ ଚାଲୁରହିବ। ତେଣୁ ଏପର୍ଯ୍ୟନ୍ତ କୌଣସି କାରଣରୁ ଇ-କେୱାଇସି କରି ନ ଥିବା ହିତାଧିକାରୀମାନେ ଏହି ଅବଧି ମଧ୍ୟରେ ନିକଟସ୍ଥ ଖାଉଟି ସୁଲଭ ମୂଲ୍ୟ ଦୋକାନ ବା ରାଶନ କାର୍ଡ ପରିଚାଳନା କେନ୍ଦ୍ରକୁ ଯାଇ ନିଜ ଆଧାର ଯୁକ୍ତ ଇ-କେୱାଇସି କରାଇବା ଆବଶ୍ୟକ; ଯାହାଫଳରେ କି ସେମାନେ ସରକାରୀ ସୁବିଧା ନିୟମିତ ଭାବେ ପାଇପାରିବେ।

## ମେକ୍ସିକୋ ଷ୍ଟୋରରେ ବିସ୍ଫୋରଣ: ୨୩ ମୃତ

**ମେକ୍ସିକୋ ସିଟି, ୨।୧୧ (ଏପି/ବିବିସି)**

ମେକ୍ସିକୋର ଏକ ଡିପାର୍ଟମେଣ୍ଟାଲ ଷ୍ଟୋରରେ ବିସ୍ଫୋରଣ ଘଟି ନିଆଁ ଲାଗିଯିବାରୁ ୨୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୧୨ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ କେତେଜଣ ଛୋଟ ପିଲା ଅଛନ୍ତି। ସୋନୋରା ରାଜ୍ୟର ରାଜଧାନୀ ହେର୍ମୋସିଲୋସ୍ଥିତ ମେକ୍ସିକୋର ସର୍ବବୃହତ୍ ଡିସ୍‌କାଉଣ୍ଟ ଚେନ୍ ୱାଲ୍‌ଡୋର ଏକ ଶାଖା ରହିଛି। ମେକ୍ସିକୋରେ ଶନିବାର 'ଡେ ଅଫ୍ ଦି ଡେଡ୍' ଉତ୍ସବ ପାଳନରେ ଲୋକେ ବ୍ୟସ୍ତ ଥିବାବେଳେ ସିଟି ସେଣ୍ଟରର ଏହି ଡିପାର୍ଟମେଣ୍ଟାଲ ଷ୍ଟୋରରେ ରାତିରେ ଅଗ୍ନିକାଣ୍ଡ ଘଟିଥିଲା। ଲୋକେ ଉକ୍ତ ଷ୍ଟୋରରେ କିଣାକିଣି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସମସ୍ତେ ଜଲ୍‌ଦିରେ**



ବିହାରକୁ ନିର୍ବାଚନ ପ୍ରଚାରରେ ଯାଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର ବେଗୁସରାଇରେ ସ୍ଥାନୀୟ ମତ୍ସ୍ୟଜୀବୀମାନଙ୍କ ସହ ପୁଷ୍କରିଣୀରେ ମାଛ ଧରିବା ପାଇଁ ଉଦ୍ୟମ କରୁଛନ୍ତି। ତାଙ୍କ ସହ ରାଜ୍ୟର ପୂର୍ବତନ ମନ୍ତ୍ରୀ ତଥା ବିକାଶଶୀଳ ଇନ୍‌ସାଫ ପାର୍ଟି ନେତା ମୁକେଶ ସାହନି ଅଛନ୍ତି।

# ଟ୍ରକ୍‌କୁ ଧକ୍କାଦେଲା ଟ୍ରାଭେଲର: ୧୫ ମୃତ

ଯୋଧପୁର,୨।୧୧



ରାଜସ୍ଥାନର ଯୋଧପୁର ଅନ୍ତର୍ଗତ ଭାରତ ମାଲା ଏକ୍ସପ୍ରେସ୍‌ୱେରେ ରବିବାର ରାତିରେ ଛିଡ଼ାହୋଇଥିବା ଏକ ଟ୍ରକ୍‌କୁ ଟ୍ରାଭେଲର ଧକ୍କା ଦେବାରୁ ୧୫ ଜଣଙ୍କ ମୃତ୍ୟୁ ଘଟିବା ସହ ୩ ଜଣ ଆହତ ହୋଇଛନ୍ତି। ଶ୍ରଦ୍ଧାଳୁମାନେ କୋଲାୟାତ୍ ମନ୍ଦିର ଦର୍ଶନ କରିବା ପରେ ଟେମ୍ପୋ ଟ୍ରାଭେଲରରେ ଯୋଧପୁର ଫେରୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ସମସ୍ତ ମୃତକଙ୍କ ଘର ଯୋଧପୁରର ଫାଲୋଡ଼ି ଅଞ୍ଚଳରେ ବୋଲି ସ୍ଥାନୀୟ ଏସ୍‌ପି କହିଛନ୍ତି। ଆହତଙ୍କୁ ପ୍ରଥମେ ସ୍ଥାନୀୟ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରୁ ଗ୍ରୀନ୍ କରିଡର ଜରିଆରେ ଯୋଧପୁର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ କହିବା ଅନୁଯାୟୀ, ଦ୍ରୁତ ବେଗରେ ଆସୁଥିବା ଟେମ୍ପୋ ଟ୍ରାଭେଲରଟି ରାସ୍ତା ପାର୍ଶ୍ୱରେ ଛିଡ଼ାହୋଇଥିବା ଟ୍ରକ୍‌କୁ ଧକ୍କା ଦେବା ଫଳରେ ସମ୍ପୂର୍ଣ୍ଣ ଚୂର୍‌ମାର ହୋଇଯାଇଛି।

# ଆଜି ବୁଲା କୁକୁର ମାମଲାର ଶୁଣାଣି

## ହାଜର ହେବେ ରାଜ୍ୟ ମୁଖ୍ୟ ସଚିବ

ନୂଆଦିଲ୍ଲୀ,୨।୧୧(ପି.ଟି.)

ବୁଲା କୁକୁର ସମ୍ପର୍କିତ ମାମଲାର ଶୁଣାଣି ସୋମବାର ସୁପ୍ରିମକୋର୍ଟରେ ହେବାକୁ ଯାଉଥିବାବେଳେ ପଶ୍ଚିମବଙ୍ଗ ଏବଂ ତେଲଙ୍ଗାନା ବ୍ୟତୀତ ଅନ୍ୟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବମାନଙ୍କୁ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରାଣୀ ଜନ୍ମ ନିୟନ୍ତ୍ରଣ ନିୟମାବଳୀ କାର୍ଯ୍ୟକାରୀ କରିବା ପାଇଁ ଅଗଷ୍ଟ ୨୨ରେ ସର୍ବୋଚ୍ଚ ଅଦାଲତ ଦେଇଥିବା ନିର୍ଦ୍ଦେଶନାମା କାହିଁକି ଅନୁପାଳନ ହୋଇନାହିଁ, ତା'ର ସ୍ପଷ୍ଟୀକରଣ ଦେବାକୁ ଗତ ୨୭ ତାରିଖରେ ଜଷ୍ଟିସ୍ ବିକ୍ରମ ନାଥ, ସନ୍ଦୀପ ମେହଟ୍ଟା ଏବଂ ଏନ୍.ଭି. ଅଞ୍ଜରିଆଙ୍କ ଖଣ୍ଡପୀଠ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସଚିବମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଟ୍ୟୁଶନ ଯାଉଥିବା ନାବାଳିକାଙ୍କୁ ଗଣବଳାତ୍କାର

କୋଲକାତା,୨।୧୧

କୋଲକାତାର ଦମ୍‌ଦମ୍ ଅଞ୍ଚଳରେ ସପ୍ତମ ଶ୍ରେଣୀରେ ପଢୁଥିବା ଜଣେ ୧୪ ବର୍ଷୀୟ ଛାତ୍ରୀ ଶନିବାର ସନ୍ଧ୍ୟାରେ ଟ୍ୟୁଶନ ପଢ଼ିବାକୁ ଯାଉଥିବାବେଳେ ଗଣବଳାତ୍କାରର ଶିକାର ହୋଇଛନ୍ତି। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ଜଣେ ଛାତ୍ରୀଙ୍କ ଜଣାଶୁଣା। ସେମାନେ କିଛି ସମୟ ପାର୍କରେ ରହିଥିବାବେଳେ ଅନ୍ୟ ୨ ଜଣ ସେମାନଙ୍କ ସହ ଯୋଗ ଦେଇଥିଲେ। ୩ ଅଭିଯୁକ୍ତ ଛାତ୍ରୀ ଜଣଙ୍କୁ ବଳପୂର୍ବକ ଏକ ଇ-ରିକ୍ସାରେ ମୋତିଲାଲ କଲୋନିସ୍ଥିତ ଏକ ଘରକୁ ନେଇଯାଇ ନିର୍ଯାତନା ଦେବା ସହ ଗଣବଳାତ୍କାର କରିଥିଲେ ବୋଲି ଅଭିଯୋଗ ହୋଇଥିବା ପୋଲିସ କହିଛି। ଛାତ୍ରୀ ଜଣକ କୌଣସି ପ୍ରକାରେ ସେଠାରୁ ଖସିଆସି ରାତିରେ ଘରେ ପହଞ୍ଚି ସବୁକଥା ଜଣାଇବା ପରେ ଦମ୍‌ଦମ୍ ଥାନାରେ ଅଭିଯୋଗ ଦାଏର ହୋଇଥିଲା। ଅଭିଯୁକ୍ତମାନଙ୍କ ବିରୋଧରେ ପୋକ୍‌ସୋ ଆଇନ ଏବଂ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି।

# କଂଗ୍ରେସଠାରୁ ମୁଖ୍ୟମନ୍ତ୍ରୀ ଟିକେଟ ଛଡ଼ାଇନେଇଛି ଆର୍‌ଜେଡି

## ବିରୋଧୀଙ୍କୁ ମୋଦିଙ୍କ ଟାର୍ଗେଟ

ପାଟନା/ ଆରାହ/ ମୁଜାଫରନଗର,୨।୧୧(ପି.ଟି.)



ବିହାରର ଆରା ସହରରେ ରବିବାର ଅନୁଷ୍ଠିତ ନିର୍ବାଚନୀ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଭାଜପା ରାଜ୍ୟ ସଭାପତି ଦିଲୀପ ଜୟସ୍ୱାଲ।

ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତା ତେଜସ୍ୱୀ ଯାଦବଙ୍କୁ ଇଣ୍ଡିଆ ବ୍ଲକ୍‌ର ମୁଖ୍ୟମନ୍ତ୍ରୀ ଚେହେରା କରାଇବାକୁ କଂଗ୍ରେସ ଚାହୁଁ ନ ଥିଲା। କିନ୍ତୁ ଆର୍‌ଜେଡି ବନ୍ଧୁକମୁନରେ ମୁଖ୍ୟମନ୍ତ୍ରୀ ଟିକେଟ କଂଗ୍ରେସଠାରୁ ଛଡ଼ାଇନେଲା ବୋଲି ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

ବିହାର ବିଧାନସଭା ପ୍ରଥମ ପର୍ଯ୍ୟାୟ ନିର୍ବାଚନକୁ ୪ ଦିନ ବାକି ଥିବାବେଳେ ପ୍ରଧାନମନ୍ତ୍ରୀ ମୋଦି ରବିବାର ଧୂଆଁଧାର ପ୍ରଚାର କରିଛନ୍ତି। ଭୋଜପୁର ଜିଲା ମୁଖ୍ୟାଳୟ ଆରାହଠାରେ ଏକ ପ୍ରଚାର ସଭାକୁ ସମ୍ବୋଧିତ କରି ମୋଦି ବିରୋଧୀ ମହାମେଣ୍ଟରେ ଫାଟ ସୃଷ୍ଟି ପାଇଁ ଉଦ୍ୟମ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, କଂଗ୍ରେସ ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବାକୁ ଚାହୁଁ ନ ଥିଲା। କିନ୍ତୁ ଆର୍‌ଜେଡି ଜୋର୍‌ଜବରଦସ୍ତ ଏପରି କରାଇବାରେ ସକ୍ଷମ ହୋଇଛି। ସେମାନେ 'ଜଙ୍ଗଲରାଜ' ସ୍କୁଲରୁ ଶିକ୍ଷାଲାଭ କରିଛନ୍ତି। ଏପରି ତତ୍ତ୍ୱ କେବେହେଲେ ବିହାରର ମଙ୍ଗଳ କରିବ ନାହିଁ। ଯୁବରାଜ (ରାହୁଲ)ଙ୍କ ଭୋଟର ଅଧିକାର ଯାତ୍ରା ରାଜକୁମାର (ତେଜସ୍ୱୀ)ଙ୍କ ଜଙ୍ଗଲରାଜକୁ ବିଚଳିତ କରିଦେଇଛି। ଏହି କାରଣରୁ ରାଜ୍ୟ କଂଗ୍ରେସ ସଭାପତିଙ୍କ ବିରୋଧରେ ଆର୍‌ଜେଡି ପ୍ରାର୍ଥୀ ଦେଇଛି। ନିର୍ବାଚନ ଶେଷରେ ଦୁଇ ସହଯୋଗୀ ପରସ୍ପରର ମୁଣ୍ଡ ଫଟାଇବେ ବୋଲି ପ୍ରଧାନମନ୍ତ୍ରୀ ସମାଲୋଚନା କରିବା ସହ ବିହାରରେ ପୁଣିଥରେ ଏନ୍‌ଡିଏକୁ ଜିତାଇବା ପାଇଁ ଭୋଟରଙ୍କୁ ନିବେଦନ କରିଛନ୍ତି। ସେହିପରି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ମୁଜାଫରନଗରରେ ପ୍ରଚାର ବେଳେ କହିଛନ୍ତି, ଇଣ୍ଡିଆ ବ୍ଲକ୍ କ୍ଷମତାକୁ ଆସିଲେ ସେମାନେ ୩ଟି ନୂଆ ବିଭାଗ ଖୋଲିବେ। ସେଗୁଡ଼ିକ ହେଲା ହତ୍ୟା, ଅପହରଣ ଓ ରାହାଜାନି। ତେଣୁ ଇଣ୍ଡିଆକୁ କ୍ଷମତାରୁ ଦୂରେଇ ରଖି ଏନ୍‌ଡିଏକୁ ଜିତାଇବାକୁ ଶାହା ଲୋକଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷେ ବିହାରରେ ବିସ୍ଥାପନ, ପ୍ରଶ୍ନପତ୍ର ପ୍ରଘଟ, ବେରୋଜଗାର ସମସ୍ୟା ଓ ସଙ୍ଗିନ ଅପରାଧକୁ ନେଇ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଓ ପ୍ରଧାନମନ୍ତ୍ରୀ ମୋଦିଙ୍କୁ କଂଗ୍ରେସ ସମାଲୋଚନା କରିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ବେଗୁସରାଇରେ ଏକ ସଭାକୁ ସମ୍ବୋଧିତ କରି କହିଛନ୍ତି, ପ୍ରଧାନମନ୍ତ୍ରୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ କେବଳ ଡରୁଛନ୍ତି ତାହା ନୁହେଁ, ବରଂ ବଡ଼ ବ୍ୟବସାୟିକ ସଂସ୍ଥାଗୁଡ଼ିକର ରିମୋଟ କଣ୍ଟ୍ରୋଲ ଦ୍ୱାରା ପରିଚାଳିତ। କେବଳ ୫୬ ଇଞ୍ଚ ଛାତି ଦେଖାଇଦେଲେ ଆପଣ ଶକ୍ତିଶାଳୀ ହୋଇଯିବେ ନାହିଁ। ମହାତ୍ମା ଗାନ୍ଧୀଙ୍କୁ ଦେଖନ୍ତୁ, ସେ ପତଳା ଥାଇ ବି ସେତେବେଳର ସୁପରପାୱାର ବ୍ରିଟିଶ୍‌ମାନଙ୍କୁ ଭାରତରୁ ବିଦା କରାଇଥିଲେ ବୋଲି ରାହୁଲ କହିଛନ୍ତି। ରାଲି ପରେ ରାହୁଲ ଏକ ପୋଖରିକୁ ଡଙ୍ଗାରେ ମାଛ ଧରିବାକୁ ଯାଇଥିଲେ।

# ଦୁଲାରଚନ୍ଦ ହତ୍ୟା ମାମଲା: ଜେଡିୟୁ ପ୍ରାର୍ଥୀ ଅନନ୍ତ ସିଂ ଗିରଫ

ପାଟନା,୨।୧୧(ପି.ଟି./ଏଜେନ୍ସି)



ବିହାର ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ଜୋର୍ ଧରିଥିବାବେଳେ ରବିବାର ଜନ ସୁରାଜ ପାର୍ଟି ସମର୍ଥକ ଦୁଲାରଚନ୍ଦ ଯାଦବଙ୍କ ହତ୍ୟା ମାମଲାରେ ଶନିବାର ବିଳମ୍ବିତ ରାତିରେ ସଂଯୁକ୍ତ ଜନତା ଦଳ (ଜେଡିୟୁ) ପ୍ରାର୍ଥୀ ଅନନ୍ତ ସିଂଙ୍କୁ ପୋଲିସ ଗିରଫ କରିଛି। ପୋଲିସ ପୂର୍ବତନ ବିଧାୟକ ଅନନ୍ତଙ୍କ ସମେତ ତାଙ୍କର ୨ ସହଯୋଗୀ ମଣିକାନ୍ତ ସିଂ ଓ ରଞ୍ଜିତ ରାମଙ୍କୁ ରବିବାର ପାଟନାସ୍ଥିତ ସିଜେଏମ୍ କୋର୍ଟରେ ହାଜର କରାଇବା ପରେ ଅଦାଲତ ସେମାନଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇଦେଇଛନ୍ତି। ଅଭିଯୁକ୍ତମାନଙ୍କୁ ବେଉର ଜେଲକୁ ନିଆଯାଇଛି।

ପାଟନାର ମୋକାମାସ୍ଥିତ ତାଲ୍ ଅଞ୍ଚଳରେ ଜନ ସୁରାଜ ପାର୍ଟି ପ୍ରାର୍ଥୀ ପୀୟୂଷ ପ୍ରିୟଦର୍ଶୀଙ୍କ ପ୍ରଚାର ବେଳେ ଗୁରୁବାର ଦୁଲାରଚନ୍ଦଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏହା ପରଠୁ ଅନନ୍ତ ସ୍କାନରରେ ଥିଲେ। ପାଟନାରୁ ୨୦୦ କି.ମି. ଦୂର ବରହସ୍ଥିତ ବାସଭବନରୁ ପୋଲିସ ତାଙ୍କୁ ଗିରଫ କରିଛି। ପୋଲିସ ଧରି ନେଉଥିବା ବେଳର ଭିଡିଓକୁ ଅନନ୍ତ ଫେସ୍‌ବୁକ୍‌ରେ ଶେୟାର କରି ଲେଖିଛନ୍ତି, ସତ୍ୟମେବ ଜୟତେ। ବିହାର ନିର୍ବାଚନ ପୂର୍ବରୁ ଲୋକଙ୍କ ଉପରେ ତାଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ ରହିଛି। ତେଣୁ ମୋକମା ଜନତା ଏବେ ନିର୍ବାଚନ ଲଢ଼ିବେ।

# ହିଂସା ପ୍ରତି ଶୂନ ସହନଶୀଳତା: ସିଇସି

ବିହାର ବିଧାନସଭା ନିର୍ବାଚନ ବେଳେ ହିଂସାକୁ ଆଦୌ ବରଦାସ୍ତ କରାଯିବ ନାହିଁ। ଭୋଟରଙ୍କୁ ଶାନ୍ତିପୂର୍ଣ୍ଣ ଓ ମୁକ୍ତ ଭାବେ ମତଦାନ କରିବାକୁ ସୁଯୋଗ ଦିଆଯିବ। ଏଥିପାଇଁ ନିର୍ବାଚନ କମିଶନ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ବୋଲି ରବିବାର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ସ୍ପଷ୍ଟ କରିଛନ୍ତି। ଏହା ପୂର୍ବରୁ କମିଶନ ଗ୍ୟାଙ୍ଗଷ୍ଟରରୁ ରାଜନେତା ପାଲଟିଥିବା ଦୁଲାରଚନ୍ଦ ଯାଦବ ହତ୍ୟା ମାମଲାରେ ପାଟନା ଏସ୍‌ପି (ଗ୍ରାମାଞ୍ଚଳ)ଙ୍କ ବଦଳି ଓ ଅନ୍ୟ ୩ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଥିଲେ।

# ଭାଜପାର ପ୍ରଚାର ଦେଖିବାକୁ ଆସିଲେ ବିଦେଶୀ କୂଟନୀତିଜ୍ଞ

ବିହାର ନିର୍ବାଚନରେ ଭାଜପାର ପ୍ରଚାର ଓ ଭାରତର ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଅନୁଧ୍ୟାନ କରିବା ପାଇଁ ଏକ ବିଦେଶୀ କୂଟନୀତିଜ୍ଞ ଦଳ ରବିବାର ୨ ଦିନିଆ ଗସ୍ତରେ ପାଟନା ଆସିଛନ୍ତି। ଏହି ପ୍ରତିନିଧି ଦଳରେ ଜାପାନ, ବ୍ରିଟେନ୍, ଇଣ୍ଡୋନେସିଆ, ଡେନ୍‌ମାର୍କ, ଅଷ୍ଟ୍ରେଲିଆ, ଭୁଟାନ୍ ଓ ଦକ୍ଷିଣ ଆଫ୍ରିକାର କୂଟନୀତିଜ୍ଞ ରହିଛନ୍ତି। ଏହା ପୂର୍ବରୁ ଗୁଜରାଟ, ହିମାଚଳ ପ୍ରଦେଶ ଓ ରାଜସ୍ଥାନ ବିଧାନସଭା ନିର୍ବାଚନ ବେଳେ ମଧ୍ୟ ଭାଜପାର ନିର୍ବାଚନୀ ପ୍ରଚାର ପରିଚାଳନା ଦେଖିବା ପାଇଁ ଅନୁରୂପ ଟିମ୍ ଆସିଥିଲେ।

# ଏସ୍‌ଆଇଆର୍ ବିରୋଧରେ ସୁପ୍ରିମକୋର୍ଟ ଯିବ ତାମିଲନାଡୁ

## ସର୍ବଦଳୀୟ ବୈଠକରେ ସଂକଳ୍ପ ଗୃହୀତ

ଚେନ୍ନାଇ,୨।୧୧

ତାମିଲନାଡୁରେ ୨୦୨୬ରେ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ଏହା ପରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) କରାଇବା ପାଇଁ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କୁ ନିବେଦନ କରି ରବିବାର ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ନେତୃତ୍ୱରେ ସର୍ବଦଳୀୟ ବୈଠକରେ ଏକ ସଂକଳ୍ପନାମା ଗୃହୀତ ହୋଇଛି। ନିର୍ବାଚନୀ ଗଣତନ୍ତ୍ରର ସୁରକ୍ଷା ଦୃଷ୍ଟିରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଇସିଆଇ ସଂଶୋଧନ ପ୍ରକ୍ରିୟା ରୋକିବାରେ ବିଫଳ ହେଲେ ତାମିଲନାଡୁ ସରକାର ସୁପ୍ରିମକୋର୍ଟ ଯିବା ନେଇ ବୈଠକରେ ସ୍ଥିର ହୋଇଛି। ଏସ୍‌ଆଇଆର୍‌କୁ ନେଇ ଦେଖାଦେବାକୁ ଥିବା ବିଭିନ୍ନ ବାସ୍ତବ ସମସ୍ୟା ଓ ସନ୍ଦେହ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ନିର୍ବାଚନ କମିଶନ ଦାୟିତ୍ୱପୂର୍ଣ୍ଣ ଏବଂ ନିରପେକ୍ଷ ଭାବେ ସାମ୍ବିଧାନିକ ଦାୟିତ୍ୱ ନିର୍ବାହ କରିବା ଉଚିତ। କିନ୍ତୁ ଏହା କେନ୍ଦ୍ରରେ କ୍ଷମତାରେ ଥିବା ଦଳ ତରଫରୁ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ବିହାର ଏସ୍‌ଆଇଆର୍ ଏବେ ସୁପ୍ରିମକୋର୍ଟଙ୍କ ବିଚାରାଧୀନ ରହିଥିବାବେଳେ ତାମିଲନାଡୁ ସମେତ ଅନ୍ୟ କେତେକ ରାଜ୍ୟରେ ଏହି ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଗତ ଅକ୍ଟୋବର ୨୭ରେ ବିଜ୍ଞପ୍ତି ଜାରି କରିବା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଏବଂ ତାମିଲନାଡୁ ଜନସାଧାରଣଙ୍କ ଭୋଟ ଅଧିକାର ପ୍ରତି ଆକ୍ରମଣ ବୋଲି ସଂକଳ୍ପନାମାରେ କୁହାଯାଇଛି।

# ବ୍ରିଟେନ୍ ଟ୍ରେନ୍‌ରେ ଛୁରାମାଡ଼: ୧୦ ଗୁରୁତର

## ଆତଙ୍କବାଦ ସହ ସମ୍ପୃକ୍ତିର ସୂଚନା ମିଳିନାହିଁ: ପୋଲିସ

ଲଣ୍ଡନ,୨।୧୧(ପି.ଟି.)



ବ୍ରିଟେନ୍‌ରେ ଏକ ଟ୍ରେନ୍‌ରେ ଶନିବାର ରାତିରେ ଛୁରାମାଡ଼ ଘଟି ୧୦ ଜଣ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୯ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଏହା ଏକ ବଡ଼ ଆକ୍ରମଣ ହୋଇଥିବାରୁ ଆତଙ୍କବାଦ ନିରୋଧୀ ପୋଲିସ ତଦନ୍ତରେ ସାମିଲ ହୋଇଛନ୍ତି। ତେବେ ଆକ୍ରମଣ ସହ ଆତଙ୍କବାଦର ସମ୍ପୃକ୍ତି ନେଇ ଏପର୍ଯ୍ୟନ୍ତ କୌଣସି ସୁରାକ ମିଳି ନ ଥିବା ପୋଲିସ କହିଛି। ସଶସ୍ତ୍ର ପୋଲିସ ପୂର୍ବ ଇଂଲଣ୍ଡର କେମ୍ବ୍ରିଜଶାୟାରସ୍ଥିତ ହୁଣ୍ଟିଙ୍ଗଡନ୍ ଷ୍ଟେଶନରେ ଟ୍ରେନ୍ ଉପରେ ଚଢ଼ାଉ କରି ୨ ଜଣଙ୍କୁ ଗିରଫ କରିଛି। ଏକ ବଡ଼ ଛୁରି ରଖିଥିବା ବ୍ୟକ୍ତିଙ୍କୁ ପୋଲିସ ଗୁଳି କରିଥିବା ବିଶ୍ୱାସ କରାଯାଉଛି। ପିଟରବୋର୍ ଷ୍ଟେଶନ୍‌ରୁ ଛାଡ଼ିଥିବା ଉକ୍ତ ଟ୍ରେନ୍ କେମ୍ବ୍ରିଜଶାୟାରଠାରେ ଆକ୍ରମଣର ସମ୍ମୁଖୀନ ହୋଇଥିଲା। ସମସ୍ତ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବ୍ରିଟିଶ୍ ଟ୍ରାନ୍ସପୋର୍ଟ ପୋଲିସ କହିଛି।

# ଜେନ୍ ଜି ଅବତାରରେ ଶାହାରୁଖ

## କିଙ୍ଗ୍ ଖାନ୍‌ଙ୍କୁ ୬୦



**ମୁମ୍ବାଇ:** ବଲିଉଡ ବାଦଶାହା ଶାହାରୁଖ ଖାନ୍ ରବିବାର ତାଙ୍କର ୬୦ତମ ଜନ୍ମଦିନ ପାଳନ କରିଛନ୍ତି। ଏହି ଅବସରରେ ତାଙ୍କର ବହୁ ପ୍ରତୀକ୍ଷିତ ଫିଲ୍ମ 'କିଙ୍ଗ୍'ର ଟାଇଟଲ ଉନ୍ମୋଚନ ଭିଡିଓ ଜାରି କରାଯାଇଛି। ଏହି ଭିଡିଓରେ ଏସ୍‌ଆର୍‌କେଙ୍କର ଅତ୍ୟନ୍ତ ଉଗ୍ର ଓ ନିର୍ଦ୍ଦୟ ଅବତାର ଦେଖିବାକୁ ମିଳିଛି, ଯାହା ପ୍ରଶଂସକଙ୍କୁ ଉତ୍ସାହିତ କରିଛି। ଶାହାରୁଖ ଏଥିରେ ରୁପେଲି କେଶ, ଷ୍ଟାଇଲିସ୍ କାନଫୁଲ ଏବଂ ଜବରଦସ୍ତ ବ୍ୟକ୍ତିତ୍ୱ ସହିତ ଏକ ଭିନ୍ନ ରୂପରେ ନଜର ଆସିଛନ୍ତି। ରେଡ ଚିଲିଜ୍ ଏଣ୍ଟରଟେନ୍‌ମେଣ୍ଟ ଓ ମାର୍‌ଫ୍ଲିକ୍ସ ପିକ୍ଚର୍ସ ଦ୍ୱାରା ନିର୍ମିତ ଏହି ଫିଲ୍ମ ଏକ ସ୍ଲିକ, ହାଇ-ଅକ୍ଟେନ ଆକ୍ସନ ଏଣ୍ଟରଟେନର୍ ହେବାକୁ ଯାଉଛି। 'ପଠାନ' ପରେ ଶାହାରୁଖ ଏହି ଫିଲ୍ମରେ ପୁଣି ଥରେ ନିର୍ଦ୍ଦେଶକ ସିଦ୍ଧାର୍ଥ ଆନନ୍ଦଙ୍କ ସହ କାମ କରୁଛନ୍ତି।

# ଦିଲ୍ଲୀ ବାୟୁ ପ୍ରଦୂଷଣ ପୁଣି ଉତ୍କଟ

## କ୍ଲାଉଡ୍ ସିଡିଂରେ ୩୪ କୋଟି ବ୍ୟୟକୁ ନେଇ ଦିଲ୍ଲୀ ସରକାର ସମାଲୋଚିତ

ନୂଆଦିଲ୍ଲୀ,୨।୧୧

ଦିଲ୍ଲୀ ବାୟୁ ଗୁଣବତ୍ତା ରବିବାର ପୁଣିଥରେ ଅତ୍ୟନ୍ତ ନିକୃଷ୍ଟ ସ୍ତରକୁ ଖସିଯାଇଛି। କୁହୁଡ଼ି ସାଙ୍ଗକୁ ପବନର ବେଗ କମ୍ ଥିବାରୁ ପ୍ରଦୂଷଣ ସୃଷ୍ଟିକାରୀ କଣିକାଗୁଡ଼ିକ ବିସ୍ତାରିତ ହେବାରେ ପ୍ରତିବନ୍ଧକ ସୃଷ୍ଟି ହୋଇଥିବା କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) କହିଛି। ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳର ଅନେକ ସ୍ଥାନରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ନିକୃଷ୍ଟ ସ୍ତର ଅତିକ୍ରମ କରି ୪୦୦ ନିକଟବର୍ତ୍ତୀ ହୋଇଛି। ସିପିସିବି ଦ୍ୱାରା ବିକଶିତ ସମୀର ଆପ୍ ଅନୁଯାୟୀ ରବିବାର ସକାଳ ୭ଟାରେ ଏକ୍ୟୁଆଇ ୩୭୭ରେ ପହଞ୍ଚିଥିଲା। ଶନିବାର ଏକ୍ୟୁଆଇ ୨୩୩ ଥିବାବେଳେ ଶୁକ୍ରବାର ୨୧୮ ରହିଥିଲା। ଉତ୍ତର ଦିଲ୍ଲୀର ୱାଜିରପୁର ଏବଂ ଦକ୍ଷିଣ ଦିଲ୍ଲୀର ଆର୍‌କେ ପୁରମ୍‌ରେ ଏକ୍ୟୁଆର୍ ଯଥାକ୍ରମେ ୪୩୨ ଏବଂ ୪୨୫ରେ ପହଞ୍ଚିଛି। ବାୟୁ ପ୍ରଦୂଷଣ ବଢ଼ିଥିବାରୁ ଦୃଶ୍ୟମାନତା ହ୍ରାସ ପାଇଛି।

ବାୟୁ ପ୍ରଦୂଷଣ ରୋକିବା ନିମନ୍ତେ କୃତ୍ରିମ ବର୍ଷା କରାଇବା ପାଇଁ ଦିଲ୍ଲୀ ସରକାର ନିକଟରେ ୩ଥର କ୍ଲାଉଡ୍ ସିଡିଂ କରିଥିଲେ। ତେବେ ଏହାର କୌଣସି ଫଳ ମିଳିଲା ନାହିଁ। କ୍ଲାଉଡ୍ ସିଡିଂରେ ବର୍ଷା ସମ୍ଭାବନା ନ ଥିବା ଅଭିଜ୍ଞତାସମ୍ପନ୍ନ ବିଶେଷଜ୍ଞମାନେ ପୂର୍ବରୁ ସତର୍କ କରାଇବା ସତ୍ତ୍ୱେ ଦିଲ୍ଲୀ ସରକାର କ'ଣ ପାଇଁ କରଦାତାଙ୍କ ୩୪ କୋଟି ଟଙ୍କା ଏ ବାବଦରେ ଖର୍ଚ୍ଚ କଲେ ତାହାକୁ ନେଇ ପ୍ରଶ୍ନ ଉଠିଛି। ପ୍ରଦୂଷଣ ରୋକିବା ପାଇଁ ଦିଲ୍ଲୀ ସରକାରଙ୍କ କ୍ଲାଉଡ ସିଡିଂ ପରୀକ୍ଷାକୁ କଂଗ୍ରେସ ରବିବାର କଡ଼ା ସମାଲୋଚନା କରିଛି। ଏହା ଅଳ୍ପ ସମୟ ପାଇଁ ବାୟୁ ମାନରେ ସାମାନ୍ୟ ଉନ୍ନତି ଆଣିଥିବାବେଳେ କଂଗ୍ରେସ ଏହାକୁ ନିଷ୍ଠୁର ପରିହାସ ବୋଲି କହିଛି। ବୈଜ୍ଞାନିକମାନଙ୍କ ସ୍ପଷ୍ଟ ବିରୋଧ ସତ୍ତ୍ୱେ ଶୀତ ଦିନରେ କ୍ଲାଉଡ୍ ସିଡିଂ କରି ଭାଜପା ସରକାର କାହିଁକି ୩୪ କୋଟି ଟଙ୍କା ବରବାଦ କଲେ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ପ୍ରଶ୍ନ କରିଛନ୍ତି। କ୍ଲାଉଡ୍ ସିଡିଂ ଚିନ୍ତାଧାରାକୁ ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ(ସିଏକ୍ୟୁଏମ୍), କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଭାରତୀୟ ପାଣିପାଗ ବିଭାଗ ବିରୋଧ କରିଥିବା ୨୦୨୪ ଡିସେମ୍ବରରେ ରାଜ୍ୟ ସଭାରେ ସରକାରଙ୍କ ପକ୍ଷରୁ ଉତ୍ତର ରଖାଯାଇଥିଲା ବୋଲି କଂଗ୍ରେସ ନେତା ଦର୍ଶାଇଛନ୍ତି। ଏପରିକି ଶୀତଦିନିଆ କ୍ଲାଉଡ୍ ସିଡିଂ ରାଜଧାନୀର ଦୂଷିତ ବାୟୁ ଉପରେ ନଗଣ୍ୟ କିମ୍ବା ଆଦୌ ପ୍ରଭାବ ପକାଇବ ନାହିଁ ବୋଲି ଗତ ୩୧ ତାରିଖରେ ଆଇଆଇଟି ଦିଲ୍ଲୀର ସେଣ୍ଟର ଫର୍ ଆଟମୋସ୍ଫିୟରିକ୍ ସାଇନ୍ସ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଥିଲା।

# କେଉଁଠି କେତେ ଟଙ୍କା ରଖିଛ: ପିଏସି

## ସବୁ ବିଭାଗଠାରୁ ତଥ୍ୟ ଲୋଡ଼ିଲେ ସରକାର

ଭୁବନେଶ୍ୱର,୨।୧୧(ରବିନାରାୟଣ ଜେନା)

କେଉଁ ବ୍ୟାଙ୍କରେ କେତେ ଟଙ୍କା ରହିଛି ତା'ର ଟିକିନିଖି ହିସାବ ଲୋଡ଼ିଛନ୍ତି ରାଜ୍ୟ ସରକାର। ପବ୍ଲିକ ଆକାଉଣ୍ଟ କମିଟି(ପିଏସି) ଏବଂ ବିଧାନସଭା ପ୍ରଶ୍ନକୁ ନେଇ ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହାକୁ ନେଇ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ସମସ୍ତ ବିଭାଗର ସଚିବଙ୍କୁ ଅକ୍ଟୋବର ୨୨ରେ ପତ୍ର ଲେଖି ଅବଗତ କରାଇଛନ୍ତି।

ଅର୍ଥ ବିଭାଗ ପ୍ରମୁଖ ସଚିବ ପତ୍ରରେ ଦର୍ଶାଇଛନ୍ତି, କେଉଁ ବ୍ୟାଙ୍କରେ କେଉଁସବୁ ଆକାଉଣ୍ଟରେ କେତେ ଟଙ୍କା ରହିଛି ତାହା ପବ୍ଲିକ ଆକାଉଣ୍ଟ କମିଟି(ପିଏସି) ଜାଣିବାକୁ ଚାହିଁଛି। ଏହାସହିତ ବିଧାନସଭାର ପ୍ରଶ୍ନ ଏବଂ ଆର୍ଥିକ ସୁପରିଚାଳନାକୁ ଦୃଷ୍ଟିରେ ରଖି ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ତେଣୁ ସେପ୍ଟେମ୍ବର ୩୦ ସୁଦ୍ଧା ବିଭାଗ ଅଧୀନରେ ଥିବା ସମସ୍ତ ବ୍ୟାଙ୍କ ଖାତାରେ କେତେ ଟଙ୍କା କିପରି ରହିଛି ତା'ର ତଥ୍ୟ ନିର୍ଦ୍ଦିଷ୍ଟ ଫର୍ମାଟରେ ଦେବାକୁ ପଡ଼ିବ। ସେ ଦର୍ଶାଇଛନ୍ତି, ସରକାରଙ୍କ ପକ୍ଷରୁ ଅନ୍‌ଲାଇନ ବଜେଟ ପ୍ରକ୍ରିୟାରେ କେତେ ଟଙ୍କା ରାଜକୋଷରେ ଅଛି ଏବଂ ବାହାରେ ରହିଛି ତାହା ଜାଣିବାର ଆବଶ୍ୟକତା ରହିଛି, ଯଦ୍ଵାରା କି ୨୦୨୬-୨୭ ଆର୍ଥିକବର୍ଷ ଲାଗି ବଜେଟ ପ୍ରସ୍ତୁତ ହୋଇପାରିବ। ତେଣୁ ବଜେଟରେ ପ୍ରସ୍ତୁତ ହୋଇଥିବା ସମସ୍ତ ଅର୍ଥର ହିସାବ ସରକାରଙ୍କୁ ଦେବାକୁ ହେବ।

ସେ କହିଛନ୍ତି, ସରକାରଙ୍କ ଅର୍ଥ କେଉଁ ବିଭାଗ, କେଉଁ ପିଏସ୍‌ୟୁ, ସୋସାଇଟି, ବିଶ୍ୱବିଦ୍ୟାଳୟ, ପୌରାଞ୍ଚଳ, ପିଆର୍‌ଆଇ, ନିର୍ଦ୍ଦେଶାଳୟ କିମ୍ବା କମିଶନର ତଥା ସଚିବସ୍ତରରେ ରହିଛି ତାହାର ଟିକିନିଖି ହିସାବ ଦେବାକୁ ପଡ଼ିବ। ଯେପରି କି କେଉଁ ବିଭାଗର ଯୋଜନା ଅର୍ଥ କେଉଁ ଜିଲାରେ ପଡ଼ିଛି, ଏହାର ବ୍ୟାଙ୍କ ଖାତା ନମ୍ବର ସହିତ ଏହା ସଞ୍ଚୟ ଖାତାରେ ଅଛି ନା ଚଳନ୍ତି ଖାତାରେ ଅଛି କିମ୍ବା ସ୍ଥାୟୀ ଜମା ଆକାରରେ ରହିଛି ତାହା ଜଣାଇବାକୁ ହେବ। ସେପ୍ଟେମ୍ବର ୩୦ ସୁଦ୍ଧା କେଉଁ ଯୋଜନାରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ଏବଂ ବଳକା ରହିଛି ତା'ର ଆଇଏଫ୍‌ସି କୋଡ୍ ସହିତ ତୁରନ୍ତ ଦେବାକୁ ଅର୍ଥ ବିଭାଗ ପ୍ରମୁଖ ସଚିବ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ଅବଗତ କରାଇଛନ୍ତି। ଏହାକୁ ନେଇ ଏବେ କେତେକ ବ୍ୟାଙ୍କ କର୍ତ୍ତୃପକ୍ଷ ଏବଂ ଅସାଧୁ ଅଧିକାରୀଙ୍କ ମଧ୍ୟରେ ଛନକା ପଶିଛି। ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ନଭେମ୍ବର ପହିଲାରୁ 'ଜଷ୍ଟ ଇନ୍ ଟାଇମ୍' ନୀତି ପ୍ରଚଳନ ହୋଇଥିବାବେଳେ ସରକାର ଏହି ତଥ୍ୟ ଲୋଡ଼ିଛନ୍ତି। ଫଳରେ ଦୀର୍ଘଦିନ ଧରି ଯେଉଁ ଅସାଧୁ ଅଧିକାରୀ ସରକାରୀ ଅର୍ଥକୁ ନେଇ ଖେଳ ଖେଳୁଥିଲେ ତାହା ଏବେ ସର୍ବସମ୍ମୁଖକୁ ଆସିବାକୁ ଯାଉଛି।

ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ, ସ୍ୱାସ୍ଥ୍ୟ, ନଗର ଉନ୍ନୟନ, ପଞ୍ଚାୟତିରାଜ, ବାଣିଜ୍ୟ ଓ ପରିବହନ, ପୂର୍ତ୍ତ, ଜଳସମ୍ପଦ ଭଳି କେତେକ ବିଭାଗରେ ହଜାର ହଜାର କୋଟି ଟଙ୍କା ବିଭିନ୍ନ ବ୍ୟାଙ୍କରେ ଠୁଳ ରହିଛି। ଏଥିଯୋଗୁ ସରକାରଙ୍କୁ ମଧ୍ୟ ସୁଧ ଗଣିବାକୁ ପଡୁଛି।

# ୧୨୦ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ଉପେକ୍ଷା କରିଛି ନାଲ୍‌କୋ

ଅନୁଗୋଳ,୨।୧୧(ମାନସ ବିଶ୍ୱାଳ)

କାରଖାନା ପାଇଁ ଜମି ହରାଇଥିବା କ୍ଷତିଗ୍ରସ୍ତ ପ୍ରଜାଙ୍କ ମଧ୍ୟରୁ ୧୨୦ ଜଣଙ୍କୁ ଅନୁଗୋଳ ସହର ଉପକଣ୍ଠରେ ଥିବା ନାଲ୍‌କୋ ଉପେକ୍ଷା କରିଥିବା ଅଭିଯୋଗ ହୋଇଛି। ନାଲ୍‌କୋ କର୍ତ୍ତୃପକ୍ଷ କିମ୍ବା ଜିଲା ପ୍ରଶାସନ ଏହି ଉପେକ୍ଷିତ କ୍ଷତିଗ୍ରସ୍ତ ପ୍ରଜାଙ୍କ କୌଣସି ଅଭିଯୋଗକୁ ସମାଧାନ ନ କରିବାରୁ ସେମାନେ ବାଧହୋଇ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିବା କହିଛନ୍ତି। ନାଲ୍‌କୋ କର୍ତ୍ତୃପକ୍ଷଙ୍କ ଏପରି କାର୍ଯ୍ୟକୁ ସାଧାରଣରେ ସମାଲୋଚନା କରାଯାଇଛି।

ସମ୍ପୃକ୍ତ ଉପେକ୍ଷିତ କ୍ଷତିଗ୍ରସ୍ତ ପ୍ରଜାଙ୍କ ଅଭିଯୋଗ ଅନୁଯାୟୀ, ୧୯୮୧ ମସିହାରେ ଅବିଭକ୍ତ ଢେଙ୍କାନାଳ ଜିଲାରେ କାରଖାନା ସ୍ଥାପନ ପାଇଁ ନାଲ୍‌କୋ ପକ୍ଷରୁ ଜମି ଅଧିଗ୍ରହଣ କରାଯାଇଥିଲା। ତାଳଚେର, ଛେଣ୍ଡିପଦା ଓ ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀର ୩୯ ଗାଁ ନାଲ୍‌କୋ ପାରିପାର୍ଶ୍ୱିକ ଅଞ୍ଚଳ ଭିତରେ ଆସିଥିଲା। ୧୯୮୪ ମସିହାରେ ଜମିହରା କ୍ଷତିଗ୍ରସ୍ତ ପ୍ରଜାଙ୍କ ପାଇଁ ନାଲ୍‌କୋ ପକ୍ଷରୁ ଏକ ନୀତି କରାଯାଇଥିଲା। ଏଥିସହ ଜମିହରାଙ୍କୁ ସର୍ବସ୍ୱ ଜମିହରା ପ୍ରଜା ଓ ଏକ ତୃତୀୟାଂଶ ଜମିହରା ପ୍ରଜା ଭଳି ୨ଟି ବର୍ଗରେ ବିଭକ୍ତ କରାଯାଇଥିଲା। ୧୯୯୨ ମସିହାର ନାଲ୍‌କୋ ରିପୋର୍ଟ ଅନୁସାରେ କାରଖାନା ପାଇଁ ୨,୬୨୬ ପରିବାର କ୍ଷତିଗ୍ରସ୍ତ ହୋଇଥିଲେ। ତେବେ ଉଦ୍ଦେଶ୍ୟମୂଳକ ଭାବେ କ୍ଷତିଗ୍ରସ୍ତ ଜମିହରା ପ୍ରଜାଙ୍କୁ ହଇରାଣ ହରକତ କରିବା ପାଇଁ ୨୦୦୬-୦୭ ମସିହାରେ ଏକ ନୂତନ ପଲିସି କମ୍ପାନୀ ପକ୍ଷରୁ ଅଣାଯାଇଥିଲା, ଯାହାକି ସ୍ୱଳ୍ପ ଜମିହରା ପ୍ରଜା (ଏଲ୍‌ଏପି)



### ଉଚ୍ଚ ନ୍ୟାୟାଳୟରେ କରାଯାଇଛି ମାମଲା

ବୋଲି ଚିହ୍ନଟ ହୋଇଥିଲା। ସେ ସମୟରେ କମ୍ପାନୀର ଉଚ୍ଚସ୍ତରୀୟ ବୈଠକ, ଥଇଥାନ ଓ ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା କମିଟି (ଆର୍‌ପିଡିଏସି) ବୈଠକର ନିଷ୍ପତ୍ତି ଅନୁସାରେ ୧୯୮୮ରୁ ୨୦୦୫ ପର୍ଯ୍ୟନ୍ତ ୨ଟି ବ୍ୟାଚ୍‌ରେ ପାଖାପାଖି ୨୯୭ ଜଣ ଜମିହରା ପ୍ରଜାଙ୍କୁ ଦକ୍ଷତା ବିକାଶ ଟ୍ରେନିଂ ଦିଆଯାଇ କୁଶଳୀ ଶ୍ରମିକ ଭାବେ ସ୍ଥାୟୀ ନିଯୁକ୍ତି ଦିଆଯାଇଥିଲା। ସେହିପରି ୨୦୦୬ରୁ ୨୦୦୮ ଏବଂ ୨୦୦୮ ରୁ ୨୦୧୦ ମଧ୍ୟରେ ୨୦୦ ଜମିହରାଙ୍କୁ ତାଲିମ ଦିଆଯାଇ କୁଶଳୀ ଶ୍ରମିକ ଭାବେ ପ୍ରସ୍ତୁତ କରାଯାଇଥିଲା। ଉଚ୍ଚସ୍ତରୀୟ ବୈଠକ ଏବଂ ଆର୍‌ପିଡିଏସି ବୈଠକର ନିଷ୍ପତ୍ତି ଅନୁଯାୟୀ ୧୫୬ ଜଣଙ୍କୁ ବିଭିନ୍ନ ବିଭାଗରେ ସ୍ଥାୟୀ ନିଯୁକ୍ତି ନ ଦେଇ ଚୁକ୍ତିଭିତ୍ତିକ ଅଣକୁଶଳୀ ଠିକା ଶ୍ରମିକ ଭାବେ ନିଯୁକ୍ତି ଦିଆଯାଇଥିଲା। ଏଥିସହ ଚୁକ୍ତି ଅନୁଯାୟୀ ସାଧାରଣ ନିଯୁକ୍ତି ବାହାରିଲେ ଅଗ୍ରାଧିକାର ସହ ବୟସ କୋହଳ, ବିନା ତାଲିମ ସାର୍ଟିଫିକେଟ ଓ ଅନ୍ୟ ସୁବିଧା ସହ ସ୍ଥାୟୀ ନିଯୁକ୍ତି ଦିଆଯିବ ବୋଲି କୁହାଯାଇଥିଲା। କିନ୍ତୁ ସେମାନଙ୍କ ଠିକା ନିଯୁକ୍ତି ଆଜି ପର୍ଯ୍ୟନ୍ତ ବଳବତ୍ତର ରହିଛି। ସେହିପରି ବର୍ତ୍ତମାନ ସ୍ଥିତିରେ ନାଲ୍‌କୋରେ ସାଧାରଣ ନିଯୁକ୍ତି ବାହାରିବା ପରେ ମାତ୍ର ୩୬ ଜଣଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଇ ଥିବାବେଳେ ୧୨୦ଜଣ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ଉପେକ୍ଷା କରାଯାଇଛି। ଏହି ପ୍ରଜାମାନେ ଏ ନେଇ ଅନୁଗୋଳ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଫଳରେ ବାଧହୋଇ ସେମାନେ ଉଚ୍ଚନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବା ସହ ଜିଲାପାଳଙ୍କ ଅଫିସ ସମ୍ମୁଖରେ ୨୮୫ ଦିନ ଧରି ପରିବାର ଲୋକଙ୍କ ସହ ଅହୋରାତ୍ର ଧାରଣା ଦେଇଥିଲେ। ହେଲେ ଜିଲା ପ୍ରଶାସନ କିମ୍ବା ନାଲ୍‌କୋ କର୍ତ୍ତୃପକ୍ଷ ସେମାନଙ୍କ କୌଣସି ଦାବିକୁ ଗ୍ରହଣ କରିନାହାନ୍ତି। ଅପରପକ୍ଷରେ ଅନୁଗୋଳ ପୌରପାଳିକା ପକ୍ଷରୁ ଅକ୍ଟୋବର ୨୪ରେ ଆନ୍ଦୋଳନସ୍ଥଳୀକୁ ପୋଲିସ ଲଗାଇ ଭାଙ୍ଗି ଦିଆଯାଇଛି ବୋଲି ଅଭିଯୋଗ ହୋଇଛି। ସେହିପରି ପ୍ରତିବର୍ଷ ସ୍ଥାନୀୟ ଅଞ୍ଚଳର ୧୦୦ କ୍ଷତିଗ୍ରସ୍ତ ଯୁବତୀଯୁବକଙ୍କୁ କୁଶଳୀ ଶ୍ରମିକ ଭାବେ ନିଯୁକ୍ତି ଦେବା ପାଇଁ ନାଲ୍‌କୋ ଦାୟିତ୍ୱ ନେଇଥିବା ବେଳେ ୨୦୧୦ଠାରୁ ଆଜିପର୍ଯ୍ୟନ୍ତ କୌଣସି ଦକ୍ଷତା ବିକାଶ ତାଲିମ ପ୍ରଦାନ କରିନାହିଁ। ୧୯୮୪ ମସିହା ପଲିସି ଅନୁଯାୟୀ ଗୋଟିଏ ଜମିହରା ପରିବାରରୁ ଜଣକୁ ସ୍ଥାୟୀ ନିଯୁକ୍ତି ଦେବାର ନିୟମ କରାଯାଇଥିବା ବେଳେ ଏହାକୁ ଠିକ୍ ଭାବରେ ପାଳନ ନ କରି ସ୍ୱଳ୍ପ ଜମିହରା ପ୍ରଜା ପଲିସିର ଅନ୍ତର୍ଭୁକ୍ତ ମାତ୍ର ୨ରୁ ୩ ଡିସିମିଲ ଜମି ଯାଇଥିବା ପ୍ରଜାଙ୍କ ପରିବାରରୁ ବେଆଇନ ଭାବରେ ୩/୪ ଜଣଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଇଥିବା ମଧ୍ୟ ଅଭିଯୋଗ କରିଛନ୍ତି ଆନ୍ଦୋଳନକାରୀ।

ଏ ସମ୍ପର୍କରେ କ୍ଷତିଗ୍ରସ୍ତ ପ୍ରଜା ଯୋଗେଶ ସାମଲ କହିଛନ୍ତି, ୨୦୦୬ ରୁ ୨୦୦୮ ମସିହା ମଧ୍ୟରେ ନାଲ୍‌କୋ ପକ୍ଷରୁ ଦକ୍ଷତା ବିକାଶ ତାଲିମ ଦିଆଯାଇଥିଲା। ୨୦୧୩ ମସିହାରେ ସ୍ଥାୟୀ ନିଯୁକ୍ତି ନ ଦେଇ ସର୍ତ୍ତମୂଳକ ଅଣକୁଶଳୀ ଠିକା ଶ୍ରମିକ ଭାବରେ ନିଯୁକ୍ତି ଦିଆଗଲା। ସ୍ଥାୟୀ ସାଧାରଣ ନିଯୁକ୍ତି ବାହାରିଲେ ଅଗ୍ରାଧିକାର ସହ ବୟସ କୋହଳ, ବିନା ତାଲିମ ସାର୍ଟିଫିକେଟ ଓ ଅନ୍ୟ ସୁବିଧା ସହ ସ୍ଥାୟୀ ନିଯୁକ୍ତି ଦିଆଯିବ ବୋଲି କୁହାଯାଇଥିଲା। କିନ୍ତୁ ଏବେ ଆମମାନଙ୍କୁ ଉପେକ୍ଷା କରି ନୂଆ ପିଲାଙ୍କୁ ନିଯୁକ୍ତି ଦିଆଯାଉଛି। ଏହା ବିରୋଧରେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛୁ। ଅନୁରୂପ ଭାବେ ନାଲ୍‌କୋ ସ୍ପୋନ୍‌ସର୍ଡ୍ ଏଲ୍‌ଏପି ଆଇଟିଆଇ କ୍ଷତିଗ୍ରସ୍ତ ପ୍ରଜା ସଂଘ ତାଳଚେର ଅନୁଗୋଳ ସମ୍ପାଦକ ଶଶାଙ୍କ ଶେଖର ସାମଲ କହିଛନ୍ତି, ୧୯୮୪ ମସିହା ପଲିସି ଅନୁସାରେ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ତୁରନ୍ତ ସ୍ଥାୟୀ ନିଯୁକ୍ତି ଦିଆଯାଉ। ୧୨୦ ଜଣ କ୍ଷତିଗ୍ରସ୍ତ ପ୍ରଜା ନାଲ୍‌କୋର ବେଆଇନ କାର୍ଯ୍ୟକଳାପ ଉପରେ ଗତ ଜାନୁଆରୀରୁ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି। ସେହିପରି ସଂଘ ସଭାପତି ଦିବ୍ୟରଞ୍ଜନ ଦାସ, ବରିଷ୍ଠ ସଦସ୍ୟ ଅମନ ବିଶ୍ୱାଳ, ରଣଜିତ ପ୍ରଧାନ, ନିରଞ୍ଜନ ସାହୁ ପ୍ରମୁଖ କହିଛନ୍ତି, ଆବଶ୍ୟକ ପଡ଼ିଲେ ଏହି ଆନ୍ଦୋଳନକୁ ତୀବ୍ରତର କରାଯିବ।

ଅପରପକ୍ଷରେ କ୍ଷତିଗ୍ରସ୍ତ ପ୍ରଜାଙ୍କ ଅଭିଯୋଗ ସମ୍ପର୍କରେ ନାଲ୍‌କୋର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଆନ୍ଦୋଳନକାରୀଙ୍କୁ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ନିଯୁକ୍ତି ମିଳିଛି। କିନ୍ତୁ ସେମାନେ ଅଧିକ ଆଶାକରି ଆନ୍ଦୋଳନ କରୁଛନ୍ତି।

# ମହିଳା ଉଦ୍ୟୋଗୀଙ୍କୁ ଉତ୍ସାହିତ କରୁଛି 'ସୁଭଦ୍ରା ଶକ୍ତି ମେଳା'

ଭୁବନେଶ୍ୱର,୨।୧୧(ସୁଚିସ୍ମିତା ସାହୁ)

ଆରମ୍ଭ ହୋଇଛି 'ସୁଭଦ୍ରା ଶକ୍ତି ମେଳା'। ଶୀତୁଆ ସନ୍ଧ୍ୟାରେ ମେଳା ବୁଲିବା ପାଇଁ ଲୋକଙ୍କ ଭିତରେ ଆଗ୍ରହ ବଢୁଛି। ରାଜ୍ୟର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଓ ମହିଳା ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଭୁବନେଶ୍ୱରସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡିଆରେ 'ସୁଭଦ୍ରା ଶକ୍ତି ମେଳାର ଦ୍ୱିତୀୟ ସଂସ୍କରଣ' ଆରମ୍ଭ କରିଛନ୍ତି। ଶନିବାର ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରିଥିଲେ। ତେବେ ରବିବାର ଦ୍ୱିତୀୟ ଦିନରେ ମେଳାରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା, ଯାହା ଏଠାରେ ଅଂଶଗ୍ରହଣ କରିଥିବା ସ୍ୱୟଂସହାୟକ ଗୋଷ୍ଠୀର ମହିଳା ଓ ମହିଳା ଉଦ୍ୟୋଗୀଙ୍କୁ ଉତ୍ସାହିତ କରିଛି।

ଚଳିତ ବର୍ଷ ସୁଭଦ୍ରା ଶକ୍ତିମେଳାକୁ ଜାତୀୟସ୍ତରୀୟ ଭାବେ ଆୟୋଜନ କରାଯାଇଛି। ଏଥିରେ ଓଡ଼ିଶା ସମେତ ପଞ୍ଜାବ, ଝାଡଖଣ୍ଡ, ଆନ୍ଧ୍ର ପ୍ରଦେଶ, ବିହାର, ଆସାମ, ପଶ୍ଚିମବଙ୍ଗ, ଛତିଶଗଡ, ଗୁଜରାଟ, ତେଲଙ୍ଗାନା, ମଧ୍ୟପ୍ରଦେଶ ଏବଂ ଗୋଆରୁ ନିମନ୍ତ୍ରିତ ଏସ୍‌ଏଚ୍‌ଜିର ମହିଳାମାନେ ଅଂଶଗ୍ରହଣ କରି ସେମାନଙ୍କ ଉତ୍ପାଦ ପ୍ରଦର୍ଶନ କରୁଛନ୍ତି। ସେମାନେ ପରସ୍ପର ମଧ୍ୟରେ ଜ୍ଞାନ ଓ ଭାବର ଆଦାନପ୍ରଦାନ କରୁଛନ୍ତି। ଏଥିସହ ବିଭିନ୍ନ ରାଜ୍ୟର ସାଂସ୍କୃତିକ ସମ୍ମେଳନ ମଧ୍ୟ ମେଳାରେ ଦେଖିବାକୁ ମିଳୁଛି। ମେଳାର ଦ୍ୱିତୀୟ ସନ୍ଧ୍ୟାରେ ସମ୍ବଲପୁରୀ ନୃତ୍ୟ, ରାମନାଟ୍ୟ ପରିଷଦ ପୁରୀଙ୍କ ଦ୍ୱାରା କୃଷ୍ଣଲୀଳା ଗୀତିନାଟ୍ୟ ପରିଦର୍ଶକ ଓ ଏସ୍‌ଏଚ୍‌ଜି ମହିଳାଙ୍କୁ ମନୋରଞ୍ଜନ ଯୋଗାଇଥିଲା। ମେଳାରେ ୩୦୦

### ଲୋକଙ୍କୁ ଆକୃଷ୍ଟ କରୁଛି ଲାଇଭ୍ ଡେମୋ

ମହିଳା ସ୍ୱୟଂ-ସହାୟକ ଗୋଷ୍ଠୀ ପରିଚାଳିତ ଷ୍ଟଲ ରହିଥିବା ବେଳେ ସେଥିରୁ ୫୦ଟିରେ କେବଳ ସୁସ୍ୱାଦ୍ୟ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ସ୍ୱୟଂ-ସହାୟକ ଗୋଷ୍ଠୀର ମାଆଙ୍କ ହାତ ତିଆରି ଉତ୍କୃଷ୍ଟ ଗୁଣବତ୍ତାର ସାମଗ୍ରୀ, ଶିଶୁ ସାମଗ୍ରୀ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଦେଖାଯାଇଛି। ସେହିପରି ମେଳାରେ ସ୍ୱୟଂ-ସହାୟକ ଗୋଷ୍ଠୀ ମା'ମାନଙ୍କ ଦ୍ୱାରା ପ୍ରଦର୍ଶିତ ଲାଖ ଚୂଡ଼ି ପ୍ରସ୍ତୁତି, ଧାନ ହସ୍ତଶିଳ୍ପ, ସବାଇ ଘାସ କଳା ଏବଂ ପଟ୍ଟଚିତ୍ର ଆଦି ପ୍ରଦର୍ଶନ ଅନ୍ୟତମ ଆକର୍ଷଣ ସାଜିଛି। ଷ୍ଟଲଗୁଡିକରେ ଉତ୍ପାଦଗୁଡିକର ପ୍ରସ୍ତୁତ ପ୍ରଣାଳୀର ଜୀବନ୍ତ ପ୍ରଦର୍ଶନ ଦେଖିବାକୁ ମିଳୁଛି। ଏହା ସହିତ ବିଶ୍ୱ ଦକ୍ଷତା କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ବିୟୁଟି ଓ ୱେଲ୍‌ନେସ ଷ୍ଟଲରେ ମହିଳାଙ୍କ ପାଇଁ ନିପୁଣ ପ୍ରଶିକ୍ଷାର୍ଥୀଙ୍କ ଦ୍ୱାରା ମେକ୍‌ଅପ, ହେୟାର ଷ୍ଟାଇଲ, ନେଲ କେୟାରର ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଲାଇଭ୍ ଡେମୋ ଷ୍ଟଲ ଅଞ୍ଚଳରେ ବିଶେଷ କରି ବିୟୁଟି ଓ ୱେଲ୍‌ନେସ ଷ୍ଟଲରେ ଦର୍ଶକଙ୍କ ଗହଳି ଦେଖିବାକୁ ମିଳୁଛି। ବୁଣାକାର ସେବା କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ହସ୍ତତନ୍ତ ଷ୍ଟଲ୍‌ରେ ପାରମ୍ପରିକ ପ୍ରଣାଳୀରେ ବୁଣା କାର୍ଯ୍ୟର ଜୀବନ୍ତ ପ୍ରଦର୍ଶନୀ ରହିଛି। ଲୋକେ ଲାଇଭ୍ ଡେମୋ ଷ୍ଟଲରେ ଦକ୍ଷ କାରିଗରଙ୍କ ମାର୍ଗଦର୍ଶନରେ ନିଜ ହାତ ଚାଳନର ସୁବର୍ଣ୍ଣ ସୁଯୋଗକୁ ଉପଭୋଗ କରୁଛନ୍ତି। ପ୍ରଥମ ଦିନରେ ମେଳାରେ ୫୦ ଲକ୍ଷ ଟଙ୍କାରୁ ଅଧିକ ବ୍ୟବସାୟ ହୋଇଥିବାବେଳେ ଦ୍ୱିତୀୟ ଦିନରେ କାରବାର ବଢ଼ିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।




କଟକ ଉପର ବାଲିଯାତ୍ରା ପଡ଼ିଆରେ ରବିବାର ଅନୁଷ୍ଠିତ ପଥ ଉତ୍ସବରେ ଛାତ୍ରୀଛାତ୍ରମାନେ ସ୍କେଟିଂ ଖେଳର କଳାକୌଶଳ ପ୍ରଦର୍ଶନ କରୁଛନ୍ତି। **(ଫଟୋ: ରାଜକିଶୋର ମହାନ୍ତି)**

# ରଙ୍ଗଲା ରୁପାଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ୬ଲକ୍ଷର ସହାୟତା

ଭୁବନେଶ୍ୱର,୨।୧୧(ରବିନାରାୟଣ ଜେନା)

ଗଞ୍ଜାମ ଜିଲା ଗୁଡ଼ିଆପଦରର ରଙ୍ଗଲା ରୁପା (ପିତା-ରଙ୍ଗଲା ଦିନେଶ)ଙ୍କର ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍‌ଠାରେ ଘଟିଥିବା ଅଘଟଣରେ ପ୍ରାଣହାନିକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୬ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

# ରାଜ୍ୟରେ ଏବେ ଶୁଖିଲା ପାଗ

ଭୁବନେଶ୍ୱର,୨।୧୧(ବନ୍ଦନା ସେଠୀ)

ରାଜ୍ୟକୁ ଏବେ ବର୍ଷା ଭୟ ନାହିଁ। ଗୋଟିଏ କିମ୍ବା ୨ଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଥିଲେ ମଧ୍ୟ ବାକି ସମସ୍ତ ଜିଲାର ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ରାୟଗଡ଼ା ଓ ରାଜ୍ୟର ଦକ୍ଷିଣ ଉପକୂଳବର୍ତ୍ତୀ ଜିଲାଗୁଡିକର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ଶନିବାର ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ଅପରପକ୍ଷେ ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ପୂର୍ବ କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର-ପୂର୍ବ ଆରବସାଗର ଉପରେ ଏକ ଲଘୁଚାପ କ୍ଷେତ୍ର ରହିଛି' ଗାଙ୍ଗେୟ ପଶ୍ଚିମବଙ୍ଗର ଉତ୍ତର ଅଂଶ ଏବଂ ସଂଲଗ୍ନ ଅଞ୍ଚଳ ଉପରେ ଆଉ ଏକ ଲଘୁଚାପ କ୍ଷେତ୍ର ରହିଛି। ଏହା ପ୍ରଭାବରେ ଗୁଜରାଟ, କୋଙ୍କଣ, ଗୋଆ, ବିହାର ଏବଂ ଉତ୍ତର-ପୂର୍ବ ଅଞ୍ଚଳର ବିଚ୍ଛିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

# ଡ. ଅରୁନ୍ଧତୀ ଦେବୀ ପାଇବେ 'ପ୍ରଦ୍ୟୁମ୍ନ ବଳ ସ୍ମାରକୀ ସମ୍ମାନ'

ଭୁବନେଶ୍ୱର,୨।୧୧(ବନ୍ଦନା ସେଠୀ)

ଅନ୍ତର୍ଜାତୀୟ ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଡ. ଅରୁନ୍ଧତୀ ଦେବୀ ଚଳିତବର୍ଷର 'ପ୍ରଦ୍ୟୁମ୍ନ ବଳ ସ୍ମାରକୀ ସମ୍ମାନ' ପାଇବେ। ପ୍ରଦ୍ୟୁମ୍ନ ବଳ ରାଜ୍ୟସ୍ତରୀୟ ଜୟନ୍ତୀ କମିଟି ପକ୍ଷରୁ ଜୀବନବ୍ୟାପୀ ଶିକ୍ଷା, ସମାଜସେବା ଏବଂ ଶୋଭନୀୟ ସମାଜ ଗଠନ ଦିଗରେ ତ୍ୟାଗପୂତ ଅବଦାନ ଲାଗି ଡ. ଅରୁନ୍ଧତୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ସେହିପରି ବିଭିନ୍ନ କ୍ଷେତ୍ରରେ ଅବଦାନ ଲାଗି ଭଦ୍ରକର ସାମାଜିକ କର୍ମୀ ଏସ୍.ଏମ୍. ଫାରୁକ୍, ମୟୂରଭଞ୍ଜ ଜିଲା ଇଟାମୁଣ୍ଡିଆର ଜଙ୍ଗଲ ଓ ପରିବେଶ ସୁରକ୍ଷା କର୍ମୀ ଗୋପୀନାଥ ସିଂ ଏବଂ ଯାଜପୁର ଜିଲାର ଐତିହାସିକ ତଥା ବୌଦ୍ଧ ଗବେଷକ ଡ. ହରିଶ୍ଚନ୍ଦ୍ର ପୃଷ୍ଟିଙ୍କୁ 'ପ୍ରଦ୍ୟୁମ୍ନ ବଳ ବ୍ୟକ୍ତିତ୍ୱ ସମ୍ମାନ'ରେ ସମ୍ମାନିତ କରାଯିବ। ଏହାବାଦ୍ ପୁରୀ ଜିଲା ନିମାପଡା ଅଞ୍ଚଳର ଯୁବ ସ୍ୱେଚ୍ଛାସେବୀ ସୁମନ୍ତ ମହାରଣା ଓ କ୍ରୀଡା ପ୍ରତିଭା ଭୁବନେଶ୍ୱରର ପୂଜାସ୍ୱିନୀ ନାୟକଙ୍କୁ 'ପ୍ରଦ୍ୟୁମ୍ନ ବଳ ସ୍ୱତନ୍ତ୍ର ସମ୍ମାନ'ରେ ସମ୍ମାନିତ କରାଯିବ। ଆସନ୍ତା ୮ ତାରିଖରେ ହେବାକୁଥିବା ପ୍ରଦ୍ୟୁମ୍ନ ବଳଙ୍କ ୯୩ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି।

# ତଦନ୍ତ ଠିକ୍ ନ ହେଲେ ହାଇକୋର୍ଟ ଯିବୁ: ବିଜେଡି

ଭୁବନେଶ୍ୱର,୨।୧୧(ରବିନାରାୟଣ ଜେନା)

ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାର ମାଷ୍ଟର ମାଇଣ୍ଡ ଶଙ୍କର ପୃଷ୍ଟିଙ୍କୁ କ୍ରାଇମବ୍ରାଞ୍ଚ ନେପାଳ ସୀମାରୁ ଶନିବାର ଗିରଫ କରିବା ପରେ ରାଜ୍ୟ ରାଜନୀତି ଜୋର୍ ଧରିଛି। ଏହି ପ୍ରସଙ୍ଗକୁ ନେଇ ବିଜେଡି ମୁଖ୍ୟମନ୍ତ୍ରୀ ତଥା ତାଙ୍କ କାର୍ଯ୍ୟାଳୟକୁ ଟାର୍ଗେଟ କରିବା ସହିତ ତଦନ୍ତ ଠିକ୍ ନ ହେଲେ ହାଇକୋର୍ଟ ଯିବୁ ବୋଲି କହିଛି। ଅନ୍ୟପକ୍ଷରେ ଭାଜପା ତା'ର କଡ଼ା ଜବାବ ରଖିଛି। ଅପରାଧୀ ପାତାଳରେ ଥିଲେ ବି ଖୋଜି ବାହାର କରାଯିବ ବୋଲି ଭାଜପା କହିଛି।

ରବିବାର ଶଙ୍ଖଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଗୃହ ବିଭାଗ ଦାୟିତ୍ୱରେ ଥିବା ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜ୍ଞାତସାରରେ ହିଁ ଏହି କାମ ଶଙ୍କରଙ୍କୁ ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସମେତ ଭାଜପାର ଆଗଧାଡ଼ିର ନେତୃତ୍ୱଙ୍କ ସହ ଶଙ୍କରଙ୍କ ଫଟୋ ଓ ଭାଜପାରେ ଯୋଗଦେବା ସମୟର ଫଟୋ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ତେଣୁ ଏହି ଘଟଣାରେ ସିଧାସଳଖ ମୁଖ୍ୟମନ୍ତ୍ରୀ ଓ ତାଙ୍କ କାର୍ଯ୍ୟାଳୟର ସମ୍ପୃକ୍ତି ଅଛି ବୋଲି ମହାନ୍ତି କହିଛନ୍ତି।

ସେ କହିଛନ୍ତି, ଏହି ଘଟଣାରେ ସମ୍ପୃକ୍ତ ବଡ଼ମୁଣ୍ଡକୁ ଖସାଇ ଦେବାକୁ ରାଜ୍ୟ ସରକାର ପ୍ରଥମେ କ୍ରାଇମବ୍ରାଞ୍ଚ ଓ ପରେ ସିବିଆଇ ତଦନ୍ତ ଘୋଷଣା କରିଥିଲେ। ହେଲେ ଏଯାବତ୍ ସିବିଆଇ ପକ୍ଷରୁ ତଦନ୍ତ

### ଏସ୍‌ଆଇ ପରୀକ୍ଷା ଦୁର୍ନୀତି ପ୍ରସଙ୍ଗ

### ଚୋର୍ ମଚାଏ ସୋର୍: ଭାଜପା

ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଶଙ୍କରଙ୍କୁ ଗିରଫ କରିବା ପରେ, ଗଣମାଧ୍ୟମରେ ତାଙ୍କୁ ମାଷ୍ଟରମାଇଣ୍ଡ ବୋଲି କୁହାଯାଉଛି। କିନ୍ତୁ ଆମେ ପ୍ରଶ୍ନ କରିବାକୁ ଚାହୁଁଛୁ, ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିନା ଅନୁମୋଦନରେ ଓପିଆରବି ପରୀକ୍ଷା ପରିଚାଳନା ପାଇଁ ଆଇଟିଆଇକୁ ଦାୟିତ୍ୱ ଦେଇଥିଲା କି ? ଆଇଟିଆଇ କେନ୍ଦ୍ର ସରକାରଙ୍କ ସଂସ୍ଥା ହୋଇଥିଲେ ସୁଦ୍ଧା, ଏହା ସିଲିକନ ଡିଜିଟେକ୍ ଓ ପଞ୍ଚସଫ୍ଟ ଟେକ୍ନୋଲୋଜି ଭଳି ଅନଭିଜ୍ଞ ବେସରକାରୀ ସଂସ୍ଥାକୁ ପରୀକ୍ଷା ପରିଚାଳନା ଦାୟିତ୍ୱ କାହିଁକି ଦେଲେ ବୋଲି ସେ ପ୍ରଶ୍ନ କରିଛନ୍ତି।

ଲେନିନ୍ କହିଛନ୍ତି, ପଡ଼ୋଶୀ ଆନ୍ଧ୍ରପ୍ରଦେଶ ପୋଲିସ ଯଦି ଏହି ଘଟଣାକୁ ଲୋକଲୋଚନକୁ ଆଣି ନ ଥାଆନ୍ତେ, ତେବେ ଶାସକ ଦଳର ଏହି ପ୍ରାୟୋଜିତ ପୋଲିସ ଏସ୍‌ଆଇ ନିଯୁକ୍ତି କେଲେଙ୍କାରୀ ବାବଦରେ ରାଜ୍ୟବାସୀ ଜାଣିପାର ନ ଥା'ନ୍ତେ। ଶଙ୍କର କାହା ପ୍ରୋତ୍ସାହନରେ ଏପରି ଟଙ୍କା ଆଦାୟ କରିବା ପାଇଁ ଦୁଃସାହସ କରିଥିଲେ ତାହା ଲୋକଲୋଚନକୁ ଆସିବା ଦରକାର। ଯଦି ସରକାର ପ୍ରକୃତ ତଦନ୍ତ ନ କରନ୍ତି ତେବେ ବିଜେଡି ହାଇକୋର୍ଟଙ୍କ ଆଶ୍ରୟ ନେବ ବୋଲି ଡ. ମହାନ୍ତି କହିଛନ୍ତି।

ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଭାଜପା ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି, ଚୋର୍ ମଚାଏ ସୋର୍। ମୁଖ୍ୟମନ୍ତ୍ରୀ କହିଥିଲେ ପାତାଳରେ ଥିଲେ ବି ଦୋଷୀ ଧରାଯିବ। ନେପାଳ ସୀମାରୁ ଶଙ୍କର ପୃଷ୍ଟିଙ୍କୁ କ୍ରାଇମବ୍ରାଞ୍ଚର ଟିମ୍ ଧରିଛି। ସେ ସଂସ୍ଥାକୁ ବିଜେଡି ସରକାର ସମୟରେ ଅନୁବନ୍ଧିତ କରାଯାଇଥିଲା। ଏନେଇ ଶଙ୍କର ଖୋଦ୍ ବିଜେଡି ସରକାରଙ୍କୁ ବିଜେଡି ଭୟ କରୁଛି, କାଳେ ତା'ର ଲିଙ୍କ୍ ନବୀନ ନିବାସ ଯାଏ ଥିବ ବୋଲି। ହେଲେ ସତ କେବେ ଲୁଚି ରହିବନି। ଯାହା ସତ୍ୟ ନିଶ୍ଚିତ ଭାବେ ଲୋକଲୋଚନକୁ ଆସିବ। ବିଜେଡି ବ୍ୟତିବ୍ୟସ୍ତ ନ ହୋଇ ସମୟକୁ ଅପେକ୍ଷା କରୁ ବୋଲି ସେ କହିଛନ୍ତି।

# ନୂଆପଡ଼ା ପାଇଁ ନୂଆଦିଲ୍ଲୀରେ ଡିଲ୍ ସରିଛି: କଂଗ୍ରେସ

ଭୁବନେଶ୍ୱର,୨।୧୧(ରବିନାରାୟଣ ଜେନା)

ନୂଆପଡ଼ା ଉପନିର୍ବାଚନ ପାଇଁ ନୂଆଦିଲ୍ଲୀରେ ଡିଲ୍ ହୋଇସାରିଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ରବିବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି, ଗୋଟିଏ ପଟେ ଭାଜପା କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ବିଜେଡିର ମୁଖ୍ୟ ଭି. କେ. ପାଣ୍ଡିଆନ ଏକତ୍ର ମିଶି କଂଗ୍ରେସ ବିରୋଧରେ ନିର୍ବାଚନ ଲଢୁଛନ୍ତି। ବୈଷ୍ଣବ ଏବଂ ପାଣ୍ଡିଆନଙ୍କ ବୁଝାମଣା ଅନୁଯାୟୀ,ବିଜେଡିର ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଭାଜପା ପ୍ରାର୍ଥୀ କରିଛି। ବିଜେଡି ଜାଣିଶୁଣି ସ୍ଥାନୀୟ କର୍ମକର୍ତ୍ତାଙ୍କୁ ପ୍ରାର୍ଥୀ ନ ଦେଇ ବାହାର ଜିଲାର ନେତ୍ରୀଙ୍କୁ ପ୍ରାର୍ଥୀ କରିଛି। ଉଭୟ ଦଳର ଲକ୍ଷ୍ୟ ହେଲା ଭାଜପା ପ୍ରାର୍ଥୀଙ୍କୁ ଜିତାଇବା।

ସେ କହିଛନ୍ତି, ପୂର୍ବରୁ ବିଜେଡି-ଭାଜପାର ମିଳିତ ସରକାର ଥାଇ ମଧ୍ୟ ତଳସରା ଓ ଲକ୍ଷ୍ମୀପୁର ଉପନିର୍ବାଚନ କଂଗ୍ରେସ ଜିତିଥିଲା। ଏଥର ମଧ୍ୟ କଂଗ୍ରେସ ପ୍ରାର୍ଥୀ ନୂଆପଡ଼ାରେ ବିଜୟୀ ହେବେ। ନବୀନ ପଟ୍ଟନାୟକ କେବଳ ଦୋଷ ଘୋଡ଼ାଇବା ପାଇଁ ଭାଜପା ସହିତ ଆମେ ନାହୁଁ ବୋଲି କହୁଛନ୍ତି। ହେଲେ ତାଙ୍କ କଥା ଓ ଆନ୍ତରିକତା ଭିତରେ ଯେଉଁ ବ୍ୟବଧାନ ରହିଛି ତାହାକୁ ରାଜ୍ୟବାସୀ ସମସ୍ତେ ବୁଝି ସାରିଛନ୍ତି ବୋଲି ଜେନା କହିଛନ୍ତି। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ କହିଛନ୍ତି, ବିଜେଡି ନିର୍ବାଚନ ଲଢ଼ିବାର ଅଭିନୟ କରୁଛି। କେମିତି କିଛି ସମ୍ମାନଜନକ ଭୋଟ ସଂଖ୍ୟା ହାସଲ ହେବ ସେଥିପାଇଁ ତାଙ୍କର ପ୍ରୟାସ। କିନ୍ତୁ କଂଗ୍ରେସ ସାମାଜିକ ନ୍ୟାୟ ଏବଂ ସାମୂହିକ ବିକାଶକୁ ଗୁରୁତ୍ୱ ଦେଉଛି ବୋଲି ସେ କହିଥିଲେ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଗଣ ସାଂସ୍କୃତିକ ମଞ୍ଚ ପକ୍ଷରୁ ଚିତ୍ରକଳା ଓ ସ୍ଥାପତ୍ୟ ପ୍ରଦର୍ଶନୀ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ମେଡିକାଲ୍ ଏବଂ ସେଲ୍ସ ରିପ୍ରେଜେଣ୍ଟେଟିଭ୍ ସମୂହ ପକ୍ଷରୁ ଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- ଆକ୍ସିସ୍ ବ୍ୟାଙ୍କ ସହାୟତାରେ ଅନୁଷ୍ଠିତ ସାଂସ୍କୃତିକ ଐତିହ୍ୟ ମହୋତ୍ସବ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ୍ ତାଜ୍, ୟୁନିଟ୍ ୨, ସମୟ: ମଧ୍ୟାହ୍ନ ୧୨ଟା।
- ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟାୟନ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ପ୍ରଜାପତିର ଡେଣା ନାଟକ ମଞ୍ଚସ୍ଥ, ସ୍ଥାନ, ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।

## କଟକ
- ଓଡ଼ିଶା କମର୍ସ ଆସୋସିଏଶନ୍‌ର ୪୫ତମ ବାର୍ଷିକ ସମ୍ମିଳନୀ, ସ୍ଥାନ: ସେଭେନ୍ ପିଲାର୍ସ ଅଫ୍ ୱିସ୍‌ଡମ୍ ସମ୍ମିଳନୀ କକ୍ଷ, ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପେନ୍‌ସନର ଆଣ୍ଡ ପେନ୍‌ସନର୍ସ ୱେଲଫେୟାର ବିଭାଗ ପକ୍ଷରୁ ଜୀବନ ପ୍ରମାଣ ଅଭିଯାନ, ସ୍ଥାନ: ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ପରିସର, ଚାନ୍ଦିନୀ ଚୌକ, ସମୟ: ପୂର୍ବାହ୍ନ ୧୧ଟା।
- ପେନ୍‌ସନର ଆଣ୍ଡ ପେନ୍‌ସନର୍ସ ୱେଲଫେୟାର ବିଭାଗ ପକ୍ଷରୁ ଜୀବନ ପ୍ରମାଣ ଅଭିଯାନ, ସ୍ଥାନ: ମୁଖ୍ୟ ଡାକଘର ପରିସର, ବକ୍ସିବଜାର, ସମୟ: ମଧ୍ୟାହ୍ନ ୧୨ଟା।
- ତୃତୀୟ ବୈଭବୀ କଳା ମହୋତ୍ସବର ଉଦ୍‌ଯାପନ ସମାରୋହ, ସ୍ଥାନ: ଅନ୍ନପୂର୍ଣ୍ଣା ଥିଏଟର, ବାରପଥର, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର
- ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ଅଭିଯୋଗ ଶୁଣାଣି ପ୍ରକୋଷ୍ଠ, ଜିଲାପାଳଙ୍କ କାର୍ଯ୍ୟାଳୟ,ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଆଦର୍ଶ ଶିକ୍ଷକ ସ୍ୱର୍ଗତ ଜଗନ୍ନାଥ ରାଏ ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ, ସ୍ଥାନ: କଲ୍ୟାଣ ମଣ୍ଡପ, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ସୁରଭି ମହୋତ୍ସବ, ସ୍ଥାନ: ବାଳିକା ଉଚ୍ଚ ବିଦ୍ୟାଳୟ, ଆଗରପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଶହୀଦ ସ୍ମୃତି ସଙ୍ଗୀତ ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ବ୍ଲକରୋଡ୍ ପଲାଇ କଲୋନୀ, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।
- ସଙ୍ଗୀତ କଳା ପରିଷଦର ବାର୍ଷିକ ସାଂସ୍କୃତିକ ଉତ୍ସବର ଉଦ୍‌ଯାପନୀ, ସ୍ଥାନ: ବାଲିନଗର ଯାଦବପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା ୩୦।

## କେନ୍ଦୁଝର
- ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ବିକାଶ ମହଲ, ବଡ଼ବିଲ, ସମୟ: ପୂର୍ବାହ୍ନ ୧୦ ଟା।
- ବିଜେଡ଼ି ଜନ ସମ୍ପର୍କ ପଦଯାତ୍ରା ଅଭିଯାନ, ସ୍ଥାନ: ହରିହର ମନ୍ଦିରରୁ ବିକାଶ ମହଲ, ବଡ଼ବିଲ, ସମୟ: ପୂର୍ବାହ୍ନ ୧୦ ଟା।
- ରାସ ଉତ୍ସବ ଉପଲକ୍ଷେ ଭଜନ ଓ ସତ୍‌ସଂଘ, ସ୍ଥାନ: ବଡ଼ରମ୍ପାସ, ହାଟଡ଼ିହୀ, ସମୟ : ସନ୍ଧ୍ୟା ୬ ଟା।
- ସାଇବାବାଙ୍କ ଅଖଣ୍ଡ ଜ୍ୟୋତି ଯାତ୍ରା ଉତ୍ସବ, ସ୍ଥାନ : ଖାଣ୍ଡପଦା, ହାଟଡ଼ିହୀ, ସମୟ : ସକାଳ ୭ ଟା।

## ମୟୂରଭଞ୍ଜ
- ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଘଟ ଉତ୍ତୋଳନ, ସ୍ଥାନ: ଚଡେଇଗାଁ, ମୋରଡ଼ା, ସମୟ: ସକାଳ ୯ଟା।
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟ ସମୂହ ଦୌଡ଼କୁଦ ଓ କ୍ରିକେଟ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କରଞ୍ଜିଆ, ସମୟ: ଅପରାହ୍ନ ୧ଟା।
- ଅଷ୍ଟମ ପ୍ରହର ନାମଯଜ୍ଞର ଦଧିମହୋତ୍ସବ, ସ୍ଥାନ: ମାଇନିଂ କଲୋନୀ, ବାରିପଦା, ସମୟ: ଅପରାହ୍ନ ୨ଟା।
- ଜଗଦ୍ଧାତ୍ରୀ ମେଳାର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଭପୁର ଜଗଦ୍ଧାତ୍ରୀ ପଡ଼ିଆ, ବାରିପଦା, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର
- ବେଦ ପ୍ରବଚନ, ସ୍ଥାନ: ପାଢ଼ୀ ସେଲିବ୍ରେସନ, ଗିରିରୋଡ, ସମୟ: ସନ୍ଧ୍ୟା ୬ଟା ୩୦।

## କନ୍ଧମାଳ
- ବିଜେଡିର ପଦଯାତ୍ରା,ସ୍ଥାନ: ସାରିଙ୍ଗିଇର୍ପି ପଡିଆଠାରୁ ଆରମ୍ଭ ମିଶ୍ର କଲ୍ୟାଣ ମଣ୍ଡପରେ ବୈଠକ, ସମୟ: ପୂର୍ବାହ୍ନ ୧୧ ଟା।

## ଢେଙ୍କାନାଳ
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର
- ବିଜୟା ମାର୍କେଟ ବ୍ୟବସାୟୀଙ୍କ ପକ୍ଷରୁ ଅଷ୍ଟମପ୍ରହରୀ ନାମଯଜ୍ଞ ଓ କଳସ ଶୋଭାଯାତ୍ରା, ସ୍ଥାନ: ବଡ଼ପଡ଼ିଆ ବଜାର, ପାରାଦୀପ ସମୟ: ସକାଳ ୬ଟା।
- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୦ଟା।
- ଡ୍ରଗ୍ସ ମୁକ୍ତ ଅଭିଯାନ(ୱାଦା) ସଙ୍ଗଠନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ,ସ୍ଥାନ: ସରକାରୀ ଆଇଟିଆଇ କେନ୍ଦ୍ର, ନୂଆଗଡ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ଜିଲା ଚେସ୍ ଆସୋସିଏଶନ ପକ୍ଷରୁ ଆନ୍ତଃରାଜ୍ୟ ମହିଳା ଚେସ୍ ଚାମ୍ପିୟନସିପ୍, ସ୍ଥାନ: ସ୍ୱୟଂସିଦ୍ଧା ହୋଟେଲ, ଗରାପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।
- ଭଜନ ସମ୍ରାଟ ଭିକାରୀ ବଳଙ୍କ ପୁଣ୍ୟତିଥି ପାଳନ, ସ୍ଥାନ: ଭାବଗ୍ରାହୀ କଳା ନିକେତନ, ବାରୁଅ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଯାଜପୁର ଜିଲା ପରିଷଦ ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ରାହାସ ପୂର୍ଣ୍ଣିମା ଉତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକ ବଳରାମପୁରଗଡ଼ ଜଗନ୍ନାଥ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼
- ଶ୍ରୀମଦ୍ ଭାଗବତ ସପ୍ତାହ ମହାଯଜ୍ଞ ପାରାୟଣ ଓ ପ୍ରବଚନର ସପ୍ତମ ଦିବସରେ ରାଜସୂୟ ଯଜ୍ଞ ଓ ହଂସ ଉପାଖ୍ୟାନ, ସ୍ଥାନ: ଜଳେଶ୍ୱର ମହାଦେବଙ୍କ ପୀଠ, ମାଳିସାହି ଡିହଗାଁ, ସମୟ: ସକାଳ ୬ରୁ ରାତ୍ର ୧୦.୩୦।
- ଜଗନ୍ନାଥ ମହାପ୍ରଭୁଙ୍କ ପଞ୍ଚକର ୨ୟ ଦିବସରେ ବାଙ୍କଚୁଡା ବେଶ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ।
- ମନ୍ଦିର ପ୍ରତିଷ୍ଠା, ବାର୍ଷିକ ଉତ୍ସବ ଓ କାର୍ତ୍ତିକ ପୂର୍ଣ୍ଣିମା ଅଁଳା ନବମୀ ଯାତ୍ରାର ଚତୁର୍ଥ ଦିବସରେ ଯଜ୍ଞ ଓ ନାମ ସଂକୀର୍ତ୍ତନ, ସ୍ଥାନ: ଦଶପଲ୍ଲା ବ୍ଲକ ଖମାରସାହି ପଞ୍ଚାୟତ ଭୀମରା ପାହାଡ, ସମୟ:ସକାଳ ୭ଟା ।
- ଶରତ ରାସ ଯାତ୍ରା ମହୋତ୍ସବର ୨ୟ ଦିବସରେ ବୃନ୍ଦା ଗର୍ବ ଗଞ୍ଜନ ଓ ଗୋପୀଙ୍କର ବିଳାପ, ସ୍ଥାନ: ଦଶପଲ୍ଲା ସହର ଗୋପୀନାଥ ଜୀଉ ବିଜେ ସାତପାଟଣା, ସମୟ:ସକାଳ ୭ଟା।
- ପଞ୍ଚଦଶ ଭାଗବତ ପାରାୟଣର ସୂର୍ଯ୍ୟପୂଜା, ହୋମ, ଭାଗବତ ପାରାୟଣ, ଭଜନ କୀର୍ତ୍ତନ ଓ ପ୍ରବଚନର ଷଷ୍ଠ ଦିବସ, ସ୍ଥାନ ; ନୟାଗଡ ବ୍ଲକ ବେଗୁନିଆଁ ପାଟଣା ଗୋପୀନାଥ ଜୀଉଙ୍କ ମନ୍ଦିର, ସମୟ: ସକାଳ ୭ଟା ।

## ରାୟଗଡ଼ା
- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ସରକାରୀ ହାଇସ୍କୁଲ ପଡିଆ, ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଉମରକୋଟ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ ଟା ।
- ଆଇନ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: କୁଟୁରିଛାପର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଝରିଗାଁ, ସମୟ: ଅପରାହ୍ନ ୩ଟା।

## କୋରାପୁଟ
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଯୁବପାତ୍ରପୁଟ, କୁନ୍ଦୁରା ବ୍ଲକ୍, ସମୟ: ସକାଳ ୭ଟା।
- ରାଜ୍ୟସ୍ତରୀୟ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କୋରାପୁଟ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ବୋରିଗୁମ୍ମା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ଜମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର, କୋଟପାଡ଼, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ଭେଜା ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ପାକଝୋଲା ପଞ୍ଚାୟତ କାର୍ଯ୍ୟାଳୟ, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ନନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକ୍‌ସ୍ତରୀୟ ପରବ ପ୍ରସ୍ତୁତି ବୈଠକ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର ବୈଠକ ଗୃହ, ନନ୍ଦପୁର, ସମୟ: ଅପରାହ୍ନ ୩ଟା।
- ବସ୍‌ଷ୍ଟାଣ୍ଡ ନିର୍ମାଣ ନେଇ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୫ଟା।

## ସମ୍ବଲପୁର
- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : ଧନକଉଡା ବ୍ଲକ ପରିସର, ସମୟ : ସକାଳ ପୂର୍ବାହ୍ନ ୧୦ଟା।
- .ଭାଗବତ ସପ୍ତାହ ଜ୍ଞାନଯଜ୍ଞ, ସ୍ଥାନ : ମୁଦିପଡା ପଦ୍ମକେଶରୀ ପାର୍କ ସ୍ଥିତ ଶ୍ରୀରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ, ସମୟ : ପୂର୍ବାହ୍ନ ୧୦ଟା।
- ଶ୍ରୀରାମ କଥା ଭକ୍ତ ମଣ୍ଡଳ ଆୟୋଜିତ ଶ୍ରୀରାମ କଥା ପ୍ରବଚନ, ସ୍ଥାନ : କ୍ଷେତରାଜପୁର ଦୁର୍ଗା ମଙ୍ଗଳମ, ସମୟ : ଅପରାହ୍ନ ୩ଟାରୁ ରାତି ୭ଟା ।
- ୟଙ୍ଗ ବଏଜ ଆସୋସିଏଶନ ପକ୍ଷରୁ ସହୀଦ କୁଞ୍ଜଲ ସିଂ ସ୍ମାରକୀ କବାଡି ଟୁର୍ନାମେଣ୍ଟର ପ୍ରସ୍ତୁତି ବୈଠକ, ସ୍ଥାନ : ବାଲିବନ୍ଧା ସ୍ଥିତ ବ୍ରଜମୋହନ ପାର୍କ, ସମୟ : ଅପରାହ୍ନ ୪ଟା।

## ବଲାଙ୍ଗୀର
- ଖପ୍ରାଖୋଲରେ ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପୂର୍ବରୁ ସ୍ଥିରୀକୃତ କୌଣସି କର୍ମାରମ୍ଭ ସକାଶେ ଯୋଜନା ପ୍ରସ୍ତୁତ କରିବେ। ପାରିବାରିକ ସମସ୍ୟା ସମାଧାନ ହେବା ସକାଶେ ଜଣେ ପ୍ରିୟ ବନ୍ଧୁ ମାର୍ଗଦର୍ଶକ ସାଜିପାରନ୍ତି। ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମ ଚଳାଇ ନେବା ପାଇଁ ଚେଷ୍ଟା କରିପାରନ୍ତି। ପରିବହନ, ବାଣିଜ୍ୟ, ହୋଟେଲ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହେବେ।

**ବୃଷ** ପ୍ରତ୍ୟୁଷ ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା, ବାଣିଜ୍ୟ ପ୍ରଭୃତି କ୍ଷେତ୍ରରେ ପ୍ରତିକୂଳ ଗ୍ରହସ୍ଥିତି ବାଧକ ସାଜିପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନ ଭଲ ରହିବ। ସମସ୍ୟା ଭିତରେ ଗତିକଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ। ପରିବାର ସଦସ୍ୟଙ୍କ ମନକୁ ପାଇଲା ଭଳି ମୂଲ୍ୟବାନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇ ପାରନ୍ତି।

**ମିଥୁନ** ଗୋଳମାଳିଆ ପରିସ୍ଥିତିରେ ମଧ୍ୟସ୍ଥତା କରିଥିବାରୁ ଅନ୍ୟକୁ କୈଫିୟତ୍ ଦେବାକୁ ପଡିପାରେ। ବ୍ୟବସାୟରେ ସମସ୍ୟା ବଡ଼ ଆକାର ଧାରଣ କରିବାର ଆଶଙ୍କା ରହିଛି। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ସାଧାରଣ କଥାକୁ ନେଇ ରାଗିଥିବା ଅବୁଝା ବନ୍ଧୁଙ୍କୁ ବୁଝାଇ ମନାଇବା କଷ୍ଟକର ହୋଇପଡ଼ିବ।

**କର୍କଟ** ଆଜି ଭୁଲ୍ ବୁଝାମଣାରୁ ପରିବାରରେ ମତାନ୍ତର ଦେଖାଦେବ। ଆପଣଙ୍କ ମଧୁର ବିନୟ ବଚନ ପ୍ରଭାବରୁ ସମସ୍ୟାଗୁଡିକର ସରଳ ସମାଧାନ କରିବାରେ ସଫଳ ହେବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବନ୍ଧୁ ଗହଣରେ ଆଲୋଚନାକୁ କେନ୍ଦ୍ରକରି ଭାବପ୍ରବଣତା ବୃଦ୍ଧି ପାଇପାରେ।

**ସିଂହ** ଆଜିର ଫେରନ୍ତା ରାସ୍ତାରେ କୌଣସି ବ୍ୟକ୍ତିଙ୍କୁ ଦୀର୍ଘ ସମୟ ଅପେକ୍ଷା କରି ବିବ୍ରତ ହେବେ। ପରିବାର ଓ କର୍ମକ୍ଷେତ୍ରରେ ରହିଥିବା ବ୍ୟତିକ୍ରମ ବିଷୟ ଚିନ୍ତାକରି ମନ ବିଚଳିତ ରହିବ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ମାନସିକ ସ୍ଥିତିକୁ ବିପନ୍ନ କରିପାରେ। ସହକର୍ମୀଙ୍କ ସହିତ ପାରସ୍ପରିକ ମତଭେଦ, ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ।

**କନ୍ୟା** ପାରିବାରିକ ସହଯୋଗରେ ଚେଷ୍ଟା କରୁଥିବା କାମ ପାଇଁ ଖୋରାକି ମିଳିଯିବାର ସୂଚନା ରହିଛି। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା କ୍ଷେତ୍ରରେ ସମସ୍ୟା ସମାଧାନର ରାସ୍ତା ବାହାର କରିବାରେ ସମର୍ଥ ହେବେ। ବନ୍ଧୁଙ୍କ ସହ ଆଲୋଚନା କରିବାର ସୁଯୋଗ ଲାଭକରିବେ। ଅଫିସରୁ ଆସିବା ବାଟରେ ପସନ୍ଦର ଜିନିଷଟି କିଣିବା ପାଇଁ ମନସ୍ଥ କରିବେ।

**ତୁଳା** ପ୍ରତ୍ୟେକ କ୍ଷେତ୍ରରେ ମନର ଅସନ୍ତୋଷକୁ ପରିପ୍ରକାଶ କରି ବନ୍ଧୁଙ୍କ ସହ ସମ୍ପର୍କ କ୍ଷୁଣ୍ଣ କରିପାରନ୍ତି। ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବାରେ ପ୍ରଯତ୍ନ କଲେ ବିଫଳ ହେବନି। ଶିଳ୍ପ, ବାଣିଜ୍ୟ, ପରିବହନ ଓ କର୍ମାରମ୍ଭ କ୍ଷେତ୍ରରେ ସଫଳତା ମିଳିବ। ରଚନାତ୍ମକ କାମରେ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ, ଚୁକ୍ତିପତ୍ର କରିବାରେ ସଫଳ ହେବେ।

**ବିଛା** ଅଭିଳଷିତ କାର୍ଯ୍ୟ ହାସଲ ନ ହେବାରୁ ମାନସିକ ଅସ୍ଥିରତା ସୃଷ୍ଟି ହେବ। ଅର୍ଥନୈତିକ ଉନ୍ନତି, ସାମାଜିକ ପ୍ରଗତି, ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ହେତୁ ଦିନଟି ଖୁସିରେ କଟିବ। ବନ୍ଧୁମିଳନ, ନୂତନ ସମ୍ପର୍କ, ପ୍ରୀତିପ୍ରଦ ଆଲୋଚନାର ସୁଯୋଗ ପାଇବେ। ସାମ୍ବାଦିକତା, ପ୍ରଶାସନ, ରାଜନୀତି, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ।

**ଧନୁ** ବିଗତ ଦିନର ଘଟଣାକୁ କେନ୍ଦ୍ରକରି ଅନ୍ୟମନସ୍କତା ଯୋଗୁ ମନୋବଳ ହ୍ରାସ ପାଇବ। ଆଲୋଚନା ପରିସରରେ, ସଭାରେ, ତର୍କ ଓ ବିବାଦରେ, ଆଇନ ଅଦାଲତରେ ସ୍ଥଗିତ କାମକୁ ପୂରା କରିବେ। ବକେୟା ଅର୍ଥ ଆଦାୟରେ ଜଣେ ବନ୍ଧୁ ସାହାଯ୍ୟ ପାଇଁ ଆଗେଇ ଆସିପାରନ୍ତି। ବିବାଦୀୟ ଘଟଣାରେ ହସ୍ତକ୍ଷେପ କରିବା ଠିକ୍ ହେବ ନାହିଁ।

**ମକର** ଆଜି ଯେତେ ଚେଷ୍ଟା କଲେ ମଧ୍ୟ ସବୁ ବିଳମ୍ବରେ ହିଁ ସମ୍ପନ୍ନ ହେବ। ବିବାଦୀୟ ଘଟଣାର ଦିଗ ବଦଳି ଯାଇପାରେ, ଯାହା ସମସ୍ୟାକୁ କମାଇ ଦେବ। କଥା ଦେଇଥିବା ବନ୍ଧୁ ଠିକ୍ ସମୟରେ ନ ଫେରିବାରୁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପରିବାର କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢିଯିବାରୁ ବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ** କର୍ମକ୍ଷେତ୍ରରେ ଆତ୍ମୀୟତାର ସହ କାମ କରିବେ ସତ କିନ୍ତୁ ପ୍ରତିବଦଳରେ ଓଲଟା ଫଳ ପାଇବେ । ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଥିଲେ ମଧ୍ୟ ଘରୋଇ ବ୍ୟାପାର ନେଇ ମାନସିକ ଅସୁସ୍ଥତା ଲାଗିରହିବ। ପଡ଼ୋଶୀ କିମ୍ବା ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ଚେଷ୍ଟା କରୁଥିବା କାମରେ, ଆନୁଷ୍ଠାନିକ କ୍ଷେତ୍ରରେ ଉପକୃତ ହେବେ।

**ମୀନ** ଆଜିର ଯାତ୍ରା, ବ୍ୟବସାୟ, ପ୍ରତିଯୋଗିତା, ବନ୍ଧୁଙ୍କ ସହ ବାର୍ତ୍ତାଳାପ, ପ୍ରଶାସନିକ ଆଲୋଚନା ସମସ୍ୟା ମୁକ୍ତ ରହିବ। ପରିବାରରେ ସମସ୍ୟାର ସାମ୍ନା କରି ନ ପାରି ବିବ୍ରତ ହେବେ। ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡ଼ିକ ସମ୍ପନ୍ନ କରିବାରେ ଅସୁବିଧା ହେବ ନାହିଁ। ଦୋକାନ, ନିର୍ମାଣ, ଯାତ୍ରା, ବିବାଦ, ସଭାସମିତି ପ୍ରଭୃତିରୁ ଆଶ୍ୱସ୍ତି ଲଭିବେ।

ଆଜି ନଭେମ୍ବର ୩ ତାରିଖ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ତ୍ରିବିକ୍ରମ ବା ଆଡ଼କିଆ ବେଶ, କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ସୋମବାର। ରାଶିନକ୍ଷତ୍ର-ଉତ୍ତରଭାଦ୍ରପଦ/ମୀନ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୫୨ ଗତେ ଘ.୦୭.୧୬ ମଧ୍ୟେ,୦୮.୫୨ ଗତେ ଶୁଦ୍ଧ ଶୁଭ ବେଳା । ଦିବା ଘ.୦୭.୧୬ ଗତେ ଘ.୦୮.୪୧ ମଧ୍ୟେ ରାହୁ କାଳ।

# ପ୍ରଥମ ପୃଷ୍ଠାରୁ...

## କକ୍ଷପଥରେ ସବୁଠୁ ଓଜନଦାର ...

ଏଲ୍‌ଭିଏମ୍୩-ଏମ୍୫ ହେଉଛି ୩ ପର୍ଯ୍ୟାୟ ଲଞ୍ଚ୍ ଭେହିକିଲ୍। ଏଥିରେ ୨ଟି ସଲିଡ୍ ମୋଟର ଷ୍ଟ୍ରାପ୍-ଅନ୍(ଏସ୍୨୦୦) ଏବଂ ଗୋଟିଏ ଲିକ୍ୟୁଇଡ୍ ପ୍ରୋପେଲାଣ୍ଟ କୋର ଷ୍ଟେଜ୍(ଏଲ୍୧୧୦) ଏବଂ ଗୋଟିଏ କ୍ରିଓଜେନିକ୍ ଷ୍ଟେଜ୍ (ସି୨୫) ରହିଛି, ଯାହା ଇସ୍ରୋକୁ ଓଜନଦାର କମ୍ୟୁନିକେଶନ ସାଟେଲାଇଟ୍ ଲଞ୍ଚ୍ କରାଇବାରେ ଆତ୍ମନିର୍ଭରଶୀଳ କରିପାରିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଙ୍ଗାଏ ମାହାର୍ଦ୍ଧ ଛୁଇଁଲେ ଯେ,**
**କଣିକାଏ ନିର୍ମାଲ୍ୟ ଛୁଇଁଲେ ସେ ।**

ଅଙ୍ଗାଏ ମାହାର୍ଦ୍ଧ ବା ମହାପ୍ରସାଦ ଯାହା କାଣିକାଏ ନିର୍ମାଲ୍ୟ ତାହା। ସ୍ଥଳବିଶେଷରେ ଏ ସବୁ ଏକା କଥା। ମହାପ୍ରସାଦରେ ଅଳ୍ପ ବହୁତ ଭେଦ ବିଚାର୍ଯ୍ୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଗନ ଗଛର ମୁଣ୍ଡି ହଳଦୀ ଲୋ,**
**ଝିଙ୍ଗର ଗଛର ଛାଇ;**
**ଆଡ଼ ହୋଇଯାଅ ଟୋକା ଦିଅରଲୋ !**
**ମୁଁ ଯିବି ଚାଉଳ ଧୋଇ ।**

ନୂଆକରି ଶାଶୁ ଘରେ ପାଦ ଦେଇଥିବା ବୋହୂ ମନରେ ଲାଜ ଓ ସଂକୋଚ ଭାବ ରହିଥାଏ। ଘରର ପୁରୁଷ ସଦସ୍ୟଙ୍କ ଆଗରେ ସେ ନିଜକୁ ଅସହଜ ମନେ କରିଥାଏ। ଏପରି ସ୍ଥଳେ ଚାଉଳ ଧୋଇବା ପାଇଁ ଯାଉଥିବା ବୋହୂଟି ବୟସ୍କ ଦିଅରକୁ ଆଡ଼ ହୋଇଯିବା ନେଇ ଅନୁରୋଧ କରିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଅସମ୍ଭାଳ ଭିଡ଼...

ବ୍ୟାରିକେଡ୍ କରାଯାଇଥିଲେ ମଧ୍ୟ ଅନେକ ଭକ୍ତ ବ୍ୟାରିକେଡ୍‌ରେ ନ ଆସି ହାତ କରି ଗଳାବାଟେ ସିଂହଦ୍ୱାର ଓ ଅନ୍ୟଦ୍ୱାରରେ ଯାଉଥିବା ଦେଖିବାକୁ ମିଳିଥିଲା। ପ୍ରବଳ ଭକ୍ତଙ୍କ ସମାଗମ ହେବାରୁ ଅଣନିଃଶ୍ୱାସୀ ପରିସ୍ଥିତି ସହ ଠେଲାପେଲା ହୋଇଥିଲା। ଘଣ୍ଟା ଘଣ୍ଟା ଧରି ବ୍ୟାରିକେଡ୍‌ରେ ଠିଆ ହେବା ଫଳରେ ଅନେକ ଭକ୍ତ ବ୍ୟାରିକେଡ୍ ଭାଙ୍ଗି ଧସେଇ ପଶିଥିଲେ। ସେହିପରି ପୋଲିସ ପକ୍ଷରୁ ସୂଚନା ଦିଆଯାଇଥିଲା ଯେ, ଭକ୍ତମାନଙ୍କୁ ଉତ୍ତମ ବ୍ୟବହାର କରିବା ପାଇଁ, ମାତ୍ର ପୋଲିସ ଅନେକ ସମୟରେ ଭକ୍ତଙ୍କୁ ଠେଲାପେଲା କରୁଥିବା ଦେଖାଯାଇଛି। ଅପରାହ୍ନ ୫ଟାରେ ଠେଲାପେଲା ପରିସ୍ଥିତି ହେବା ସହ ବ୍ୟାରିକେଡ୍ ଭାଙ୍ଗିଥିବା ସୂଚନା ମିଳିଛି।

ଦର୍ଶନ ବ୍ୟବସ୍ଥା ସମ୍ପର୍କରେ କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ୍ ନାୟକ କହିଛନ୍ତି, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନେଇ ଶ୍ରୀମନ୍ଦିର ବାହାରେ ଓ ଭିତରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ୩୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଶ୍ରଦ୍ଧାଳୁ ଯେପରି ଶୃଙ୍ଖଳିତ ଦର୍ଶନ କରିବେ ସେଥିପାଇଁ ପୋଲିସ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଉତ୍ତମ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି। ଭକ୍ତଙ୍କ ସୁବିଧା ପାଇଁ ମାର୍କେଟଛକଠାରୁ ବ୍ୟାରିକେଡ୍ କରାଯାଇଛି। ପାଣି, ଓଆର୍‌ଏସ୍ , ପାଣି ସିଞ୍ଚନ, ଆମ୍ବୁଲାନ୍ସ, ଫାୟାର ବ୍ୟବସ୍ଥା କରାଯାଇଛି। କାର୍ତ୍ତିକ ପୂର୍ଣ୍ଣିମା ପାଇଁ ବ୍ୟବସ୍ଥା ଆହୁରି ସୁଦୃଢ଼ କରାଯିବ ବୋଲି ସେ କହିଛନ୍ତି। କଣାସ ଅଞ୍ଚଳର ଭକ୍ତ ସବିତା ପଟ୍ଟନାୟକ କହିଛନ୍ତି, ଏକଦଶୀରେ ଦର୍ଶନ ପାଇଁ ଆସିଥିଲୁ। ମାର୍କେଟ୍ ଛକଠାରୁ କରାଯାଇଥିବା ବ୍ୟାରିକେଡ୍‌ରେ ଆସି ମହାପ୍ରଭୁଙ୍କ ଦର୍ଶନ କଲୁ। ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି, ମାତ୍ର ତାହା ଯଥେଷ୍ଟ ନୁହେଁ। ବ୍ୟାରିକେଡ୍‌ରେ ପୂର୍ବାହ୍ନ ୧୧ଟାରୁ ଠିଆ ହୋଇ ସନ୍ଧ୍ୟାରେ ଯାଇ ଦର୍ଶନ କରିବାର ସୁଯୋଗ ମିଳିଥିଲା। ପ୍ରାୟ ୬ ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଲା। ଭିଡ଼ ନିୟନ୍ତ୍ରଣ କରିବାରେ ପୋଲିସ ବିଫଳ ହୋଇଛି।

ଝାଡ଼ସୁଗୁଡ଼ାରୁ ଆସିଥିବା ଭକ୍ତ କୁମୁଦିନୀ ନାୟକ କହିଛନ୍ତି, ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିଲା। ମନ୍ଦିରେ ମଧ୍ୟକୁ ଯାଇ ଦର୍ଶନ କରବାକୁ ଭୟ ଲାଗିଲା। ତେଣୁ ମନ୍ଦିର ଭିତରକୁ ଯାଇପାରିଲି ନାହିଁ। ପରିକ୍ରମା କରି କି ଫେରିବି, ସୋମବାର ଗହଳି ଯଦି କମିବ, ତେବେ ଶ୍ରୀମନ୍ଦିର ଯିବି। ଏତେ ଗହଳି ଯେ ରାସ୍ତା ପାଉନାହିଁ। ଅସମ୍ଭାଳ ଭିଡ଼ ବ୍ୟବସ୍ଥା ଠିକ୍ ନାହିଁ। ଶୁକ୍ରବାର ଦର୍ଶନ ପାଇଁ ଯାଇଥିଲୁ, ମାତ୍ର ଦର୍ଶନ କରିପାରିଲୁନି। ଭିତର ବ୍ୟବସ୍ଥା ଆହୁରି ସୁଦୃଢ଼ ହେବା ଆବଶ୍ୟକ। ପଛରେ ରହୁଥିବା ଲୋକ ଦର୍ଶନ କରିପାରୁନାହାନ୍ତି, ତେଣୁ ଏଥିପ୍ରତି ଧ୍ୟାନ ଦିଆଯାଉ ବୋଲି ନାୟକ କହିଛନ୍ତି।

## ସ୍ମୃତି-ଶେଫାଳିଙ୍କ ...

୪ଥ ବଲ୍‌ରେ ମନ୍ଧାନାଙ୍କୁ ସିନାଲୋ ଜାଫାଙ୍କ ହାତରେ କ୍ୟାଚ କରାଇ ଦକ୍ଷିଣ ଆଫ୍ରିକାକୁ ବ୍ରେକ୍ ଥ୍ରୁ ଦେଇଥିଲେ କ୍ଲୋ ଟ୍ରାୟନ। ମନ୍ଧାନା ୫୮ ବଲ୍‌ରୁ ୪୫ (୮ ଚୌକା) ରନ କରିଥିଲେ। ପ୍ରତୀକା ରାୱଲ ଆହତ ହେବାପରେ ସେମିଫାଇନାଲରେ ଦଳକୁ ଡାକରା ପାଇଥିବା ଶେଫାଳି କିନ୍ତୁ ଫାଇନାଲରେ ନିଜ ଦକ୍ଷତାର ପ୍ରମାଣ ଦେଇଥିଲେ। ଦ୍ରୁତ ହାରରେ ରନ ସଂଗ୍ରହ କରି ଭାରତକୁ ବଡ଼ ସ୍କୋର ଦିଗରେ ଅଗ୍ରସର କରାଉଥିବା ଶେଫାଳି ଏଠାରେ ୭୮ ବଲ୍‌ରେ ୭ ଚୌକା ଓ ୨ ଛକା ସହାୟତାରେ ୮୭ ରନକରି ପ୍ୟାଭିଲିୟନ ଫେରିଥିଲେ। ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ଭାରତ ପାଇଁ ମ୍ୟାଚ ବିଜୟୀ ଶତକୀୟ ଇନିଂସ ଖେଳିଥିବା ଜେମିମା ରେଡ୍ରିଗ୍ସ ଏଠାରେ ମାତ୍ର ୨୪ (୩୭ ବଲ, ୧ ଚୌକା) ରନକରି ଆଉଟ ହେବା ଭାରତ ପାଇଁ ଶକ୍ତ ଝଟ୍‌କା ସଦୃଶ ହୋଇଥିଲା। ତାଙ୍କ ଉଇକେଟ ପତନ ପରେ ଅଧିନାୟକ ହରମନପ୍ରୀତ କୌର ଓ ଦୀପ୍ତି ଶର୍ମା ସତର୍କତାର ସହ ଖେଳିଥିଲେ। ସେମିଫାଇନାଲରେ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ହରମନପ୍ରୀତ୍ ମାତ୍ର ୨୦ ରନକରି ସ୍ପିନର ନନ୍‌କୁଲୁଲେକୋ ମଲାବାଙ୍କ ବଲ୍‌ରେ ଆଉଟ ହେବାରୁ ୨୨୩ ରନରେ ଭାରତର ୪ର୍ଥ ଉଇକେଟର ପତନ ଘଟିଥିଲା। ତେବେ ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ନକ୍‌ଆଉଟରେ ସେ ସର୍ବାଧିକ ରନ କରିବାରେ ରେକର୍ଡ କରିଥିଲେ। ସେ ୪ ଇନିଂସରୁ ୩୩୧ ରନ କରିଥିବାବେଳେ ପୂର୍ବରୁ ବେଲିଣ୍ଡା କ୍ଲାର୍କ ୩ ଇନିଂସରୁ ୩୩୧ ରନକରି ରେକର୍ଡର ଅଧିକାରିଣୀ ଥିଲେ। ମିଡିଲ ଅର୍ଡରରେ ଅମନଜୋତ କୌର ମାତ୍ର ୧୨ ରନ କରିବାକୁ ସକ୍ଷମ ହୋଇଥିଲେ ହେଁ ଅଲ୍‌ରାଉଣ୍ଡର ଦୀପ୍ତି ଶର୍ମା ଖେଳିଥିଲେ ଅନ୍ୟତମ ଶ୍ରେଷ୍ଠ ଇନିଂସ। ସେ ଅର୍ଦ୍ଧଶତକ ହାସଲ କରିବା ସହ ଷଷ୍ଠ ଉଇକେଟରେ ରିଚା ଘୋଷଙ୍କ ସହ ୩୫ ବଲ୍‌ରୁ ମୂଲ୍ୟବାନ ୪୭ ରନର ଭାଗୀଦାରି ଗଢ଼ିଥିଲେ। ରିଚା ୨୪ ବଲ୍‌ରୁ ଦ୍ରୁତ ୩୪ (୩ ଚୌକା, ୨ ଛକା) ଏବଂ ଦୀପ୍ତି ୫୮ (୫୮ ବଲ, ୩ ଚୌକା, ୧ ଛକା) ରନ କରିବାକୁ ସକ୍ଷମ ହୋଇଥିଲେ। ଦକ୍ଷିଣ ଆଫ୍ରିକା ବୋଲରଙ୍କ ମଧ୍ୟରେ ଆୟାବୋଙ୍ଗା ଖାକା ୩ଟି ଏବଂ ନନ୍‌କୁଲୁଲେକୋ ମଲାବା, ନାଡିନେ ଡି କ୍ଲାର୍କ, କ୍ଲୋ ଟ୍ରାୟନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

## ୧୦୦୦ କୋଟି ...

୧୨୩ ଜଣ ଗିରଫ ହୋଇଥିଲେ। ଏମାନଙ୍କ ମଧ୍ୟରୁ ୧୧୪ ଚାକିରି ଆଶାୟୀ ଜାମିନରେ ମୁକୁଳିଥିବାବେଳେ ୯ ମଧ୍ୟସ୍ଥ ଜେଲରେ ଅଛନ୍ତି। ତେବେ ଶଙ୍କର ଗିରଫ ହେବା ପରେ ଏହି ସଂଖ୍ୟା ୧୨୪ରେ ପହଞ୍ଚିଛି। ସୂଚନାଯୋଗ୍ୟ, ଓଡ଼ିଶା ପୋଲିସ ନିଯୁକ୍ତି ବୋର୍ଡ(ଓପିଆର୍‌ବି) ଦ୍ୱାରା ପରିଚାଳିତ ହେବାକୁ ଥିବା ଏହି ପରୀକ୍ଷାକୁ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସଂସ୍ଥା ଆଇଟିଆଇକୁ ଦିଆଯାଇଥିଲା। ଆଇଟିଆଇ ଏହାକୁ ସିଲିକନ୍ ଟେକ୍‌ଲାବ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ସବ୍ କଣ୍ଟ୍ରାକ୍ଟ ଦେଇଥିଲା। ସିଲିକନ୍ ଏହି କାମକୁ ଶଙ୍କରଙ୍କ ମାଲିକାନାରେ ଥିବା ପଞ୍ଚସଫ୍ଟକୁ ଦେଇଥିଲା। କେତେଜଣ ଅଧିକାରୀଙ୍କ ସହ ମିଶି ଶଙ୍କର ଜାଲିଆତି ଯୋଜନା କରିଥିଲେ ବୋଲି ଅଭିଯୋଗ ରହିଛି। ଶଙ୍କରଙ୍କ ନିର୍ଦ୍ଦେଶରେ ମୁନା ଭୁବନେଶ୍ୱରର ଏକ ଟ୍ରାଭେଲ ଏଜେନ୍ସିରୁ ୩ଟି ବସ୍ ଠିକ୍ କରିଥିଲେ। ସେଥିପାଇଁ ମୁନା ୨.୩୦ ଲକ୍ଷ ଟଙ୍କା ମଧ୍ୟ ନିଜ ମା'ଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଦେଇଥିଲେ। ଏହି ଆପରାଧିକ କାର୍ଯ୍ୟରେ ସେ ନିଜ ଭଉଣୀଙ୍କ ସାଙ୍ଗ ପ୍ରିୟଦର୍ଶନୀ ସାମଲଙ୍କୁ ମଧ୍ୟ ସାମିଲ କରିଥିଲେ। ହେଲେ ଏହି ର୍‍ୟାକେଟ ଧରାପଡ଼ିବା ପରେ ପ୍ରିୟଦର୍ଶନୀଙ୍କ ମାଧ୍ୟମରେ ପ୍ରାର୍ଥୀ(ଚାକିରି ଆଶାୟୀ)ମାନଙ୍କ ଅଭିଭାବକଙ୍କୁ ସାର୍ଟିଫିକେଟ ଫେରାଇ ପ୍ରମାଣ ନଷ୍ଟ କରିବାର ପ୍ରୟାସ କରାଯାଇଥିଲା। ପ୍ରିୟଦର୍ଶନୀ ମଧ୍ୟ ପ୍ରାର୍ଥୀମାନଙ୍କଠାରୁ ଅର୍ଥ ଆଦାୟ କରିବାରେ ସକ୍ରିୟ ଭୂମିକା ନେଇଥିଲେ।

## ମେକ୍ସିକୋ ଷ୍ଟୋରରେ ...

କରୁଥିବାବେଳେ ନିଆଁ ଲାଗି ଚାହୁଁ ଚାହୁଁ ସମ୍ପୂର୍ଣ୍ଣ ବିଲ୍ଡିଂକୁ ବ୍ୟାପିଥିଲା। ଲୋକେ ପ୍ରାଣବିକଳରେ ପଳାଇବାକୁ ଉଦ୍ୟମ କରିଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାବେଳକୁ ୨୩ ଜଣଙ୍କ ମୃତ୍ୟୁ ଘଟିସାରିଥିଲା। ଅଗ୍ନିକାଣ୍ଡ ଏତେ ଭୟାବହ ଥିଲା ଯେ ସମ୍ପୃକ୍ତ ଅଞ୍ଚଳର ଆକାଶ ଧୂଆଁମୟ ହୋଇଯାଇଥିଲା। ନିକଟରେ ଥିବା କେତୋଟି କାର୍ ମଧ୍ୟ ଜଳିଯାଇଥିଲା। ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ଶେଇନବଉମ୍ ଏନେଇ ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ପ୍ରଭାବିତ ଲୋକଙ୍କୁ ସହାୟତା ପାଇଁ ଏକ ସଙ୍ଘୀୟ ଟିମ୍‌କୁ ସେଠାକୁ ପଠାଯାଇଥିବା ରାଷ୍ଟ୍ରପତି କହିଛନ୍ତି। ୧୨ ଆହତଙ୍କୁ ହର୍ମୋସିଲୋର ୬ଟି ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ସୋନୋରା ଗଭର୍ନର ଅଲଫୋନ୍ସୋ ଡୁରାଜୋ ସୋସିଆଲ ମିଡିଆରେ ଏକ ଭିଡିଓ ପୋଷ୍ଟ କରି କହିଛନ୍ତି। ତେବେ ଉକ୍ତ ଲୋକପ୍ରିୟ ଷ୍ଟୋରରେ କିପରି ବିସ୍ଫୋରଣ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ଏହାର କାରଣ ଖୋଜାଚାଲିଛି। ବିସ୍ଫୋରଣ ପରେ ନିଆଁ ଲାଗିବାରୁ ବିଷାକ୍ତ ବାଷ୍ପ ଯୋଗୁ ଅନେକେ ପ୍ରାଣ ହରାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏହା କୌଣସି ଆତଙ୍କବାଦୀ ଆକ୍ରମଣ କିମ୍ବା ନାଗରିକଙ୍କ ବିରୋଧରେ ଉଦ୍ଦେଶ୍ୟମୂଳକ ହିଂସା ବୋଲି ସୋନୋରା ଜନ ସୁରକ୍ଷା ସେକ୍ରେଟାରିଏଟ୍ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟ ସରକାର ରବିବାର ପାଇଁ ନିର୍ଦ୍ଧାରିତ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାତିଲ କରିଦେଇଛନ୍ତି।

## ରୁଚି ମସଲା ପ୍ରତିଷ୍ଠାତା ...

ପରିଚିତ କରାଇପାରିଥିଲେ। ସେ ମଧ୍ୟ ଜଣେ ଦକ୍ଷ କ୍ରୀଡ଼ାବିତ୍ ଥିଲେ। ଓଡ଼ିଶା କବାଡ଼ି ଆସୋସିଏଶନ୍‌ର ସଭାପତି ଭାବେ ତାଙ୍କର କାର୍ଯ୍ୟ ଉଲ୍ଲେଖନୀୟ। ସେ ଜଣେ ସୁସଂଗଠକ ଭାବେ ବହୁ ଅନୁଷ୍ଠାନ ସହ ସମ୍ପୃକ୍ତ ଥିଲେ। ଶିଳ୍ପ, କ୍ରୀଡ଼ା ବ୍ୟତୀତ ସମାଜସେବା କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ। ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେ ବହୁ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଥିଲେ। ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ସେ ଓଡ଼ିଶାକୁ ମସଲା ପାଇଁ ପରିଚିତ କରାଇପାରିଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶରତଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାର ଉଦ୍ୟୋଗ ଜଗତ ପାଇଁ ଏହା ଏକ ଅପୂରଣୀୟ କ୍ଷତି। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

# ସେକ୍ସ ର୍‍ୟାକେଟ୍ ଠାବ, ଜଣେ ଗିରଫ

## ଘର ମାଲିକଙ୍କ ସମେତ ସମ୍ପୃକ୍ତ ୨ ଯୁବତୀଙ୍କୁ ପଚରାଉଚରା ଜାରି

କାଶୀନଗର, ୨।୧୧ (ପି. ମୁରଲୀ)



ଚଢାଉ କରିବାକୁ ଆସିଥିବା ପୋଲିସ।

ଗଜପତି ଜିଲା କାଶୀନଗର ଥାନା ଅନ୍ତର୍ଗତ ଏକ କଲୋନୀ ନିକଟରେ ଥିବା ଏକ ଘରେ ସେକ୍ସ ରାକେଟ ଚାଲିଥିବା ସୂଚନା ପାଇ ପୋଲିସ ଶନିବାର ସନ୍ଧ୍ୟାରେ ସେଠାରେ ଚଢାଉ କରିଥିଲା। ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଧରି ଆଣି ଅଟକ ରଖି ପଚରାଉଚରା ଜାରି ରଖିଥିଲା। ରବିବାର ଏହି କାରବାର କରୁଥିବା ଟିପୁରୁ ୱାସୁ ନାମକ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଯେଉଁ ଘରେ ଏହି ରାକେଟ୍ ଚାଲିଥିଲା ସେହି ଘରର ମାଲିକଙ୍କୁ ମଧ ପୋଲିସ ଧରି ଆଣି ପଚରାଉଚରା କରୁଛି। ଏନେଇ ନଂ. ୧୭୩/୨୫ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସୁନିଲ ବେହେରା କହିଛନ୍ତି।

ଖବରରୁ ଜଣାପଡ଼ିଛି ସମ୍ପୃକ୍ତ ଘରେ ସେକ୍ସ ରାକେଟ୍ ଚାଲିଥିବା କୌଣସି ସୂତ୍ରରୁ ସୂଚନା ପାଇ ଏସ୍‌ପି ଯତୀନ୍ଦ୍ର ପଣ୍ଡା କାଶୀନଗର ଥାନା ଅଧିକାରୀ ବେହେରାଙ୍କୁ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଥାନା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ଆଲୋକ ଜଗଦଲାଙ୍କ ସହ ଏକ ଟିମ୍ ଉକ୍ତ ଘରେ ଚଢାଉ କରି ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଘରୁ ପୋଲିସ ଦୁଇ ଜଣ ଯୁବତୀଙ୍କ ସହ ଜଣେ ଗ୍ରାହକ ଓ ଘର ମାଲିକଙ୍କୁ ଧରିଥିଲା। ସ୍ଥାନୀୟ ମାଜିଷ୍ଟ୍ରେଟ ତଥା ତହସିଲଦାର ସୁଧୀର ନନ୍ଦଙ୍କ ଉପସ୍ଥିତିରେ ଉକ୍ତ ଘରୁ ମଦ ବୋତଲ, କଣ୍ଡୋମ ପ୍ୟାକେଟ ଜବତ କରାଯାଇଛି। ଟିପୁରୁ ବାହାର ଅଞ୍ଚଳରୁ ଯୁବତୀମାନଙ୍କୁ ଆଣି ଏପରି ସେକ୍ସ ରାକେଟ ଚଳାଇଥିଲେ। ଘର ମାଲିକ ଏଥିରେ ତାଙ୍କୁ ସହଯୋଗ କରୁଥିଲେ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିବା ଥାନା ଅଧିକାରୀ ବେହେରା କହିଛନ୍ତି। ଦୁଇ ତିନି ମାସ ହେଲା ଏହି ସେକ୍ସ ରାକେଟ ଚାଲିଥିବା ତଦନ୍ତରୁ ଜଣାପଡିଛି। ଅଟକ ଦୁଇ ଯୁବତୀଙ୍କ ମଧ୍ୟରୁ ଜଣେ କାଶୀନଗର ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ଜଣେ କେନ୍ଦ୍ରାପଡ଼ା ଅଞ୍ଚଳର ବୋଲି ଜଣାପଡ଼ିଛି। ସମ୍ପୃକ୍ତ ଘରକୁ ସିଲ୍ କରାଯାଇ ଏ ସମ୍ପର୍କରେ ସାଇଣ୍ଟିଫିକ ଟିମ୍‌କୁ ଥାନା ପକ୍ଷରୁ ଅବଗତ କରାଯାଇଛି ବୋଲି ଥାନା ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ଉକ୍ତ ଅଞ୍ଚଳରେ ୩ ମାସ ହେଲା ସେକ୍ସ ରାକେଟ୍ ଚାଲିଥିଲେ ମଧ ସ୍ଥାନୀୟ ପୋଲିସ କିପରି ଜାଣିପାରିଲାନି ସେନେଇ ସନ୍ଦେହ ପ୍ରକାଶ ପାଇଛି।

# ପ୍ରାର୍ଥନା ନାମରେ ଧର୍ମ ପରିବର୍ତ୍ତନ ଅଭିଯୋଗ

## ମହିଳାଙ୍କୁ ଆକ୍ରମଣ, ୨ ଅଟକ

ବାଲେଶ୍ୱର, ୨।୧୧ (ବାଞ୍ଛାନିଧି ଦେ)



ଉତ୍ତ୍ୟକ୍ତ ଲୋକଙ୍କୁ ଥାନା ଆଇଆଇସି ବୁଝାଶୁଝା କରୁଛନ୍ତି।

ବାଲେଶ୍ୱର ସଦର ଥାନା ଅଧୀନ ବଇଞ୍ଚା ଅଞ୍ଚଳରେ ଏକ ଦମ୍ପତିଙ୍କ ଘରେ ପ୍ରାର୍ଥନା ନାମରେ ଧର୍ମ ପରିବର୍ତ୍ତନ କରାଯାଉଥିବା ଅଭିଯୋଗ ହୋଇଛି। ଘଟଣାକୁ କେନ୍ଦ୍ରକରି ଗ୍ରାମରେ ଉତ୍ତେଜନା ଲାଗି ରହିଛି। କେତେଜଣ ମହିଳାଙ୍କୁ ଆକ୍ରମଣ ହୋଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ.୪୮୯/୨୫) ରୁଜୁ କରି ଜଣେ ମହିଳା ଓ ଜଣେ ପୁରୁଷଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି।

ଶନିବାର ବିଳମ୍ବିତ ରାତିରେ ଗ୍ରାମରେ ଏହି ଘଟଣା ଘଟିଥିଲା। ଧର୍ମ ପରିବର୍ତ୍ତନ କଲେ ଧନସମ୍ପତ୍ତି ବଢ଼ିବ, ବଡ଼ଲୋକ ହେବ ଓ ଭଲରେ ରହିବ ବୋଲି ଉକ୍ତ ଦମ୍ପତି ଗାଁର କେତେଜଣ ଲୋକଙ୍କୁ ବୁଝାଉଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ଏହି ଖବର ପାଇବା ପରେ ଉକ୍ତ ଦମ୍ପତିଙ୍କୁ ମାରପିଟ୍ କରିବା ସହ ପୋଲିସ ଜିମା ଦେଇଥିଲେ। ଗାଁରେ ଉତ୍ତେଜନା ଦେଖା ଦେବା ସହ କାର୍ଯ୍ୟାନୁଷ୍ଠାନ ଦାବିରେ ଗ୍ରାମର ମହିଳା ଓ ପୁରୁଷ ରାସ୍ତାରେ ବସିଥିଲେ। ଖବରପାଇ ଘଟଣାସ୍ଥଳରେ ଆଇଆଇସି ସାଲଖାନ ମୁର୍ମୁ ସଦଳବଳ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ତଦନ୍ତ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା।

# ସିକ୍ୟୁରିଟି ଗାର୍ଡଙ୍କ ମୃତ୍ୟୁକୁ ନେଇ ଚାପା ଉତ୍ତେଜନା

ନୂଆପଡ଼ା, ୨।୧୧ (ମକାରୁ ବେମାଲ)

ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ କୋଠା ପଛପଟୁ ରବିବାର ଅପରାହ୍ନରେ ଜଣେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଉଛନ୍ତି ନୂଆପଡ଼ା ସହର ଉପକଣ୍ଠ ପଲସାଗୁଡାର ଲଘୁତମ ସାହୁ (୪୭)। ତାଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଲଘୁତମଙ୍କ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଡ୍ୟୁଟି ରହିଥିଲା। ସେ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଡ୍ୟୁଟି ମଧ୍ୟ କରିଛନ୍ତି। ଏହା ପରେ ଅପରାହ୍ନ ୩ଟା ୩୦ରୁ ୪ଟା ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟ କୋଠା ପଛପଟେ ତାଙ୍କ ମୃତଦେହ ପଡିଥିବା କେତେଜଣ ଲୋକ ଦେଖିବାକୁ ପାଇଥିଲେ। ଖବରପାଇ ନୂଆପଡ଼ା ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଯୋଜନାବଦ୍ଧ ଭାବରେ ଲଘୁତମଙ୍କୁ ହତ୍ୟା କରାଯାଇ ଆତ୍ମହତ୍ୟା ରୂପ ଦେବା ପାଇଁ କୋଠା ପଛପଟେ ଫିଙ୍ଗି ଦିଆଯାଇଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି। ସାଥୀ ସିକ୍ୟୁରିଟି ଗାର୍ଡ କହିଛନ୍ତି, ନୂଆପଡ଼ାରେ ସର୍ଭିସ ପ୍ରୋଭାଇଡ୍ କରୁଥିବା କମ୍ପାନୀ ୨ରୁ ୪ ମାସ ହେବ ଦରମା ଦେଇ ନ ଥିଲା। ଏହାକୁ ନେଇ ସେ କିଛି ଦିନ ହେବ ଅନ୍ୟମନସ୍କ ରହୁଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଯୁବକମାନେ ସର୍ଭିସ ପ୍ରୋଭାଇଡର କମ୍ପାନୀ କର୍ତ୍ତୃପକ୍ଷ ନ ଆସିବାଯାଏ ମୃତଦେହ ଉଠାଇବା ପାଇଁ ଦେବୁ ନାହିଁ ବୋଲି ଅଡି ବସିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଚାପା ଉତ୍ତେଜନା ଲାଗି ରହିଥିଲା। ଖବରପାଇ ନୂଆପଡା ଜିଲାପାଳ ମଧୁସୂଦନ ଦାସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ୮ କୋଟିର ତରଳ ଗଞ୍ଜେଇ ଜବତ, ୮ ଅଭିଯୁକ୍ତ ଫେରାର

ମାଲକାନଗିରି, ୨।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପୋଲିସ ସଦର ଥାନା ଅଞ୍ଚଳରୁ ତରଳ ଗଞ୍ଜେଇ ରବିବାର ଜବତ କରିଥିବା ବେଳେ ୮ ଅଭିଯୁକ୍ତ ଫେରାର ହୋଇଛନ୍ତି। ଏହି ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୮ କୋଟି ଟଙ୍କା ହେବ ବୋଲି ମାଲକାନଗିରି ଏସ୍‌ପି ବିନୋଦ ପାଟିଲ ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, ଚିତ୍ରକୋଣ୍ଡା ପୋଲିସ ସଦର ଥାନା ଅଞ୍ଚଳରେ ପାଟ୍ରୋଲିଂ କରୁଥିଲା। ଚିତ୍ରକୋଣ୍ଡାଠାରୁ ୫ କି.ମି. ଦୂର ଏସାର୍ କମ୍ପାନୀ ନିକଟରେ ଏକ ଗଛ ତଳେ ୮ଜଣ ବ୍ୟକ୍ତି ୮ଟି ବାଇକ୍ ଧରି ଠିଆ ହୋଇଥିବା ଖବରପାଇ ପୋଲିସ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ୮ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସ ଘଟଣାସ୍ଥଳରୁ ୮ ବାଇକ୍ ସହ ଗୋଟିଏ ବସ୍ତା ଜବତ କରିଥିଲା। ଏହି ବସ୍ତାରେ ୬୦ କିଲୋ ତରଳ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଜିଲାରେ ପ୍ରଥମ ଥର ଏଭଳି ତରଳ ଗଞ୍ଜେଇ ଜବତ ହୋଇଥିବା ପୋଲିସ କହିଛି। ୩୦ରୁ ୪୦ କିଲୋ ଗଞ୍ଜେଇକୁ ତରଳାଇଲେ ଏହା ୧ କେଜିରେ ପରିଣତ ହେବ। ଏହା କେଜି ପିଛା ପ୍ରାୟ ୧୨ରୁ ୧୩ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି।



ଜବତ ହୋଇଥିବା ତରଳ ଗଞ୍ଜେଇ।

# ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ, ପ୍ରଧାନଶିକ୍ଷକ ନିଲମ୍ବିତ

ଫୁଲବାଣୀ, ୨।୧୧ (ରାକେଶ କୁମାର ରାଉତ)

ଜଣେ ଶିକ୍ଷୟିତ୍ରୀଙ୍କୁ ପ୍ରଧାନଶିକ୍ଷକ ଅସଦାଚରଣ କରିବା ମହଙ୍ଗା ପଡିଛି। ଜିଲାପାଳଙ୍କ ଦ୍ୱାରା ଗଠିତ ଟିମ୍‌ର ତଦନ୍ତ ରିପୋର୍ଟ ଅନୁସାରେ କାର୍ଯ୍ୟାନୁଷ୍ଠାନ ହୋଇଛି। ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ବିଭାଗୀୟ ନିର୍ଦ୍ଦେଶକ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ନିଲମ୍ବିତ ପ୍ରଧାନ ଶିକ୍ଷକ ହେଲେ କନ୍ଧମାଳ ଜିଲା ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ କୋଟଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପାଳ ଜଗତ। ସୂଚନା ଅନୁସାରେ ଗୋପାଳ କିଛି ଦିନ ତଳେ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ କରିଥିଲେ। ସମ୍ପୃକ୍ତ ଶିକ୍ଷୟିତ୍ରୀ ଏନେଇ ବିଭାଗୀୟ ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ବାଲିଗୁଡ଼ା ଉପ ଜିଲାପାଳ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଓ ଡିସିପିଓଙ୍କୁ ନେଇ ଟିମ୍ ଗଠନ କରିଥିଲେ। ଏହି ଟିମ୍ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବା ପରେ ଏହାକୁ ବିଭାଗୀୟ ନିର୍ଦ୍ଦେଶକଙ୍କୁ ପଠାଯାଇଥିଲା। ନିର୍ଦ୍ଦେଶକଙ୍କ ଚିଠି ସଂଖ୍ୟା ୨୬/୩୩୭/୧ ନଭେମ୍ବର ୨୦୨୫ରେ ତାଙ୍କୁ ନିଲମ୍ବିତ କରାଯାଇଛି। ସେ ଫୁଲବାଣୀ ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରତ୍ୟେକ ଦିନ ରିପୋର୍ଟ ଦେବେ ବୋଲି ଜିଲା ମଙ୍ଗଳ ଅଧିକାରୀ ରବି ନାରାୟଣ ମିଶ୍ର କହିଛନ୍ତି।

## ରାଜ୍ୟ ଖବର

# ପୋଡ଼ାମପେଟାରେ ବିଶାଳ 'ଜଳବାୟୁ ବିଲ୍'




ପୋଡ଼ାମପେଟାଠାରେ ହୋଇଥିବା 'ଜଳବାୟୁ ବିଲ୍'।

ଗଞ୍ଜାମ, ୨।୧୧ (ଅଖିଳ ତରାଇ)

ଗଞ୍ଜାମ ପୋଡ଼ାମପେଟା ଗ୍ରାମର ମହିଳା, ପୁରୁଷ ଏବଂ ବିଭିନ୍ନ ସାମାଜିକ କର୍ମୀମାନେ ଗ୍ରୀନପିସ୍ ଇଣ୍ଡିଆର ଆହ୍ୱାନରେ ରବିବାର ଏକାଠି ହୋଇ ଏକ ବିଶାଳ 'ଜଳବାୟୁ ବିଲ୍' ଉନ୍ମୋଚନ କରିଛନ୍ତି। ବ୍ରାଜିଲରେ ଆସନ୍ତା ୬ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା 'କୋପ୍-୩୦' ପୂର୍ବରୁ ସେମାନେ ଜଳବାୟୁ ନ୍ୟାୟ ଦାବି କରିଛନ୍ତି। ବିଶ୍ୱର ସର୍ବବୃହତ ଜୀବାଶ୍ମ ଇନ୍ଧନ କର୍ପୋରେଶନଗୁଡ଼ିକୁ ଜଳବାୟୁର ବର୍ଦ୍ଧିତ କ୍ଷତି ପାଇଁ ଦାୟୀ କରିବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ। ବିଶ୍ୱ ନେତାମାନଙ୍କ ପାଇଁ ବାର୍ତ୍ତା ବହନ କରୁଥିବା ବିଶାଳ ମୁଦ୍ରିତ ବିଲ୍‌ରେ ୨୦୧୫ ପ୍ୟାରିସ୍ ଚୁକ୍ତି ପରଠାରୁ ଦକ୍ଷିଣ ଏସୀୟ ଦେଶଗୁଡିକରେ ହୋଇଥିବା ପାଣିପାଗଜନିତ ଘଟଣାଗୁଡ଼ିକୁ ପ୍ରଦର୍ଶନ କରି ଜଳବାୟୁ ପରିବର୍ତ୍ତନ ଯୋଗୁ ସ୍ଥାନୀୟ ଅଧିବାସୀମାନଙ୍କ ହେଉଥିବା କ୍ଷତି ସବୁ ଦର୍ଶାଯାଇଛି।

କାର୍ଯ୍ୟକ୍ରମରେ ସାମିଲ ଥିବା ପୋଡ଼ାମପେଟା ଗ୍ରାମର ଚନ୍ଦ୍ରଗିରି ଟିକି କହିଛନ୍ତି, ପ୍ରତିବର୍ଷ ଘୂର୍ଣ୍ଣିଝଡ଼ ଯୋଗୁ ଆମେ ଆମର ବାସଗୃହ ଏବଂ ଆୟ ହରାଉଛୁ। ବଡ଼ ପ୍ରଦୂଷଣକାରୀମାନେ ସେମାନଙ୍କ ଦ୍ୱାରା ହୋଇଥିବା କ୍ଷତି ପାଇଁ ଦେୟ ଦେବାର ସମୟ ଆସିଛି। ଗ୍ରୀନପିସ୍ ଇଣ୍ଡିଆର ଜଳବାୟୁ ଏବଂ ଶକ୍ତି ଅଭିଯାନର ସେଲୋମି ଗଡ଼ନାୟକ କହିଛନ୍ତି ଯେ, ଏହି ବିଶାଳ ବିଲ୍ ସେହିମାନଙ୍କୁ ପ୍ରତିନିଧିତ୍ୱ କରେ, ଯେଉଁମାନେ ଜଳବାୟୁ ସଙ୍କଟ ସୃଷ୍ଟି କରିନାହାନ୍ତି କିନ୍ତୁ ପ୍ରତିଦିନ ଏହାର ମୂଲ୍ୟ ଦେଉଛନ୍ତି। ଭାରତର ଏକ ଜଳବାୟୁ ସମ୍ବେଦନଶୀଳ ଅଞ୍ଚଳ ଗଞ୍ଜାମରେ ହୋଇଥିବା ଏହି ପ୍ରତୀକାତ୍ମକ କାର୍ଯ୍ୟକ୍ରମ 'କୋପ୍-୩୦'ରେ ଏକତ୍ରିତ ହେବାକୁ ଥିବା ବିଶ୍ୱ ନେତାମାନଙ୍କୁ ଜଳବାୟୁ ନ୍ୟାୟ ଦାନ ନୁହେଁ, ଏହା ହେଉଛି ଉତ୍ତରଦାୟିତ୍ୱ ବୋଲି ବାର୍ତ୍ତା ଦେଇଛି।

# ମା' କ୍ଷୀରର ରୋଗପ୍ରତିରୋଧକ ଶକ୍ତିକୁ ବିଜ୍ଞାନ ପୁନରାବୃତ୍ତି କରିପାରେ ନାହିଁ: ରାଜ୍ୟପାଳ

ଭୁବନେଶ୍ୱର, ୨।୧୧ (ସୁଚିସ୍ମିତା ସାହୁ)

## ଆଇୱାଇସିଏଫ୍ ଚାପ୍ଟର ଓ ଏଚ୍‌ଏମ୍‌ବି ସଂଘର ଜାତୀୟ ସମ୍ମିଳନୀ



ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ସଂଘ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ପ୍ରତ୍ୟେକ ନବଜାତଙ୍କୁ ଉପଯୁକ୍ତ ପୁଷ୍ଟି, ଯତ୍ନ ଏବଂ ସୁରକ୍ଷା ପ୍ରଦାନ କରିବାକୁ ପ୍ରାଧାନ୍ୟ ଦିଅନ୍ତୁ। ଗର୍ଭଧାରଣଠାରୁ ଶିଶୁର ଦ୍ୱିତୀୟ ଜନ୍ମଦିନ ପର୍ଯ୍ୟନ୍ତ ଅର୍ଥାତ୍ ଜୀବନର ପ୍ରଥମ ଏକ ହଜାର ଦିନ ଶାରୀରିକ ବିକାଶ, ମସ୍ତିଷ୍କ ବିକାଶ ଏବଂ ଜୀବନବ୍ୟାପୀ ସୁସ୍ଥତା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟକୁ ପ୍ରତିନିଧିତ୍ୱ କରେ। ମା' କ୍ଷୀରର ପ୍ରତ୍ୟେକ ବୁନ୍ଦା କେବଳ ପୁଷ୍ଟି ନୁହେଁ, ବରଂ ପ୍ରେମ, ରୋଗ ପ୍ରତିରୋଧକତା ଏବଂ ଭାବପ୍ରବଣତା ବହନ କରେ, ଯାହାକୁ କୌଣସି ବିଜ୍ଞାନ ପୁନରାବୃତ୍ତି କରିପାରିବ ନାହିଁ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି। ଇନ୍‌ଫାଣ୍ଟ ଆଣ୍ଡ ୟଙ୍ଗ ଚାଇଲ୍ଡ ଫିଡିଙ୍ଗ (ଆଇୱାଇସିଏଫ୍) ଚାପ୍ଟରର ୧୫ତମ ଜାତୀୟ ସମ୍ମିଳନୀ ଓ ଭାରତୀୟ ମାନବ କ୍ଷୀର ବ୍ୟାଙ୍କ (ଏଚ୍‌ଏମ୍‌ବି) ସଂଘର ୧୧ତମ ଜାତୀୟ ସମ୍ମିଳନୀ ରବିବାର ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହାକୁ ଉଦ୍‌ଘାଟନ କରିବା ସହ 'ଆସନ୍ତାକାଲିର ଐତିହ୍ୟକୁ ପାଳନ କରିବା: ସ୍ଥାୟୀ ନବଜାତ, ଶିଶୁ ଖାଦ୍ୟ ଏବଂ ସ୍ତନ୍ୟପାନ ଅଭ୍ୟାସକୁ ଗ୍ରହଣ କରିବା' ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ସେ କହିଲେ, ଭାରତ ନବଜାତ ଏବଂ ଶିଶୁ ମୃତ୍ୟୁହାର ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି। ତଥାପି ପୁଷ୍ଟିହୀନତାଠାରୁ ଆରମ୍ଭ କରି ସଚେତନତା ଏବଂ ସାମାଜିକ ପ୍ରତିବନ୍ଧକ କ୍ଷେତ୍ରରେ ଚ୍ୟାଲେଞ୍ଜ ରହିଛି, ଯାହା ସର୍ବୋତ୍ତମ ଖାଦ୍ୟ ଅଭ୍ୟାସକୁ ବାଧା ଦିଏ। ଏହାର ସମାଧାନ କେବଳ ଚିକିତ୍ସା ଓ ଯତ୍ନରେ ନୁହେଁ, ଏଥିପାଇଁ ଶିକ୍ଷା, ସଶକ୍ତୀକରଣ ଏବଂ ସହାନୁଭୂତିର ଆବଶ୍ୟକତା ରହିଛି। ଏ ଦିଗରେ ସ୍ୱାସ୍ଥ୍ୟସେବା ବୃତ୍ତିଧାରୀମାନେ ପରିବର୍ତ୍ତନର ପ୍ରବକ୍ତା ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ସେମାନଙ୍କ ମାର୍ଗଦର୍ଶନରେ ମା' ଏବଂ ପରିବାର ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି ହେବା ସହିତ ସ୍ତନ୍ୟପାନ ଏବଂ ସନ୍ତୁଳିତ ପୁଷ୍ଟିସାରକୁ ଏକ ସାର୍ବଜନୀନ ଅଭ୍ୟାସରେ ପରିଣତ କରିବାରେ ସାହାଯ୍ୟ କରିବ। ଆମକୁ ସେହି ମା'ମାନଙ୍କୁ ମଧ ସମ୍ମାନିତ କରିବା ଉଚିତ, ଯେଉଁମାନେ ନିଃସ୍ୱାର୍ଥପର ଭାବେ ଅନ୍ୟ ଶିଶୁମାନଙ୍କୁ ପୁଷ୍ଟି ଦେବା ପାଇଁ ସେମାନଙ୍କ କ୍ଷୀର ଦାନ କରନ୍ତି ବୋଲି ରାଜ୍ୟପାଳ ଡ. କମ୍ଭମପାଟି କହିଛନ୍ତି।

ସମାରୋହରେ ଏଚ୍‌ଏମ୍‌ବିର ସେକ୍ରେଟାରୀ ଡା. କନ୍ୟା ମୁଖୋପାଧ୍ୟାୟ ଓ ଆଇୱାଇସିଏଫ୍‌ର ସେକ୍ରେଟାରୀ ଡା. ଜୟ ସିଂ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସାଇଣ୍ଟିଫିକ କମିଟି ଅଧ୍ୟକ୍ଷ ଡା. ବ୍ରଜକିଶୋର ବେହେରା ସ୍ୱାଗତ ଭାଷଣ ଦେଇଥିବାବେଳେ କୋ-ଅର୍ଗାନାଇଜେଶନର ସେକ୍ରେଟାରୀ ଡା. ପ୍ରତୀକ ଦେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆଇୱାଇସିଏଫ୍ ଏବଂ ଏଚ୍‌ଏମ୍‌ବିର ଜାତୀୟ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଗାଡ଼ି ଧକ୍କାରେ ଶିକ୍ଷକ ମୃତ, ଜଣେ ଗୁରୁତର

କୋରେଇ/ଛେନାପଦି, ୨।୧୧
(ଚନ୍ଦ୍ରକାନ୍ତ ପତି/ନିରାକାର ପରିଡ଼ା)

ଯାଜପୁର ଜିଲା କୋରେଇ ଥାନା ୨୦ନଂ. ଜାତୀୟ ରାଜପଥର ନୂଆଗଡ଼ କୃଷ୍ଣନଗର ନିକଟରେ ରବିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଅଜଣା ଗାଡ଼ି ଧକ୍କାରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଛି। ତାଙ୍କର ଅନ୍ୟଜଣେ ଶିକ୍ଷକ ବନ୍ଧୁ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ମୃତକ ହେଲେ କେନ୍ଦୁଝର ଜିଲା ନନ୍ଦିପଦା ଥାନା ହାଟଡ଼ିହିରେ ଶିକ୍ଷକତା କରୁଥିବା ପୂର୍ଣ୍ଣଚନ୍ଦ୍ର ଓଝା (୫୩)। ଗୁରୁତର ହେଲେ ଉକ୍ତ ଥାନା ଗୋପ ଗ୍ରାମର କେଶବ ଚନ୍ଦ୍ର ପାତ୍ର(୫୧)।

ଯାଜପୁର ରୋଡରେ ରହି ପଢୁଥିବା କେଶବଙ୍କ ପୁଅକୁ ଦେଖା କରିବାକୁ ଉଭୟ ଏକ ବାଇକ ଯୋଗେ ଆସିଥିଲେ। ଘଟଣାସ୍ଥଳରେ କୌଣସି ଗାଡ଼ି ପଛ ପଟୁ ସେମାନଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ଉଭୟ ରାସ୍ତାରେ ପଡ଼ି ଗୁରୁତର ହୋଇଥିଲେ। ଯାଜପୁର ରୋଡ୍ ଦମକଳ କର୍ମଚାରୀ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଯାଜପୁର ରୋଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପୂର୍ଣ୍ଣଚନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା। ପ୍ରାଥମିକ ଚିକିତ୍ସା ପରେ କେଶବଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। କୋରେଇ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି। ଏନେଇ ଥାନାରେ ନଂ.୩୭୮/୨୫ରେ ମାମଲା ରୁଜୁ ହୋଇଛି।

# ରାସ୍ତାକଡ଼ରୁ ନବଜାତ ଶିଶୁକନ୍ୟା ମୃତଦେହ ଜବତ

ଆସିକା, ୨।୧୧ (ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା-ବାଲିପଦର ମୁଖ୍ୟ ରାସ୍ତାର ଭେଟନଇ ଗ୍ରାମଠାରୁ ଅଳ୍ପ ଦୂରରେ ରବିବାର ସନ୍ଧ୍ୟାରେ ଏକ ନବଜାତ ଶିଶୁକନ୍ୟା ମୃତଦେହ ପଡିଥିବା ଦେଖାଯାଇଥିଲା। ସେହି ରାସ୍ତାରେ ଯାଉଥିବା କେତେଜଣ ଲୋକ ପ୍ରଥମେ ଏହା ଦେଖିଥିଲେ। ପରେ ଭେଟନଇ ସରପଞ୍ଚ ପ୍ରତିନିଧି ଟୁଲୁ ଜେନା ଓ ଅନ୍ୟ କେତେଜଣ ମିଶି ଶିଶୁକନ୍ୟା ମୃତଦେହକୁ ଆସିକା ଡାକ୍ତରଖାନାକୁ ଆଣିଥିଲେ। ଖବରପାଇ କୋଦଳା ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରିଛି। ତେବେ ଶିଶୁଟି କାହର ଓ କେଉଁ ପରିସ୍ଥିତିରେ ମୃତଦେହ ରାସ୍ତା କଡ଼ରେ ପଡିଲା ତାହା ସ୍ପଷ୍ଟ ହୋଇନାହିଁ।

# ମାଈ ହାତୀର ମୃତ୍ୟୁ

ଜଳେଶ୍ୱର, ୨।୧୧ (ନବୀନ ସାହୁ)



ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ୍ ଅଧୀନ ଶ୍ୟାମନଗର ପଞ୍ଚାୟତ ଶୁକୋଯୋଡ଼ିର ଫୁଲଝରି ନିକଟରେ ରବିବାର ଏକ ମାଈ ହାତୀର ମୃତ୍ୟୁ ଘଟିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ବନ ବିଭାଗ କର୍ମଚାରୀ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

ସୂଚନା ଅନୁଯାୟୀ, ଶନିବାର ରାତିରେ ୨୦ ଟିକିଆ ହାତୀପଲ ଫୁଲଝରି ନିକଟରେ ବିଚରଣ କରୁଥିଲେ। ସେଥିମଧ୍ୟରୁ ଏକ ମାଈ ହାତୀ ଅସୁସ୍ଥ ହୋଇ ଏକ ସ୍ଥାନରେ ଛିଡ଼ା ହୋଇ ରହିଥିଲା। ଖବରପାଇ ରବିବାର ରାଇବଣିଆ ଏସିଏଫ୍ ଜୟଶ୍ରୀ ମୁର୍ମୁ, ଫରେଷ୍ଟର ପ୍ରହ୍ଲାଦ ନାୟକ, ଦିଲୀପ ସିଂ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଅଶ୍ୱିନୀ ଦାସ, ଏସିଏଫ୍ ଦିଗନ୍ତ ଶୁଭମ୍ ଚାନ୍ଦ, ଭିଏଏସ୍ ଶୁଭସ୍ମିତା ଦାସ ପହଞ୍ଚି ହାତୀର ଗତିବିଧି ଉପରେ ନଜର ରଖିଥିଲେ। ହାତୀକୁ କଦଳୀ ମାଧ୍ୟମରେ ଔଷଧ ଦିଆଯାଇଥିଲା। ମାତ୍ର ଅପରାହ୍ନ ୪ଟା ସମୟରେ ହାତୀଟିର ମୃତ୍ୟୁ ଘଟିଥିଲା।

# ଜାତୀୟ ବହୁଭାଷୀ ଅଙ୍କୁର ଶିଶୁ ସାହିତ୍ୟ ଉତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର, ୨।୧୧
(ସୌମ୍ୟରଞ୍ଜନ ରାଉତ)



ମହୋତ୍ସବରେ ଯୋଗଦେଇଥିବା ଶିଶୁ ପ୍ରତିଭାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଅଙ୍କୁର ଫାଉଣ୍ଡେଶନ ପକ୍ଷରୁ ୭ମ ଜାତୀୟ ବହୁଭାଷୀ ଶିଶୁ ସାହିତ୍ୟ ଉତ୍ସବ ରବିବାର ଗୀତଗୋବିନ୍ଦ ସଦନଠାରେ ଆରମ୍ଭ ହୋଇଛି। ଏହି ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୨ଶହ ଶିଶୁ ପ୍ରତିଭା ଏକାଠି ହୋଇ ସାହିତ୍ୟ, କଳା ଓ ସଂସ୍କୃତିର ପ୍ରଦର୍ଶନ କରିଛନ୍ତି। ବିଶିଷ୍ଟ ଲେଖିକା ପାରମିତା ଶତପଥୀ, ହିନ୍ଦୀ କବି ଯତିଶ କୁମାର ଏବଂ କୋଲକାତାର ଗାଳ୍ପିକା ସ୍ମିତା ଗୋୟଲ ପ୍ରମୁଖ ଯୋଗଦେଇ ପିଲାଙ୍କୁ ସାହିତ୍ୟର ମହତ୍ତ୍ୱ ଓ ସୃଜନଶୀଳତାର ଗୁରୁତ୍ୱ ବିଷୟରେ ଉତ୍ସାହଜନକ ବାର୍ତ୍ତା ଦେଇଥିଲେ। ପରେ ବସନ୍ତ କୁମାର ସାହୁ ପାରମ୍ପରିକ କଣ୍ଢେଇ ନୃତ୍ୟର ଶୈଳୀ ଶିକ୍ଷାଦାନ ପିଲାଙ୍କ ମଧ୍ୟରେ ଉତ୍ସାହ ଭରିଥିଲା। ଏଥିସହ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ଏହି ଉତ୍ସବ ଶିଶୁମାନଙ୍କର ସୃଜନଶୀଳତାକୁ ଉଜ୍ଜୀବିତ କରିବା ସହ ରାଜ୍ୟର ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରୁଛି ବୋଲି ଫାଉଣ୍ଡେଶନର ଚେୟାରମ୍ୟାନ୍ କମ୍ ମ୍ୟାନେଜିଂ ଟ୍ରଷ୍ଟି ଚିନ୍ମୟୀ ପଣ୍ଡା କହିଛନ୍ତି। ଏହି ଉତ୍ସବ ସୋମବାର ଶେଷ ହେବ ବୋଲି ଫାଉଣ୍ଡେଶନ ପକ୍ଷରୁ ସୂଚନା ଦିଆଯାଇଛି।

ମୁଖ୍ୟତଃ ଆମର ଏଠାରେ ବଂଚିବାର ଗୋଟିଏ ମାତ୍ର କାରଣ ହେଲା– ଆମେ ନିଜକୁ ଜାଣିବା– ଆମେ କ'ଣ ? ତାହା ହିଁ ଆମକୁ ଜାଣିବାକୁ ହେବ। ଆମେ ମଧ ଜାଣିବା– କାହିଁକି ଆମେ ଏଠାକୁ ଆସିଛୁ ଓ ଆମର କ'ଣ କରିବାକୁ ଅଛି ? ଯଦି ଆମେ ଏହା ଜାଣି ନାହୁଁ– ତେବେ ଆମ ଜୀବନ ଆମ ପାଇଁ ଓ ଅନ୍ୟ ପାଇଁ ନିରର୍ଥକ। –ଶ୍ରୀମା



# ସମସ୍ତେ ଜଲ୍‌ଦିରେ

ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ୍ ଜିଲା କାସିବୁଗା ସହରରେ ଥିବା ଭେଙ୍କେଟେଶ୍ୱର ସ୍ୱାମୀ ମନ୍ଦିରରେ ୧ ନଭେମ୍ବରରେ ଦଳାଚକଟା ଘଟିବାରୁ ଜଣେ ନାବାଳକଙ୍କ ସମେତ ୯ ଜଣଙ୍କ ପ୍ରାଣହାନି ଘଟିଛି। ଏହା ଏକ ଘରୋଇ ମନ୍ଦିର। ମିନି ତିରୁପତି ନାମରେ ପରିଚିତ ନବନିର୍ମିତ ମନ୍ଦିରଟି ୪ ମାସ ତଳେ ଦର୍ଶକଙ୍କ ପାଇଁ ଖୋଲାଯାଇଥିଲା। କାର୍ତ୍ତିକ ଏକାଦଶୀ ଥିବାରୁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିବା ବେଳେ ପାହାଚ ପାଖରେ ଏକ ଲୁହା ଗ୍ରୀଲ୍ ଭୁଶୁଡ଼ି ପଡ଼ିବାରୁ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଫଳରେ ଜଣଙ୍କ ପରେ ଜଣେ ପଡ଼ିବାକୁ ଲାଗିଲେ। ମନ୍ଦିରରେ ପ୍ରବେଶ ଓ ପ୍ରସ୍ଥାନ ପଥ ଗୋଟିଏ ରହିବା ସୁରକ୍ଷା ବ୍ୟବସ୍ଥା କେଉଁ ସ୍ତରର ରହିଛି ବୁଝାଇବା ଦରକାର ନାହିଁ।

୨୦୨୫ ଜାନୁଆରୀରୁ ନଭେମ୍ବର ୧ ଯାଏ ହିସାବକୁ ନେଲେ ଦେଶରେ ଜଣାଶୁଣା ଦଳାଚକଟାଜନିତ ମୃତ୍ୟୁ ସଂଖ୍ୟା ୧୧୦ରେ ପହଞ୍ଚିଥିବା ଜଣାପଡ଼ିଛି। ଏହିସବୁ ଦଳାଚକଟା ମଧ୍ୟରେ ରହିଛି ମନ୍ଦିର, କ୍ରିକେଟ ଖେଳରେ ବିଜୟ ଉତ୍ସବ ପାଳନ ବେଳେ ଷ୍ଟାଡିୟମ, ରେଳ ଷ୍ଟେଶନ ଏବଂ ରାଜନୈତିକ ଶୋଭାଯାତ୍ରା। ଯଦି ଘଟଣାକ୍ରମକୁ ଦେଖିବା ତେବେ ଜାନୁଆରୀ ୯ରେ ଆନ୍ଧ୍ରପ୍ରଦେଶର ତିରୁମାଲା ହିଲ୍ସରେ ପ୍ରଭୁ ଭେଙ୍କେଟେଶ୍ୱର ମନ୍ଦିରରେ ପ୍ରବଳ ଭିଡ଼ ହେବାରୁ ୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଜାନୁଆରୀ ୨୯ରେ ଉତ୍ତରପ୍ରଦେଶରେ ଅନୁଷ୍ଠିତ ମହାକୁମ୍ଭରେ ସମାନ କାରଣରୁ ସରକାରଙ୍କ କହିବା ଅନୁଯାୟୀ ୩୦ ଜଣଙ୍କ ଜୀବନ ଯାଇଥିଲା। ସେହି ମହାକୁମ୍ଭରେ ଯୋଗଦେବା ଲାଗି ଦିଲ୍ଲୀ ରେଳ ଷ୍ଟେଶନରେ ଫେବୃଆରୀ ୧୫ରେ ଟ୍ରେନ୍‌ରେ ଚଢ଼ିବା ପାଇଁ ଯାତ୍ରୀଙ୍କ ମଧ୍ୟରେ ଅସମ୍ଭାଳ ଭିଡ଼ ଦେଖାଦେବାରୁ ୪ ଜଣ ଶିଶୁଙ୍କ ସମେତ ୮ ଜଣଙ୍କ ମୃତ୍ୟୁ ଘଟିଥିଲା। ୩ ମେ'ରେ ଉତ୍ତର ଗୋଆର ଲାଇରାଇ ଦେବୀ ଯାତ୍ରା ମନ୍ଦିରରେ ଦଳାଚକଟା ସ୍ଥିତିରୁ ୬ ଜଣଙ୍କ ଜୀବନ ଯାଇଥିଲା। ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ଆଇପିଏଲ୍ ବିଜୟ ପାଇଁ ବେଙ୍ଗାଲୁରୁ ଷ୍ଟାଡିୟମ୍‌ରେ ଜୁନ୍ ୪ରେ ଅନୁଷ୍ଠିତ ବିଜୟ ଉତ୍ସବରେ ପ୍ରବଳ ଭିଡ଼ ହେବାରୁ ୧୧ ଜଣଙ୍କ ଜୀବନ ଯାଇଥିଲା। ଜୁଲାଇ ୨୭ରେ ହରିଦ୍ୱାରଠାରେ ମନ୍‌ସ ଦେବୀ ମନ୍ଦିର ଦଳାଚକଟାରେ ୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ସେପ୍ଟେମ୍ବର ୨୭ରେ ତାମିଲନାଡୁର କରୁରଠାରେ ଅଭିନେତାରୁ ରାଜନେତା ପାଲଟିଥିବା ଟିଭିକେ ମୁଖ୍ୟ ବିଜୟଙ୍କ ରାଜନୈତିକ ଶୋଭାଯାତ୍ରାରେ ୪୧ ଜଣ ଭିଡ଼ ଯୋଗୁ ଅଣନିଃଶ୍ୱାସୀରୁ ପ୍ରାଣ ହରାଇଥିଲେ। ଏସବୁ ଅଘଟଣ ବେଳେ ଗୁରୁତର ଆହତଙ୍କ ମଧ୍ୟରୁ କାହାର ଅବସ୍ଥା କ'ଣ ରହିଥିବ ସେ ବିଷୟରେ ଆଲୋଚନା କେହି ଶୁଣିବାକୁ ପାଉ ନ ଥିବେ। ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ କିଛି ଅନୁକମ୍ପା ରାଶି ପ୍ରଦାନ କରିଦେବା ପରେ ସରକାରୀ ଓ ଆବଶ୍ୟକ ସ୍ଥଳେ ବେସରକାରୀ କର୍ତ୍ତୃପକ୍ଷଙ୍କ କାମ ସରିଗଲା ବୋଲି ଧରାଯାଇଥାଏ। ଉପରେ ଦର୍ଶାଯାଇଥିବା ଦଳାଚକଟାକୁ ଦେଖିଲେ ଷ୍ଟାଡିୟମ ଓ ରାଜନୈତିକ ଶୋଭାଯାତ୍ରାରେ ଅଘଟଣ ବ୍ୟତୀତ ଅନ୍ୟଗୁଡ଼ିକ ମନ୍ଦିର ଓ ଧର୍ମ ସହ ସଂଶ୍ଳିଷ୍ଟ। ବିଶାଳ ଜନସଂଖ୍ୟା ବହୁଳ ରାଷ୍ଟ୍ର ଭାରତରେ ଧର୍ମସ୍ଥଳୀଗୁଡ଼ିକ ପ୍ରତି ଲୋକମାନେ ବେଶି ଆକର୍ଷିତ ହୋଇଥାଆନ୍ତି। କେଉଁ ମନ୍ଦିର ବା ତୀର୍ଥସ୍ଥାନରେ ସୁରକ୍ଷା ବ୍ୟବସ୍ଥା କିଭଳି ରହିଛି, ତାହାକୁ ପୂର୍ବରୁ କିଛି ନ ଜାଣି ଲୋକେ ପଶିଯାଇ ଦର୍ଶକ ପାଲଟିଯାଆନ୍ତି। ଯେତେବେଳେ କୌଣସି କାରଣବଶତଃ ଗୋଟେ 'ଘୋ' ସୃଷ୍ଟି ହୋଇଗଲା, ତାହାକୁ ସମ୍ଭାଳିବା ଲାଗି ମନ୍ଦିର ବ୍ୟବସ୍ଥା ବା ସ୍ଥାନୀୟ ପ୍ରଶାସନର ବଳ ପାଇ ନ ଥାଏ। ଭାରତରେ ଲୋକଙ୍କ ସମୟ ମିଳିଲେ ଓ କୌଣସି ମୁଖ୍ୟ ପର୍ବପର୍ବାଣି ଥିଲେ ସେହି ସମୟରେ ଅନେକେ ଗୋଟିଏ ଜାଗାକୁ ଯାଇ ଭିଡ଼ କରିଥାଆନ୍ତି। ପରିବେଶ ପର୍ଯ୍ୟଟନସ୍ଥଳୀ, ବିଜ୍ଞାନଭିତ୍ତିକ ପ୍ରଦର୍ଶନ କେନ୍ଦ୍ର କିମ୍ବା ଐତିହାସିକ ଗୁରୁତ୍ୱ ବହନ କରୁଥିବା ଜାଗାଗୁଡ଼ିକୁ କ୍ୱଚିତ ଯିବା ଦେଖାଯାଇଥାଏ। କେବଳ ଧର୍ମ ପଛରେ ପଡ଼ି ଅନ୍ୟ ବହୁ ବିଷୟକୁ ଭାରତୀୟମାନେ ଗୌଣ ଦୃଷ୍ଟିରେ ଦେଖୁଥିବାରୁ ଧାର୍ମିକ ପୀଠ ବା ତଜ୍ଜନିତ ଜନସମାବେଶରେ ଲୋକେ ହାଉଜାଉ ହେଉଛନ୍ତି। ଏଭଳି ସ୍ଥଳେ ଲୋକଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯିବା କଥା ଥିଲେ ମଧ୍ୟ ତାହାକୁ ଅଣଦେଖା କରାଯାଉଛି।

ଭିଡ଼ଜନିତ ଦଳାଚକଟା ବିଷୟରେ ଆଲୋଚନା କଲା ବେଳେ ଲୋକଙ୍କ ମାନସିକତାକୁ ଅଧ୍ୟୟନ କରିବାର ଆବଶ୍ୟକତା ରହିଛି। ଭିଡ଼ ନିୟନ୍ତ୍ରଣ ଏକ ବଡ଼ ଆହ୍ୱାନ ସୃଷ୍ଟି କରୁଥିବାରୁ କୌଣସି ସ୍ଥାନରେ ଏକତ୍ରିତ ହେଉଥିବା ଲୋକମାନେ ସେମାନଙ୍କ ବ୍ୟବହାରରେ ସୁଧାର ଆଣିବା ଦରକାର। କିନ୍ତୁ ପ୍ରାୟତଃ ଦେଖାଯାଉଛି ସେମାନଙ୍କ ଭିତରେ ମବ୍ ସାଇକୋଲୋଜି ବା ବିଶୃଙ୍ଖଳିତ ଜନତାଙ୍କ ମନସ୍ତତ୍ତ୍ୱ ପ୍ରତିଫଳିତ ହେଉଛି। କିଭଳି ନିଜେ ବଞ୍ଚିବେ ସେଥିପାଇଁ ନୀତି ଓ ନିୟମକୁ ଜଳାଞ୍ଜଳି ଦେଇ କେତେକେ ଜଲ୍‌ଦିରେ ବାହାରିଯିବାକୁ ଚେଷ୍ଟା କରିଥାଆନ୍ତି। ସେତେବେଳେ ବୁଝିବା କଥା ଯେ ଭିଡ଼ ଭିତରେ ସେମାନେ ଅସ୍ୱାଭାବିକତା ଦେଖାଇଲେ ତାହା ଅନ୍ୟମାନଙ୍କୁ ଅସୁବିଧାରେ ପକାଇବ। ଆଉ ସେହି ଅସୁବିଧା ମଧ୍ୟ ସମସ୍ତଙ୍କ ପାଇଁ କାଳ ହୋଇପାରେ।

**ଭିଡ଼ ଭିତରେ କିଭଳି ନିଜେ ବଞ୍ଚିବେ ସେଥିପାଇଁ ନୀତି ଓ ନିୟମକୁ ଜଳାଞ୍ଜଳି ଦେଇ କେତେକେ ଜଲ୍‌ଦିରେ ବାହାରିଯିବାକୁ ଚେଷ୍ଟା କରିଥାଆନ୍ତି। ସେତେବେଳେ ବୁଝିବା କଥା ଯେ ଭିଡ଼ ଭିତରେ ସେମାନେ ଅସ୍ୱାଭାବିକତା ଦେଖାଇଲେ ତାହା ଅନ୍ୟମାନଙ୍କୁ ଅସୁବିଧାରେ ପକାଇବା ଆଉ ସେହି ଅସୁବିଧା ମଧ୍ୟ ସମସ୍ତଙ୍କ ପାଇଁ କାଳ ହୋଇପାରେ।**

# ଚନ୍ଦ୍ରକୁ ଛୁଉଁଥିବା ବାମନର ହାତ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

୨୯ ଡିସେମ୍ବର ୧୯୫୯ ଘଟଣା। ଆମେରିକାନ୍ ଫିଜିକାଲ ସୋସାଇଟି ଆନୁକୂଲ୍ୟରେ ପାସାଡେନା (କାଲିଫର୍ନିଆ)ସ୍ଥିତ କାଲ୍‌ଟେକ (କାଲିଫର୍ନିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି)ଠାରେ ଅନୁଷ୍ଠିତ ବାର୍ଷିକ ସମ୍ମିଳନୀ ପାଇଁ ପ୍ରସଙ୍ଗ ରଖାଯାଇଥିଲା ''ତଳସ୍ତରରେ ଯଥେଷ୍ଟ ଜାଗା ଅଛି'' (ଦେର୍ ଇଜ୍ ପ୍ଲେଣ୍ଟି ଅଫ୍ ରୁମ୍ ଆଟ୍ ଦି ବଟମ୍)। ସେଠାରେ ବକ୍ତାଭାବେ ପଦାର୍ଥ ବିଜ୍ଞାନବିତ୍ ରିଚାର୍ଡ ଫାଇନ୍‌ମେନ (୧୯୧୮–୧୯୮୮) ଯୋଗଦେଇଥିଲେ। ତାଙ୍କ ଭାଷଣର ସାରାଂଶ ହେଲା ଯେ, ଅଣୁ ଓ ପରମାଣୁକୁ କୁଶଳ ଓ ଚତୁର ଭାବେ ପରିଚାଳନା ଏବଂ ନିୟନ୍ତ୍ରଣ କରିବା ସମ୍ଭବ। ଫଳରେ ଯେଉଁ ବିନ୍ୟାସ ସୃଷ୍ଟି ହେବ, ଏହା ବିଭିନ୍ନ ବସ୍ତୁର ଅଧ୍ୟୟନ ଓ ଇଂଜିନିୟରିଂ ସକାଶେ ନୂତନ କ୍ଷେତ୍ର ଉନ୍ମୁକ୍ତ କରିବ। କାଲ୍‌ଟେକର ଇଞ୍ଜିନିୟରିଂ ଆଣ୍ଡ୍ ସାଇନ୍ସ ପତ୍ରିକାରେ ଏହା ଫେବୃଆରୀ ୧୯୬୦ରେ ପ୍ରକାଶ ପାଇଲା। ସେତେବେଳେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇପାରେ ବୋଲି କେହି ବିଶ୍ୱାସ କରିନଥିଲେ।

ଅଣୁର ଆକାର କ୍ଷୁଦ୍ର, କିନ୍ତୁ ଏହା ତୁଚ୍ଛ ବା ନଗଣ୍ୟ ହୋଇନପାରେ। ଗ୍ରୀକ୍ ଦାର୍ଶନିକ ଡିମୋକ୍ରିଟସ (ଖ୍ରୀ.ପୂ: ୪୬୦–୩୭୦)ଙ୍କ ଭାଷାରେ ଅତି ବୃହତ୍ ବସ୍ତୁର ପ୍ରକୃତିର ବୋଧଗମ୍ୟତା ପ୍ରାପ୍ତି ପାଇଁ ଅତୀବ କ୍ଷୁଦ୍ରାକୃତି ବସ୍ତୁର ପ୍ରକୃତି ବୁଝିବା ଉଚିତ୍।

ଦୂରଦ୍ରଷ୍ଟା ଫାଇନ୍‌ମେନ ଉକ୍ତ ବକ୍ତବ୍ୟରେ ଦୁଇଟି ପ୍ରଶ୍ନ ଉଠାଇ ଏହାର ସମାଧାନ କରିବା ସକାଶେ ପ୍ରତିଯୋଗିତା ଆୟୋଜନ କରିଥିଲେ। ପ୍ରଥମଟି ହେଉଛି ଗୋଟିଏ କ୍ଷୁଦ୍ର ମୋଟର ନିର୍ମାଣ, ଯାହା ଘନାକୃତି ହେବା ସହ ତା'ର ବାହୁ ୧/୬୪ ଇଞ୍ଚ ରହିବ। ପୁଣି ବାହାରୁ ଏହାକୁ ନିୟନ୍ତ୍ରଣ କରାଯାଇ ପାରିବ। ମାତ୍ର ବର୍ଷକ ଭିତରେ କାଲ୍‌ଟେକର ଗୋଟିଏ ଗ୍ରାଜୁଏଟ୍ ଛାତ୍ର ଏହା ସମାଧାନ କରିପାରିଥିଲେ। ଏମିତି କାର୍ଯ୍ୟକ୍ଷମ କ୍ଷୁଦ୍ରାତିକ୍ଷୁଦ୍ର ଇଲେକ୍‌ଟ୍ରିକ୍ ମୋଟର ଆଶ୍ଚର୍ଯ୍ୟଜନକ ଥିଲା। ଦ୍ୱିତୀୟ ପ୍ରଶ୍ନଟି ଥିଲା: ଗୋଟିଏ ବହିର ପୃଷ୍ଠାକୁ ଲିନିଅର ସ୍କେଲର ୧/୨୫୦୦୦ କ୍ଷେତ୍ରଫଳ ବିଶିଷ୍ଟ ଜାଗାରେ ଲେଖାଯିବ, ଯାହା ପଢ଼ିବାରେ ଅସୁବିଧା ହେବ ନାହିଁ। ଦୀର୍ଘବର୍ଷ ପରେ ୧୯୮୫ରେ ଷ୍ଟାନ୍‌ଫୋର୍ଡର ଜଣେ ଗ୍ରାଜୁଏଟ୍ 'ଏ ଟେଲ୍ ଅଫ୍ ଟୁ ସିଟିଜ୍' ଉପନ୍ୟାସର ଗୋଟିଏ ପୃଷ୍ଠା ଏମିତି ଲିପିବଦ୍ଧ କରି ଏହି ଆହ୍ୱାନର ସଫଳ ଉତ୍ତର ରଖିଥିଲେ।

ଉଭୟ ଦୃଷ୍ଟାନ୍ତର ମୂଳ ଭିତ୍ତି ହେଉଛି ଅତିଶୟ କ୍ଷୁଦ୍ରାକାର। ଏହି ଧାରଣାକୁ ଆଧାର କରି ଗୋଟିଏ ନୂତନ ପ୍ରଯୁକ୍ତି ବିଦ୍ୟାଭିତ୍ତିକ ବିଭାଗର ସୂତ୍ରପାତ ହେଲା, ଯାହା ନାନୋ ଟେକ୍ନୋଲୋଜି ଭାବେ ଅଭିହିତ। 'ନାନୋ' ଗୋଟିଏ ଗ୍ରୀକ୍ ଶବ୍ଦ,



ଯାହାର ଅର୍ଥ ହେଉଛି ବାମନ। ମାପ ଅନୁସାରେ ଏହା କୌଣସି ବସ୍ତୁର ଏକଶତ କୋଟି ଭାଗରୁ ଗୋଟିଏ ଭାଗ। ଆମ କେଶର ବ୍ୟାସଠାରୁ ଏହା ଏକ ଲକ୍ଷ ଗୁଣରେ କ୍ଷୁଦ୍ର। ୧୦–୯ ମିଟର (ଅର୍ଥାତ୍ ଏକ ନାନୋମିଟର) ତିନିରୁ ପାଞ୍ଚଟି ପରମାଣୁ(ଆଟମ୍)ର ବ୍ୟାସ ସହ ସମାନ।

ପୃଥିବୀପୃଷ୍ଠଠାରୁ ଚନ୍ଦ୍ରର ଦୂରତା ପ୍ରାୟ ୩,୮୪,୪୦୦ କିଲୋମିଟର। ଏହି ପଥ କେବଳ ଦୀର୍ଘ ନୁହେଁ, ସେଠାରେ ପହଞ୍ଚିବାକୁ ହେଲେ ଯାତ୍ରାକାଳରେ ଅନେକ ପ୍ରତିବନ୍ଧକ ଦେଖାଦିଏ। ସଶରୀରେ ସେଠାକୁ ଯିବା ବିପଦସଂକୁଳ। ମହାକାଶଯାନ ଉତ୍‌କ୍ଷେପଣ ସମୟଠାରୁ ବାୟୁମଣ୍ଡଳ ପ୍ରବେଶ କରିବାଯାଏ ଯାତ୍ରୀ ପୃଥିବୀର ଅତ୍ୟଧିକ ମାଧ୍ୟାକର୍ଷଣ ଶକ୍ତିର ଶିକାର ହୁଏ। ସାମୟିକ ଭାବେ ଏହା ଦୃଷ୍ଟିଶକ୍ତି ଓ ଚେତନା ବ୍ୟାଘାତ କରେ। ପୁଣି ଯାତ୍ରା ଶେଷରେ ପୃଥିବୀରେ ପହଞ୍ଚିବା ସମୟରେ ମାଧ୍ୟାକର୍ଷଣ ଅସୁସ୍ଥତା ଭୋଗିବାକୁ ହୁଏ। ଅନ୍ତରୀକ୍ଷରେ ଭାରହୀନତା ଯୋଗୁ ଶାରୀରିକ ପରିବର୍ତ୍ତନ ଦେଖାଦିଏ। ରକ୍ତ ଓ ତରଳ ପଦାର୍ଥ ଶରୀରରେ ଊର୍ଦ୍ଧ୍ୱଗାମୀ ହୁଏ। ଅସ୍ଥି ଓ ମାଂସପେଶୀ କ୍ଷତିଗ୍ରସ୍ତ ହୁଏ। ଆମେ ଦୈନନ୍ଦିନ ଅଭ୍ୟସ୍ତ ଥିବା ଦୈହିକ ପ୍ରକ୍ରିୟା (ସିର୍କାଡିଆନ ରିଦମ୍) ବିଶୃଙ୍ଖଳିତ ହୁଏ। ପୃଥିବୀଠାରୁ ଦୂରତା ଯେତେ ବଢ଼େ, ଭୂଚୁମ୍ବକତ୍ୱ (ଟେରିଷ୍ଟ୍ରିଆଲ ମାଗ୍ନେଟିଜମ୍) ସେତେ କମିଯାଏ। ଫଳରେ ମହାଜାଗତିକ ରଶ୍ମି, ସୌରକଣିକା ଓ ଅନ୍ତରୀକ୍ଷରେ ବିଦ୍ୟମାନ ବିକିରଣ ଯାତ୍ରୀର ସ୍ୱାସ୍ଥ୍ୟକୁ ଆକ୍ରାନ୍ତ କରେ। ପରିଣାମବଶତଃ କର୍କଟ ରୋଗର ସମ୍ଭାବନା, କେନ୍ଦ୍ର ସ୍ନାୟୁତନ୍ତ୍ରରେ ବୈକଲ୍ୟ ଦୁଶ୍ଚିନ୍ତାକାରକ ହୋଇଥାଏ। ସର୍ବୋପରି ଜୀବନ ରକ୍ଷାକାରୀ ବ୍ୟବସ୍ଥା, ନୋଦନ (ପ୍ରପଲସନ) ଓ ସଂଚାଳନ (ନେଭିଗେଶନ) ପାଇଁ ନିୟୋଜିତ ଯନ୍ତ୍ରପାତି ଅତ୍ୟନ୍ତ ନିର୍ଭରଯୋଗ୍ୟ ନ ହେଲେ ଯାତ୍ରୀର ଜୀବନ ବିପନ୍ନ ହୁଏ। ତ୍ରୁଟି ଦେଖାଦେଲେ ବହୁ ଦୂରରେ ଥିବା ଯାନର ଉପକରଣ ସଜାଡ଼ିବା କଷ୍ଟସାଧ ଓ ଆହ୍ୱାନପୂର୍ଣ୍ଣ ଭାବେ ଜୀବନ–ମରଣ ସମସ୍ୟା ସୃଷ୍ଟି କରେ।

୧୯୬୦–୭୦ ଦଶକରେ ଚନ୍ଦ୍ର ଅଭିଯାନ ଆରମ୍ଭ ହେଲା ଓ ପ୍ରତିଯୋଗିତା ଭିତ୍ତିରେ ପ୍ରମୁଖ ସ୍ଥାନ ହାସଲ କଲା। କିନ୍ତୁ ସେତେବେଳେ ନାନୋ ଟେକ୍ନୋଲୋଜି ଅଜଣା ଥିଲା। ତେବେ ୧୯୯୦ ପରଠାରୁ କାର୍ବନ ନାନୋଟ୍ୟୁବ ଓ ଗ୍ରାଫେନ ବ୍ୟବହାର କରି ହାଲୁକା ଓ ଶକ୍ତ ମହାକାଶଯାନ ନିର୍ମାଣ ହେବା ଫଳରେ ବ୍ୟୟ ବହୁଳତା କମିଗଲା। ମହାକାଶଚାରୀଙ୍କ ପୋଷାକରେ ନାନୋ ମ୍ୟାଟେରିଆଲ୍ ଉପଯୋଗ ହେବାକୁ ତାହା ଦୀର୍ଘସ୍ଥାୟୀ, ନମନୀୟ ହେବା ସହ ପରିବେଶଜନିତ ବିପଦ ବିପକ୍ଷେ ରକ୍ଷାକବଚ ପରି କାମ ଦେଲା। ଗ୍ରାଫେନ ଅକ୍‌ସାଇଡ୍ ବ୍ୟବହାର କରି ନିର୍ମିତ ନାନୋ ଫିଲ୍‌ଟ୍ରେଶନ ମେମ୍ବ୍ରେନ ଦ୍ୱାରା ଯାତ୍ରୀଙ୍କ ପରିସ୍ରା, ସ୍ୱେଦ ପରି ବର୍ଜ୍ୟ ତରଳ ପଦାର୍ଥକୁ କୁଶଳ ଭାବେ ପରିଷ୍କୃତ କରାଯିବାରୁ ତାହା ପୁନଃ ବ୍ୟବହାର ଯୋଗ୍ୟତା ପ୍ରାପ୍ତ ହେଲା।

ଏହି ପ୍ରକାରେ ନାନୋ ଟେକ୍ନୋଲୋଜି ମହାକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବାରେ ଲାଗିଛି। ବାସ୍ତବରେ 'ନାନୋ' (ବାମନ)କୁ ହେୟ ମନେକରିବା ଏକ ଗୁରୁତର ତ୍ରୁଟି। ପୁରାଣରେ ଭଗବାନ୍ ବିଷ୍ଣୁଙ୍କ ପଞ୍ଚମ ଅବତାର ହେଉଛି ବାମନ। ଉଦ୍ଧତ, ଅହଂକାରୀ, ଗର୍ବୀ ଅସୁର ରାଜା ବଳି ଏହି କାରଣରୁ ଦଣ୍ଡିତ ହୋଇଥିଲା। ବାମନ ଅବତାରରେ ବିଷ୍ଣୁ ତାଙ୍କୁ ତିନିପାଦ ପରିମିତ ଭୂମି ଦାନ ହିସାବରେ ମାଗିଲେ। ଦୈତ୍ୟରାଜ ଚିନ୍ତା କଲା ଯେ, ଏହା ଏକ ସାମାନ୍ୟ ବିଷୟ। କିନ୍ତୁ ବିଷ୍ଣୁଙ୍କ ପ୍ରଥମ ପାଦ ସାରା ମର୍ତ୍ତ୍ୟ, ଦ୍ୱିତୀୟ ପାଦ ସମଗ୍ର ସ୍ୱର୍ଗଲୋକକୁ ଆଚ୍ଛାଦିତ କରିଦେଲା। ତୃତୀୟ ପାଦ ପାଇଁ ଆଉ ଜାଗା ନ ଥିବାରୁ ତା' ମୁଣ୍ଡ ଉପରେ ପାଦ ରଖି ତାକୁ ପାତାଳପୁରକୁ ପଠାଇଦେଲେ। ସେମିତି ପୂର୍ବରୁ ଅବହେଳାର ଶିକାର ହୋଇଥିବା ଅଣୁ ରୂପକ ବାମନ ଏବେ ସୁଦୂର ଚନ୍ଦ୍ରକୁ ଯାତାୟାତ କରିପାରି ସମସ୍ତଙ୍କୁ ଚମତ୍କୃତ କରୁଛି।

ଏହି ପୃଷ୍ଠଭୂମିରେ ନାନୋ ଟେକ୍ନୋଲୋଜିର ମୂଲ୍ୟାୟନ କରାଯାଇପାରେ। ସାମ୍ପ୍ରତିକ ବିଜ୍ଞାନ ଯୁଗରେ ଉକ୍ତ ପ୍ରଯୁକ୍ତିବିଦ୍ୟା ବିଭିନ୍ନ ଉଦ୍‌ଭାବନ ମଧ୍ୟରୁ ଗୋଟିଏ ଦୃଷ୍ଟାନ୍ତ। ଏହି ଶ୍ରେଣୀୟ ଉଦ୍ୟୋଗର ସାମଗ୍ରିକ ପରିଣାମ ଓ ଭବିଷ୍ୟତ ସମ୍ବନ୍ଧରେ ଭୌତିକ ବିଜ୍ଞାନୀ ଷ୍ଟିଫେନ୍ ହକିଙ୍ଗ (୧୯୪୨–୨୦୧୮) କହିଛନ୍ତି: ''ମୌଳିକ ବିଜ୍ଞାନର ଅଗ୍ରଗତି ସହ ତାଳ ମିଳାଇ ପ୍ରଯୁକ୍ତି କ୍ଷେତ୍ରରେ ଘଟିଥିବା କାର୍ଯ୍ୟାନୁଷ୍ଠାନଗୁଡ଼ିକ ହିଁ ପୃଥିବୀର ସଭ୍ୟତା ଓ ସଂସ୍କୃତିର ଏପରି ଅଭୂତପୂର୍ବ ପରିବର୍ତ୍ତନ ଘଟାଇ ପାରିଛନ୍ତି।''

ମୋ: ୯୦୭୮୭୪୮୮୪୮

# ଗୁଣାତ୍ମକ ଶିକ୍ଷାର ପୃଷ୍ଠଭୂମି



କିଶୋର ଚନ୍ଦ୍ର ବେହେରା

ଭାରତୀୟ ସଂସ୍କୃତିରେ ଶିକ୍ଷାର ଲକ୍ଷ୍ୟ ହେଉଛି ଚରିତ୍ର ଗଠନ ଓ ପବିତ୍ରତା। ମହାତ୍ମା ଗାନ୍ଧୀଙ୍କ ଚିନ୍ତାଧାରାରେ ଛାତ୍ର ଜୀବନରେ ଖଦିବସ୍ତ୍ର ପରିଧାନ, ସୂତାକାଟିବା କାର୍ଯ୍ୟ ଛାତ୍ରମାନଙ୍କୁ ସ୍ୱାବଲମ୍ବୀ ହେବାକୁ ଅନୁପ୍ରେରିତ କରିବା ସହ ବଳକା ସମୟର ସଦୁପଯୋଗ ପାଇଁ କର୍ମତତ୍ପର କରିଥାଏ। ଆତ୍ମନିଯୁକ୍ତି କ୍ଷେତ୍ରରେ ଏହା ଖୋରାକ ଯୋଗାଇ ଥାଏ। ବେକାର ସମସ୍ୟା ବିରୋଧରେ ଏହା ଏକ ସଫଳ ପଦକ୍ଷେପ। ମାନବ ଶକ୍ତିର ସୁବିନିଯୋଗ ତଥା ବିକାଶ ଦିଗରେ ଏହା ସହାୟକ ହୋଇଥାଏ। ରାଷ୍ଟ୍ରୀୟ ଅର୍ଥନୈତିକ ପ୍ରଗତିରେ ଏକ ବଳିଷ୍ଠ ତଥା ଗଠନମୂଳକ ଭୂମିକା ନିଭାଇଥାଏ। ସେହିପରି ନିତ୍ୟ–ନୈମିତ୍ତିକ ଶିକ୍ଷା ସହ ଧନ୍ଦାମୂଳକ ବୈଷୟିକ ଶିକ୍ଷା ଅଙ୍ଗୀଭୂତ ନ ହେଲେ ସେ ଶିକ୍ଷା ଅକାରଣ। କାରଣ, ଶିକ୍ଷାର ପରିସର ବ୍ୟାପକ ଓ ଦୀର୍ଘ ଯୋଜନା ମୂଳକ କାର୍ଯ୍ୟକ୍ରମ। ୧୯୭୬ରେ ୪୨ତମ ସମ୍ବିଧାନ ସଂଶୋଧନ ଏକ ମୌଳିକ ପରିବର୍ତ୍ତନ ଆଣିଥିଲା, ଏହା ଶିକ୍ଷାକୁ ରାଜ୍ୟର ତାଲିକାରୁ ବର୍ତ୍ତମାନର ତାଲିକାକୁ ପରିବର୍ତ୍ତନ କରିଥିଲା। ଏହା ମଧ୍ୟ ଦେଶର କେନ୍ଦ୍ରୀୟ ବ୍ୟବସ୍ଥାର ଗୁରୁତ୍ୱକୁ ବୁଝିପାରିଥିଲା ଏବଂ ଶୈକ୍ଷିକ ଲକ୍ଷ୍ୟକୁ ଆଗେଇ ନେବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଉଭୟଙ୍କୁ ପ୍ରାଥମିକତା ଦେଇଥିଲା। ଶିକ୍ଷା ଉପରେ ଯେ କୌଣସି ନୀତି ସମଗ୍ର ଶିକ୍ଷା ପ୍ରକ୍ରିୟାର ଅନ୍ତଃ–ବିଭାଗୀୟ ଏବଂ ଅନ୍ତଃ ମନ୍ତ୍ରଣାଳୟ ପ୍ରଭାବକୁ ଏବଂ ରାଜ୍ୟଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରିବା ଆବଶ୍ୟକ। କେନ୍ଦ୍ର ସରକାର 'ଜାତୀୟ ଶିକ୍ଷା ନୀତି–୨୦୨୦' ପ୍ରଣୟନ କରିଛନ୍ତି। ସ୍ୱାଧୀନ ଭାରତରେ ତୃତୀୟ ଥର ପାଇଁ ଶିକ୍ଷା ନୀତି କରାଯାଇଛି। ପୂର୍ବରୁ ୧୯୬୮ ଓ ୧୯୮୬ରେ ଶିକ୍ଷା ନୀତି ପ୍ରଣୟନ କରାଯାଇଥିଲା। ନୂଆ ନୀତିରେ ଉଭୟ ପ୍ରାଥମିକ ଶିକ୍ଷା ଓ ଉଚ୍ଚଶିକ୍ଷାର ପାଠ୍ୟକ୍ରମ, ପରୀକ୍ଷା ପ୍ରଣାଳୀ ସବୁଥିରେ ବ୍ୟାପକ ପରିବର୍ତ୍ତନ କରାଯାଇଛି। ଏପରିକି କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ନାମ ବଦଳାଯାଇ 'ଶିକ୍ଷା ମନ୍ତ୍ରଣାଳୟ' ନାମରେ ନାମିତ କରାଯାଇଛି।

ଦୀର୍ଘ ୩୪ ବର୍ଷ ପରେ ଶିକ୍ଷା ନୀତି ବଦଳୁଥିବାରୁ ତାହାକୁ ନେଇ ଦେଶବ୍ୟାପୀ ସମସ୍ତ ଶିକ୍ଷାନୁଷ୍ଠାନରେ ପାଠଚକ୍ର, ଆଲୋଚନା, ସମାଲୋଚନା ସମସ୍ୟାର ସମାଧାନ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅଣ୍ଟା ଭିଡିଥିଲା ବେଳେ ଓଡ଼ିଶାର ପ୍ରାଥମିକ ବିଦ୍ୟାଳୟ ସ୍ତରରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ଲାଗି ରହିଛି ଉତ୍କଟ ଶିକ୍ଷକ ମରୁଡ଼ି ଅବସ୍ଥା। ଏଥି ସହିତ ଦୁର୍ବଳ ଭିତ୍ତିଭୂମି। ପୂର୍ବର ଶିକ୍ଷା ନୀତିଗୁଡ଼ିକ ସ୍ପଷ୍ଟ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ଆଲୋକପାତ କରିଛନ୍ତି, ଯଦିଓ ସେଥିରୁ ଅନେକ ସମ୍ପୂର୍ଣ୍ଣଭାବେ ଅନୁଭୂତ ହୋଇପାରି ନାହିଁ। ଦେଶରେ ଶିକ୍ଷାର ସର୍ବୋନ୍ନତିର ମିଶ୍ରିତ ଛବି, ଶିକ୍ଷାରେ ଯୋଗଦାନ ଏବଂ ପ୍ରବେଶର ସମସ୍ୟା, ଦିଆଯାଉଥିବା ଶିକ୍ଷାର



ଗୁଣାତ୍ମକ ମାନ, ଶିକ୍ଷାରେ ସମାନତା, ବ୍ୟବସ୍ଥାର ଦକ୍ଷତା, ଶାସନ ଏବଂ ପରିଚାଳନା, ଗବେଷଣା ଓ ବିକାଶ, ଶିକ୍ଷାର ବିକାଶରେ ଆର୍ଥିକ ବିଷୟ ସମ୍ବନ୍ଧିତ ଅନେକ ଚିନ୍ତା ଏବଂ ସମସ୍ୟା ରହିଆସିଛି।

ଉଚ୍ଚଶିକ୍ଷା କ୍ଷେତ୍ରରେ ସ୍ନାତକ ମହାବିଦ୍ୟାଳୟଗୁଡ଼ିକର ବର୍ଗୀକରଣ ନୂତନ ଶିକ୍ଷାନୀତିରେ ଅଗ୍ରଗତି ନେଇ ଶିକ୍ଷାବିତ୍, ଛାତ୍ରୀଛାତ୍ର, ଅଭିଭାବକ ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଆଶଙ୍କା ଦେଖାଦେଇଛି। ସରକାରୀ ସ୍ନାତକ ମହାବିଦ୍ୟାଳୟ, ୪୮ ବର୍ଗ ସ୍ନାତକ ମହାବିଦ୍ୟାଳୟ, ୬୬୨ ବର୍ଗ ସ୍ନାତକ ମହାବିଦ୍ୟାଳୟ, ଅଣଅନୁଦାନପ୍ରାପ୍ତ ସ୍ନାତକ ମହାବିଦ୍ୟାଳୟ, ଆଂଶିକ ଆର୍ଥିକ ସହାୟତା ସ୍ନାତକ ମହାବିଦ୍ୟାଳୟ ଓ ଶିକ୍ଷାବର୍ଷ ୨୦୨୪–୨୫ରେ ଉପାନ୍ତ ଅଞ୍ଚଳର ୧୦ଟି ବ୍ଲକରେ ନୂତନ ଭାବେ ପ୍ରତିଷ୍ଠା କରିଥିବା ୧୮ଟି ସରକାରୀ ସ୍ନାତକ ମହାବିଦ୍ୟାଳୟର ଦୁରବସ୍ଥା ଅତି ଦୟନୀୟ। ଏଠି ଭିତ୍ତିଭୂମିର ଅଭାବ ସହ ଜଣିଏ ଭାରପ୍ରାପ୍ତ ଅଧ୍ୟକ୍ଷ ଓ ୪ ଜଣ ଅତିଥି ଅଧ୍ୟାପକ ଓ ଅଳ୍ପ ସଂଖ୍ୟକ କର୍ମଚାରୀଙ୍କୁ ନେଇ ପାଠପଢ଼ା ଜାରି ରହିଛି। କେତୋଟି ହାତଗଣତି ସରକାରୀ ସ୍ନାତକ ମହାବିଦ୍ୟାଳୟରେ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି ଥିଲା ବେଳେ ଅନ୍ୟ ସମସ୍ତ ଅନୁଦାନପ୍ରାପ୍ତ ସ୍ନାତକ ମହାବିଦ୍ୟାଳୟରେ ଧର୍ମକୁ ଆଖିଠାର ବ୍ୟବସ୍ଥା ଅନୁଯାୟୀ ଅସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି କରି ସରକାର ଝାଡ଼ିଝୁଡ଼ି ହୋଇ ବସି ପଡ଼ିଛନ୍ତି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଦ୍ୱାରା ଜାରି କରାଯାଇଥିବା ମାପଦଣ୍ଡ କେତେଦୂର ଉଚ୍ଚଶିକ୍ଷା ବିଭାଗ ପୂରଣ କରିପାରିବେ ସେ ସମୟକୁ ଅପେକ୍ଷା କରିବାକୁ ପଡ଼ିବ।

ରାଜ୍ୟର ୧୫ଟି ବିଶ୍ୱବିଦ୍ୟାଳୟରେ ୧୩୦୦ ଅଧ୍ୟାପକ ପଦ ଖାଲି ପଡିଥିଲା ବେଳେ ଏହିସବୁ ପଦବୀଗୁଡିକର ତୁରନ୍ତ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବାକୁ ଉଚ୍ଚନ୍ୟାୟାଳୟ ସମସ୍ତ ବିଶ୍ୱବିଦ୍ୟାଳୟର କୁଳସଚିବଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ୨୦୨୨ରୁ ନିଯୁକ୍ତି ପ୍ରକ୍ରିୟା ବନ୍ଦ ଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟଗୁଡ଼ିକ ଅତିଥି ଅଧ୍ୟାପକଙ୍କ ଉପରେ ନିର୍ଭର କରିବାରୁ ଶିକ୍ଷାର ମାନ ହ୍ରାସ ପାଉଛି ଏବଂ ଶିକ୍ଷାଦାନ ଓ ଗବେଷଣା କ୍ଷେତ୍ରରେ ବ୍ୟାପକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ ୧୯୮୯ର ୨୧ ଧାରା ଅନୁଯାୟୀ ନିଯୁକ୍ତି ପ୍ରକ୍ରିୟା କରିବାର ଆବଶ୍ୟକତା ରହିଛି। ଯେ ପର୍ଯ୍ୟନ୍ତ ସ୍ଥାୟୀ କୁଳପତି ନିଯୁକ୍ତି ପ୍ରକ୍ରିୟା ଶେଷ ହୋଇନାହିଁ, ସେ ପର୍ଯ୍ୟନ୍ତ ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀ ନିଯୁକ୍ତି କ୍ଷେତ୍ରରେ ବିଳମ୍ବ ଦେଖାଦେବ। ଉଚ୍ଚଶିକ୍ଷାର 'ହବ୍'ରେ ପରିଣତ କରିବା ଲାଗି ତୁହାକୁ ତୁହା ଘୋଷଣା ସହିତ ଶହଶହ କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକର ବିକଳ ଚିତ୍ର ଚଳିତ ବର୍ଷ ପ୍ରକାଶିତ 'ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନାଲ ର୍ୟାଙ୍କିଙ୍ଗ ଫ୍ରେମ୍‌ୱାର୍କ' (ଏନ୍‌ଆଇଆର୍‌ଏଫ୍)ରୁ ସ୍ପଷ୍ଟ ହୋଇଛି।

**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, କୋରାପୁଟ**
**ମୋ:୯୪୩୭୯୫୫୫୬୮**

## ଏଇ ଭାରତରେ

ଭାରତୀୟ ସେନାରେ ୩୦ ବର୍ଷ କାର୍ଯ୍ୟ କରିବା ପରେ କଲୋନେଲ ଦିବ୍ୟ ଠାକୁର ମନାଲି ନିକଟସ୍ଥ ଏକ ଗାଁରେ ଆପଲ ଚାଷ କରୁଛନ୍ତି। ଜୈବିକ ପଦ୍ଧତିରେ ସେ ଏହି ଚାଷ କରି ସଫଳ ହୋଇଛନ୍ତି। ବଡ଼ କଥା ହେଉଛି ଜୁଲାଇ ୨୦୨୫ରେ ସେ ୧୧ ଟନ୍ ଆପଲ ଉତ୍ପାଦନ କରିବାକୁ ସକ୍ଷମ ହୋଇଛନ୍ତି। ଦିବ୍ୟ ୨୦୧୯ରେ ସେନାରୁ ଅବସର ଗ୍ରହଣ କରିବା ପରେ ଏହି ଚାଷ ଆରମ୍ଭ କରିଥିଲେ। ଦିବ୍ୟଙ୍କୁ ବୟସ ଏବେ ୬୫। ସେ ୪ ଏକର ଜମିରେ ଆପଲ ଚାଷ କରୁଛନ୍ତି। ତାଙ୍କ ଶ୍ୱଶୁର ଲ୍ୟୁଟନାଣ୍ଟ ଜେନେରାଲ ଭୁପିନ୍ଦର ଠାକୁର ତାଙ୍କୁ ଏହି ଚାଷରେ ସହଯୋଗ କରୁଛନ୍ତି। ଆପଲ ଚାଷର ସେ ନିଜେ ଜୈବିକ ଖତ ଓ କୀଟନାଶକ ପ୍ରସ୍ତୁତ କରି ପ୍ରୟୋଗ କରୁଛନ୍ତି। ଦିବ୍ୟ ଆପଲ ବଗିଚାରେ ୧୫,୦୦୦ ଲିଟର କ୍ଷମତାବିଶିଷ୍ଟ ଟାଙ୍କି ନିର୍ମାଣ କରିଛନ୍ତି, ଯେଉଁଥିରେ ବର୍ଷାଜଳକୁ ସଂଗ୍ରହ କରି ସିଞ୍ଚନ ପଦ୍ଧତିରେ ବଗିଚାରେ ବ୍ୟବହାର କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୩ ନଭେମ୍ବର ୧୯୭୬

- ରାଜ୍ୟ ପ୍ରଦେଶ କଂଗ୍ରେସ କମିଟିର ଅନ୍ୟତମ ସାଧାରଣ ସମ୍ପାଦକ ରୂପେ ଡମ୍ବରୁଧର ମାଝି ମାନୋନୀତ।
- ନନ୍ଦନକାନନଠାରେ ମତ୍ସ୍ୟବିଭାଗ ପକ୍ଷରୁ ୫୦ ହଜାର ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ପ୍ରଥମ ମତ୍ସ୍ୟ ସଂରକ୍ଷଣାଳୟ ଉଦ୍‌ଘାଟିତ।
- କେତେକ ସରକାରୀ ସଂଶୋଧନ ପ୍ରସ୍ତାବ ସହ ୪୪ତମ ସମ୍ବିଧାନ ସଂଶୋଧନ ବିଲ୍‌ର ସବୁ ଦଫା ଲୋକସଭାରେ ଅନୁମୋଦିତ।

## ଚିରନ୍ତନୀ

ତୁମରି ହାସ ହସଇ ମୁହିଁ
କରଇଁ ପ୍ରେମ ଆକାଶ ଭୂଇଁ
ଚାଳଇଁ ପ୍ରିୟ ମଧୁରେ ଆଜି
ତୁମରି ଗତି ବ୍ୟାଜରେ ।
ତୁମରି ପ୍ରେମ ଲଭିବା ଆଶେ
ନିଜକୁ କରେଁ ପ୍ରେମ
ଅଙ୍ଗ ତବ ଲାଗିବ ବୋଲି
ଏ ଦେହ ମଣେ ହେମ ।
-(ପ୍ରସାଧନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ–ଡୋ–କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | 4 | | | | | |
| 3 | 8 | | | 9 | 7 | | | 1 |
| 7 | | | | | | 6 | | |
| 5 | | | | | 1 | 8 | | 6 |
| | | | | 8 | | | | |
| 8 | 9 | | | | | | 3 | |
| 4 | | | | | 3 | 5 | 9 | |
| | | | 6 | | | | | |
| | | | 2 | | | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 7 | 2 | 4 | 5 | 9 | 6 | 3 |
| 5 | 3 | 4 | 9 | 6 | 8 | 7 | 2 | 1 |
| 2 | 9 | 6 | 1 | 7 | 3 | 8 | 4 | 5 |
| 4 | 6 | 2 | 5 | 9 | 7 | 3 | 1 | 8 |
| 9 | 7 | 3 | 8 | 1 | 4 | 2 | 5 | 6 |
| 8 | 5 | 1 | 3 | 2 | 6 | 4 | 9 | 7 |
| 6 | 2 | 9 | 7 | 3 | 1 | 5 | 8 | 4 |
| 3 | 4 | 5 | 6 | 8 | 9 | 1 | 7 | 2 |
| 7 | 1 | 8 | 4 | 5 | 2 | 6 | 3 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଡ୍ରଗ୍ସ କଣ୍ଟ୍ରୋଲ ବିଭାଗକୁ ଦାୟୀ କରାଯାଉ

ମହାଶୟ,

ଶିଶୁଙ୍କ ଜୀବନ ନେଇଥିବା କଫ ସିରପ୍ ପ୍ରସ୍ତୁତ କରିଥିବା କମ୍ପାନୀ ଉପରେ ଶିଶୁହତ୍ୟା ଅଭିଯୋଗରେ ଦୋଷାରୋପ କରି ମାଲିକଙ୍କୁ ଗିରଫ କରିବା ଆଇନତଃ ଯଥାର୍ଥ। କିନ୍ତୁ ବିନା ପରୀକ୍ଷା ନିରୀକ୍ଷା ଓ ଯାଞ୍ଚରେ, ବିକ୍ରି କରିବାକୁ ଅନୁମତି ପ୍ରଦାନ କରିଥିବା ଡ୍ରଗ କଣ୍ଟ୍ରୋଲ ବିଭାଗ ଅଧିକାରୀଙ୍କୁ ଗିରଫ କରାଯିବା ଉଚିତ। ଗଣମାଧ୍ୟମ ଅନେକ ସମୟରେ ଖବର ଲୋକଲୋଚନକୁ ଆଣି ସରକାରଙ୍କୁ ସତର୍କ ରହିବା ନିମନ୍ତେ ସଚେତନ କରିଛି। କିନ୍ତୁ ସରକାର ଏସବୁକୁ ଅଣଦେଖା କରିବା ଦୁର୍ଭାଗ୍ୟଜନକ। ଭାରତରେ ନକଲି ଔଷଧ ସେବନର ପାର୍ଶ୍ୱ ପ୍ରତିକ୍ରିୟାରେ ବହୁ ସଂଖ୍ୟାରେ ରୋଗୀମାନେ ମୃତ୍ୟୁବରଣ କରୁଛନ୍ତି। ଅଧିକ ଆୟ ଉପାର୍ଜନ ଲାଳସାକୁ ତ୍ୟାଗ କରିବା ପୂର୍ବକ, ମାନବ ସେବାକୁ ମାଧବ ସେବା ରୂପେ ବିଚାର କରି ସମସ୍ତ ପ୍ରକାର ଜୀବନ ରକ୍ଷାକାରୀ ଔଷଧ, ଇଂଜେକ୍‌ସନ ଓ ସାଲାଇନ ପ୍ରସ୍ତୁତି ଉପରେ କମ୍ପାନୀମାନେ ଦୃଷ୍ଟିଦେବା ଉଚିତ। ଆନ୍ତରିକତା ସହ ବିଭିନ୍ନ ମେଡିସିନର ଉଚ୍ଚ ମାନକାରୀ ଗୁଣବତ୍ତା ସମ୍ପନ୍ନ କରି ନିଜ ନିଜର କମ୍ପାନୀର ମାନମର୍ଯ୍ୟାଦାକୁ ପ୍ରସିଦ୍ଧି ଆଣିବାରେ ଚେଷ୍ଟିତ ହେବା ସହ ନିଜ ନିଜର ସାଧୁତା ସ୍ୱଚ୍ଛତା ପ୍ରତିପାଦନ କରନ୍ତୁ। ବିକ୍ରି ପାଇଁ ଉଦ୍ଦିଷ୍ଟ ସମସ୍ତ ଔଷଧର ଔଷଧୀୟ ଗୁଣବତ୍ତା ଓ ମାନକୁ ଠିକ ପରୀକ୍ଷା ନିରୀକ୍ଷା ଓ ଯାଞ୍ଚ କରିବା ଡ୍ରଗ କଣ୍ଟ୍ରୋଲ ବିଭାଗର କର୍ତ୍ତବ୍ୟ ହେବା ଆବଶ୍ୟକ।

**– ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଦବୁଛି ଚିତାପାରି–ବାଲିମେଳା ପୋଲ ଆପ୍ରୋଚ ରାସ୍ତା

କୋରୁକୋଣ୍ଡା,୨।୧୧(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା–ଚିତାପାରି ପୋଲ ଉଭୟ ପାର୍ଶ୍ୱକୁ ସଂଯୋଗ କରୁଥିବା ସିମେଣ୍ଟ କଂକ୍ରିଟ ରାସ୍ତା ଦବି ଯାଇଥିବା ଦେଖିବାକୁ ମିଳିଛି। ବାଲିମେଳା ସହର ଓ ପୋଟ୍ରେଲ ପଞ୍ଚାୟତକୁ ଯୋଗାଯୋଗ ପାଇଁ ଏହି ପୋଲ ନିର୍ମାଣ ହୋଇଥିଲା। ବିଜୁ ସେତୁ ଯୋଜନାରେ ପ୍ରାୟ ୬ କୋଟି ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରେ ପ୍ରାୟ ୫ ବର୍ଷ ପୂର୍ବେ ପୋଲ ନିର୍ମାଣ ହୋଇଥିଲା। ଦୀର୍ଘ ବର୍ଷ ବିତିଯାଇଥିବା ସତ୍ତ୍ୱେ ଏଯାଏ ଏହା ଉଦ୍‌ଘାଟନ ହୋଇନାହିଁ। ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ସିମେଣ୍ଟ କଂକ୍ରିଟ ରାସ୍ତା ଫାଟି ଆଁ କରିଛି। ମାଟି ପକାଇ ଉଭୟ ପାର୍ଶ୍ୱରେ କଂକ୍ରିଟ ରାସ୍ତା ତିଆରି ହୋଇଛି। ୨ ପାର୍ଶ୍ୱରେ ପଥର ପ୍ୟାକିଂ ହୋଇ ନ ଥିବାରୁ ବର୍ଷା ଦିନେ ମାଟି ଧୋଇ ହୋଇଯାଉଛି। ଉକ୍ତ ରାସ୍ତା ବାରମ୍ବାର ଦବିବା ସହ ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ପୂର୍ବରୁ ଏ ନେଇ ଅନେକ ଥର ସ୍ଥାନୀୟ ଲୋକେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିବା ପରେ ଆରଡି ବିଭାଗ ପକ୍ଷରୁ ଗତବର୍ଷ ଦବିଥିବା ରାସ୍ତାକୁ ମରାମତି କରାଯାଇଥିଲା। କିନ୍ତୁ କୌଣସି ସୁଫଳ ମିଳିନାହିଁ। ପୋଲର ଉଭୟ ପାର୍ଶ୍ୱରେ ଥିବା ଲୁହା ସୁରକ୍ଷା ପାଚେରି ନିକଟରେ ଅନାବନା ଗଛ ବଢ଼ି ଏକ ପ୍ରକାର କୃତ୍ରିମ ଜଙ୍ଗଲ


ରାସ୍ତା ଦବି ଆଁ ହୋଇ ରହିଛି।

## ପୁନଃ ମରାମତି, ରକ୍ଷଣାବେକ୍ଷଣ ଦାବି

ସୃଷ୍ଟି ହୋଇ ସୁରକ୍ଷା ପାଚେରି ଦେଖାଯାଉ ନାହିଁ। ଏଥିଯୋଗୁ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ସେତୁରେ ଏଯାଏ ଆଲୋକୀକରଣ ମଧ୍ୟ ହୋଇପାରି ନାହିଁ। ଷ୍ଟ୍ରିଟ ଲାଇଟ ନ ଥିବାରୁ ରାତିରେ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପ ହେଉଥିବା ଅଭିଯୋଗ ହୋଇଛି। ସେତୁ ହେବା ଦ୍ୱାରା ଅଞ୍ଚଳବାସୀଙ୍କ ସୁବିଧା ହୋଇଛି କିନ୍ତୁ ଉଦ୍‌ଘାଟନ ନ ହେବା ସହ ବିଭାଗ ପକ୍ଷରୁ ଉଚିତ ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ଯାତ୍ରୀଙ୍କ ଯାତାୟାତରେ ଅସୁବିଧା ହେଉଥିବା ଅଞ୍ଚଳବାସୀ କହିଛନ୍ତି। ଅତିଶୀଘ୍ର ସେତୁ ଉଦ୍‌ଘାଟନ କରି ଦବି ଯାଇଥିବା ରାସ୍ତା ପୁନଃ ମରାମତି, ଆଲୋକୀକରଣ ଓ ପୋଲର ରକ୍ଷଣାବେକ୍ଷଣ କରିବାକୁ ଦାବି କରିଛନ୍ତି।

# ସେକ୍ସ ର୍ୟାକେଟ୍‌ରେ ଚଢ଼ାଉ: ୨ ଦେହଜୀବୀଙ୍କ ସମେତ ୬ ଗିରଫ

ମାଲକାନଗିରି,୨।୧୧
(ସୁଚିତ୍ରା ଦାସ/ଦୁର୍ଯ୍ୟୋଧନ ପାତ୍ର)


ଗିରଫ ହୋଇଥିବା ଅଭିଯୁକ୍ତମାନେ।

ସେକ୍ସ ର୍ୟାକେଟ୍ ଚାଲିଥିବା ବେଳେ ମାଲକାନଗିରି ପୋଲିସ ଚଢ଼ାଉ କରି ୨ ଦେହଜୀବୀଙ୍କ ସହ ୨ ଗ୍ରାହକଙ୍କୁ ଗିରଫ କରିଛି। ଜିଲା ସଦର ପାତ୍ରଗୁଡାରେ ଏକ ଭଡ଼ା ଘରେ ସେକ୍ସ ବ୍ୟାପାର ଚାଲିଥିବା ବେଳେ ମାଲକାନଗିରି ଏସ୍‌ଡିପିଓ ଦିବ୍ୟ ଦଳେଇଙ୍କ ନେତୃତ୍ୱରେ ମାଲକାନଗିରି ଥାନାଧିକାରୀ ରିଗାନ କିଣ୍ଡୋ ଓ ଅନ୍ୟ ପୋଲିସ କର୍ମଚାରୀ ଚଢ଼ାଉ କରିଥିଲେ। ଏହି ର୍ୟାକେଟ୍ ଅନେକ ଦିନ ଧରି ଚାଲିଥିବା ପୋଲିସ ଖବର ପାଇ ଚଢ଼ାଉ କରିଥିଲା। ଏହି ଘଟଣାରେ ଜଣେ ପୁରୁଷ ମାଷ୍ଟରମାଇଣ୍ଡ ସହ ଜଣେ ମହିଳା କିଙ୍ଗପିନ୍ ମଧ୍ୟ ଗିରଫ ହୋଇଛନ୍ତି। ମହିଳା ଜଣକ ପୂର୍ବରୁ ମଧ୍ୟ ଗିରଫ ହୋଇଥିବା ସୂଚନା ରହିଛି। ଗିରଫ ୨ ଦେହଜୀବୀ ଜଗତ୍‌ସିଂହପୁର ଓ ଭଦ୍ରକ ଅଞ୍ଚଳର ହୋଇଥିବା ବେଳେ ୨ ଗ୍ରାହକ ଛତିଶଗଡ଼ ସୁକୁମା ଜିଲାର ବୋଲି ଜଣାପଡ଼ିଛି।

# ଶୈବପୀଠରେ ନବଗ୍ରହ ମନ୍ଦିର ପ୍ରତିଷ୍ଠା


ମନ୍ଦିରରେ ପୂଜାର୍ଚ୍ଚନା କରାଯାଉଛି।

ନନ୍ଦପୁର,୨।୧୧(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ସଦରସ୍ଥିତ ଐତିହାସିକ ଶୈବପୀଠ ସର୍ବେଶ୍ୱର ମନ୍ଦିର ପରିସରରେ ନବଗ୍ରହ ମନ୍ଦିର ରବିବାର ପ୍ରତିଷ୍ଠା ହୋଇଛି। ମନ୍ଦିର ପାର୍ଶ୍ୱରେ ନବନିର୍ମିତ ମଣ୍ଡପରେ ସୂର୍ଯ୍ୟ, ଚନ୍ଦ୍ର, ମଙ୍ଗଳ, ବୁଧ, ଗୁରୁ, ଶୁକ୍ର, ଶନି, ରାହୁ ଏବଂ କେତୁଙ୍କ ବିଗ୍ରହ ପ୍ରତିଷ୍ଠା କରାଯାଇଛି। ମୁଖ୍ୟ ମନ୍ଦିରର ପାର୍ଶ୍ୱ ଦେବତା ନନ୍ଦୀ ଭୃଙ୍ଗୀ ଓ ଭୈରବୀଙ୍କ ପଥର ଖୋଦେଇ ମୂର୍ତ୍ତି ପ୍ରତିଷ୍ଠା ହୋଇଛି। କାର୍ତ୍ତିକ ମାସ ଦଶମୀ ଓ ଏକାଦଶୀ ତିଥିରେ ମନ୍ଦିର ପୂଜକ ବିଜୟ କୁମାର ପଣ୍ଡା ଓ କୁନ୍ଦୁଲି ଗୁରୁକୁଳ ଆଶ୍ରମ ସନ୍ନ୍ୟାସୀ ପୂଜା ନୀତି ସମ୍ପନ୍ନ କରିଥିଲେ। ନାମଯଜ୍ଞ, ଅନ୍ନପ୍ରସାଦର ଆୟୋଜନ କରାଯାଇ ବିଗ୍ରହଗୁଡ଼ିକୁ ସାର୍ବଜନୀନ କରାଯାଇଥିଲା। ହଜାରେ ସଂଖ୍ୟାରେ ଭକ୍ତ ନବଗ୍ରହ ଓ ସର୍ବେଶ୍ୱରଙ୍କ ଦର୍ଶନ କରିଥିଲେ।

# ରାସ୍ତା ନିର୍ମାଣ ନେଇ ବ୍ୟବସାୟୀ ସଂଘ ପ୍ରଶାସନର ଦ୍ୱାରସ୍ଥ

ଜୟପୁର,୨।୧୧
(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଏମଜି ରୋଡ କାର୍ଯ୍ୟ ଶୀଘ୍ର ନିର୍ମାଣ ନେଇ ବ୍ୟବସାୟୀମାନେ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ରବିନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଏମଜି ରୋଡ ବ୍ୟବସାୟୀ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ୧ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଥିଲେ ସୁଦ୍ଧା ରାସ୍ତା ଭଙ୍ଗାଯାଇ ନିର୍ମାଣ କରାଯାଇ ନ ଥିବାରୁ ବ୍ୟବସାୟୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି। ଅଧିକ୍ଷଣ ଯନ୍ତ୍ରୀ ୧ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ସାରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ଅନୁସାରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେଲେ ଜୟପୁର ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଘେରାଉ ସହ ତାଲା ପକାଇ ଆନ୍ଦୋଳନ କରିବାକୁ ରବିନ୍ଦ୍ର ଚେତାବନୀ ଦେଇଛନ୍ତି। ଏମ୍‌ଜି ରୋଡର ସମ୍ପ୍ରସାରଣ ସହ ଜବରଦଖଲ ଉଚ୍ଛେଦ ପାଇଁ ପୌରପାଳିକା ପଦକ୍ଷେପ ନେଇଥିଲା। କିନ୍ତୁ ୧ ବର୍ଷ ବିତିଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ କାମ ସରୁ ନ ଥିବାରୁ ଭାଜପା ନେତା ଓ ଏମ୍‌ଜି ରୋଡ ବ୍ୟବସାୟୀମାନେ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଦ୍ୱାରସ୍ଥ ହୋଇ ଯଦି ଆସନ୍ତା ଜାନୁଆରୀ ସୁଦ୍ଧା କାମ ନ ସରିଲେ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଡ୍ରେନ ରାସ୍ତା ନିର୍ମାଣ କରିବା ପାଇଁ ପୂର୍ତ୍ତ ବିଭାଗ ଦାୟିତ୍ୱ ନେଇ ଡ୍ରେନ ନିର୍ମାଣ ଓ ରାସ୍ତାକଡ଼ରୁ ପୋଲ ଉଠାଇବା କାମ ମନ୍ଥର ଗତିରେ ଚଳାଇଛି। କାମ ସାରିବା ଅବଧି ସରିଯାଇଥିଲେ ସୁଦ୍ଧା ୭୦ ପ୍ରତିଶତ ବ୍ୟବସାୟୀଙ୍କ ବ୍ୟବସାୟ ପୂର୍ବ ଅପେକ୍ଷା କମ୍ ହୋଇଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଅଶୋକ ବେହେରା କହିଛନ୍ତି, ବର୍ଷା ଯୋଗୁ କାମ ଅଟକିଥିଲା। ରାସ୍ତାରେ ଥିବା ବିଦ୍ୟୁତ ଖୁଣ୍ଟ ସ୍ଥାନାନ୍ତର ପ୍ରକ୍ରିୟା ମଧ୍ୟ ଅଟକିଛି। ଚିଠି ପରେ ମଧ୍ୟ ବିଦ୍ୟୁତ ବିଭାଗ ଏ ଦିଗରେ ନିରବଦ୍ରଷ୍ଟା ସାଜିଛି। କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ପ୍ରତଶ୍ରୁତି ଦେଇଛନ୍ତି।


ଦାବି ଜଣାଇବାକୁ ଆସିଥିବା ଏମ୍‌ଜି ରୋଡ୍ ବ୍ୟବସାୟୀ ସଂଘର ସଦସ୍ୟମାନେ।

ଏହି ସମୟରେ ରବିନ୍ଦ୍ର ମହାପାତ୍ର, ନବିନ ଜୈନ, ରମେଶ ଗଲେଚ୍ଛା, ଲକି ସାହୁ, ସନ୍ତୋଷ ପୁଜାରୀ,ମୁନା ପାତ୍ର, ମନିକାନ୍ତା,ଶୀନୁ, ମୋହନ,ଗୋବିନ୍ଦା ଓ କାନୁ ହରିଜନ ଉପସ୍ଥିତ ଥିଲେ ।

# କ୍ଲଷ୍ଟରସ୍ତରୀୟ ପଞ୍ଚମ ମାସିକ ବୈଠକ

ମାଲକାନଗିରି,୨।୧୧(ସୁଚିତ୍ରା ଦାସ)

ମାଲକାନଗିରି ସଦର ବ୍ଲକ ଅଧୀନ ଗୌଡଗୁଡ଼ା କ୍ଲଷ୍ଟର ସ୍ତରରେ ପଞ୍ଚମ ମାସିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏମ୍‌ଭି ୧୧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସିଆରସିସି ରଞ୍ଜିତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ପ୍ରଥମ ଅଧିବେଶନରେ ବାଲବାଟିକା ପ୍ରଥମ, ଦ୍ୱିତୀୟ, ତୃତୀୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଭାଷା ଓ ଗଣିତ କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ୩ ଟିମ୍‌ରେ ରହି ପାଠଯୋଜନ ପ୍ରସ୍ତୁତ କରି ଉପସ୍ଥାପନ କରିଥିଲେ। ମାଲକାନଗିରି ବ୍ଲକର ବିଇଓ ମମତା ସଏ, ବିଆରସିସି ଗୌରାଙ୍ଗ ସାଜନ ଓ ଏବିଇଓ ଅଶ୍ୱିନ କୁମାର ମାଝୀ କାର୍ଯ୍ୟକ୍ରମ ନିରୀକ୍ଷଣ କରିଥିଲେ। ବିଦ୍ୟାଳୟ ତଥା ଶିକ୍ଷାର୍ଥୀମାନଙ୍କ ବିକାଶ ପାଇଁ ଶିକ୍ଷକଙ୍କ ସକାରାତ୍ମକ ମନୋଭାବର ଆବଶ୍ୟକତା ଅଛି ବୋଲି କହିଥିଲେ। ବିଆରସିସି ଯୁକ୍ତାକ୍ଷର ଓ ଫଳ ପାର୍ଥକ୍ୟ ନେଇ ଆଲୋକପାତ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବିଭାଗୀୟ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ୧୫ ବିଦ୍ୟାଳୟର ୨୫ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଏମ୍‌ଭି ୧୧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶସୀରେଖା ସାମଲ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରଶାନ୍ତ କୁମାର ସେଠୀ, ରମେଶ ଏକ୍କା, ରୁଦ୍ରମାଧବ ମେହେର, ଦିବ୍ୟଜ୍ୟୋତି ପରିଡ଼ା, ଶିକ୍ଷୟିତ୍ରୀ ଜ୍ୟୋର୍ତିମୟୀ ଜୟସିଂହ, ମମତା ମହଲ, ବିନର୍ଭା ରାଉତ, ସରସ୍ୱତୀ ପୂଜାରୀ, ଜୟଶ୍ରୀ ସୁଆର, ପୁଷ୍ପଲତା ମୋହିନୀ, ସାଗରିକା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ।


# ODISHA PUBLIC SERVICE COMMISSION CUTTACK

## NOTICE

**No. 7577 / P.S.C., Dt. 30.10.2025**
**(1R-04-24/25) (DR-V)**

**Assistant Professor (Stage-I) in Computer Science**
**(Advertisement No.27 of 2023-24)**

**No.D-253** : It is for information of all concerned that, 'document verification' of 148 (One hundred forty eight) candidates having PPSAN mentioned below for the post of Assistant Professor (Stage-I) in "Computer Science", pursuant to Advertisement No.27 of 2023-24 shall be held from 06.11.2025 to 12.11.2025 (except Govt. holidays) as per the following programme in the Office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 06.11.2025 | 10.30 AM | P240304416, P240308840, P240296935, P240302401, P230181518, P240303799, P240302529, P230185463, P240312982, P240308142, P240304439, P230180916, P230178157, P240299780, P240297265, P240300426, P240282440 & P240307996 = **18 Candidates** |
| | 2.30 PM | P220019555, P240302471, P240302647, P240301935, P240302561, P240308030, P240294300, P240302141, P240305624, P240313054, P240304953 & P240298127 = **12 Candidates** |
| 07.11.2025 | 10.30 AM | P230188075, P240311224, P240311454, P240306997, P230173869, P240306843, P230186145, P240304120, P240307495, P220078341, P230174831, P240302924, P220054776, P230184234, P240305638, P240303503, P240305051 & P230180620 = **18 Candidates** |
| | 2.30 PM | P240301423, P230174435, P230176882, P240303094, P240298728, P240297552, P240300791, P240304709, P240302249, P220023889, P240298206 & P220088448 = **12 Candidates** |
| 10.11.2025 | 10.30 AM | P240300790, P240305211, P240303302, P230173963, P230178689, P240304543, P240300274, P240298145, P240309744, P240308095, P230186042, P240310988, P240305209, P240296848, P240308162, P240301901, P240310751 & P240301343 = **18 Candidates** |
| | 2.30 PM | P240303519, P240306825, P240308788, P230176961, P240313967, P240307301, P240302076, P240302801, P240310230, P240305016, P240305903 & P240304177 = **12 Candidates** |
| 11.11.2025 | 10.30 AM | P240308263, P230188021, P230191556, P240298849, P240312067, P230174611, P240301069, P230179558, P220013112, P230176741, P230150407, P240310895, P240311773, P220088575, P240311494, P240296888, P230192733 & P240296272 = **18 Candidates** |
| | 2.30 PM | P230174706, P220029382, P230181718, P230133473, P220027154, P240302988, P240303758, P230113572, P220064181, P230178656, P240300718 & P230119111 = **12 Candidates** |
| 12.11.2025 | 10.30 AM | P230177543, P240311672, P240303234, P240302650, P240305690, P230182514, P240304623, P230172811, P240309960, P240299784, P230179322, P220060069, P220010492, P230173748, P230176247 & P230110403 = **16 Candidates** |
| | 2.30 PM | P240308057, P240235156, P240308580, P240296252, P220005007, P240309698, P220016680, P240254036, P230178132, P240307181, P230173341 & P240306996 = **12 Candidates** |

The candidates are required to submit the documents as per this Office **Notice No. 4271/PSC, dt. 21.06.2025** which is available on the Website of the Commission i.e. **www.opsc.gov.in**.

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note :** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the 'document verification' does not reserve any right for selection.

**OIPR-** **Sd./- Secretary**



# ODISHA PUBLIC SERVICE COMMISSION CUTTACK

## NOTICE

**No. 7603 / P.S.C., Dt. 31.10.2025**
**(1E-01-2025-26) (DR-II)**
**Website - https://www.opsc.gov.in**

**No.D-254** : It is for information of all 'provisionally qualified candidates' that, the Physical verification of Original Certificates/Documents and Viva Voce Test **for recruitment to the post of Assistant Executive Engineer (Civil) under P.R & D.W Department** pursuant to Advertisement No.33 of 2023-24, will be conducted simultaneously **from 20.11.2025 to 01.12.2025(except on 22.11.2025, 23.11.2025 & 30.11.2025)** in the Office of the Commission, at 19, Dr. P.K. Parija Road, Cuttack - 753001 as per the following programme detailed below.

**PROGRAMME OF DOCUMENT VERIFICATION & VIVA VOCE TEST**

| Date | Time of Document Verification | Time of Viva Voce Test | Roll Nos. of Candidates |
|---|---|---|---|
| 20.11.2025 | 08.30 A.M | 10.30 A.M | 100006, 100020, 100022, 100024, 100027, 100038, 100050, 100067, 100108, 100127, 100160, 100176, 100198, 100206, 100246, 100268, 100309, 100315, 100326, 100341, 100380, 100425, 100470, 100506, 100512, 100522, 100526, 100538, 100542, 100545, 100573, 100579, 100580, 100585, 100632, 200009, 200063, 200071, 200080, 200104, 200140, 200153, 200159, 200175, 200178, 200210, 200229 & 200261 = **48 Candidates** |
| | 12.30 P.M | 02.30 P.M | 200266, 200294, 200295, 200300, 200308, 200315, 200316, 200368, 200370, 200394, 200398, 200421, 200423, 200435, 200440, 200456, 200474, 200484, 200486, 200503, 200529, 200551, 200552, 200570, 200579, 200602, 200603, 200623, 200648, 200665, 200667, 200674, 200691, 200693, 200708, 200731, 300004, 300009, 300015 & 300026 = **40 Candidates** |
| 21.11.2025 | 08.30 A.M | 10.30 A.M | 300027, 300053, 300067, 300070, 300074, 300091, 300099, 300102, 300116, 300135, 300150, 300177, 300180, 300191, 300195, 300198, 300210, 300221, 300227, 300244, 300256, 300261, 300272, 300283, 300293, 300297, 300313, 300315, 300348, 300350, 300351, 300368, 300377, 300380, 300393, 300399, 300420, 300453, 300456, 300479, 300490, 300492, 300498, 300510, 300524, 300543, 300549 & 300559 = **48 Candidates** |
| | 12.30 P.M | 02.30 P.M | 300563, 300595, 300603, 300606, 300609, 300619, 300622, 300665, 300667, 300708, 300711, 300729, 300740, 300754, 300755, 300793, 300802, 300826, 300827, 300834, 300844, 300853, 300880, 300895, 300897, 300910, 300921, 300923, 300924, 300927, 300931, 300933, 300936, 300938, 300979, 300991, 300992, 301001, 301004 & 301014 = **40 Candidates** |
| 24.11.2025 | 08.30 A.M | 10.30 A.M | 301033, 301040, 301041, 301049, 301076, 301107, 301126, 301134, 301137, 301159, 301165, 301167, 301186, 301198, 301208, 301209, 301233, 301235, 301238, 301249, 301250, 301267, 301327, 301358, 301396, 301399, 301401, 301413, 301427, 301431, 301435, 301439, 301446, 301451, 301467, 301496, 301522, 301525, 301531, 301534, 301556, 301592, 301601, 301604, 301622, 301649, 301651 & 301655 = **48 Candidates** |
| | 12.30 P.M | 02.30 P.M | 301656, 301663, 301690, 301704, 301725, 301731, 301736, 301740, 301748, 301758, 301780, 301791, 301797, 301823, 301824, 301832, 301839, 301866, 301869, 301924, 301931, 301982, 301983, 302004, 302025, 302031, 302035, 302038, 302040, 302057, 302066, 302068, 302070, 302113, 302124, 302131, 302163, 302202, 302211 & 302217 = **40 Candidates** |
| 25.11.2025 | 08.30 A.M | 10.30 A.M | 302251, 302291, 302298, 302309, 302315, 302327, 302330, 302333, 302349, 302371, 302425, 302440, 302445, 302478, 302487, 302500, 302507, 302510, 302519, 302545, 302554, 302575, 302602 & 302605 = **24 Candidates** |
| | 12.30 P.M | 02.30 P.M | 302612, 302624, 302636, 302637, 302644, 302667, 302675, 302687, 302728, 302754, 302781, 302783, 302794, 302810, 302825, 302830, 302850, 302851, 302863, 302865, 302867 & 302869 = **22 Candidates** |
| 26.11.2025 | 08.30 A.M | 10.30 A.M | 302885, 302901, 302903, 302904, 302907, 302913, 302918, 302924, 302928, 302935, 302937, 302943, 302945, 302951, 302961, 302975, 302996, 303000, 303018, 303072, 303075, 303076, 303098 & 303119 = **24 Candidates** |
| | 12.30 P.M | 02.30 P.M | 303136, 303152, 303153, 303180, 303188, 303202, 303206, 303218, 303222, 303223, 303226, 303227, 303282, 303310, 303316, 303318, 303332, 303359, 303382 & 303388 = **20 Candidates** |
| 27.11.2025 | 08.30 A.M | 10.30 A.M | 303401, 303402, 303407, 303414, 303420, 303432, 303489, 303505, 303512, 303520, 303539, 303557, 303562, 303565, 303574, 303587, 303589, 303593, 303596, 303628, 303644, 303661, 303669 & 303672 = **24 Candidates** |
| | 12.30 P.M | 02.30 P.M | 303679, 303699, 303716, 303730, 303731, 303732, 303742, 303751, 303762, 303777, 303793, 303801, 303843, 303854, 303875, 303876, 303879, 303893, 303896 & 303912 = **20 Candidates** |
| 28.11.2025 | 08.30 A.M | 10.30 A.M | 303913, 303923, 303968, 303986, 303988, 304003, 304029, 304032, 304045, 304057, 304064, 304067, 304077, 304082, 304093, 304099, 304101, 304113, 304127, 304145, 304149, 304152, 304153 & 304156 = **24 Candidates** |
| | 12.30 P.M | 02.30 P.M | 304158, 304161, 304162, 304177, 304184, 304217, 304231, 304241, 304260, 304281, 304282, 304285, 304317, 304319, 304327, 304364, 304379, 304400, 304411 & 304445 = **20 Candidates** |
| 29.11.2025 | 08.30 A.M | 10.30 A.M | 304472, 304474, 304477, 304494, 304502, 304519, 304521, 304532, 304533, 304548, 304565, 304566, 304575, 304597, 304607, 304633, 304642, 304663, 304688, 304699, 400007, 400008, 400023, 400033, 400064, 400067, 400068, 400093, 400112, 400119, 400132, 400133, 400145, 400189, 400194, 400206, 400213, 400229, 400238, 400256, 400280, 400290, 400297, 400310, 400318, 400332, 400346 & 400347 = **48 Candidates** |
| | 12.30 P.M | 02.30 P.M | 400355, 400385, 400393, 400401, 400411, 400441, 400488, 400498, 400518, 400522, 400537, 400539, 400563, 400574, 400576, 400586, 400610, 400656, 400658, 400669, 400676, 400722, 400729, 400742, 400795, 400800, 400802, 400807, 400814, 400834, 400855, 400875, 400876, 400878, 400882, 400884, 400888, 400892, 400899 & 400901 = **40 Candidates** |
| 01.12.2025 | 08.30 A.M | 10.30 A.M | 400903, 400905, 400915, 400922, 400926, 400931, 400938, 400939, 400948, 400952, 400953, 400954, 400956, 400972, 400977, 400979, 400981, 400984, 401000, 401025, 401054, 401109, 401116, 500007, 500027, 500036, 500048, 500058, 500059, 500065, 500087, 500126, 500170, 500193, 500211, 500215, 500224, 500236, 500245, 500253, 500260, 500272, 500315, 500333, 500375, 500378, 500380 & 500381 = **48 Candidates** |
| | 12.30 P.M | 02.30 P.M | 500388, 500435, 500454, 500455, 500466, 500508, 500534, 500545, 500552, 500556, 500557, 500616, 500623, 500631, 500634, 500640, 500655, 500656, 500669, 500674, 500681, 500708, 500718, 500728, 500736, 500750, 500761, 500767, 500775, 500779, 500808, 500836, 500868, 500891, 500916, 500918, 500933, 500951, 500962 & 500972 = **40 Candidates** |

**N.B. - The concerned candidates are advised to report at the Office of the Commission half an hour before the commencement of verification of Original Certificates & Documents on their scheduled date & time as mentioned against each.**

It is also made clear that, the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy /deficiency found at any stage before or after the verification of Original Certificate /Documents and is subject to fulfillment of terms and conditions laid down in the Advertisement.

**Mere participation in the Document Verification does not reserve any right to appear in the Interview**. The candidates shall be allowed to the Interview on the scheduled date & time mentioned above subject to fulfillment of their eligibility in all respect as per verification of Original Certificate /Documents. The decision of the Commission thereon shall be final.

**THE CANDIDATE IS REQUIRED TO SUBMIT THE FOLLOWING ORIGINAL CERTIFICATES ALONG WITH A SET OF SELF ATTESTED PHOTO COPY OF THE FOLLOWING DOCUMENTS AT THE TIME OF VERIFICATION**

The Candidates are required to mention **"Submitted by me and certified as genuine and has not been cancelled"** and put their full signature and date on each Photo Copy of the Certificates/Documents

**(ALL THE CERTIFICATES/DOCUMENTS SHOULD BE ISSUED WITHIN THE LAST DATE OF SUBMISSION OF ONLINE APPLICATION i.e 12.04.2024)**

1. Hard copy of Online Application Form **mentioning Roll No. at the Top Right Hand Corner.**
2. H.S.C. or equivalent Certificate in support of declaration of age issued by the concerned Board/Council.
3. H.S.C or equivalent Mark Sheet.
4. Required Odia Test Pass Certificate from the Competent Authority, wherever applicable.
5. Intermediate/+2 Sc. Pass Certificate issued by the concerned Board/Council.
6. Intermediate/+2 Sc. Mark Sheet.
7. Degree (i.e Engineering in Civil) pass certificate issued by the recognized University or AMIE of India in Civil.
8. Mark lists of all semesters of Degree in Civil Engineering passed including fail marks, if any, issued by the concerned Council/University.
9. Conversion Certificate/Conversion Formula (CGPA to Percentage), wherever applicable.
10. "No Objection Certificate" from the Head of Office/Head of the Department in case of Government Servant, wherever applicable.
11. **Caste Certificate by birth in support of claim as SC/ST, wherever applicable, which has been uploaded with Online Application Form. (Please see and refer NOTE-2 of Para-10 of the Advertisement)**
12. SEBC Certificate issued within **13.04.2021 to 12.04.2024**, wherever applicable.
13. Permanent Disability Certificate (indicating percentage of permanent disability) issued by the concerned Medical Board, wherever applicable.
14. **Release certificate of Ex-servicemen issued within 12.04.2024** as per Orissa Ex-servicemen (Recruitment to State Civil Services and Posts) Rules, 1985 vide G.A. Department Notification No. 22586-Gen., Dt. 16.10.1985, wherever applicable, along with Affidavit/Undertaking to the effect that he has not been appointed against a Civil Post after retirement from Military Service.
15. **Sports Identity Card issued by the Director of Sports, Odisha**, wherever applicable.
16. **Any Proof of Identity**
17. **Attestation form** duly filled-in by the Candidate and signed by a Gazetted Officer with seal (to be downloaded from the website of the Commission).
18. **Bio-data Form (CIF)** (to be downloaded and pasted /affixed with passport size photograph) duly filled in.
19. **Any other relevant documents as per Para-10 of the Advertisement.**
20. **Four(04) Passport-size Photographs(unsigned and unattested) which have been uploaded with Online Application Form.**

**OIPR-** **Sd./- Secretary**

# ୧୪ମାସ ହେଲା ଆବେଦନ କରି ଅପେକ୍ଷାରେ ୪୬୫୨ ଆଶାୟୀ

- ଖାଲିପଡ଼ିଛି ୧୨୯ ଜିଆର୍‌ଏସ୍ ପଦବୀ
- ହାଇକୋର୍ଟରେ ମାମଲା ବିଚାରାଧୀନ

ରାୟଗଡ଼ା,୨।୧୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାରେ ଖାଲି ପଡ଼ିଥିବା ୧୨୯ ଜିଆରଏସ୍ ପଦବୀ ପୂରଣ ପାଇଁ ୧୪ମାସ ତଳେ ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଇଥିଲା । ନିଯୁକ୍ତି ପ୍ରକ୍ରିୟାରେ ଖାଲି ପଡ଼ିଥିବା ୧୨୯ ପଦବୀ ପାଇଁ ୪୬୫୨ ଜଣ ଆଶାୟୀ ଆବେଦନ କରିଥିଲେ। ତେବେ ସେମାନେ ଆବେଦନ କରିବାର ୧୪ ମାସ ବିତିଯାଇଥିଲେ ହେଁ ଅଦ୍ୟାବଧି ନିଯୁକ୍ତି ହୋଇପାରିନି । ମେରିଟ ତାଲିକା ପ୍ରକାଶ କରୁ ନ ଥିବାରୁ ଆଶା ଆଶଙ୍କାରେ ଦିନ କାଟୁଛନ୍ତି ଆଶାୟୀ। ଏଭଳିକି ବୟସ ମଧ୍ୟ ଗଡ଼ିଯାଉଥିବା ଆବେଦନ କରିଥିବା ପ୍ରାର୍ଥୀ କହିଛନ୍ତି । ତଥାପି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ରାୟଗଡ଼ା ଜିଲାର ୧୧ଟି ବ୍ଲକର ୧୨୯ଟି ଜିଆରଏସ୍ ପଦ ପୂରଣ କରିବା ଲାଗି ଜିଲା ପରିଷଦ କାର୍ଯ୍ୟାଳୟ ପକ୍ଷରୁ ଆବେଦନପତ୍ର ଆହ୍ୱାନ କରାଯାଇଥିଲା। ୨୦୨୪ ଅଗଷ୍ଟ ୩୦ ତାରିଖରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ବିଜ୍ଞାପନ ପ୍ରକାଶ ପାଇଥିଲା। ନିଯୁକ୍ତି ପ୍ରକ୍ରିୟାରେ ଖାଲି ପଡ଼ିଥିବା ୧୨୯ ପଦବୀ ମଧ୍ୟରେ ୮୩ଟି ଅଣସଂରକ୍ଷିତ, ୯ଟି ପଛୁଆବର୍ଗ, ୨୪ଟି ଅନୁସୂଚିତ ଜନଜାତି ଓ ୧୩ଟି ଅନୁସୂଚିତ ଜାତି ବର୍ଗ ପାଇଁ ରଖାଯାଇଛି। ଏଥିରେ ସମସ୍ତ ବର୍ଗରେ ମହିଳାଙ୍କ ପାଇଁ ମଧ୍ୟ ଉଦ୍ଦିଷ୍ଟ ପଦବୀ ରହିଛି। ଏସବୁ ବର୍ଗରେ ୪, ୬୫୨ ଜଣ ଆଶାୟୀ ଆବେଦନ କରିଥିଲେ। ପ୍ରଶାସନ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ନିରାଶ ହୋଇ ଚୁପ୍ ଅଛନ୍ତି ଆବେଦକ। ଜିଲା ଭିତ୍ତିକ କୌଣସି ନିଯୁକ୍ତି ନ ଥିବା ଓ କେବଳ ଜିଆରଏସ ପଦବୀ ହିଁ ଏହିଭଳି ହୋଇଥିବାରୁ ଆଶାୟୀ ଅଧିକ ଆଶା ରହିବା ସ୍ୱାଭାବିକ। ଅନ୍ୟପକ୍ଷେ ଆବଶ୍ୟକତା ଅନୁଯାୟୀ ପଞ୍ଚାୟତଗୁଡ଼ିକରେ ଜିଆରଏସ୍ ନ ଥିବାରୁ ବିକାଶମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଜନସାଧାରଣ ଠିକ୍ ସମୟରେ ସରକାରଙ୍କ ବିଭିନ୍ନ ସେବା ନ ପାଇ ଯୋଜନାର ଲାଭ ପାଇପାରୁନାହାନ୍ତି। ନିଯୁକ୍ତି ପ୍ରକ୍ରିୟାକୁ ତୁରନ୍ତ ସାରିବାକୁ ସରକାରଙ୍କ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଛି। ତଥାପି କାହିଁକି ଜିଲା ପ୍ରଶାସନ କାର୍ଯ୍ୟକାରୀ କରୁନି ବୋଲି ଆବେଦନକାରୀ ପ୍ରଶ୍ନ କରିଛନ୍ତି। ଶେଷରେ ବାଧହୋଇ ଯୁବପିଢ଼ି ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବେ ବୋଲି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲା ପରିଷଦ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁଙ୍କୁ ପଚାରିବାରୁ ନିଯୁକ୍ତି ପାଇଁ ଚୂଡାନ୍ତ ପ୍ରକ୍ରିୟା ଗ୍ରହଣ କରାଯାଇଛି ଏବଂ ମାମଲା ହାଇକୋର୍ଟରେ ବିଚାରାଧୀନ ଥିବାରୁ ଆଗାମୀ ପଦକ୍ଷେପ ଗ୍ରହଣ ହୋଇନାହିଁ ବୋଲି କହିଛନ୍ତି ।

## ବଡ଼ ଏକାଦଶୀରେ ଏକ ଲକ୍ଷ ଦୀପ ପ୍ରଜ୍ୱଳନ


ଶ୍ରୀ ରାଧାକାନ୍ତ ମନ୍ଦିର ପ୍ରାଙ୍ଗଣରେ ଦୀପଦାନ କରାଯାଉଛି।

ଗୁଣପୁର,୨।୧୨( ପ୍ରଦୀପ କୁମାର ପାଢ଼ୀ)


କାର୍ତ୍ତିକ ମାସ ବଡ଼ ଏକାଦଶୀ ଉପଲକ୍ଷେ ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଅନ୍ତର୍ଗତ ଗାଦିଆଖଲା ଗ୍ରାମସ୍ଥିତ ଶ୍ରୀ ରାଧାକାନ୍ତ ମନ୍ଦିର ପ୍ରାଙ୍ଗଣରେ ଅଷ୍ଟ ପ୍ରହରୀ ନାମ ଯଜ୍ଞ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶନିବାର ଅଧିବାସ ଓ କଳସ ଯାତ୍ରା, କାର୍ଯ୍ୟକ୍ରମ ବହୁ ଆଡ଼ମ୍ବରରେ ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ରବିବାର ଅଷ୍ଟପ୍ରହର ନାମଯଜ୍ଞ ହୋଇଥିଲା । ସନ୍ଧ୍ୟା ସମୟରେ ୧ ଲକ୍ଷ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୁଣପୁର ଓ ଆଖପାଖ ଅଞ୍ଚଳର ବହୁ ସଂଖ୍ୟାର ଭକ୍ତଙ୍କ ସମାଗମ ହୋଇଥିବା ବେଳେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବୁଦ୍ଧିଜିବୀ ଯୋଗଦେଇଥିଲେ। ସେହିପରି ହରିଉଥାନ ଏକାଦଶୀ ପାଇଁ ଗୁଣପୁର ସହର ଚଳଚଞ୍ଚଳ ରହିଥିଲା । ବିଷ୍ଣୁ ମନ୍ଦିର ସହ ଜଗନ୍ନାଥ ମନ୍ଦିରରେ ଠାକୁରଙ୍କ ଦର୍ଶନ ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା ।

## ତାଲା ବନ୍ଦ ଘରୁ କଳାକନା ବୁଲାଇଲେ ଦୁର୍ବୃତ୍ତ

ରାୟଗଡା, ୨।୧୧ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲା କୋଲନରା ବ୍ଲକ ଚାନ୍ଦିଲି ଥାନା ଅର୍ନ୍ତଗତ ଖେଦାପଡା ଗ୍ରାମରେ ତାଲା ବନ୍ଦ ଥିବା ଏକ ଘରେ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। ଖେଦାପଡା ଗ୍ରାମର ରବିନାରାୟଣ ସିଂ ଘରେ ତାଲା ପକାଇ ନିଜ ପରିବାର ସହ ଗତ ୧୦ଦିନ ହେବ କୋରାପୁଟ ଜିଲା ପଟାଙ୍ଗିରେ ରହୁଥିବା ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯାଇଥିଲେ। ରବିନାରାୟଣ ପରିବାର ସହ ରବିବାର ଘରକୁ ଫେରିବା ପରେ ଦୁର୍ବୃତ୍ତମାନେ ଘର କବାଟରେ ଲାଗିଥିବା ତାଲା ଭାଙ୍ଗି ଘରେ ପଶି ଆଲାମାରୀରେ ଥିବା ନଗଦ ୫ହଜାର ଟଙ୍କା, ଗୋଟିଏ ସୁନା ହାର, କାନଫୁଲ ହଳେ,ପାଉଁଜି ହଳକୁ ମିଶାଇ ପ୍ରାୟ ୨ତୁଳାର ସୁନା ଅଳଙ୍କାର ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ଚାନ୍ଦିଲି ଥାନା ଅଧିନସ୍ଥ ଥେରୁବାଲି ଫାଣ୍ଡିରେ ଏକ ମାମଲା ରୁଜୁ କରିବା ପରେ ଚାନ୍ଦିଲି ପୋଲିସ ତଦନ୍ତ ଆରମ୍ଭ କରିଛି। ଶନିବାର ବିଳମ୍ବିତ ରାତ୍ରରେ ହିଁ ଏହି ଚୋରି ହୋଇଥିବା ନେଇ ଘର ମାଲିକଙ୍କ ପୁଅ ନବକିଶୋର ସିଂ ସୂଚନା ଦେଇଛନ୍ତି। ବାହାରକୁ ଯିବାର ଯୋଜନା କରୁଥିବା ଲୋକେ ନିଜ ଧନସମ୍ପତି ସୁରକ୍ଷା ପାଇଁ ନିଜ ସମ୍ପର୍କୀୟଙ୍କୁ ଘରେ ରଖିବା ନଚେତ ସ୍ଥାନୀୟ ପୋଲିସକୁ ସୂଚନା ଦେଇ ଯିବାକୁ ଲୋକଙ୍କୁ ସଚେତନତା କରାଯାଉଥିଲେ ମଧ୍ୟ ଲୋକେ ଏହାକୁ ଗୁରୁତ୍ୱ ଦେଉ ନ ଥିବାରୁ ଚୋରିର ଶୀକାର ହେଉଥିବା ଆଇଆଇସି ଉତ୍ତମ ସାହୁ କହିଛନ୍ତି। ତଦନ୍ତ ଜାରି ରହିଛି ଯଥାଶୀଘ୍ର ଦୁର୍ବୃତ୍ତଙ୍କୁ ଧରାଯିବ ବୋଲି ଆଇଆଇସି ସାହୁ କହିଛନ୍ତି ।

## ଜଗନ୍ନାଥ ମନ୍ଦିରରେ ଭକ୍ତଙ୍କ ଭିଡ଼, ମହିଳା ଗୁରୁତର


ବଡ଼ ଏକାଦଶୀ ଅବସରରେ ରାୟଗଡ଼ା ଜଗନ୍ନାଥ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼।

ରାୟଗଡା, ୨।୧୧(ଆଶିଷ ରଞ୍ଜନ ପଣ୍ଡା)

ଦେବ ଉତ୍ଥାପନ ଏକାଦଶୀ ଅବସରରେ ରାୟଗଡା ସହର ଶ୍ରଦ୍ଧା ଶ୍ରୀକ୍ଷେତ୍ରସ୍ଥିତ ଜଗନ୍ନାଥ ମନ୍ଦିରରେ ରବିବାର ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ସନ୍ଧ୍ୟା ଆରତି ପରେ ମନ୍ଦିର ଉପରେ ବାନା ଲଗାଇବା କାର୍ଯ୍ୟକ୍ରମ ଥିବାରୁ ମନ୍ଦିରରେ ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ପ୍ରବଳ ଭିଡ ଭିତରେ ୨ଜଣ ମହିଳା ଅଚେତ ହୋଇଯାଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ସୁସ୍ଥ ହୋଇଥିବାବେଳେ ଆଉ ଜଣେ ଗୁରୁତର ଥିବା ଜଣାପଡିଛି। ଗୁରୁତର ଜଣକ ହେଲେ ରାୟଗଡା ସହର ଉତ୍କଳମଣି ନଗରର ଭବାନୀ ସାହୁ (୪୫)। ମହିଳା ଜଣଙ୍କ ପ୍ରବଳ ଭିଡରେ ଅଣନିଃଶ୍ୱାସୀ ହୋଇ ଅଚେତ ହୋଇପଡ଼ିଥିଲେ। ତୁରନ୍ତ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେ ଚିକିତ୍ସାଧୀନ ଥିବା ତାଙ୍କ ସ୍ୱାମୀ ଗୌରୀ ସାହୁ ପ୍ରକାଶ କରିଛନ୍ତି। ସୂଚନାରୁ ଜଣାପଡିଛି ମନ୍ଦିର ପ୍ରଶାସନ ତରଫରୁ ଭିଡ ନିୟନ୍ତ୍ରଣ ପାଇଁ କୌଣସି ପ୍ରକାର ବ୍ୟବସ୍ଥା କରାଯାଇ ନ ଥିବାବେଳେ ପୋଲିସ ମଧ୍ୟ ଉପସ୍ଥିତ ନ ଥିଲେ। ମନ୍ଦିରର ହାଇମାକ୍ସ ଲାଇଟ କିଛି ଦିନ ହେବ ଜଳୁନାହିଁ। ଅନ୍ୟପକ୍ଷେ ସନ୍ଧ୍ୟାରେ କିଛି ସମୟ ବିଦ୍ୟୁତ ସରାବରାହ ବନ୍ଦ ଥିବାରୁ ଅନ୍ଧାର ଯୋଗୁ ଶ୍ରଦ୍ଧାଳୁ ସୁବିଧାର ସମ୍ମୁଖୀନ ହୋଇଥିବା କୁହାଯାଉଛି।

## ଆରମ୍ଭ ହେଲା ଫ୍ଲାଏଓଭର ମରାମତି

ରାୟଗଡ଼ା,୨।୧୧
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହର ଦେଇ ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥ ଉପରେ ଥିବା ଫ୍ଲାଏଓଭର ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ଦୀର୍ଘ ୫ବର୍ଷ ପରେ ଠିକା ସଂସ୍ଥା ସ୍ଥାୟୀ ମରାମତି କାର୍ଯ୍ୟ ରବିବାରଠାରୁ ଆରମ୍ଭ କରିଛି। ଏହି ମରାମତି ଓ ନିର୍ମାଣ କାମ ଦୁଇ ମାସ ଚାଲିବ ବୋଲି ସୂଚନା ମିଳିଛି। ଫ୍ଲାଏଓଭର ରାସ୍ତା ନିର୍ମାଣ ସହିତ ଫୁଟପାଥ ମଧ୍ୟ ନିର୍ମାଣ କରାଯିବ। କେବଳ ରାତିରେ ଏହି ନିର୍ମାଣ କରାଯିବ ବୋଲି ଠିକା ସଂସ୍ଥା ଇଞ୍ଜିନିୟରିଂ ବିଭାଗ ପକ୍ଷରୁ କୁହାଯାଇଛି।

ଫ୍ଲାଏଓଭର ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା ବେଳେ ଏହାର ମରାମତି ପାଇଁ ଗତ ୫ବର୍ଷ ହେବ ଦାବି ହୋଇଆସୁଥିଲା। ବାରମ୍ବାର ଦାବି ପରେ ଜାତୀୟ ରାଜପଥ ବିଭାଗ କେବଳ ତାଳିପକା କାମରେ ଚଲାଇଥିଲା। ଶେଷରେ ୪କୋଟି ଟଙ୍କା ବ୍ୟୟରେ ଏହାର ମରାମତି ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ତେବେ ଫ୍ଲାଏଓଭର ଉଭୟ ପାର୍ଶ୍ୱରେ ଥିବା ପରିବା ଓ ଫଳ ବଜାର ସ୍ଥାପନା ନେଇ ଦ୍ୱନ୍ଦ୍ୱ ବଢୁଛି। ଗତ ୧ ମାସ ତଳେ ଆରମ୍ଭ ହୋଇଥିବା ବଜାର ବର୍ତ୍ତମାନ ବନ୍ଦ ରହିଛି। ଫ୍ଲାଏଓଭର ମରାମତି ପାଇଁ କିଛି ଦିନ ବନ୍ଦ ରହିଥିବା ପରିବା ଓ ଫଳ ବଜାର ପୁନର୍ବାର ଫ୍ଲାଏଓଭର ତଳେ ଖୋଲିଛି। ପୌର ପରିଷଦ ପକ୍ଷରୁ ରାମକୃଷ୍ଣ ନଗରଠାରୁ କେନ୍ଦ୍ରୀୟ ବିଦ୍ୟାଳୟ ଯିବା ରାସ୍ତାରେ ଖୋଲାଯାଇଥିବା ନୂତନ ପରିବା ବଜାର ନେଇ ବିବାଦ ସୃଷ୍ଟି ହେବାପରେ ଏହିଭଳି ସ୍ଥିତି ଉପୁଜିଛି। କେନ୍ଦ୍ରୀୟ ବିଦ୍ୟାଳୟ ରୋଡରେ ପୌର ପରିଷଦ ଖୋଲିଥିବା ଅସ୍ଥାୟୀ ପରିବା ଓ ଆମିଷ ବଜାରକୁ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ଲୋକ ଉକ୍ତ ସ୍ଥାନକୁ ସେମାନଙ୍କ ଶ୍ମଶାନ ବୋଲି ଦାବି କରିଛନ୍ତି। ଏହାକୁ ନେଇ ପୋଲିସ ଓ ପୌର ପରିଷଦ କର୍ମଚାରୀ ଉକ୍ତ ସ୍ଥାନକୁ ଯାଇ ଅନୁଧ୍ୟାନ କରିଥିଲେ ମଧ୍ୟ ଶ୍ମଶାନ ଜମି ଛାଡ଼ିବାକୁ ସେମାନେ ନାରାଜ। ଏଭଳିକି ପରିବା ବିକ୍ରି ପାଇଁ ଆସୁଥିବା ବ୍ୟବସାୟୀଙ୍କୁ କିଛି ଅସାମାଜିକ ବ୍ୟକ୍ତି ଧମକ ଦେଉଥିବା ମଧ୍ୟ ଅଭିଯୋଗ ହୋଇଛି। ଫଳରେ ପରିବା ଓ ଫଳ ବ୍ୟବସାୟୀ ଫ୍ଲାଏଓଭର ଉଭୟ ପାର୍ଶ୍ୱରେ ପୁନର୍ବାର ଦୋକାନ ଖୋଲିବାକୁ ବାଧ୍ୟ ହୋଇଛନ୍ତି ବୋଲି କହିଛନ୍ତି। ତେବେ ପୌର ପରିଷଦ କୌଣସି ଠିକ ନିଷ୍ପତ୍ତି ନ ଥିବା କାରଣରୁ ବ୍ୟବସାୟୀ ଓ ଗ୍ରାହକ ହନ୍ତସନ୍ତ ହେଉଛନ୍ତି। ତେବେ ଏଥିପାଇଁ ଫ୍ଲାଏଓଭର ମରାମତି କାର୍ଯ୍ୟ ବିଳମ୍ବ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ କୁଳଦୀପ କୁମାର କହିଛନ୍ତି , ବ୍ୟବସାୟୀଙ୍କ ଅନୁରୋଧ ପ୍ରକାରେ ଦିପାବଳୀ ପର୍ଯ୍ୟନ୍ତ ଅନୁମତି ଦିଆଯାଇଥିଲା। ଅଳ୍ପ ଦିନରେ ଫ୍ଲାଏଓଭର ଉଭୟ ପାର୍ଶ୍ୱରେ କୌଣସି ଉଠା ଦୋକାନୀ ଆଉ ବସିବେ ନାହିଁ। ସମ୍ପୂର୍ଣ୍ଣ କଟକଣା ଜାରି ହେବ ବୋଲି ସେ ପ୍ରକାଶ କରିଛନ୍ତି।

## ରେଳଷ୍ଟେଶନରୁ ଗଞ୍ଜେଇ ଜବତ, ଯୁପିର ୨ ଅଭିଯୁକ୍ତ ଗିରଫ


ଜବତ ଗଞ୍ଜେଇ ସହ ଗିରଫ ୨ ଅଭିଯୁକ୍ତ।

ରାୟଗଡ଼ା,୨।୧୧(ଆଶିଷ ରଞ୍ଜନ ପଣ୍ଡା)

୨ ଦିନ ବ୍ୟବଧାନରେ ପୁଣି ଥରେ ରାୟଗଡା ରେଳ ଷ୍ଟେଶନରୁ ଜିଆରପି ପୋଲିସ ରବିବାର ୨୨ କେଜି ୪୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଚୋରା ଚାଲାଣରେ ସମ୍ପୃକ୍ତ ୨ଙ୍କୁ ଗିରଫ କରିଛି। ସେମାନେ ହେଲେ ଉତ୍ତରପ୍ରଦେଶର ଶ୍ରୀଦେବୀ ଗୌତମ ଓରଫ୍ ରିଙ୍କି ଗୌତମ(୪୦) ଏବଂ ମୋହନ ଲାଲ(୫୫)। କୋରାପୁଟ ଜିଲାରୁ ଚୋରାରେ ଗଞ୍ଜେଇ ନେଇ ଉଭୟ ରାୟଗଡ଼ା ରେଳ ଷ୍ଟେଶନରୁ ସମତା ଏକ୍ସପ୍ରେସରେ ଉଜ୍ଜୈନ ଯିବା ଯୋଜନା କରି ୫ନଂ ପ୍ଲାଟଫର୍ମରେ ବସିଥିଲେ। ଜିଆରପି ପୋଲିସର ତାଙ୍କ ଉପରେ ସନ୍ଦେହ ହେବାରୁ ସେମାନଙ୍କ ବ୍ୟାଗ ଯାଞ୍ଚ କରିଥିଲେ। ସେଥିରୁ ଗଞ୍ଜେଇ ବାହାରିବା ପରେ ପୋଲିସ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ଅନ୍ୟପକ୍ଷେ ରାୟଗଡ଼ା ଜିଲାରେ ଅବକାରୀ ବିଭାଗର ବିଭିନ୍ନ ସ୍ଥାନରେ କାର୍ଯ୍ୟାଳୟ ରହିବା ସହ କର୍ମଚାରୀ ମଧ୍ୟ ରହିଛନ୍ତି। ହେଲେ ଦୁଇ ଦିନ ତଳେ ମୁନିଗୁଡ଼ା ଅଞ୍ଚଳରୁ ଏବଂ ରବିବାର କୋରାପୁଟ ଜିଲାରୁ ରାୟଗଡ଼ା ଜିଲା ଭିତରକୁ ଗଞ୍ଜେଇ କିଭଳି ଚୋରାରେ ପ୍ରବେଶ କରୁଛି ତାହା ତଦନ୍ତ ସାପେକ୍ଷ ବୋଲି ଲୋକେ ଦାବି କରିଛନ୍ତି । ଜିଆରପି ଡିଏସ୍‌ପି ପ୍ରଶାନ୍ତ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଯାଞ୍ଚ ବେଳେ ଆଇଆଇସି ବିନୟ କୁମାର ମିଞ୍ଜ, ଏସ୍‌ଆଇ ସନ୍ତୋଷ କୁମାର ପରିଡ଼ା, ଏଏସ୍‌ଆଇ ମାଣିକ ଚନ୍ଦ୍ର ଗୌଡ଼ଙ୍କ ସହ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।

## ଲୁକ୍କାୟିତ ପ୍ରତିଭା ଅନ୍ୱେଷଣ କରିବ ଷ୍ଟାର କିଡ୍, ମିସ୍ ଓ ମିଷ୍ଟ୍ରେସ୍ ରାୟଗଡ଼ା

ରାୟଗଡ଼ା,୨।୧୧(ଆଶିଷ ରଞ୍ଜନ ପଣ୍ଡା)

ଲୁକ୍କାୟିତ ପ୍ରତିଭା ଅନ୍ୱେଷଣ ଉଦ୍ଦେଶ୍ୟରେ ରାୟଗଡ଼ାରେ ଆୟୋଜିତ ହେବାକୁ ଯାଉଛି ଷ୍ଟାର କିଡ଼ସ, ମିସ ଏବଂ ମିଷ୍ଟ୍ରେସ ରାୟଗଡ଼ା-୨୦୨୫ କାର୍ଯ୍ୟକ୍ରମ। ଏନେଇ ଆୟୋଜକ ରବିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସ୍ଥାନୀୟ ଏକ ଫଙ୍କସନ୍ ହଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁମ୍ବାଇ ଫେମିନା ମିସ୍ ଇଣ୍ଡିଆ ୨୦୧୯ର ବିଜେତା ଶୀତଲ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ପୋଷ୍ଟର ଉନ୍ମୋଚନ କରିଥିଲେ। ୪ଟି ପର୍ଯ୍ୟାୟରେ ଏହି ପ୍ରତିଯୋଗିତା ଆୟୋଜନ ହେବ ବୋଲି ଆୟୋଜକ ସୂଚନା ଦେଇଛନ୍ତି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ସଭାପତି ଗୋପୀ ଆନନ୍ଦ, ରାୟଗଡ଼ା ଅଟୋନୋମସ କଲେଜ ପୂର୍ବତନ ଅଧ୍ୟକ୍ଷା ବବିଲତା ଶରାଫ୍, ଜିଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ, ମହିଳା ମହାବିଦ୍ୟାଳୟ ଏନ୍‌ସିସି ଅଫିସର ରୀତାରାଣୀ ମିଶ୍ର, ବରିଷ୍ଠ ସାମ୍ବାଦିକ ଅମୂଲ୍ୟ ସାହୁ, ସୁଶ୍ରିତା ଦାସ, ଲାୟନ୍ସ କ୍ଲବ୍ ସଭାପତି ଜି.ରାମକ୍ରିଷ୍ଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ପର୍ଯ୍ୟାୟ କ୍ରମେ ଫେସନ ଶୋ ଅଡିଶନ ଚାଲିବ । ଗ୍ରାଣ୍ଡ ଫିନାଲେରେ ୪ଟି କ୍ୟାଟେଗୋରି ନିମନ୍ତେ ପ୍ରାର୍ଥୀ ଚୟନ କରାଯିବ । ଏହି କାର୍ଯ୍ୟକ୍ରମକୁ କେ.ମଧୁରବାଣୀ ଓ କୋରଡା ରଜିତା ଆୟୋଜନ କରିଥିଲେ। ବିଶାଖାପାଟଣାର ଏକ ଫ୍ୟାଶନ ଅନୁଷ୍ଠାନ ଏଲାଇଟ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିବା ନେଇ ରଜିତା ସୂଚନା ଦେଇଛନ୍ତି। ଷ୍ଟାର କିଡ଼ସ୍ କ୍ୟାଟେଗୋରିରେ ୫ ରୁ୧୨ ବର୍ଷ, ଟିନ୍ କ୍ୟାଟେଗୋରିରେ ୧୩ ରୁ ୧୭ ବର୍ଷ, ମିସ୍ କ୍ୟାଟେଗୋରିରେ ୧୮ ବର୍ଷ ବୟସର ଯୁବପିଢ଼ି ଭାଗ ନେବେ। ସେହିଭଳି ଶେଷ କ୍ୟାଟେଗୋରି ମିଷ୍ଟ୍ରେସ୍‌ରାୟଗଡ଼ାରେ ବିବାହିତ ମହିଳା ଅଂଶଗ୍ରହଣ କରିବେ ବୋଲି ଆୟୋଜକ ସୂଚନା ଦେଇଛନ୍ତି ।


ଅତିଥିମାନେ ପୋଷ୍ଟର ଉନ୍ମୋଚନ କରୁଛନ୍ତି।

## ବ୍ରଜ ନାୟକ ରାୟଗଡ଼ା ୱାର୍କର୍ସ କ୍ଲବ ସଭାପତି

ରାୟଗଡ଼ା,୨।୧୧
(ଆଶିଷ ରଞ୍ଜନ ପଣ୍ଡା)


ବ୍ରଜ ସୁନ୍ଦର ନାୟକ।

ରାୟଗଡ଼ା ୱାର୍କର୍ସ କ୍ଲବ ପକ୍ଷରୁ ନୂତନ କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ବ୍ରଜ ସୁନ୍ଦର ନାୟକଙ୍କୁ ସଭାପତି ଭାବେ ଚୟନ କରାଯାଇଛି। ସେହିପରି ପ୍ରଭାକର ଦୋରା ଓ ଜଳନ୍ଧର ପୁଷିକା ଉପସଭାପତି ଭାବେ ଚୟନ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମନ୍ମଥ ତୁଲ ସମ୍ପାଦକ, ବିଶ୍ୱନାଥ ସାହୁ ସହସମ୍ପାଦକ, ଗୋପାଳ ଜୈନ କୋଷାଧ୍ୟକ୍ଷ ହୋଇଥିବା ବେଳେ ଡାଲିରାଜୁ ଓ ତ୍ରିପତି ପଣ୍ଡା ଲୋକସମ୍ପର୍କ ଅଧିକାରୀ ଭାବେ ଚୟନ ହୋଇଛନ୍ତି । ରାଜକିଶୋର ସାହୁ ଏବଂ ଦାଶରଥି ଶବରଙ୍କୁ ଜଲି ୱାକର ଭାବେ ଚୟନ କରାଯାଇଛି।

## ଗୋଟିଏ ଚାଷ ବଦଳରେ ସମନ୍ୱିତ ଚାଷ ଉପରେ ଗୁରୁତ୍ୱ

### ବ୍ଲକ୍‌ସ୍ତରୀୟ ମତ୍ସ୍ୟ, ପ୍ରାଣିସମ୍ପଦ ମେଳା

ମୁନିଗୁଡ଼ା,୨।୧୧ (ନନ୍ଦ କିଶୋର ପଟ୍ଟନାୟକ)

ରାଜ୍ୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗ ସୌଜନ୍ୟ ଓ ମୁନିଗୁଡ଼ା ବ୍ଲକ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ଆୟୋଜନରେ ମୁନିଗୁଡ଼ାର ମହାବିଦ୍ୟାଳୟ ଖେଳ ପଡିଆ ପରିସରରେ ରବିବାର ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା -୨୦୨୫ ଅନୁଷ୍ଠିତ ହୋଇଯାଇଛି। ମୁନିଗୁଡା ବିଡିଓ କୃଷ୍ଣଚନ୍ଦ୍ର ଦଳପତିଙ୍କ ସଭାପତିତ୍ୱ ଏବଂ କୃଷି ବୈଷୟିକ ସହାୟକ ଉତ୍ତମ କୁମାର ଦାସଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମେଳାରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଦୁଃଖିନୀ ନୁଣ୍ଡୁକା, ମୁଖ୍ୟବକ୍ତା ଓଡ଼ିଶା ବାୟୋଲୋଜିକାଲ ପ୍ରଡକ୍ଟ ଯୁଗ୍ମ ନିର୍ଦ୍ଦେଶକ ଡ.ସୁନୀଲ କୁମାର ପ୍ରଧାନ, ଅନ୍ୟତମ ମୁଖ୍ୟବକ୍ତା ଭାବେ ଜିଲା ଅତିରିକ୍ତ ପ୍ରାଣୀସମ୍ପଦ ଅଧିକାରୀ ଡ. ନରେଶ କୁମାର ଜେନା ଉପସ୍ଥିତ ରହି ମେଳାର ଶୁଭାରମ୍ଭ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଜିଲା ମତ୍ସ୍ୟ ଅଧିକାରୀ ସୁଶାନ୍ତ କୁମାର ଗୌଡ଼, କୃଷି ଜିଲା ଅଧିକାରୀ ପ୍ରକାଶ ଚନ୍ଦ୍ର ବେହେରା, ଜିଲା ସହକାରୀ ମତ୍ସ୍ୟ ଅଧିକାରୀ ବିଭୁ ଭୂଷଣ ଜେନା, ଜିଲା ପରିଷଦ ସଦସ୍ୟା ମାଧବୀ କନ୍ଧପାଣି, ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ ଡ.ଶଙ୍କର ହିଆଲ ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥି ଓ ବିଭାଗୀୟ ଅଧିକାରୀମାନେ ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନା ଉପରେ ଆଲୋକପାତ କରିବା ସହ ପାରମ୍ପରିକ ଗୋଟିଏ ଚାଷ ବଦଳରେ ସମନ୍ୱିତ ଚାଷ, କମ୍ ସମୟରେ ଉନ୍ନତ ଜ୍ଞାନ କୌଶଳ ଉପଯୋଗ କରି ଅଧିକା ଉତ୍ପାଦନ କରିବାକୁ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ମତ୍ସ୍ୟ ଚାଷ, ଗୋପାଳନ, ଗୃହ ପାଳିତପଶୁ, ଉଦ୍ୟାନ କୃଷି ଓ ସାଧାରଣ କୃଷିକୁ ଉପଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଏହା କରିପାରିଲେ ବେକାର ସମସ୍ୟା ରହିବନାହିଁ। ଏଣୁ ଆମ ଅଞ୍ଚଳର ଯୁବାବର୍ଗ ଉଦ୍ୟୋଗୀ ହୋଇ ସ୍ୱାବଲମ୍ବୀ ହେବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମହାପାତ୍ରଙ୍କ ଚାଷୀଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ଏଲଇଡି ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ପରେ ଚାଷ କ୍ଷେତ୍ରରେ ଆତ୍ମନିର୍ଭର ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ନିମନ୍ତ୍ରିତ ଅତିଥିଭାବେ କଳାହାଣ୍ଡି ଜିଲା ମତ୍ସ୍ୟ ଅଧିକାରୀ ଜ୍ଞାନରଞ୍ଜନ ସେଠୀ,ବୌଦ୍ଧ ଜିଲା ସହକାରୀ ମତ୍ସ୍ୟ ଅଧିକାରୀ ଦ୍ରୌପଦୀ ମାଲି, ଡ.ସୌଦାମିନୀ ନାୟକ, ଡ.ସୁନୀଲ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନରେ କୃଷି ବିଜ୍ଞାନୀଙ୍କ ସହିତ ଅଗ୍ରଣୀ ଚାଷୀଙ୍କ ବିଭିନ୍ନ କୃଷି ଅଭିବୃଦ୍ଧି ଉପରେ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। ମେଳାରେ ସମନ୍ୱିତ କୃଷି ସମ୍ବନ୍ଧୀୟ ପ୍ରଦର୍ଶନୀ ଓ ଷ୍ଟଲ ବ୍ୟବସ୍ଥା ହୋଇଥିଲା। ଶେଷରେ ମତ୍ସ୍ୟ ଅଧିକାରୀ ସୁଶାନ୍ତ କୁମାର ଗୌଡ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ କୃଷି ବିଭାଗ ଅଧିକାରୀ।

## 'ଗଣଦୌଡ଼, ୱାକାଥନ' ଜରିଆରେ ସାଇବର ସଚେତନତା

ରାୟଗଡ଼ା,୨।୧୧(ଆଶିଷ ରଞ୍ଜନ ପଣ୍ଡା)

ସାଇବର ଅପରାଧ ରୋକିବା ନିମନ୍ତେ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ରବିବାର ସ୍ଥାନୀୟ ଜିସିଡି ଖେଳ ପଡ଼ିଆଠାରେ ଗଣଦୌଡ ଓ ୱାକାଥନ୍ ଅନୁଷ୍ଠିତ ହୋଇଥିଲା। ରାୟଗଡ଼ା ସହରର କୋରାପୁଟ ଛକରୁ ୫ କି.ମି. ଯାଏ ଗଣଦୌଡରେ ସହରର ବହୁ ଯୁବତୀ ଯୁବକ, ଛାତ୍ରୀଛାତ୍ର, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ମୋଟ ୧୫୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଏହି ଗଣଦୌଡ଼କୁ ଏସ୍‌ପି ସ୍ୱାଥୀ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସପି ଅମୂଲ୍ୟ କୁମାର ଧର, ସ୍ୱସ୍ତିକ ପଣ୍ଡାଙ୍କ ସମେତ ବିଭିନ୍ନ ପୋଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

ରୋଡ଼ ରନ କାର୍ଯ୍ୟକ୍ରମରେ ପୁରୁଷ ବର୍ଗରେ ନେତ୍ରମଣି ଶବର ପ୍ରଥମ, ଶ୍ରୀକାନ୍ତ ପ୍ରାସ୍କା ଦ୍ୱିତୀୟ ଓ ଚକିତ ଝୁଡିଆ ତୃତୀୟ ସ୍ଥାନ ହାସଲ କରିଥିଲେ । ସେହିପରି ମହିଳା ବର୍ଗରେ ଲଳିତା ତିଆକା ପ୍ରଥମ, ପିଙ୍କି ହିମିରିକା ଦ୍ୱିତୀୟ ଓ ମୌସୁମୀ ମାଝୀ ତୃତୀୟ ସ୍ଥାନ ହାସଲ କରିଥିଲେ । ଏସ୍‌ପି ସ୍ୱାଥୀ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଥମ ପୁରସ୍କାରରେ ୫ହଜାର ଟଙ୍କା, ଦ୍ୱିତୀୟ ପୁରସ୍କାରରେ ୩ହଜାର ଟଙ୍କା, ଓ ତୃତୀୟ ପୁରସ୍କାରରେ ୨ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ଅପରାହ୍ନରେ ଆୟୋଜିତ ୱାକାଥନରେ ବହୁ ବରିଷ୍ଠ ନାଗରିକ ଅଂଶଗ୍ରହଣ କରିଥିଲେ। ପରେ ସନ୍ଧ୍ୟା ସମୟରେ ବିଶିଷ୍ଟ ହାସ୍ୟ ଅଭିନେତା ପ୍ରଭାକର ମିଶ୍ର (ଟୁନା ଟୁନ ଟୁନ )ଓ କାଳୀ ରଥଙ୍କ ଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ସୂଚନାଯୋଗ୍ୟ, ସାମ୍ପ୍ରତିକ ଦୈନନ୍ଦିନ ସାଇବର ଅପରାଧ ବୃଦ୍ଧି ପାଉଥିବାରୁ ଏବଂ ଏହାଦ୍ୱାରା ବହୁତ ନିରୀହ ଜନସାଧାରଣ ଠକେଇର ଶିକାର ହେଉଥିବାରୁ ସେମାନଙ୍କୁ ସୁରକ୍ଷା ଦେବା ନିମନ୍ତେ ରାୟଗଡା ଜିଲାରେ ଅକ୍ଟୋବର ୧୯ରୁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା। ରାୟଗଡ଼ା ଏସ୍‌ପି ସ୍ୱାଥୀ ଏସ୍.କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଚାର ରଥ ମାଧ୍ୟମରେ ସାଂସ୍କୃତିକ କାର୍ଯ୍ୟକ୍ରମ କରି ଜିଲାର ସମସ୍ତ ଥାନା ଅଞ୍ଚଳରେ ସଚେତନତା କରାଯାଉଛି । ସାଇବର ଅପରାଧ ରୋକିବା ନିମନ୍ତେ ଜିଲାସ୍ତରରୁ ଆରମ୍ଭ ହୋଇ ବ୍ଲକ୍‌ସ୍ତର ପର୍ଯ୍ୟନ୍ତ ବ୍ୟାପକ ଜନସଚେତନତା କରାଯାଉଥିବା ସାଇବର ସୁରକ୍ଷା ନିମନ୍ତେ ଦାୟିତ୍ୱରେ ଥିବା ଅଧିକାରୀ ଅଭିନାଶ ରେଡ୍ଡି ସୂଚନା ଦେଇଛନ୍ତି ।


ଗଣଦୌଡରେ ଭାଗ ନେଇଥିବା ଛାତ୍ରୀଛାତ୍ର ଏବଂ ପୋଲିସ୍ ଅଧିକାରୀ।

## ସଂକ୍ଷେପରେ

### କୋରାପୁଟ ସାଂସ୍କୃତିକ ପରିଷଦର ନୂତନ କର୍ମକର୍ତ୍ତା ନିର୍ବାଚନ

କୋରାପୁଟ,୨।୧୧(ଅମିତାଭ ବେହେରା)

କୋରାପୁଟ ସାଂସ୍କୃତିକ ପରିଷଦର ପରିସରରେ ନୂତନ କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରକ୍ରିୟାକୁ ବରିଷ୍ଠ ସଦସ୍ୟ ଉମି ଡାନିଏଲ ଏବଂ ସଦାନନ୍ଦ ବେହେରା ନିର୍ବାଚନ ଅଧିକାରୀ ଭାବେ ପରିଚାଳିତ କରିଥିଲେ। ସମସ୍ତ ପଦାଧିକାରୀଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ନବନିର୍ବାଚିତ କର୍ମକର୍ତ୍ତା ମଧ୍ୟରେ ସଭାପତି ଶିବ ପ୍ରସାଦ ରଥ, ଉପସଭାପତି ରାଜେନ୍ଦ୍ର ମାଝୀ, ମୀନା କୁମାରୀ ମାଛ, ସମ୍ପାଦକ ଅତନୁ ପଟ୍ଟନାୟକ, ସାଙ୍ଗଠନିକ ସମ୍ପାଦକ କାଳୀ ପ୍ରସାଦ ଦାଶ, ଯୁଗ୍ମ ସମ୍ପାଦକ ମାଇକେଲ ଜନ, କୋଷାଧ୍ୟକ୍ଷ ଭାବେ ଦୁର୍ଗାପ୍ରସାଦ ରଥ ନିର୍ବାଚିତ ହୋଇଥିବା ଜଣାପଡ଼ିଛି। ବୈଠକର ପ୍ରାରମ୍ଭରେ ସମ୍ପାଦକ ପଟ୍ଟନାୟକ ୨ ବର୍ଷରେ ପରିଷଦର କାର୍ଯ୍ୟକଳାପ ଏବଂ ସଫଳତା ନେଇ ଆଲୋକପାତ କରି ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ସଭାପତି ରଥ ଅଞ୍ଚଳରେ କଳା, ସଂସ୍କୃତି ଏବଂ ସାହିତ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ପରିଷଦର ନିରନ୍ତର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ପରିଷଦର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### କାର୍-ଟ୍ରକ୍ ମୁହାଁମୁହିଁ ଧକ୍କା, ୩ ଆହତ



ସୁନାବେଡା/ସେମିଳିଗୁଡ଼ା,୨।୧୧ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସେମିଳିଗୁଡ଼ା ଥାନା ଅଧୀନ ୨୬ ନଂ. ଜାତୀୟ ରାଜପଥ ରାଣୀକଣା ଛକରେ କାର୍ ଓ ଟ୍ରକ ମୁହାଁମୁହିଁ ଧକ୍କା ହୋଇ ୩ ଯୁବକ ରବିବାର ଗୁରୁତର ହୋଇଛନ୍ତି। ଆହତମାନେ ହେଲେ ଛତିଶଗଡ଼ ରାୟପୁର ଅଞ୍ଚଳର ଉତ୍ତମ ଜେନା, ସତ୍ୟେନ୍ଦ୍ର ସିଂ ଓ ଗୌତମ ରାଓ। ସୂଚନାନୁଯାୟୀ, ରବିବାର ପଟାଙ୍ଗିରୁ ସେମିଳିଗୁଡ଼ା ଆସୁଥିବା ଏକ କାର(ନଂ.ସିଜି-୧୭କେଟି-୭୫୩୮) ବିପରୀତ ଦିଗରୁ ଆସୁଥିବା ଟ୍ରକ୍(ନଂ. ଓଡି-୧୦ପି-୬୨୨୯)ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ କାର ଚାଳକ ସମେତ ୨ ଆରୋହୀ ଆହତ ହୋଇଥିଲେ। ଖବର ପାଇ ସେମିଳିଗୁଡ଼ା ଥାନା ଏସଆଇ ପ୍ରଫୁଲ୍ଲ କୁମାର ପାତ୍ର ଓ ସହକର୍ମୀ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଆହତଙ୍କୁ ସୁନାବେଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଇ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇଛି। ଖବର ଲେଖାଯିବା ସୁଦ୍ଧା ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

# ଦୁର୍ନୀତି ବିରୋଧରେ ଲଢ଼ିବାକୁ ଆହ୍ୱାନ

## ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରା

ଜୟପୁର,୨।୧୧(ପବନ ପାଣିଗ୍ରାହୀ)

କୋରାପୁଟ ଡିଭିଜନ ଜୟପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ଏକ ସଚେତନତା ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ରାଜାନଅରଠାରୁ ଶୋଭାଯାତ୍ରା ବାହାରି ମୁଖ୍ୟ ରାସ୍ତା ଦେଇ ଭିଜିଲାନ୍ସ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଏଥିରେ ମୁଖ୍ୟ ଅତିଥି ଜୟପୁର ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀ, ଭିଜିଲାନ୍ସ ଏସ୍‌ପି ରବୀନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ଥିଲେ। ସପ୍ତାହେ ବ୍ୟାପୀ ଚାଲିଥିବା କାର୍ଯ୍ୟକ୍ରମ




ଭିଜିଲାନ୍ସ ବିଭାଗ ପକ୍ଷରୁ ଶୋଭାଯାତ୍ରା କରାଯାଉଛି।

ରବିବାର ଉଦ୍‌ଯାପିତ ହୋଇଛି। ଏହି ଶୋଭାଯାତ୍ରାରେ ବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ହୋଇ ଦୁର୍ନୀତି ବିରୋଧରେ ଲଢ଼ିବାକୁ ଅଞ୍ଚଳବାସୀଙ୍କୁ ସଚେତନ କରିଥିଲେ। ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ଭିଜିଲାନ୍ସ ବିଭାଗ ୩୩ ମାମଲା ରୁଜୁ କରିଛି। ସମସ୍ତ ସରକାରୀ କର୍ମଚାରୀ ନିଜକୁ ଜନସେବକ ଭାବି ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିବାକୁ କୁହାଯାଇଥିଲା। ଅର୍ଥ ଲୋଭରେ ନ ପଡ଼ି ଅନ୍ୟାୟ ହେଉଥିବା କିମ୍ବା କେହି ଲାଞ୍ଚ ନେଉଥିବା ଦେଖିଲେ ଓ ଦୁର୍ନୀତି ସମ୍ପର୍କରେ ଖବର ଥିଲେ ଭିଜିଲାନ୍ସ ଥାନାରେ ଜଣାଇବାକୁ ଏସ୍‌ପି ପଣ୍ଡା ସୂଚନା ଦେଇଛନ୍ତି। ଜନତାଙ୍କ ସୁବିଧା ପାଇଁ କୌଣସି ପ୍ରକାର ଦୁର୍ନୀତିକୁ ବରଖାସ୍ତ କରାଯିବ ନାହିଁ ଅତିଥିମାନେ କହିଥିଲେ।

# କେକେ ରେଳପଥରେ ୬ ପୁସିଂ ବ୍ରିଜ ନିର୍ମାଣକୁ ମଞ୍ଜୁରୀ

ନନ୍ଦପୁର/ପାଡୁଆ,୨।୧୧ (ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

ବିଶାଖାପାଟଣା-କିରାଣ୍ଡୁଳ ସଂଯୋଗୀ କେକେ ରେଳପଥର ଆନ୍ଧ୍ର ଗୋରାପୁରଠାରୁ କୋରାପୁଟ ମନାବାର ଷ୍ଟେଶନ ମଧ୍ୟରେ ୬ ପୁସିଂ ବ୍ରିଜ ନିର୍ମାଣ ପାଇଁ ରେଳ ମନ୍ତ୍ରାଳୟ ମଞ୍ଜୁରୀ ଦେଇଛି। ସୂଚନା କେକେ ରେଳପଥର ରେଳଧାରଣା ଆରପଟକୁ ରାସ୍ତା ନ ଥିବାରୁ ନନ୍ଦପୁର ଓ ଲମତାପୁଟ ବ୍ଲକର ଏକାଧିକ ଗ୍ରାମବାସୀ ସରକାରଙ୍କ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ଥିଲେ। ଲୋକେ ପୁସିଂ ବ୍ରିଜ ନିର୍ମାଣ ପାଇଁ ଦାବି କରୁଥିଲେ। ଧରିତ୍ରୀରେ ଦାର୍ଲିପୁଟ, ପାଡୁଆ ଓ ପାଲିବା ଗ୍ରାମବାସୀଙ୍କ ଅସୁବିଧା ସମ୍ପର୍କରେ ଖବର ପ୍ରକାଶ ପାଇଥିଲା। ରାଜ୍ୟର ବିଭିନ୍ନ ରେଳପଥରେ ୯୨ ପୁସିଂ ବ୍ରିଜ ନିର୍ମାଣ କରିବାକୁ ରେଳ ମନ୍ତ୍ରାଳୟ ମଞ୍ଜୁରୀ ଦେଇଛି। ଏହି ତାଲିକାରେ ନନ୍ଦପୁର ଲମତାପୁଟ ଦେଇ ଯାଇଥିବା କେକେ ରେଳପଥର ଗୋରାପୁର ଦାର୍ଲିପୁଟ ଷ୍ଟେଶନ ମଧ୍ୟରେ ପୋଲ ନଂ ୧୨୧(ନାରୀଗାଁ), ଷ୍ଟେଶନ ନିକଟ ପୋଲ ନଂ ୧୨୬, ପାଡୁଆ ଗ୍ରାମ ନିକଟ ପୋଲ ନଂ ୧୩୩, ପାଲିବା ହାଟ ପୋଲ ନଂ ୧୭୧, ସୁକୁ ଗ୍ରାମ ପୋଲ ନଂ ୧୮୧, ମନାବାର ଷ୍ଟେଶନ ନିକଟ ପୋଲ ନଂ ୧୯୯ ନିକଟରେ ୬ ପୁସିଂ ବ୍ରିଜ ନିର୍ମାଣ ପାଇଁ ମଞ୍ଜୁରୀ ମିଳିଛି। ୧୩ ଗ୍ରାମବାସୀ ପ୍ରଭାବିତ ତଥା ସବୁଠୁ ଅଧିକ ଆବଶ୍ୟକ ଥିବା ଦାର୍ଲିପୁଟ ପୁସିଂ ବ୍ରିଜ ନିର୍ମାଣ କାର୍ଯ୍ୟ ପ୍ରକ୍ରିୟା ପ୍ରଥମେ ଆରମ୍ଭ ହେବ ବୋଲି ରେଳ ବିଭାଗ ଯନ୍ତ୍ରୀ ଗୋବିନ୍ଦ ବାବୁ ସୂଚନା ଦେଇଛନ୍ତି। ସୂଚନା ଥାଉକି ପୂର୍ବରୁ ରେଳପଥରେ ପୁସିଂ ବ୍ରିଜ ନିର୍ମାଣରେ ରେଳ ବିଭାଗ ଓ ରାଜ୍ୟ ସରକାରଙ୍କ ମିଳିତ ପାଣ୍ଠି ବ୍ୟବହାର ହେଉଥିଲା। କିନ୍ତୁ ରାଜ୍ୟ ସରକାରଙ୍କ ଅନୁରୋଧ କ୍ରମେ ବର୍ତ୍ତମାନ ରେଳ ବିଭାଗ ନିଜସ୍ୱ ପାଣ୍ଠିରେ ସମସ୍ତ ପ୍ରକଳ୍ପ ନିର୍ମାଣ କରିବ ବୋଲି କେକେ ରେଳପଥ ଏଡିଇଏନ୍ ରାଜେନ୍ଦ୍ର ପ୍ରସାଦ ପ୍ରଦାନ ସୂଚନା ଦେଇଛନ୍ତି। ନନ୍ଦପୁର ବ୍ଲକର ନାରୀଗାଁ, ଦାର୍ଲିପୁଟ, ପାଡୁଆ, ଲମତାପୁଟ ବ୍ଲକର ପାଲିବା ଓ କୋରାପୁଟ ବ୍ଲକର ସୁକୁ ମନାବାର ଗ୍ରାମବାସୀ ଖୁସି ବ୍ୟକ୍ତ କରିଛନ୍ତି।



ଦାର୍ଲିପୁଟ ପୁସିଂ ବ୍ରିଜ ପାଇଁ ପ୍ରକ୍ରିୟା ଆରମ୍ଭ।

# ପଞ୍ଚକ ବ୍ରତ ପାଇଁ ଶାବର ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ଭିଡ଼

କୋରାପୁଟ,୨।୧୧ (ଅମିତାଭ ବେହେରା)

କାର୍ତ୍ତିକ ମାସ ଯୋଗୁ କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁ ପଞ୍ଚକ ବ୍ରତ ସହ ନାମ ସଂକୀର୍ତ୍ତନ କରିଛନ୍ତି। ଜିଲା ସମେତ ଛତିଶଗଡ ଓ ଆନ୍ଧ୍ର ପ୍ରଦେଶରୁ ଦୈନିକ ଶତାଧିକ ଲୋକ ମନ୍ଦିରକୁ ଆସୁଥିବା ଦେଖିବାକୁ ମିଳିଛି। ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଭକ୍ତ ଦର୍ଶନ କରି ଆଶିଷ କାମନା କରିଥିଲେ। ମନ୍ଦିରର ମଣ୍ଡିବେଡାରେ ପଞ୍ଚକ ପାଇଁ ଏହି ନାମ ସଂକୀର୍ତ୍ତନ ପୂର୍ଣ୍ଣିମା ଯାଏ କରାଯିବ। କିର୍ତ୍ତନ ମଣ୍ଡଳୀ ନଗର ପରିକ୍ରମା କରିବେ ବୋଲି ମନ୍ଦିର ପରିଚାଳନା କମିଟି ଭାରପ୍ରାପ୍ତ ସମ୍ପାଦକ ଭବାନୀ ଶଙ୍କର ଆଚାର୍ଯ୍ୟ କହିଛନ୍ତି। ନାମ ସଂକୀର୍ତ୍ତନରେ




ମନ୍ଦିରରେ ନାମ ସଂକୀର୍ତ୍ତନ କରାଯାଉଛି ।

ସହର ଓ ଆଖପାଖ ଅଞ୍ଚଳର ପ୍ରାୟ ୧୫ରୁ ଊର୍ଦ୍ଧ୍ୱ କିର୍ତ୍ତନ ଦଳ ସାମିଲ ହୋଇଥିବା ଜଣାପଡ଼ିଛି। ଆସନ୍ତା ବୁଧବାର ପ୍ରାତଃ ବୋଇତ ବନ୍ଦାଣ ଓ ଡଙ୍ଗା ଭସା ପର୍ବ ଅନୁଷ୍ଠିତ ହେବ। ଏଥିରେ ଭକ୍ତଙ୍କ ପ୍ରବଳ ସମାଗମ ହେବା ସୂଚନା ରହିଛି। ଶାନ୍ତିଶୃଙ୍ଖଳା ଓ ଟ୍ରାଫିକ ବ୍ୟବସ୍ଥା ପାଇଁ କୋରାପୁଟ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିବା ଏସଡିପିଓ ସଞ୍ଜୟ କୁମାର ମଣ୍ଡଳ ସୂଚନା ଦେଇଛନ୍ତି।

## ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା

ଦଶମନ୍ତପୁର,୨।୧୧(ଅରବିନ୍ଦ ନାୟକ)

ଦଶମନ୍ତପୁର ବ୍ଲକ ସଦର ମହକୁମାସ୍ଥିତ କଲେଜ ଖେଳ ପଡିଆରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ସ୍ଥାନୀୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୁଧାକର ବେହେରାଙ୍କ ତତ୍ତ୍ୱାବଧାନରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ରବିବାର ଉଦ୍‌ଘାଟନ କରିଥିଲେ। ଏଥିରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ସମସ୍ତ ଜିଲାସ୍ତରୀୟ ଅଧିକାରୀ, ଭାଜପା ବ୍ଲକ ସଭାପତି ଦିଲ୍ଲୀପ ବାଘ, ସମ୍ପାଦକ କୃପା ରାଇ, ଏମ୍‌ପି ପ୍ରତିନିଧି ପଙ୍କଜ କୁମାର ବାଘ, କଂଗ୍ରେସ ବ୍ଲକ ସମ୍ପାଦକ ମହୋନ ପାତ୍ର ହିଆଲ ଓ ୩୫୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ। ଏଥିରେ ୯ ଚାଷୀଙ୍କୁ ମାନପତ୍ର ସହ ୧ହଜାର ଟଙ୍କା ଦେଇ ସମ୍ମାନିତ କରାଯାଇଥିଲା। ୧୦ ଚାଷୀଙ୍କୁ କାମଧେନୁ ଯୋଜନାରେ ଗାଈ, ମଇଁଷି, ବ୍ରଏଲର୍ ଫାର୍ମ ଓ ଛେଳି ପାଳନ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା।

# ସାଇବର ସୁରକ୍ଷା ନେଇ ମାରାଥନ, ପଥପ୍ରାନ୍ତ ନାଟକ

ଜୟପୁର,୨।୧୧(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଟାଉନ ପୋଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନରେ ମିନି ମାରାଥନ ସହ ପଥପ୍ରାନ୍ତ ନାଟକ କରି ରବିବାର ସଚେତନ କରାଯାଇଛି। ସ୍ଥାନୀୟ ବିକ୍ରମଦେବ ବିଶ୍ୱବିଦ୍ୟାଳୟଠାରୁ ମାରାଥନ ବାହାରି ସହର ପରିକ୍ରମା ପରେ ପୁଣି ବିଶ୍ୱବିଦ୍ୟାଳୟରେ ପହଞ୍ଚିଥିଲା। ଏଥିରେ ୨ ଶହ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଜୟପୁର ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀ, ଏସ୍‌ଡିପିଓ ପାର୍ଥ କଶ୍ୟପ, ଟାଉନ ଥାନାଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ, ସଦର ଥାନାଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ, ବୈପାରିଗୁଡ଼ା ଥାନାଧିକାରୀ ଡମ୍ବରୁଧର ବାଡିଆ ଉପସ୍ଥିତ ଥିଲେ। ସଚେତନ ରହି ସୁରକ୍ଷିତ ରହିବା, ଅଚିହ୍ନା ଲୋକଙ୍କୁ ଓଟିପି ନ ଦେବା ଆଦି ସଚେତନ କରିଥିଲେ। ମୋଟ ୫ କି.ମି. ମିନି ମାରାଥନ କରାଯାଇଥିଲା। ସାଇବର ଠକେଇ ବଢୁଥିବା ବେଳେ ସାଇବର ଠକମାନେ ବିଭିନ୍ନ ଉପାୟରେ ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟ କରୁଛନ୍ତି। କାର୍ଯ୍ୟକ୍ରମରେ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।




କାର୍ଯ୍ୟକ୍ରମରେ ଉପସ୍ଥିତ ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀ ଓ ସମସ୍ତ ପ୍ରତିଯୋଗୀ।

# ୨ କି.ମି. ଖଟିଆରେ ବୁହାହେଲେ ଗର୍ଭବତୀ

## ରାସ୍ତାରେ କାଦୁଅ ଯୋଗୁ ଗାଁକୁ ଆସିପାରିଲାନି ଆମ୍ବୁଲାନ୍ସ

ପାପଡାହାଣ୍ଡି, ୨।୧୧ (ସ୍ୱପ୍ନଜିତ ପଟ୍ଟନାୟକ)

ରାସ୍ତାରେ କାଦୁଅ ଯୋଗୁ ଗାଁକୁ ଆସିପାରିଲାନି ଆମ୍ବୁଲାନ୍ସ। ଅଧା ରାସ୍ତାରେ ଆମ୍ବୁଲାନ୍ସ ଅଟକି ରହିବାରୁ ଜଣେ ଗର୍ଭବତୀଙ୍କୁ ତାଙ୍କ ସମ୍ପର୍କୀୟ ଗାଁରୁ ୨ କିଲୋମିଟର ପର୍ଯ୍ୟନ୍ତ ଖଟିଆରେ ବୋହି ଆମ୍ବୁଲାନ୍ସ ନିକଟକୁ ଆଣିଥିଲେ। ତେବେ ରାସ୍ତାର କଦର୍ଯ୍ୟ ଅବସ୍ଥା ଯୋଗୁ ଗର୍ଭବତୀ ଏବଂ ତାଙ୍କ ସମ୍ପର୍କୀୟ ହୀନସ୍ତା ହୋଇଛନ୍ତି। ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଘାଟଗୁଡା ଗ୍ରାମପଞ୍ଚାୟତ କାଙ୍ଗମାଝୀଗୁଡା ଅନ୍ତର୍ଗତ ସିରାଗୁଡା ଗ୍ରାମରେ ରବିବାର ସନ୍ଧ୍ୟାରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ସିରାଗୁଡା ଗ୍ରାମର ଶ୍ରୀଦେବୀ ଗୌଡ଼ଙ୍କ ରବିବାର ସନ୍ଧ୍ୟା ୬ଟାରେ ଗର୍ଭ ଯନ୍ତ୍ରଣା ହେବାରୁ ପରିବାର ଲୋକେ ଗ୍ରାମର ଆଶା ଦିଦିଙ୍କୁ ଯୋଗାଯୋଗ କରିଥିଲେ। ଆଶା ଦିଦି ତୁରନ୍ତ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଖବରପାଇ ମେଡିକାଲରୁ ଆମ୍ବୁଲାନ୍ସ ବି ବାହାରିଥିଲା, କିନ୍ତୁ କାଙ୍ଗମାଝୀଗୁଡା ଗାଁ ନିକଟରେ ରାସ୍ତା କାଦୁଅମୟ ହୋଇଥିବାରୁ ବାଟରେ ଅଟକି ରହିଥିଲା। ଏନେଇ ଆମ୍ବୁଲାନ୍ସ ଚାଳକ ସମ୍ପର୍କୀୟଙ୍କୁ ଅବଗତ କରିବା ପରେ ଗର୍ଭବତୀଙ୍କୁ ପରିବାର ଲୋକ ଗୋଟିଏ ଖଟିଆରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବାକୁ ବାଧ ହୋଇଥିଲେ। ବହୁ କଷ୍ଟରେ ଆମ୍ବୁଲାନ୍ସ ପାଖରେ ପହଞ୍ଚିବା ପରେ ସେଠାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା ।

ସୂଚନାଯୋଗ୍ୟ, ସିରାଗୁଡାଠାରୁ କାଙ୍ଗମାଝୀଗୁଡା ମାତ୍ର ୨ କିଲୋମିଟର ରାସ୍ତା ଏପର୍ଯ୍ୟନ୍ତ ନିର୍ମାଣ ହୋଇ ନ ଥିବାରୁ ଏହି ରାସ୍ତାରେ ଗାଡି ଚଳାଚଳ ମୁସ୍କିଲ ହୋଇପଡିଛି। କାଦୁଅ ସହ ଜଙ୍ଗଲ ରାସ୍ତାରେ ରାତ୍ରି ସମୟରେ ହିଂସ୍ର ଜନ୍ତୁର ଭୟ ମଧ୍ୟ ରହୁଛି। ପୂର୍ବ ଦିନରେ ଲଘୁଚାପ ପ୍ରଭାବ ବର୍ଷା ଯୋଗୁ ରାସ୍ତା ଅବସ୍ଥା ଆହୁରି ଶୋଚନୀୟ ହୋଇପଡ଼ିଥିବାରୁ ଲୋକେ ଯାତାୟାତ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି।



ଗର୍ଭବତୀଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ନିକଟକୁ ନିଆଯାଉଛି।

# ଉପନିବନ୍ଧନ କାର୍ଯ୍ୟାଳୟ ଉଦ୍‌ଘାଟିତ

ଲକ୍ଷ୍ମୀପୁର,୨।୧୧(ଅନନ୍ତ ପ୍ରସାଦ ନାୟକ)

କୋରାପୁଟ ଜିଲା ଲକ୍ଷ୍ମୀପୁର ତହସିଲରେ ସବ୍‌ରେଜିଷ୍ଟ୍ରାର (ଉପନିବନ୍ଧନ) କାର୍ଯ୍ୟାଳୟ ଶନିବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟରେ ଉପନିବନ୍ଧନ କାର୍ଯ୍ୟାଳୟଗୁଡ଼ିକୁ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଲକ୍ଷ୍ମୀପୁର ତହସିଲ କାର୍ଯ୍ୟାଳୟରେ ସ୍ଥାନୀୟ ବିଧାୟକ ପବିତ୍ର ସାଉଁତା ମୁଖ୍ୟ ଅତିଥି ଭାବେ ଉପନିବନ୍ଧନ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଲକ୍ଷ୍ମୀପୁର ପଞ୍ଚାୟତ ସମିତି ସୁଆଇ କୁଲେସିକା,ଉପାଧ୍ୟକ୍ଷା ଆରତୀ କୁଲଦୀପ,ତହସିଲଦାର ନୈବେଦ୍ୟ ଭୋଇ, ଅତିରିକ୍ତ ତହସିଲଦାର ମାଧବ ଭତ୍ରା,ଙ୍କ ସମେତ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଜୟପୁର, ଭୁବନେଶ୍ୱର ଟିମ୍ ବିଜୟୀ

## ରାଜ୍ୟସ୍ତରୀୟ ଟି-୨୦ କ୍ରିକେଟ ମ୍ୟାଚ ଉଦ୍‌ଘାଟିତ

କୋରାପୁଟ,୨।୧୧(ଅମିତାଭ ବେହେରା)

କୋରାପୁଟ ବାର୍ ଆସୋସିଏଶନ ପକ୍ଷରୁ ପ୍ରଥମଥର ରାଜ୍ୟସ୍ତରୀୟ ଟି-୨୦ କ୍ରିକେଟ ମ୍ୟାଚ୍ ସ୍ଥାନୀୟ ଷ୍ଟାଡିୟମରେ ରବିବାର ଉଦଘାଟିତ ହୋଇଛି। ମୁଖ୍ୟ ଅତିଥି ଜିଲା ଜଜ୍ ପ୍ରଦୀପ କୁମାର ମହନ୍ତ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ କୋରାପୁଟ ଅତିରିକ୍ତ ଜିଲା ଜଜ୍ ଡ. ଦୀପକ ରଞ୍ଜନ ସାହୁ, ଏସଡିଜେଏମ ସଙ୍ଗୀତା ଦାସ ଓ ସ୍ୱତନ୍ତ୍ର ମାଜିଷ୍ଟ୍ରେଟ ଗୟାଧର ପାଣିଗ୍ରାହୀ ଉପସ୍ଥିତ ଥିଲେ। ଗଜପତି ବାର ଆସୋସିଏଶନ୍ ଓ ଜୟପୁର ବାର ଆସୋସିଏଶନ୍ ମଧ୍ୟରେ ପ୍ରଥମ ମ୍ୟାଚ ହୋଇଥିଲା। ଗଜପତି ଟିମ୍ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଜୟପୁର ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ସମୟରେ ୨୦ ଓଭରରେ ୫ ଉଇକେଟ ହରାଇ ୧୮୨ ରନ୍ ସଂଗ୍ରହ କରିଥିଲା। ଜବାବରେ ଗଜପତି ଟିମ୍ ୧୮.୨ ଓଭର୍‌ରେ ମାତ୍ର ୭୪ ରନରେ ଅଲ ଆଉଟ୍ ହୋଇଥିଲା। ଜୟପୁର ଟିମ୍ ୧୦୮ ରନରେ ଜିତିଥିଲା। ଜୟପୁର ଟିମ୍‌ର ସୁବାସ ରାଉତଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। କଟକ ସିଏଟି ଓ ଭୁବନେଶ୍ୱର ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ହୋଇଥିଲା। ଭୁବନେଶ୍ୱର ଟିମ୍ ୧୬ ଓଭରରେ ୪ ଉଇକେଟ ହରାଇ ୧୩୪ ରନ୍ ସଂଗ୍ରହ କରିଥିଲା। ଏହାର ଉତ୍ତରରେ କଟକ ସିଏଟି ଟିମ୍ ନିର୍ଦ୍ଧାରିତ ୧୬ ଓଭରରେ ୮ ଉଇକେଟ୍ ହରାଇ ମୋଟ ୯୧ ରନ୍ ସଂଗ୍ରହ କରିଥିଲେ। ମ୍ୟାଚ୍‌କୁ ଭୁବନେଶ୍ୱର ବାର ଆସୋସିଏଶନ ୪୩ ରନ୍‌ରେ ମ୍ୟାଚ୍‌କୁ ଜିତିଥିଲା। ଉତ୍କୃଷ୍ଟ ଖେଳ ପ୍ରଦର୍ଶନ ପାଇଁ ଭୁବନେଶ୍ୱର ବାର ଆସୋସିଏଶନ୍ ମୋହନ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। କାର୍ଯ୍ୟକ୍ରମରେ କୋରାପୁଟ ଓକିଲ ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଓସିଏ ପାନଲ ଅମ୍ପାୟରିଂ, ଅସିତ୍ ପଟ୍ଟନାୟକ ଓ ତୁଷାର ପଣ୍ଡା ଖେଳ ପରିଚାଳନା କରିଥିଲେ। କୋରାପୁଟ ବାର ଆସୋସିଏଶନର ସଭାପତି ପ୍ରଭାତ ମହାପାତ୍ର, ସମ୍ପାଦକ ସୁନୀଲ କୁମାର ଜେନା, ଉପସଭାପତି କୃଷ୍ଣ ସିଂ, ମିଡିଆ ପରାମର୍ଶଦାତା ଅଶୋକ କୁମାର ଷଡଙ୍ଗୀ, ବରିଷ୍ଠ ଓକିଲ ଟି.ଏନ୍. ମୂର୍ତ୍ତି, ନିହାର ରଞ୍ଜନ ପଟ୍ଟନାୟକ, ଶରତ ଆଚାର୍ଯ୍ୟ ଓ କୋରାପୁଟ ବାର ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।




ଉଦ୍‌ଘାଟନୀ ମ୍ୟାଚରେ ଅଂଶଗ୍ରହଣ କରିଥିବା ଟିମ୍।

# ବିବାଦରେ ପାଡୁଆ ରାଜୀବ ଗାନ୍ଧୀ ସେବାକେନ୍ଦ୍ର, ୫ ଦୋକାନ ଗୃହ

## ନିର୍ମାଣ ପୂର୍ବରୁ ସରକାରୀ ଜମି, ପରେ ବେସରକାରୀ

ନନ୍ଦପୁର/ପାଡୁଆ,୨।୧୧ (ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଅଧୀନ ପାଡୁଆ ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଗୃହ ୧୬ ବର୍ଷ ହେବ ଜମି ବିବାଦ ଯୋଗୁ ଅବ୍ୟବହୃତ ଅବସ୍ଥାରେ ରହିଛି। ସେବାକେନ୍ଦ୍ର ସମ୍ମୁଖରେ ଥିବା ୫ ଦୋକାନ ଗୃହର ସ୍ଥିତି ମଧ୍ୟ ସମାନ ରହିଛି। ୨ ପ୍ରକଳ୍ପ ନିର୍ମାଣ ବେଳେ ରାଜସ୍ୱ ବିଭାଗ ପକ୍ଷରୁ ସରକାରୀ ଜମି ଦର୍ଶାଇ ସ୍କେଚ୍ ମ୍ୟାପ ଦିଆଯାଇଥିଲା। କାର୍ଯ୍ୟ ଚାଲିଥିବା ସମୟରେ କୌଣସି ଅଭିଯୋଗ ହୋଇ ନ ଥିଲା। କିନ୍ତୁ ସରକାରୀ ପାଣ୍ଠିରେ ନିର୍ମାଣ ସରିବା ପରେ ଏହି ଜମିକୁ ବେସରକାରୀ ଦର୍ଶାଇ କୋର୍ଟରେ ମାମଲା ରୁଜୁ ହୋଇଥିଲା। ଅଦାଲତର ବିଚାର ଜମି ମାଲିକଙ୍କ ପକ୍ଷରେ ଯାଇଥିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ମୁତାବକ ୨୦୦୮-୦୯ରେ ବ୍ଲକ ଓ ଜିଲା ପ୍ରଶାସନର ଅନୁମୋଦନ କ୍ରମେ ପାଡୁଆ ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ନିର୍ମାଣ ଆରମ୍ଭ ହୋଇଥିଲା। ପାଡୁଆ



୧୩,୪୬,୭୩୨ ଟଙ୍କା ବିନିମୟରେ ନିର୍ମିତ ପାଡୁଆ ରାଜୀବ ଗାନ୍ଧୀ ସେବାକେନ୍ଦ୍ର।

ରାଜସ୍ୱ ନିରୀକ୍ଷକ ସରକାରୀ ଜମି ଭାବେ ଉକ୍ତ ସ୍ଥାନ ଚିହ୍ନଟ କରିଥିଲେ। ଏହା ପରେ ପାଡୁଆ ପଞ୍ଚାୟତ ଓ ନନ୍ଦପୁର ବ୍ଲକ ପ୍ରଶାସନ ଦ୍ୱାରା ଏମ୍‌ଜିଏନ୍‌ଆରଇଜିଏସ୍ ୧୩ ଲକ୍ଷ ୪୬ ହଜାର ୭୩୨ ଟଙ୍କା ବ୍ୟୟରେ ପାଡୁଆ ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ନିର୍ମାଣ ହୋଇଥିଲା। ଏ ନେଇ କୋର୍ଟରେ ମାମଲା ରୁଜୁ ହେବାରୁ ଏଯାଏ ଏହି କୋଠା ଅବ୍ୟବହୃତ ହୋଇ ରହିଛି। ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସମ୍ମୁଖ ରାସ୍ତାକଡ଼ରେ ପଞ୍ଚାୟତ ଓ ବ୍ଲକ ପକ୍ଷରୁ ପରବର୍ତ୍ତୀ ସମୟରେ ୫ ଦୋକାନ ଗୃହ(ଷ୍ଟଲ) ନିର୍ମାଣ କରାଯାଇଛି। ଜମି ବିବାଦରେ ଥିଲେ ମଧ୍ୟ ଉକ୍ତ ୫ ଷ୍ଟଲ ଭଡ଼ା ପଞ୍ଚାୟତ ପ୍ରଶାସନ ଆଦାୟ କରୁଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଅଧାପନ୍ତରିଆ ଅବସ୍ଥାରେ ରହି ପଞ୍ଚାୟତ କିମ୍ବା ଲୋକଙ୍କ କାମରେ ଲାଗୁନି। ପଞ୍ଚାୟତ ଓ ବ୍ଲକ ପ୍ରଶାସନ ନୀରବଦ୍ରଷ୍ଟା ସାଜି ଅଦାଲତରେ ମାମଲା ଚାଲିଛି ବୋଲି କହୁଛନ୍ତି। ନିର୍ମାଣ ଆରମ୍ଭ ବେଳେ ସରକାରୀ ଜମି କହି ଜମିର ସ୍କେଚ୍ ମ୍ୟାପ ଦେଇଥିବା ଅଧିକାରୀ ପରବର୍ତ୍ତୀ ସମୟରେ ଉକ୍ତ ଜମିକୁ ବେସରକାରୀ ଜମି କହି ବିବାଦ ଭିତରକୁ କିଭଳି ଠେଲି ଦେଲେ ବୋଲି ପ୍ରଶ୍ନ କରିଛନ୍ତି।

ନିଜ ଜମି କହି ମାମଲା ରୁଜୁ କରିଥିବା ବାଲଡା ଗ୍ରାମ ନିବାସୀ ଶଶୀଭୂଷଣ ପାତ୍ରଙ୍କୁ ପଚାରିବାରୁ ୨୦୧୭ରେ ସେ ଉକ୍ତ ଜମି ପାଇଁ ଅଦାଲତର ଆଶ୍ରୟ ନେଇଥିଲେ। ୩୦।୧୦।୨୦୨୫ରେ କୋରାପୁଟ ଅଦାଲତ ତାଙ୍କ ସପକ୍ଷରେ ରାୟ ଦେଇଥିବା କହିଛନ୍ତି। ସେ ପୁନଃ ଅଦାଲତର ଉପସ୍ଥିତିରେ ସମ୍ପତ୍ତି ହସ୍ତାନ୍ତର କରିବାକୁ ଅପିଲ କରିଛନ୍ତି। ଏହାର ଶୁଣାଣି ଆସନ୍ତା ୧୧ତାରିଖ ହେବ ବୋଲି ସୂଚନା ଦେଇଛନ୍ତି। ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା ଉକ୍ତ ବିବାଦୀୟ ଜମି ଅଦାଲତର ବିଚାରାଧୀନ ଥିବା ଜାଣିଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ଅଦାଲତର କୌଣସି ରାୟ ତାଙ୍କର ହସ୍ତଗତ ହୋଇନି। ରାୟ ପଢ଼ିବା ପରେ ସେ ଆଗାମୀ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ କିଛି କହି ପାରିବେ ବୋଲି କହିଛନ୍ତି। ସରକାରୀ ପାଣ୍ଠି ବିନିଯୋଗରେ ନିର୍ମାଣ ହେଉଥିବା ପ୍ରକଳ୍ପଗୁଡ଼ିକ ପାଇଁ ଠିକ୍ ଜମି ଚିହ୍ନଟ ହେଉନଥିବାରୁ ଏଭଳି ଜମିଜମା ବିବାଦରେ ଫସି ସରକାରୀ ଅର୍ଥ ପାଣିରେ ପଡୁଛି। ରାଜ୍ୟ ଓ ଜିଲା ପ୍ରଶାସନ ସମେତ ରାଜସ୍ୱ ବିଭାଗ ଏଥିପ୍ରତି ସଚେତନ ହୋଇ ପ୍ରକଳ୍ପଗୁଡ଼ିକୁ ଜମି ବିବାଦ ମୁକ୍ତ ରଖିବାକୁ ଚେଷ୍ଟା କରନ୍ତୁ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

# ସମାଜକୁ ବାର୍ତ୍ତା ଦେଉଥିବା ନାଟକ ସାମିଲକୁ ଗୁରୁତ୍ୱ

## ମଣ୍ଡେଇ ମହୋତ୍ସବ: 'ମଞ୍ଚ ନାଟକ' ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଜିଲା ସଂସ୍କୃତି ପରିଷଦ କର୍ମକର୍ତ୍ତା ଏବଂ ସଭ୍ୟ।

ନବରଙ୍ଗପୁର,୨।୧୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ସଂସ୍କୃତି ପରିଷଦ ତରଫରୁ ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷଠାରେ ଲୋକ ମହୋତ୍ସବ ମଣ୍ଡେଇ ମହୋତ୍ସବ-୨୦୨୫ର ମୁଖ୍ୟ ଆକର୍ଷଣ 'ମଞ୍ଚ ନାଟକ'ର ପରିଚାଳନା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମଞ୍ଚ ନାଟକ କାର୍ଯ୍ୟକ୍ରମ ସଦର ମହକୁମାସ୍ଥିତ ଶାସ୍ତ୍ରୀ ଭବନ (ଟାଉନ ହଲ)ଠାରେ ଡିସେମ୍ବର ୩ ରୁ ୭ ତାରିଖ ମଧ୍ୟରେ ଆୟୋଜନ କରାଯିବା ଲାଗି ନିଷ୍ପତ୍ତି ହୋଇଥିଲା। ବାଲ୍ୟବିବାହ, ନାରୀ ଶିକ୍ଷା, ମହିଳା ସଶକ୍ତୀକରଣ, ଅନ୍ଧବିଶ୍ୱାସ, ନିଶା ନିବାରଣ ଇତ୍ୟାଦି ସମାଜ ପାଇଁ ବାର୍ତ୍ତା ବହନ କରୁଥିବା ନାଟକକୁ ସାମିଲ କରାଯିବା ସହ ରାଜନୈତିକ କିମ୍ବା ଧାର୍ମିକ ଆରୋପ-ପ୍ରତ୍ୟାରୋପଭିତ୍ତିକ ନାଟକକୁ ସମ୍ପୂର୍ଣ୍ଣ ବାଦ ଦିଆଯିବା ନିମନ୍ତେ ସମସ୍ତ ଉପସ୍ଥିତ ସଭ୍ୟ ମତ ଉପସ୍ଥାପନ କରିଥିଲେ। ଚଳିତ ବର୍ଷର ମଞ୍ଚ ନାଟକ ମହୋତ୍ସବ ପ୍ରତିଯୋଗିତାମୂଳକ ନ ହୋଇ ପ୍ରଦର୍ଶନଭିତ୍ତିକ ହେବା ସହ ପରିବେଷଣ କରିଥିବା ଦଳମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯିବ ଏବଂ ପ୍ରତ୍ୟେକ ଦଳକୁ ନୂତନ ବର୍ଦ୍ଧିତ ପ୍ରୋତ୍ସାହନ ରାଶି ବାବଦରେ ୫୦୦୦ ଟଙ୍କା ପ୍ରଦାନ କରାଯିବା ନିଷ୍ପତ୍ତିକୁ ସମସ୍ତ ସଦସ୍ୟ ଏକ ମତ ହୋଇଥିଲେ।

ପାଣ୍ଡୁଲିପିର ଦସ୍ତାବିଜ ନଭେମ୍ବର ୨୦ ତାରିଖ ସୁଦ୍ଧା ଜିଲା ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିବାକୁ ପଡ଼ିବ ଏବଂ ପ୍ରଦର୍ଶନ ସମୟ ସର୍ବାଧିକ ୧ ଘଣ୍ଟା (୪୫ ମିନିଟ ମୁଖ୍ୟ) ଓ କଳାକାର ସଂଖ୍ୟା ସର୍ବମୋଟ ୨୦ ଜଣ ରଖାଯିବ। ଜିଲାର ପ୍ରତ୍ୟେକ ବ୍ଲକ ଓ ପୌରପାଳିକାରୁ ଗୋଟିଏ ଲେଖାଏ ନାଟକ ଦଳ ଆଣିବା ଉପରେ ପ୍ରାଧାନ୍ୟ ଦେବା ଲାଗି କମିଟି ସଦସ୍ୟଙ୍କୁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସହକାରୀ ଜିଲାପାଳ ଆଶୁତୋଷ ପାତ୍ର, ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନଙ୍କ ସହ କମିଟିର ସମସ୍ତ ସଭ୍ୟ ମନୋଜ କୁମାର ପଟ୍ଟନାୟକ, ଜ୍ୟୋତି ପରିଛା, ଜଗନ୍ନାଥ ବେହେରା, ବୁଲୁ ହୋତା, ଦୁର୍ଗାପ୍ରସାଦ ପାଢ଼ୀ, ଦିଲୀପ କୁମାର ହୋତା, ଦେବଦାସ ମହାକୁଡ, ଜିଭିଭି ରବି ପ୍ରସାଦ, ଦୁର୍ଗା ପ୍ରସାଦ ପ୍ରଧାନ, ବିକ୍ରମ ଦାସ, ଆଲୋକ ସାହୁ, ଫାଲଗୁନୀ ପାତ୍ର, ଯୁଗୋଳ କିଶୋର ତ୍ରିପାଠୀ, ପ୍ରଭାସିନୀ ମହାନ୍ତି, ପ୍ରକାଶ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ କାର୍ଯ୍ୟକ୍ରମର ସର୍ବୋତ୍ତମ ପରିଚାଳନା ପାଇଁ ଶାସ୍ତ୍ରୀ ଭବନର ବୈଷୟିକ ଦିଗ (ଧ୍ୱନି, ଆଲୋକ) ଏବଂ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ମହୋତ୍ସବର ସୁଚାରୁ ଓ ସଫଳ ଆୟୋଜନ ପାଇଁ ୫ଟି ଆନ୍ତଃକମିଟି ଗଠନ କରାଯାଇ ଏହାର ସଦସ୍ୟଙ୍କୁ ଦାୟିତ୍ୱ ପ୍ରଦାନ କରାଗଲା। କାର୍ଯ୍ୟକ୍ରମକୁ ଜିଲା ସଂସ୍କୃତି କାର୍ଯ୍ୟାଳୟର କନିଷ୍ଠ ସହାୟକ ଆତ୍ମପ୍ରକାଶ ସାହୁ ଏବଂ ସହଯୋଗୀ କର୍ମଚାରୀ ଏ. ସନ୍ତୋଷ କୁମାର ପ୍ରମୁଖ ସହଯୋଗ କରିଥିଲେ।

# ଜାତିର ସଂସ୍କୃତି, ପରମ୍ପରାକୁ ସୁରକ୍ଷା ଦେବାକୁ ଶପଥପାଠ

## ଅଖିଳ ଭାରତୀୟ ଆଦିବାସୀ ଭତରା ବିକାଶର ନୂତନ କମିଟି ଚୟନ

ଧୋଡ୍ରା,୨।୧୧ (ଗଣେଶ ଚନ୍ଦ୍ର ଛତ୍ର)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଧାମନାଗୁଡ଼ା ମା' ଦନ୍ତେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅଖିଳ ଭାରତୀୟ ଭତରା ବିକାଶ ପରିଷଦ ପକ୍ଷରୁ ଜିଲା ନୂତନ କମିଟି ଏବଂ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ପୂର୍ବତନ ଏମ୍‌ପି ପର୍ଶୁରାମ ମାଝୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଭୁଜବଳ ମାଝୀ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଭତରା ସମାଜ କେନ୍ଦ୍ରୀୟ କମିଟି ସଭାପତି ଜଗଦୀଶ ନାୟକ, ପୂର୍ବତନ ଜିଲା ସଭାପତି ଅର୍ଜୁନ ଭତରା, ଭତରା ସମାଜର ମୁଖ୍ୟ ନିର୍ବାଚନ ଅଧିକାରୀ ଦାମୁଧର ପୂଜାରୀ, କେନ୍ଦ୍ରୀୟ କମିଟି ସମ୍ପାଦକ ଗୋପୀ ମାଝୀ, ଛତିଶଗଡ଼ ରାଜ୍ୟ ଭତରା ସମାଜ ସଭାପତି ଲଳିତ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଜିଲାର ୧୦ଟି ବ୍ଲକରୁ ସମାଜର ପ୍ରତିନିଧିମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ପୂର୍ବାହ୍ନ ୧୧ଟାରେ ଦନ୍ତେୱାଡାଠାରୁ ଆସିଥିବା ଦନ୍ତେଶ୍ୱରୀ ପୂଜାରୀ, ହରେନ୍ଦ୍ର ନାଥ ଜିହୱାଙ୍କୁ ବହୁ ଆଡମ୍ବରରେ ୩୯ ନମ୍ବର ରାଜ୍ୟ ରାଜପଥଠାରୁ ମନ୍ଦିର ଯାଏଁ ପାଛୋଟି ନେଇ ମନ୍ଦିରରେ ଦନ୍ତେଶ୍ୱରୀ ମାତାଙ୍କ ସମେତ ପାର୍ଶ୍ୱ ଦେବତାଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ମଧ୍ୟାହ୍ନରେ ନୂତନ କମିଟି ଚୟନ କରାଯାଇଥିଲା। ଅପରାହ୍ନ ୨ଟାରେ ନୂତନ କମିଟିକୁ ସମାଜର ସଚେତନ ଓ ଦାୟିତ୍ୱବାନ ସଦସ୍ୟ ଭାବେ ଦନ୍ତେଶ୍ୱରୀଙ୍କ ନାମ ଧରି ଶପଥ ଗ୍ରହଣ କରିଥିଲେ। ସମାଜର ଦାୟିତ୍ୱରେ ଥିବା ସଦସ୍ୟ ଜାତିର ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୀତି ତଥା ଜାତିର ରୀତିନୀତି କଳା ସଂସ୍କୃତି ଓ ପରମ୍ପରାକୁ ସୁରକ୍ଷା ଦେବା ସହ କୌଣସି ଦଳୀୟ, ଧାର୍ମିକ କିମ୍ବା ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ସଂଗଠନର ନାମ ବ୍ୟବହାର ନ କରି ଏକ ନିରପେକ୍ଷ ଭ୍ରାତୃଭାବ ଏକତା ସ୍ଥାପନା କରି ଜିଲା ଭତରା ସମାଜକୁ ଜନାଭିମୁଖୀ କରିବା ପାଇଁ ସମସ୍ତେ ଶପଥ ନେଇଥିଲେ।

ଏହି ଅବସରରେ ନୂତନ ଜିଲା ସଭାପତି ଭାବେ ଜଗନ୍ନାଥ ମାଝୀଙ୍କୁ ଚୟନ କରାଯାଇଥିଲା। ରାମଧର ମାଝୀଙ୍କୁ ଉପସଭାପତି, ପ୍ରତାପ ଚନ୍ଦ୍ର ନାୟକ ସାଧାରଣ ସମ୍ପାଦକ, ଜୟରାମ ଭତରା ସଂଯୋଜକ, ଚନ୍ଦ୍ରୁ ପୂଜାରୀ କୋଷାଧ୍ୟକ୍ଷ, ହରିହର ବେହେରାଙ୍କୁ ଆର୍ଥିକ ସମୀକ୍ଷକ ଭାବେ ଚୟନ କରାଯାଇଛି। ସେହିପରି ୧୦ଟି ବ୍ଲକ ମଧ୍ୟରୁ ଝରିଗାଁ ବ୍ଲକ ନୂତନ ସଭାପତି ହେଲେ ସଦାନନ୍ଦ ଭତରା, ଉମରକୋଟ ବ୍ଲକର ଉମ୍ବରୁଧର ପୂଜାରୀ, ଡାବୁଗାଁର ମୋହନ ନାୟକ, ପାପଡାହାଣ୍ଡି ସଦାଶିବ ନାୟକ, କୋଷାଗୁମୁଡା ଅନ୍ତରାମ ନାୟକ, ନବରଙ୍ଗପୁର ଅଭିମନ୍ୟୁ ମାଝୀ, ତେନ୍ତୁଳିଖୁଣ୍ଟି ବ୍ଲକ୍ ସୂର୍ଯ୍ୟ ନାରାୟଣ ରନ୍ଧାରୀ, ଚନ୍ଦାହାଣ୍ଡିର ସେନୀନ୍ଦ୍ର ସୋରି ଏବଂ ରାଇଘର ବ୍ଲକ୍ ପାଇଁ ହେମନ୍ତ ଭତରାଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଝରିଗାଁ ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ମାଝୀ, ଉମରକୋଟ ମ୍ୟୁନିସିପାଲିଟି ଅଧ୍ୟକ୍ଷା ରାଧା ଭତରା, ଡାବୁଗାଁ ବ୍ଲକ ଅଧ୍ୟକ୍ଷା ବୀଣା ମାଝୀ, ପାପଡାହାଣ୍ଡି ଜିଲା ପରିଷଦ ଲିପିକା ମାଝୀଙ୍କ ସମେତ ବହୁଳ ସଂଖ୍ୟାରେ ପ୍ରତିନିଧି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଘନ ଭତରା ପରିଚାଳନା କରିଥିଲେ।



ଭତରା ବିକାଶ ପରିଷଦର ନୂତନ କମିଟି ସଦସ୍ୟ ଶପଥପାଠ କରୁଛନ୍ତି।

# ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଖୋଖୋ, କବାଡି ପ୍ରତିଯୋଗିତା

ନବରଙ୍ଗପୁର,୨।୧୧(ସଦାଶିବ ପ୍ରହରାଜ)

ସ୍ଥାନୀୟ ରାଜା ଚୈତନ୍ୟ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ୧୨ତମ ଜିଲା ବିଦ୍ୟାଳୟ ସମୂହ ୧୪ ବର୍ଷରୁ କମ୍ ବାଳକ ବାଳିକା ଓ ୧୭ ବର୍ଷରୁ କମ୍ ବାଳକ ବାଳିକା, ଖୋଖୋ ଓ କବାଡି ପ୍ରତିଯୋଗିତା ୨୦୨୫-୨୬ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପନ ଖୁଣ୍ଟିଆ କ୍ରୀଡ଼ା ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ପ୍ରଧାନ, ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କ୍ରୀଡ଼ା ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ସମ୍ପୂର୍ଣ୍ଣ ବିକାଶ ହୋଇପାରିବ ବୋଲି ମୁଖ୍ୟ ଅତିଥି ମତପ୍ରକାଶ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ କେଶବ ମେହେର, ସମ୍ମାନିତ ଅତିଥି ଭାବେ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦୀପ୍ତ ଦାଶ ଓ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଭାତ ପଟ୍ଟନାୟକ ଯୋଗଦେଇଥିଲେ। ଉକ୍ତ କ୍ରୀଡ଼ା ପ୍ରତିଯୋଗିତାକୁ ମଞ୍ଚାସୀନ ଅତିଥିବୃନ୍ଦ କ୍ରୀଡ଼ା ପତାକା ଅବତରଣ କରି ଆନୁଷ୍ଠାନିକ ଭାବେ ଉଦ୍‌ଯାପନ କରିଥିଲେ। କବାଡି ପ୍ରତିଯୋଗିତାରେ ୧୪ ବର୍ଷରୁ କମ୍ ବାଳକ ବିଭାଗରେ ବିଜେତା ଭାବେ ନବରଙ୍ଗପୁର ବ୍ଲକ, ରନର୍ସ ଅପ ଭାବେ କୋଷାଗୁମୁଡା ବ୍ଲକ, ୧୪ ବର୍ଷରୁ କମ ବାଳିକା ବିଭାଗରେ ବିଜେତା ଭାବେ ପାପଡାହାଣ୍ଡି ବ୍ଲକ, ରନର୍ସ ଅପ ଭାବେ ନବରଙ୍ଗପୁର ବ୍ଲକ ପୁରସ୍କୃତ ହୋଇଛନ୍ତି। ସେହିପରି ୧୭ ବର୍ଷରୁ କମ୍ ବାଳକ ବିଭାଗରେ ବିଜେତା ଭାବେ ଡାବୁଗାଁ ବ୍ଲକ, ରନର୍ସ ଅପ ଭାବେ ନନ୍ଦାହାଣ୍ଡି ବ୍ଲକ, ୧୭ ବର୍ଷରୁ କମ ବାଳିକା ବିଭାଗରେ ବିଜେତା ଭାବେ ଝରିଗାଁ ବ୍ଲକ, ରନର୍ସ ଅପ ଭାବେ ନବରଙ୍ଗପୁର ବ୍ଲକ ବାଜିମାତ କରିଛି। ଖୋଖୋ ପ୍ରତିଯୋଗିତାରେ ୧୪ ବର୍ଷରୁ କମ ବାଳକ ବିଭାଗରେ ବିଜେତା ଭାବେ ନବରଙ୍ଗପୁର ବ୍ଲକ, ରନର୍ସ ଅପ ଭାବେ ଝରିଗାଁ ବ୍ଲକ,୧୪ ବର୍ଷରୁ କମ୍ ବାଳିକା ବିଭାଗରେ ବିଜେତା ଭାବେ ତେନ୍ତୁଳିଖୁଣ୍ଟି ବ୍ଲକ, ରନର୍ସ ଅପ ଭାବେ ଉମରକୋଟ ବ୍ଲକ ଓ ୧୭ ବର୍ଷରୁ କମ ବାଳକ ବିଭାଗରେ ତେନ୍ତୁଳିଖୁଣ୍ଟି ବ୍ଲକ ବିଜେତା,ରନର୍ସ ଅପ ଭାବେ ନବରଙ୍ଗପୁର ବ୍ଲକ, ୧୭ ବର୍ଷରୁ କମ ବାଳିକା ବିଭାଗରେ ବିଜେତା ଭାବେ ଝରିଗାଁ ବ୍ଲକ, ରନର୍ସ ଅପ ଭାବେ ରାଇଘର ବ୍ଲକର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ବିଜୟୀ ଦଳ ଆଗାମୀ ଦିନରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ସୂଚନା ମିଳିଛି।


ଖୋଖୋ ଓ କବାଡି ପ୍ରତିଯୋଗିତାରେ ଭାଗନେଇଥିବା ବିଭିନ୍ନ ବ୍ଲକ୍‌ର ଛାତ୍ରୀଛାତ୍ର।

# କୂଅରେ ପଡ଼ି ଯୁବତୀ ମୃତ

ଜୟପୁର,୨।୧୧(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସଦରଥାନା ଅଧୀନ ରାଣୀପୁଟ ଗ୍ରାମରେ କୂଅରେ ପଡି ଜଣେ ଯୁବତୀଙ୍କ ରବିବାର ମୃତ୍ୟୁ ହୋଇଛି। ଏ ନେଇ ସଦର ଥାନାରେ ଅଭିଯୋଗ ହୋଇଛି। ମୃତା ହେଲେ ବିରମା ମୁଦୁଲି(୩୩)। ରବିବାର ସକାଳୁ ସକାଳୁ ରାଣୀପୁଟ ଗ୍ରାମ କୂଅ ନିକଟରେ ଶୌଚ ବେଳେ ହଠାତ ବିରମାଙ୍କ ଗୋଡ ଖସିଯାଇଥିଲା। ସେ କୂଅ ଭିତରେ ପଡିଯାଇଥିଲେ। ଗ୍ରାମବାସୀ ତୁରନ୍ତ ଦମକଳ ବିଭାଗକୁ ସୂଚନା ଦେଇଥିଲେ। କିନ୍ତୁ ଯୁବତୀଙ୍କ ମୃତ୍ୟୁ ହୋଇଯାଇଥିଲା। ଏ ନେଇ ପରିବାର ଲୋକେ ସଦର ଥାନାରେ ଅଭିଯୋଗ ଦେଇଥିଲେ। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ସଦର ଥାନାଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER,
CENTRAL RURAL WORKS CIRCLE, BHUBANESWAR
Phone - 0674-2540742, Email - se_ccrw@yahoo.co.in
No.O-1234
No.4945/Date.28.10.2025
"e" Procurement Notice for Road Works

| | | |
|---|---|---|
| 1. | Name of the Work | Road works under Periodical Renewal work of 5 years Completed PMGSY (POST DLP) roads for the year 2025-26 |
| 2. | Total No. of Packages | 1 No. of Package |
| 3. | Estimated Cost of the Package | Rs.58.83 lakhs |
| 4. | Class of Contractor | |
| | a) Estimated cost more than Rs.20.00 lakhs up to Rs.3.00 Crores | B Class (of Odisha PWD) or relevant class of other licensing authorities |
| 5. | Period of completion | As mentioned in Column-8 of Annexure |
| 6. | Offered rates by bidder | The offered rate by the contractor shall be excluding GST |
| 7. | Other details | |

| Procurement Officer | Bid Identification No. | Availability of Tender on-line for bidding | | Seeking clarification of tender | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.34 of 2025 | 01.11.2025 at 11.00 A.M. | 17.11.2025 up to 5.00 P.M. | 14.11.2025 Up to 5.00 P.M. | 18.11.2025 at 11.00 A.M. | To be intimated lateron |

Further details can be seen from the website www.tendersodisha.gov.in
Sd./- Chief Construction Engineer
Central Rural Works Circle, Bhubaneswar
OIPR-25082/11/0017/2526

# ଜିଲା ରକ୍ତଦାତା, ପ୍ରବର୍ତ୍ତକ ଫୋରମର ସାଙ୍ଗଠନିକ ବୈଠକ

କୋରାପୁଟ,୨।୧୧(ଅମିତାଭ ବେହେରା)

କୋରାପୁଟ ଜାନିଗୁଡ଼ାସ୍ଥିତ ସଭାପତିଙ୍କ ବାସଭବନରେ ଜିଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମ୍‌ର ସାଂଗଠନିକ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ସଭାପତି ଜି. ସଞ୍ଜୀବ କୁମାରଙ୍କ ସଭାପତିତ୍ୱରେ ଫୋରମ୍‌ର ଉପଦେଷ୍ଟା ମନୋଜ କୁମାର ଆଚାର୍ଯ୍ୟ ଓ ଡ. ଉମାଶଙ୍କର ପ୍ରସାଦ ପାତ୍ର ଯୋଗଦେଇଥିଲେ। ଜିଲାରେ ରକ୍ତର ଆବଶ୍ୟକତାକୁ ପୂରଣ କରିବାକୁ ଅଧିକରୁ ଅଧିକ ରକ୍ତଦାନ ଶିବିର ଆୟୋଜନ କରି କୋରାପୁଟ ରକ୍ତ କେନ୍ଦ୍ରରେ ଆଉ ଏକ ରକ୍ତ ପୃଥକିକରଣ ୟୁନିଟ୍ ସ୍ଥାପନ ନେଇ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବାକୁ ପରାମର୍ଶ ଦେଇଥିଲେ। ଫୋରମ୍‌ର ସାଂଗଠନିକ ସମ୍ପାଦକ ଏନ. ସି. ସାହୁ, ସଦସ୍ୟ ସ୍ୱରାଜ କୁମାର ରାୟ, ସନ୍ଦୀପ ପଟ୍ଟନାୟକ ବିଭିନ୍ନ ବିଷୟରେ ଆଲୋକପାତ କରିଥିଲେ। ଫୋରମ୍‌ର କାର୍ଯ୍ୟକଳାପକୁ ଅଧିକ ସକ୍ରିୟ କରିବା ପାଇଁ ବଦ୍ରିନାରାୟଣ ଆଚାର୍ଯ୍ୟ, ଗୋବିନ୍ଦବଲ୍ଲଭ ପାଢ଼ୀ ଓ ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକଙ୍କୁ ଉପସଭାପତି, ସ୍ୱରାଜ କୁମାର ରାୟ, ପ୍ରମୋଦ କୁମାର ସେଠୀ, ସନ୍ଦୀପ ପଟ୍ଟନାୟକ, ଆଶା ଶର୍ମା ଏବଂ ବିଲସେନ ସତ୍ୟଙ୍କୁ ଯୁଗ୍ମ ସମ୍ପାଦକ, ପ୍ରଦିପ କୁମାର ରଥ, ତୁଷାର ଭଞ୍ଜ, ବିଶ୍ୱନାଥ ଗୌଡ଼ ଏବଂ ଧନ ମହାନ୍ତିଙ୍କୁ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ମନୋନୀତ କରାଯାଇଥିଲା। ଫୋରମର ସାଧାରଣ ସମ୍ପାଦକ ଶେଖ ଇବ୍ରାହିମ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ବାଇକ୍‌ରେ ମଦ ଚାଲାଣବେଳେ ଗାଁ ଯୁବକଙ୍କ ହାବୁଡ଼ରେ ପଡ଼ି ହଟହଟା ହେଲେ ବ୍ୟବସାୟୀ

ପାପଡାହାଣ୍ଡି, ୨।୧୧ (ସ୍ୱପ୍ନଜିତ ପଟ୍ଟନାୟକ)

ପାପଡାହାଣ୍ଡି ବ୍ଲକ ଶିରିଶି ପଞ୍ଚାୟତ ଅନ୍ତର୍ଗତ ପାଲପୁର ଅଞ୍ଚଳରେ ମଦ ବନ୍ଦ ନେଇ ଅଣ୍ଟା ଭିଡିଛନ୍ତି ଗ୍ରାମବାସୀ। କାହାରିକୁ ମଦ ପିଇବାକୁ ଦେଉ ନ ଥିବା ବେଳେ ମଦ ବିକ୍ରି ବନ୍ଦ କରିଛନ୍ତି। ତେବେ ରବିବାର ଜଣେ ବ୍ୟବସାୟୀ ବାଇକ୍‌ରେ ମଦ ନେବାବେଳେ ଗାଁ ଯୁବକଙ୍କ ହାବୁଡ଼ରେ ପଡ଼ି ହଟହଟା ହୋଇଛନ୍ତି। ବ୍ୟବସାୟୀ ଜଣକ ବାଇକ ନମ୍ବର (ଓଡି୨୪ଏମ୍ ୨୯୬୪)ରେ ପାପଡାହାଣ୍ଡିରୁ ଏକ ବ୍ୟାଗରେ ପାଉଚ ମଦ ଧରି ନିଜ ଘର ନୂଆଗୁଡା ଯିବା ସମୟରେ ପାଲପୁର ଗାଁ ଯୁବକମାନେ ଅଟକାଇବା ସହ ତାଙ୍କ ଉପରେ ଅସନ୍ତୋଷ ଜାହିର କରିଥିଲେ। ଏପରିକି ଏହି ଘଟଣାକୁ ନେଇ ବ୍ୟବସାୟୀ ଓ ଗ୍ରାମର ଯୁବକଙ୍କ ମଧ୍ୟରେ କଥା କଟାକଟି ମଧ୍ୟ ହୋଇଥିଲା। ପରେ ଯୁବକମାନେ ମଦ ବିକ୍ରି ବନ୍ଦ କରିବା ନେଇ ତାଗିଦ କରି ବ୍ୟବସାୟୀଙ୍କୁ ଛାଡିଥିଲେ। ମଦ ବନ୍ଦ ନେଇ ଗ୍ରାମବାସୀ ଏକତ୍ରିତ ଥିବାବେଳେ ଖଳ ପ୍ରକୃତିର ଲୋକଙ୍କ ଯୋଗୁ ପାଲପୁର ଅଞ୍ଚଳରେ ଲୁଚାଛପା ମଦ ବିକ୍ରି ଚାଲିଛି। ପୋଲିସ ଓ ଅବକାରୀ ମିଳିତ ଚଢ଼ାଉ କରି ଗ୍ରାମବାସୀଙ୍କୁ ସହଯୋଗ କରିବାକୁ ଦାବି ହୋଇଛି।

OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BARIPADA
E_Mail ID: serwcbaripada@gmail.com, Ph. No.-06792-261343/261344, Gangraj, Baripada
Office Order No.4950/Dt.29.10.2025//
1st Corrigendum to National Competitive Bidding e_procurement Notice
No.4738/Road work Dt.15.10.2025 (NCB No.-394)
No.O-1268 : Due to unavoidable circumstances the important dates of tendering process for road works are being changed as follows.

| Sl No. | Item | Time Schedule as per Original NCB | Time Schedule as per Corrigendum Notice |
|---|---|---|---|
| 1 | Availability of tender On-line for bidding | 30.10.2025 at 11.00 A.M. to 18.11.2025 up to 05.00 P.M. | 15.11.2025 at 11.00 A.M. to 04.12.2025 up to 05.00 P.M. |
| 2 | Date & Time of Seeking Tender Clarification if any | 17.11.2025 up to 05.00 P.M. | 03.12.2025 up to 05.00 P.M. |
| 3 | Date & Time of Opening of Technical Bid | 19.11.2025 at 11.00 A.M. | 05.12.2025 at 11.00 A.M. |
| 4 | Date & Time of Opening of Financial Bid | Will be intimated later | Will be intimated later |

All other terms and conditions remain unchanged.
Sd./- Er. A.K. Naik
Chief Construction Engineer
R.W. CIRCLE, BARIPADA
OIPR-25130/11/0061/2526

ZILLA SWASTHY SAMITI, GAJAPATI
(Department of Health & FW, Govt. of Odisha)
Advt. No. 8321/DPMU/NHM/2025 Dt. 18.10.25
NOTICE
No. E-: Applications are invited from in-house contractual employee of NHM working in the same post under OSH&FW Society in other districts desiring to be posted in Gajapati district.
**Fresh Candidates need not to apply**.
The interested candidates may log on the website **www.gajapati.odisha.gov.in** for details (Vacancies, terms & conditions and application form etc. Eligible candidates are requested to apply in the prescribed application form with NOC and certificate for last uninterrupted service in the same post under the society and with all relevant documents to Chief District Medical & Public Health Officer, At/P.O.: Paralakhemundi, Gajapati - 761200 by Regd./Speed Post on or before 31.10.2025 by 05.00 P.M. The undersigned is not responsible for any postal delay. Application received after due date will be rejected. Vacancies under this advertisement are provisional and subject to change. Time to time notification regarding status of selection process will be web hoisted in the district website. The authority reserves the right of accepting/rejecting any application and modify/cancel the advertisement without assigning any reason thereof.
OIPR: Sd./- CDM & PHO-cum-DMD, Gajapati

GOVERNMENT OF ODISHA No.O-1137
OFFICE OF THE SUPERINTENDING ENGINEER
RURAL WORKS DIVISION, PHULBANI
Phone : 06842-253708, E-mail : rw_phulbani@yahoo.co.in
No. 4380 RWDP, Dated the 23.10.2025
Government of Odisha e-Procurement Notice
Bid Identification No. Online Tender/07/SERWD PHULBANI/2025-26
1. Name of the work : Road Work (03 Nos.)
2. Estimated cost : Rs.79.83 Lakhs & 52.10 Lakhs
3. Period of completion : Three Calendar Months
4. Date & Time of availability of Bid documents in the Portal : From 01.11.2025, 10.00 A.M. to 11.11.2025 upto 05.00 P.M.
5. Last Date / Time for receipt of Bids in the Portal : 11.11.2025 upto 5.00 P.M.
6. Name and address of the Officer Inviting Bid : Superintending Engineer, Rural Works Division, Phulbani
Further details can be seen from the e-procurement portal website www.tendersodisha.gov.in
Sd./- Superintending Engineer
Rural Works Division
Phulbani
OIPR-25077/11/0028/2526

GOVT. OF ODISHA
DEPARTMENT OF WATER RESOURCES
O/o THE SUPERINTENDING ENGINEER,
PRACHI DIVISION, BHUBANESWAR - 12
E-mail : prachi.division@yahoo.co.in, eeprachidivision@gmail.com
No. 7661 Dt. 27.10.2025
e-PROCUREMENT NOTICE NO. - SEPRD - 14/2025-26
No.A-799 : Bid Documents consisting of work, estimate cost, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal www.tendersorissa.gov.in complete online process only.

| | | |
|---|---|---|
| 01. | Nature of work | Civil works (Canal/V.R Bridge/River embankment) |
| 02. | No. of Works | 33 (Thirty Three) Nos. |
| 03. | Bid Identification No. | SEPRD - 14/2025-26 |
| 04. | Estimated Cost (in Rupees) | Rs.8.00 Lakhs to Rs.50.00 Lakhs |
| 05. | Earnest Money Deposit | Referred to DTCN |
| 06. | Cost of Tender Paper | Referred to DTCN |
| 07. | Period of Completion | Referred to DTCN |
| 08. | Date & time of availability of bid documents in the Portal | From 01.11.2025 (10.00 A.M.) to 11.11.2025 (5.30 P.M.) |
| 09. | Date and time of Opening of Tender Documents & online bids | 12.11.2025 at 10.30 P.M. |
| 10. | Date of Lottery (In case of situation arises) | 20.11.2025 at 3.30 P.M. |
| 11. | Name and Address of the Officer Inviting Bid | Superintending Engineer, Prachi Division, Bhubaneswar-12, E-mail : prachi.division@yahoo.co.in, eeprachidivision@gmail.com |

Further details (corrigendum, addendum, cancellation) can be seen from the State Govt. Portal www.tendersorissa.gov.in.
Sd./-Superintending Engineer
OIPR-32096/11/0012/2526 Prachi Division, Bhubaneswar

GOVERNMENT OF ODISHA
OFFICE OF SUPERINTENDING ENGINEER
MINOR IRRIGATION DIVSION, JEYPORE
E-mail ID : mijeypore@yahoo.co.in
NOTICE INVITING TENDER
E-Procurement Notice
Bid Identification No. MIDJEY - 07/2025-26
Letter No.1808 Dt.25.10.2025
No.A-789 : The Superintending Engineer, Minor Irrigation Division, Jeypore on behalf of Governor of Odisha invites **Percentage rate** bids in Single/Double Cover system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in.
1. Name of the work : Construction of Check Dam Under MATY, CAPEX Lining, ERM, MIPSP
2. Total Number of work : 07 (Seven) Nos.
3. Estimated cost : Approximately Rs.8.36 to 75.59 lakhs.
4. Period of completion : 02 (Two), 04 (Four) and 05 (Five) Calendar Months
5. Class of Contractor : "D", "B" and "C" Class Contractor
6. Date and time of availability of bid documents in the portal : From 10.00 A.M. of 06.11.2025 to 5.30 P.M. of 18.11.2025
7. Last date/time for receipt of bids in the portal : 5.30 P.M. on 18.11.2025
8. Date of opening of bid : At 11.00 A.M. on 19.11.2025 in website (www.tendersorissa.gov.in)
9. Submission of Bids : Online mode
10. Name of the Officer inviting Bid : Superintending Engineer, Minor Irrigation Division, Jeypore
11. Further details can be seen from the Government of Odisha Website : www.tendersorissa.gov.in
Sd./- Superintending Engineer
OIPR-32374/11/0017/2526 M.I. Division, Jeypore

GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, MAYURBHANJ
Tel. No. (06792) 260788, e-Mail ID: mi.mayurbhanj@yahoo.co.in
"e" Procurement Notice
No. 3760 Dated: 27.10.2025
Identification No. S.E.M.I.D. MBJ. No. 13/MID, MBJ/2025-26
No. A-850: The Superintending Engineer, M.I. Division, Mayurbhanj on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.
1. Name of works : Civil construction works as mentioned in the website
2. Total No. of Works : 5 Nos.
3. Tender Amount : 56.67 Lakh to 99.65 Lakh (Detail list of works Annexed)
4. Class of Contractor : As mentioned against work
5. Period of Completion : As mentioned against work
6. Date & time of availability of Bid document in the portal : 30.10.2025 at 10.00 A.M. to 13.11.2025 upto 5.00 P.M.
7. Last date/time for receipt of Bids in the portal : 13.11.2025 upto 5.00 P.M.
8. Date/Time of Opening of Technical Bid : 14.11.2025 at 11.00 A.M.
9. Name and address of the Officer Inviting the Bid : Superintending Engineer, M.I. Division, Mayurbhanj
10. Mode of Payment of Bid Cost : Online
11. Further details can be seen from the "e" Procurement portal "**https://tendersorissa.gov.in**".
Sd./- Superintending Engineer
OIPR-32041/11/0019/2526 Minor Irrigation Division, Mayurbhanj

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଜିୟୁ ପକ୍ଷରୁ ସପ୍ଲାଏ ଚେନ୍ କନ୍‌କ୍ଲେଭ

**ଭୁବନେଶ୍ୱର,୨।୧୧(ଅନୁରାଧା ମହାରଣା)**

ଭୁବନେଶ୍ୱରସ୍ଥିତ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର ସ୍କୁଲ ଅଫ ମ୍ୟାନେଜମେଣ୍ଟ ପକ୍ଷରୁ ଓପିଏସ୍‌ସିଏଚ୍‌ଇସିକେ ଦ୍ୱାରା 'ଡିଜିଟାଲ ସପ୍ଲାଏ ଚେନ୍ : କନେକ୍ଟିଂ ଏଫିସେନ୍ସି ୱିଥ୍ ଆଜିଲିଟୀ'' ସମ୍ପର୍କୀତ ସପ୍ଲାଏ ଚେନ୍ କନ୍‌କ୍ଲେଭ ଅନୁଷ୍ଠିତ ହୋଇଯାଇଛି। ବିର୍ଲା ସ୍କୁଲ ଅଫ ମ୍ୟାନେଜମେଣ୍ଟର ଡିନ୍ ପ୍ରଫେସର ପି. ନାୟକ ଅତିଥି ଓ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଡ. କ୍ରୀଷ୍ଣା ରାଓ, ଆଲେକ୍ସ ଥୋମାସ୍, ସତ୍ୟବ୍ରତ ରାଉତ ଏବଂ ପ୍ରଫେସର ରାମକୃଷ୍ଣ ପାଢୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଡ. ମଣିଦତ୍ତ ରାୟତ୍ ବିଷୟ ବସ୍ତୁର ପରିଚୟ ଦେଇ ବିଶ୍ୱ ବ୍ୟବସାୟିକ ପରିଚାଳନାରେ ସପ୍ଲାଏ ଚେନ୍ କିପରି ଦକ୍ଷତା ଓ ପ୍ରତିଯୋଗିତାକୁ ବୃଦ୍ଧି କରିପାରୁଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ବିଜିୟୁ ରେଜିଷ୍ଟ୍ରାର ଡ. ପ୍ରଫେସର ବି.କେ ଦାସ ଆଧୁନିକ ବ୍ୟବସାୟିକ ପରିବେଶରେ ସପ୍ଲାଏ ଚେନ୍‌ର ବୃଦ୍ଧି ପାଉଥିବା ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଡ. ମଣିଦତ୍ତ ରାୟ, ଡ. ପିୟୁସ ଗୁପ୍ତା ଓ ଡ. ମାନସ କୁମାର ପାଲଙ୍କ ତ୍ୱତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା। ଏହି କନ୍‌କ୍ଲେଭରେ ଡିଜିଟାଲ ସପ୍ଲାଏ ଚେନ୍‌ର ପରିବର୍ତ୍ତନଶୀଳ ଦିଗଗୁଡିକ ଉପରେ ଗୁରୁତତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା ଯାହା ଶିକ୍ଷା ଓ ଶିଳ୍ପ ଜଗତ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ସ୍ଥାପନା କରିପାରିଥିଲା।

# ଟିପିସିଓଡିଏଲର ୨ ମିଟର ଟେଷ୍ଟିଂ ଲ୍ୟାବକୁ ଏନ୍‌ଏବିଏଲ୍ ମାନ୍ୟତା

**ଭୁବନେଶ୍ୱର,୨।୧୧**

ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିସିଓଡିଏଲ)ର ଭୁବନେଶ୍ୱର ଏବଂ କଟକରେ ଥିବା ଏହାର ମିଟର ଟେଷ୍ଟିଂ ଲାବୋରେଟୋରୀଗୁଡ଼ିକ ନ୍ୟାଶନାଲ ଏକ୍ରେଡେସନ ବୋର୍ଡ ଫର୍ ଟେଷ୍ଟିଂ ଆଣ୍ଡ କାଲିବ୍ରେସନ ଲାବୋରେଟୋରି (ଏନଏବିଏଲ) ତରଫରୁ ପୁନଃମାନ୍ୟତା ମିଳିଛି। ଭୁବନେଶ୍ୱର ମିଟର ଟେଷ୍ଟିଂ ଲ୍ୟାବ ଏନଏବିଏଲ ଇଣ୍ଡିଆର ପୂର୍ବତନ ନିର୍ଦ୍ଦେଶକ ଏବଂ ୟୁଜିଭିସିଏଲ (ଉତ୍ତର ଗୁଜରାଟ ଭିଜ କମ୍ପାନୀ ଲିମିଟେଡ) ର ବୈଷୟିକ ମୂଲ୍ୟାଙ୍କକଙ୍କ ଦ୍ୱାରା ଦୁଇ ଦିନିଆ ଅଡିଟ କରାଯାଇଥିଲା। ସେହିପରି, କଟକ ଲାବୋରେଟୋରୀର ମୂଲ୍ୟାଙ୍କନ ମଧ୍ୟ ଏନଏବିଏଲ ର ବରିଷ୍ଠ ଅଡିଟରଙ୍କ ଦ୍ୱାରା କରାଯାଇଥିଲା। ଉଭୟ ମୂଲ୍ୟାଙ୍କନରେ ଲାବୋରେଟୋରୀର ଗୁଣବତ୍ତା ପ୍ରଣାଳୀ, ଡକ୍ୟୁମେଣ୍ଟେସନ, ବୈଷୟିକ ଦକ୍ଷତା ଏବଂ ଏନର୍ଜି ମିଟରର ପରୀକ୍ଷଣ କ୍ଷମତାର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇଥିଲା। ଏହି ମୂଲ୍ୟାଙ୍କନ ମାଧ୍ୟମରେ, ଉଭୟ ପରୀକ୍ଷାଗାରଗୁଡ଼ିକ ଆଇଏସଓ/ଆଇସି ୧୭୦୨୫ ସମେତ ଆନ୍ତର୍ଜାତୀୟ ମାନଦଣ୍ଡର ପାଳନକୁ ସଫଳତାର ସହିତ ପ୍ରଦର୍ଶନ କରିଛନ୍ତି, ଯାହା ନିଶ୍ଚିତ କରିଥାଏ ଯେ ସେମାନେ ସଠିକ, ନିର୍ଭରଯୋଗ୍ୟ ଏବଂ ପ୍ରାମାଣିକ ପରୀକ୍ଷା ଫଳାଫଳ ପ୍ରଦାନ କରିବାରେ ସକ୍ଷମ। ଭୁବନେଶ୍ୱର ଏବଂ କଟକ ଲାବୋରେଟୋରୀ ପାଇଁ ଏନଏବିଏଲ ମାନ୍ୟତା ଚାରି ବର୍ଷ ପାଇଁ ଅର୍ଥାତ୍ ୨୦୨୯ ପର୍ଯ୍ୟନ୍ତ ବୈଧ। ଏହି ସମୟ ମଧ୍ୟରେ, ଉଭୟ ପରୀକ୍ଷାଗାର ଆନ୍ତର୍ଜାତୀୟ ମାନଦଣ୍ଡର ଅନୁପାଳନ ସୁନିଶ୍ଚିତ କରିବା ପାଇଁ ସାମୟିକ ଅଡିଟ ଏବଂ ମୂଲ୍ୟାଙ୍କନ ଜାରି ରଖିବେ। ଟିପିସିଓଡିଏଲର ସିଇଓ ଅରବିନ୍ଦ ସିଂହ କହିଛନ୍ତି ଯେ, ଏହି ମାଇଲଖୁଣ୍ଟ ଆମ ଟିମର ଉତ୍ସର୍ଗତା ଏବଂ ବୃତ୍ତିଗତ ଉତ୍କର୍ଷତାକୁ ପ୍ରତିଫଳିତ କରୁଛି । ଉଭୟ ପରୀକ୍ଷାଗାର ପାଇଁ ଏନଏବିଏଲ ମାନ୍ୟତାର ନବୀକରଣ ଟିପିସିଓଡିଏଲର ବୈଷୟିକ ଉତ୍କର୍ଷତା ଓ ଏହାର କାର୍ଯ୍ୟକ୍ଷମ ପ୍ରଣାଳୀରେ ନିରନ୍ତର ଉନ୍ନତିକୁ ଦର୍ଶାଉଛି।



# ସାତ ଦେଶରେ ଶରତଙ୍କ 'ରୁଚି'

'ରୁଚି'ର ପ୍ରତିଷ୍ଠାତା ଡ. ଶରତ କୁମାର ସାହୁ ଘରେ ଘରେ ପରିଚିତ ଜଣେ ଓଡ଼ିଆ ଶିଳ୍ପୋଦ୍ୟୋଗୀ। କଟକ ରାଣୀହାଟ ହିନ୍ଦ୍ ସିନେମା ହଲ୍ ନିକଟରେ ତାଙ୍କ ବାପାଙ୍କର ଏକ ଛୋଟ ହୋଟେଲ ଥିଲା। ଏକ ଚାଳିଆ ଘରେ ଥିବା ସେହି ହୋଟେଲରେ ପରଷା ଯାଉଥିଲା ସ୍ୱାଦିଷ୍ଟ ମଟନ ଚାମ୍ପ୍ । ବାପାଙ୍କୁ ହୋଟେଲରେ ସାହାଯ୍ୟ କରୁକରୁ ବ୍ୟବସାୟ ଜଗତରେ ପ୍ରବେଶ କରିବାର ଆଗ୍ରହ ବଢ଼ିଲା। ସେହି ଆଗ୍ରହ ପରବର୍ତ୍ତୀ ସମୟରେ ଝୁଙ୍କ୍ ପାଲଟିଗଲା। ପ୍ରତିଦିନ ସନ୍ଧ୍ୟାରେ ବିକ୍ରି ସରିବା ପରେ ବାପାଙ୍କ ସହ ଲାଭ ଟଙ୍କା ଗଣୁଥିଲେ ଶରତ। ୧୯୭୪ରେ କଟକ ପୌରସଂସ୍ଥା ପକ୍ଷରୁ ବାପାଙ୍କ ହୋଟେଲଟିକୁ ଭାଙ୍ଗି ଦିଆଗଲା। ପରେ ବାପା ଆଉ ଏକ ସ୍ଥାନରେ ଏକ ଛୋଟ ଦୋକାନ କଲେ। ବାପାଙ୍କ ଦୋକାନ ଆଉ ଏକ ସ୍ଥାନ ପାଇଲା ପରେ ଶରତ କଲିକତା ଯାଇ ଏକ ମସଲା କାରଖାନାରେ କାମ ଆରମ୍ଭ କରିଥିଲେ। ବେତନ କମ୍ ଥିଲେ ସୁଦ୍ଧା କାରଖାନାର ଯନ୍ତ୍ରପାତି, କଞ୍ଚାମାଲ, ଆମଦାନୀ, ମସଲା ପ୍ରସ୍ତୁତି ଓ ପ୍ୟାକେଜିଂ ସହ ବିକ୍ରିବଟା ଏବଂ ପରିଚାଳନା କରିବାରେ ମନ ଦେଇ ଅଭିଜ୍ଞତା ସାଉଁଟିଲେ। ପରେ ଓଡ଼ିଶା ଫେରି ୧୯୭୬ ମସିହାରେ ମାତ୍ର ୫,୦୦୦ଟଙ୍କାର ନିଜର ବ୍ୟବସାୟ ଆରମ୍ଭ କରିଥିଲେ । ପବିତ୍ର ଶ୍ରୀଗୁଣ୍ଡିଚା ଦିନ କଟକର ମଧୁପାଟଣା ଶିଳ୍ପାଞ୍ଚଳରେ ଓମ୍ ଅୟେଲ୍ ଆଣ୍ଡ ଫ୍ଲୋର୍ ମିଲ୍ସ ଲିମିଟେଡ୍ (ରୁଚି ଉଦ୍ୟୋଗ) ପ୍ରତିଷ୍ଠା କରିଥିଲେ। କିଛି ଦିନ ପରେ ସେ ଏହି କଳରୁ ମସଲା ଓ ସିମେଇଁ ପ୍ରସ୍ତୁତ କରିବା ଆରମ୍ଭ କରିଥିଲେ । ବାପାଙ୍କ ହୋଟେଲର ସ୍ୱାଦିଷ୍ଟ ଭୋଜନକୁ ଗ୍ରାହକମାନେ ରୁଚିକର ଭୋଜନ ବୋଲି କହୁଥିଲେ। ସାଙ୍ଗମାନଙ୍କ ପରାମର୍ଶରେ ସେ ଏହି ଅଟା କଳ ସ୍ଥାପନ କରିଥିଲେ। ଅଟାର କିଛି ସ୍ୱାତନ୍ତ୍ର୍ୟ ରହିବା ପାଇଁ ଉକ୍ତ ଚକି ଅଟାକୁ 'ରୁଚି ଅଟା' ଭାବରେ ନାମିତ କରାଯାଇଥିଲା। 'ରୁଚି' ବ୍ରାଣ୍ଡ୍ ଭାବେ ୪୯ ବର୍ଷର ଏହି ଅନୁଷ୍ଠାନ ବର୍ତ୍ତମାନ ୭ ଦେଶରେ ୧୮ହଜାରରୁ ଅଧିକ ଆଉଟ୍‌ଲେଟ ଖୋଲିଥିବାବେଳେ ୩ ମିଲିୟନ୍ ସନ୍ତୁଷ୍ଟ ଗ୍ରାହକଙ୍କ ପାଖରେ ପହଞ୍ଚିପାରିଛି।

## ପ୍ରାରମ୍ଭିକ ଜୀବନ

ବାପା ବନମାଳୀ ସାହୁ ଓ ମାଆ ମଇନାଦେବୀଙ୍କ କୋଳରେ ୧୯୫୦ମସିହା ଜୁଲାଇ ୨୨ରେ ଜନ୍ମଗ୍ରହଣ କରିଥିଲେ ଶରତ । କଟକରେ ଜନ୍ମ ଓ ସେଇଠୁ ପାଠପଢ଼ା ଆରମ୍ଭ। ହାଇସ୍କୁଲ ଶିକ୍ଷା ପରେ ସେ ଖ୍ରୀଷ୍ଟ କଲେଜରେ ନାମ ଲେଖାଇଥିଲେ। ଭାଇ ଚେନ୍ନାଇରେ ଉଚ୍ଚଶିକ୍ଷା ପାଇଁ ଯାଇଥିଲେ ମଧ୍ୟ ଶରତ କଟକରେ ରହି ବାପାଙ୍କୁ ବ୍ୟବସାୟରେ ସାହାଯ୍ୟ କରିବାକୁ ସ୍ଥିର କରିଥିଲେ। ପରବର୍ତ୍ତୀ ସମୟରେ ସେ ଓଡ଼ିଶା କ୍ଷୁଦ୍ର ଉଦ୍ୟୋଗ କର୍ପୋରେଶନ ଲିମିଟେଡ୍(ଓଏସ୍‌ଆଇସି) ପକ୍ଷରୁ ଦିଆଯାଉଥିବା ତାଲିମ ଗ୍ରହଣ କରିଥିଲେ। ସେତେବେଳେ ତାଙ୍କୁ ୭୫୦ ଟଙ୍କା ଛାତ୍ରବୃତ୍ତି ମିଳୁଥିଲା।

## ପ୍ରେରଣା ଦେଇଥିଲା ମା'ଙ୍କ ଶିଳବଟା ମସଲା

ଶରତ ଅନେକ ସମୟରେ କହିଥାଆନ୍ତି, ହୋଟେଲ ଥିଲାବେଳୁ ମା' ଶିଳରେ ବିଭିନ୍ନ ପ୍ରକାରର ସାମଗ୍ରୀକୁ ବାଟି ମସଲା ପ୍ରସ୍ତୁତ କରୁଥିବାର ଦେଖିଥିଲି। ସେସବୁ ପ୍ରସ୍ତୁତି ବେଳେ ଅତ୍ୟଧିକ ପରିଶ୍ରମ କରିବାକୁ ପଡୁଥିଲା। ମା'ଙ୍କର ଅକ୍ଳାନ୍ତ ପରିଶ୍ରମକୁ ଅନୁଭବ କରି ଅଟା ସହ ସେହି ଚକିରେ ହଳଦୀ, ଲଙ୍କା, ଜିରା, ଧନିଆ ଆଦି ଗୁଣ୍ଡ କରି ଗ୍ରାହକଙ୍କ ନିକଟରେ ପହଞ୍ଚାଇବାର ପ୍ରୟାସ ଆରମ୍ଭ ହୋଇଥିଲା।

## ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପରେ ବିପ୍ଳବ ଆଣିଥିଲେ

ଓଡ଼ିଶାର ମସଲା ଶିଳ୍ପର ଜନକ ଭାବେ ପରିଚିତ ଡ. ସାହୁ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପକ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ। ସବୁବେଳେ ଓଡ଼ିଶାର ସ୍ୱାଭିମାନ, ରାଜ୍ୟର ଶିଳ୍ପର ପ୍ରଗତି ଓ ବିକାଶ ପାଇଁ ସେ ନୂଆ ନୂଆ ଜ୍ଞାନକୌଶଳର ଉପଯୋଗ କରୁଥିଲେ। ବିଶେଷକରି ସାଧାରଣ ଲୋକଙ୍କୁ ଉନ୍ନତମାନର ସାମଗ୍ରୀ ଯୋଗାଣ ସହିତ ଗ୍ରାହକଙ୍କ ସ୍ନେହ-ଶ୍ରଦ୍ଧା ଓ ଭଲପାଇବା ପାଇଁ ଋଣ ଶୁଝିବାର ସଂକଳ୍ପ ଘୋଷଣା କରିଥିଲେ। ରାଜ୍ୟ ସରକାରଙ୍କ ସହଯୋଗରେ ରାମଦାସପୁରଠାରେ ନୂଆ ମସଲା ଓ ପାସ୍ତା କାରଖାନା ପ୍ରତିଷ୍ଠା କରିଥିଲେ।

## ଶିଳ୍ପୋଦ୍ୟୋଗୀଙ୍କ ସହ ଗଢ଼ିଥିଲେ ଓସ୍‌ମେ

ଶିଳ୍ପର ବିକାଶ ପାଇଁ ସେ ଶିଳ୍ପୋଦ୍ୟୋଗୀ ବନ୍ଧୁମାନଙ୍କ ସହିତ ମିଶି ଓସ୍‌ମେ ଅନୁଷ୍ଠାନ ଗଢ଼ିବା ସହିତ ବିଭିନ୍ନ ଅନୁଷ୍ଠାନର ଶିଳ୍ପ ଉପଦେଷ୍ଟା ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରିଥିଲେ। ବିଭିନ୍ନ ସମୟରେ ଜର୍ମାନୀ, ଇଟାଲୀ, ଫ୍ରାନ୍ସ, ଇଂଲଣ୍ଡ, ଅଷ୍ଟ୍ରେଲିଆ, ସୁଇଜରଲ୍ୟାଣ୍ଡ, ଆମେରିକା, କାନାଡ଼ା, ସିଙ୍ଗାପୁର, ଦକ୍ଷିଣକୋରିଆ, ଓମାନ ସମେତ ୩୦ରୁ ଊର୍ଦ୍ଧ୍ୱ ଦେଶରେ ଆୟୋଜିତ ଅନେକ ଆନ୍ତର୍ଜାତିକ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ। ୧୯୯୯ରେ ଇଟାଲୀ ଓ ଦକ୍ଷିଣକୋରିଆ ସହଯୋଗରେ ଓଡ଼ିଶାର ପ୍ରଥମ ପାସ୍ତା ଉଦ୍ୟୋଗ ପ୍ରତିଷ୍ଠା କରିଥିଲେ।

### କବାଡ଼ି ପ୍ରତି ଥିଲା ଅହେତୁକ ରୁଚି

ଶରତ ପିଲାଦିନେ ଜଣେ କବାଡ଼ି ଓ ଭଲିବଲ୍ ଖେଳାଳି ଥିଲେ। ୧୯୬୮ରୁ ୧୯୭୨ ପର୍ଯ୍ୟନ୍ତ ସେ ଓଡ଼ିଶା କବାଡ଼ି ଦଳର ଅଧିନାୟକ ମଧ୍ୟ ରହିଥିଲେ। ୧୯୭୩ରେ ସେ ଓଡ଼ିଶା କବାଡ଼ି ସଂଘରେ ମଧ୍ୟ କାର୍ଯ୍ୟ କରିଛନ୍ତି । ତାଙ୍କ ଜୀବନୀକୁ ନେଇ ଶରତ ଶତମ ନାମରେ ଏକ ପୁସ୍ତକ ଲେଖାଯାଇଛି ।


ଧରିତ୍ରୀ ପକ୍ଷରୁ ୨୦୨୧ରେ ଡ. ଶରତ କୁମାର ସାହୁଙ୍କୁ 'ବିଜିନେସ୍ ଏମିନେନ୍ସ ଆୱାର୍ଡ' ପ୍ରଦାନ।

## ଅନେକ ସମ୍ମାନର ଅଧିକାରୀ

ଜଣେ ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ଭାବେ ବିପୁଳ କର୍ମନିଯୁକ୍ତି ସୃଷ୍ଟି କରିପାରିଥିବା ଡ. ଶରତ କୁମାର ସାହୁଙ୍କୁ ୧୯୯୯ ମସିହାରେ ଓଡ଼ିଶା ସରକାର 'ସ୍ୱାଭିମାନ ସମ୍ମାନ'ରେ ଭୂଷିତ କରିଥିଲେ। ୨୦୦୦ରେ ସେ ବିଜୁ ପଟ୍ଟନାୟକ ମେମୋରିଆଲ ସମ୍ମାନ ପାଇଥିବାବେଳେ ୨୦୦୧, ୨୦୦୩, ୨୦୦୪ ଏବଂ ୨୦୦୮ରେ ଶ୍ରେଷ୍ଠ ଶିଳ୍ପୋଦ୍ୟୋଗୀ ସମ୍ମାନରେ ମଣ୍ଡିତ ହୋଇଥିଲେ। ୨୦୦୮ରେ ତାଙ୍କୁ ଓଡ଼ିଶା ଲିଡରଶିପ ଆୱାର୍ଡ(ଟାଇମ୍ସ ଅଫ ଇଣ୍ଡିଆ), ୨୦୧୩ରେ ଓଡ଼ିଶା ଲିଭିଙ୍ଗ୍ ଲିଜେଣ୍ଡ ଆୱାଡ, ୨୦୧୪ରେ ପ୍ରୟାସ ସମ୍ମାନ ଏବଂ ୨୦୨୧ରେ ଧରିତ୍ରୀ ପକ୍ଷରୁ ତାଙ୍କୁ 'ବିଜିନେସ୍ ଏମିନେନ୍ସ ଆୱାର୍ଡ' ମିଳିଥିଲା। ଅନ୍ୟପଟେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ପ୍ରତିଭାଶାଳୀ ବ୍ୟକ୍ତିତ୍ୱଙ୍କୁ ତାଙ୍କ ଅନୁଷ୍ଠାନ ତରଫରୁ ମଧ୍ୟ ପ୍ରତିବର୍ଷ 'ରୁଚି ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥାଏ।

## ବିଜୁବାବୁ ପଠାଇଥିଲେ ଦକ୍ଷିଣ ଆଫ୍ରିକା


୧୯୭୮ ମସିହାରେ ଶରତ ବାବୁଙ୍କୁ ଏକ କର୍ମଶାଳାରେ ଯୋଗଦେବା ପାଇଁ ବିଜୁ ବାବୁ ଦକ୍ଷିଣ ଆଫ୍ରିକା ପଠାଇଥିଲେ। ସେଠାରୁ ସେ ଫୁଡ୍ ପ୍ରୋସେସିଂ ବାବଦରେ କଳାକୌଶଳ ଶିକ୍ଷାଗ୍ରହଣ କରି ନିଜ ବ୍ୟବସାୟରେ ଲଗେଇଲେ ଓ ବହୁ ସଫଳତା ହାସଲ କରିଥିଲେ। ପ୍ରଥମେ ଖପୁରିଆରେ ୪୦୦ ବର୍ଗଫୁଟ୍ ପରିମିତ ଭଡ଼ା ଘରେ କାମ ଆରମ୍ଭ ହୋଇଥିଲା। ସେହି ଧାରା ଏବେ ମଧ୍ୟ ଅବ୍ୟାହତ ରହିଛି ଓ ଏପରିକି ଇଟାଲୀ ଏବଂ ଦକ୍ଷିଣ କୋରିଆରୁ କଳାକୌଶଳ ଆସି କଟକ ଖପୁରିଆସ୍ଥିତ ତାଙ୍କ କାରଖାନାରେ ପାସ୍ତା ତିଆରିରେ ବ୍ୟବହାର କରାଯାଉଛି । ରୁଚି ମସଲା ଏବେ ରାଜ୍ୟ ଓ ଦେଶ ମଧ୍ୟରେ ଆବଦ୍ଧ ନ ରହି ବିଦେଶକୁ ମଧ୍ୟ ରପ୍ତାନି ହେଉଛି। ଅତ୍ୟାଧୁନିକ ପ୍ୟାକେଜିଂ ମେଶିନ ଆଣିବା ଫଳରେ ରୁଚି ମସଲା ସଫଳତା ସାଉଁଟିବାରେ ଲାଗିଛି।


# Classified Everyday
0674-2580101, 9692975378


REAL ESTATE
SALE

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/Duplex ଅଛି- 8327785834. D- 06

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500 Sq.ft, 6,75,000/- ପ୍ଲଟ୍ ବିକ୍ରିହେବ- 9776974912. D-05




Commercial 2000sqft. second- floor hall with lift behind airport on 100ft. wide Bhimatangi Main road for office or commercial. 9958003695. D- 76944




The massage felt totally professional & comfortable at all times- 7978109255. D-205

AFFIDAVIT

By virtue of an affidavit sworn before Notary Public, Rayagada, affidavit No.- 15930, dated- 01.11.2025, I, TAUDU HIMIRIKA, AT- KAPADANGA,P.O.- GAJIGAON, P.S.- SESKHAL,DIST.- RAYAGADA, ODISHA- 765002 declare that I have changed the name of my daughter from HIMIRIKA NARJA to NARJOMANI HIMIRIKA. Henceforth, she shall be known as NARJOMANI HIMIRIKA for all purposes.
TAUDU HIMIRIKA
D-2466

By virtue of an affidavit sworn before Executive Magistrate, Jajpur, dated- 30.10.2024, I, Kaikeyee Sahu, Resident of At- Indaroi, P.O.- Erabanka, P.S.- Jajpur Sadar, Dist.- Jajpur, Odisha, PIN- 755017 declare that I have changed my name from Pokaya Sahu to Kaikeyee Sahu. Henceforth, I shall be known as Kaikeyee Sahu for all purposes.
Kaikeyee Sahu
D-2467

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


✓କେମାମଣି ଦେଈ
ନେମରା (ନିମ୍ବ କ୍ଷେତ୍ର), ଶ୍ରୀ ବଳଦେବଜୀଉ, କେନ୍ଦ୍ରାପଡ଼ା
ଆବିର୍ଭାବ: ୧।୧।୧୯୩୧
ତିରୋଧାନ: ୨୪।୧୦।୨୫
(କାର୍ତ୍ତିକ ଶୁକ୍ଳ ତୃତୀୟା)
ବୋଉ, ତୁ ମୋ କୋଳରେ ଶୋଇ ଜଗନ୍ନାଥ.. ଜଗନ୍ନାଥ କହୁ କହୁ ଯେ, ଚିର ନିଦ୍ରିତା ହୋଇଯିବୁ ଭାବି ପାରୁନି। ତୋ ଅବର୍ତ୍ତମାନରେ ତୋ ଆଧ୍ୟାତ୍ମିକ ଚିନ୍ତାଧାରା, ନିଷ୍କପଟ ସ୍ନେହ, ମମତା, ପ୍ରେମଭାବ, କର୍ମ ପ୍ରବଣତା, ସହନଶୀଳତା ଓ ସାମୂହିକ ପ୍ରତିବଦ୍ଧତା ସ୍ମୃତିରେ ଅମଳିନ ରହିବ। ତୋ ଅମର ଆତ୍ମାର ସଦ୍‌ଗତି ପାଇଁ ଜଗନ୍ନାଥଙ୍କୁ ଅଶ୍ରୁଳ ନିବେଦନ କରୁଛୁ।
ଶୋକାକୁଳ: ଅମିୟ,ମଞ୍ଜୁ, ରୁଚିର, ରମେଶ, ପ୍ରମୋଦ, ରଞ୍ଜୁ, ଟିମି, ଅଟୀ, କୁଟନ, ଅନୁରାଗ, ପପୁ, ସୋନି, ଶିତୁଲ, ପାର୍ଥ, ଆଲୋକ,ଶରତ, ଶିଶିର,ଜଗ, ହେମନ୍ତ ଓ ପ୍ରଦୀପ।
ଧ-୨୪୬୮

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ପତଞ୍ଜଳି ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ଦୀକ୍ଷାନ୍ତ ସମାରୋହ



**ଭୁବନେଶ୍ୱର,୨।୧୧(ଅନୁରାଧା ମହାରଣା)**

ପତଞ୍ଜଳି ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ଦୀକ୍ଷାନ୍ତ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ୧୪୨୪ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ଓ ୫୪ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଛନ୍ତି। ୬୪% ସ୍ୱର୍ଣ୍ଣ ପଦକ ଝିଅମାନେ ହାସଲ କରିଛନ୍ତି। ରାଷ୍ଟ୍ରପତି କହିଛନ୍ତି, ଝିଅମାନେ ବିକଶିତ ଭାରତର ଆଧାର ହେବେ; ତପସ୍ୟା, ସରଳତା ଓ କର୍ତ୍ତବ୍ୟନିଷ୍ଠାକୁ ଜୀବନର ଆଧାର କରନ୍ତୁ। ରାଜ୍ୟପାଳ ଗୁରମୀତ ସିଂହ ଯୋଗ ଓ ଆୟୁର୍ବେଦରେ ବିଶ୍ୱବିଦ୍ୟାଳୟର ଅଭୂତପୂର୍ବ ଯୋଗଦାନକୁ ପ୍ରଶଂସା କରିଛନ୍ତି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ କହିଛନ୍ତି, ଉତ୍ତମ ଉତ୍ତରାଖଣ୍ଡ ଗଢ଼ିବାରେ ଏହି ବିଦ୍ୟାର୍ଥୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ସ୍ୱାମୀ ରାମଦେବ କହିଛନ୍ତି, ଏଠାରେ ପ୍ରତ୍ୟେକ ଛାତ୍ର 'ଜବ ସିକର ଅର୍ଥାତ୍ ଚାକିରୀ ଆଶାୟୀ' ନୁହନ୍ତି, ବରଂ 'ଜବ କ୍ରିଏଟର ଅର୍ଥାତ୍ ନିଯୁକ୍ତିଦାତା'। ବିଶ୍ୱବିଦ୍ୟାଳୟକୁ ବିଶ୍ୱର ଶ୍ରେଷ୍ଠତମ ଶ୍ରେଣୀକୁ ନେବା ଲକ୍ଷ୍ୟ ରହିଥିବା ଆଚାର୍ଯ୍ୟ ବାଲକୃଷ୍ଣ କହିଛନ୍ତି। ନାକ ଠାରୁ ଏ+ ଗ୍ରେଡ (୩.୪୮) ପାଇଛି।

# ବ୍ୟାଙ୍କ ଅଫ ବରୋଦା ପକ୍ଷରୁ ସଚେତନତା ପଦଯାତ୍ରା ଆୟୋଜିତ




**ଭୁବନେଶ୍ୱର,୨।୧୧(ଅନୁରାଧା ମହାରଣା)**

ସତର୍କତା ସଚେତନତା ସପ୍ତାହ ୨୦୨୫- ସତର୍କତା ଆମର ସହଭାଗୀ ଦାୟିତ୍ୱ ଅବସରରେ ଭୁବନେଶ୍ୱରସ୍ଥିତ ବ୍ୟାଙ୍କ ଅଫ ବରୋଦା ଆଞ୍ଚଳିକ କାର୍ଯ୍ୟାଳୟ ଦ୍ୱାରା ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦାୟିତ୍ୱ ଓ ସଚେତନତା ସୃଷ୍ଟି କରିବା। ମହାପ୍ରବନ୍ଧକ ଏବଂ ଆଞ୍ଚଳିକ ମୁଖ୍ୟ ସ୍ୱପ୍ନା ବନ୍ଦୋପାଧ୍ୟାୟଙ୍କ ଉପସ୍ଥିତିରେ ଏହି ପଦଯାତ୍ରା କରାଯାଇଥିଲା। କାର୍ଯ୍ୟକ୍ରମରେ ଉପ ମହାପ୍ରବନ୍ଧକ(ସି ଆଣ୍ଡ ଏ) ଭିଏମ୍‌ଏନ୍‌ଏସ୍ ସାଇବାବୁ, ଉପମହାପ୍ରବନ୍ଧକ(ବିଡି) ଶିବପଦ ନାୟକ, ଜେଡ୍‌ଆଇଏଡି ମୁଖ୍ୟ ଜଗଜୀବନ ମହାପାତ୍ର, ଭୁବନେଶ୍ୱର କ୍ଷେତ୍ରୀୟ ମୁଖ୍ୟ ଓ ଉପମହାପ୍ରବନ୍ଧକ ସତ୍ୟରଞ୍ଜନ ମହାପାତ୍ର, ଭୁବନେଶ୍ୱର ଅଞ୍ଚଳ ଏବଂ କ୍ଷେତ୍ରୀୟ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ଯୋଗ ଦେଇଥିଲେ।

# ସୌରଜଗତରେ ଅଜଣା ପରିବ୍ରାଜକ



ଦେବାଶିଷ ମହାନ୍ତି

"ଏଠାରେ ପ୍ରଶ୍ନ ଉଠେ ଯେ ଏହା ଅନ୍ୟ ମହାଜାଗତିକ ବସ୍ତୁମାନଙ୍କଠାରୁ କିପରି ସ୍ୱତନ୍ତ୍ର, ଯେଉଁଥିପାଇଁ ଏହା ବୈଜ୍ଞାନିକମାନଙ୍କ ମନରେ ଏତେ ଉତ୍କଣ୍ଠା ସୃଷ୍ଟି କରିଛି। ୩ଇ/ଆଟଲାସ ଅବିଶ୍ୱସନୀୟ ଭାବରେ ଦ୍ରୁତ ଗତିରେ ଗତି କରୁଛି , ଏତେ ଦ୍ରୁତ ଯେ ସୂର୍ଯ୍ୟର ଗୁରୁତ୍ୱାକର୍ଷଣ ମଧ ଏହାକୁ ଧରି ରଖିପାରିବ ନାହିଁ। ଏହା ପାଖକୁ ଆସିବା ସହିତ, ସୂର୍ଯ୍ୟକିରଣ ଏହାର ପୃଷ୍ଠକୁ ଉଷ୍ମ କରିଥାଏ, ଯାହାଫଳରେ ବରଫ ଏବଂ ଧୂଳି ବାଷ୍ପୀଭୂତ ହୋଇ ଏକ ଉଜ୍ଜ୍ୱଳ ଆଭା ମଣ୍ଡଳ ସୃଷ୍ଟି କରିଥାଏ, ଯାହାକୁ 'କୋମା' କୁହାଯାଏ।"



ଥରେ କଲେଜରୁ ଫେରି ଘରେ ବିଶ୍ରାମ ନେଉଥାଏ। ଏହି ସମୟରେ ପତ୍ନୀ ଲୋପାମୁଦ୍ରା ଫେସ୍‌ବୁକରେ ରିଲ୍ସ ଦେଖୁ ଦେଖୁ ହଠାତ ବିସ୍ମିତ ହୋଇପଡ଼ିଲେ ଓ ତାଙ୍କ ଚକ୍ଷୁ ଡୋଳା ବିସ୍ତାରିତ ହୋଇଗଲା। ସେ ଉତ୍ସାହିତ ହୋଇ ପଚାରିଲେ, "ତୁମେ ଏ ଖବର ଦେଖିଲଣି? ଖବର କହୁଛି ଯେ ଏକ ଏଲିଏନ ସ୍ପେସଶିପ ଆମ ସୌରମଣ୍ଡଳରେ ପ୍ରବେଶ କରିଛି! ସେମାନେ ଏହାକୁ '୩ଇ/ଆଟଲାସ' କହୁଛନ୍ତି। ଏହା ପ୍ରକୃତରେ କ'ଣ?" ମୁଁ ନ ହସି ରହିପାରିଲି ନାହିଁ। ଏହା ଏକ ଏଲିଏନ ସ୍ପେସଶିପ ନୁହେଁ, ମୁଁ ଉତ୍ତର ଦେଲି। 'କିନ୍ତୁ ହଁ – ଆମ ସୌରମଣ୍ଡଳରେ ପ୍ରକୃତରେ କିଛି ଆଶ୍ଚର୍ଯ୍ୟଜନକ ବସ୍ତୁ ପ୍ରବେଶ କରିଛି। ଏହା ଏ ସୌରଜଗତର ନୁହେଁ, ସେଥିପାଇଁ ତାହା ବୈଜ୍ଞାନିକମାନଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଏହା ସମସ୍ତଙ୍କ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ବୋଲି ସେ ବିସ୍ମିତ ହୋଇ ପଚାରିଲେ। ତେବେ ଏହା ସାମାଜିକ ଗଣମାଧମରେ ପ୍ରଚାର ହେଉଥିବା, ଆମ ଉପରେ ଗୁପ୍ତଚର କରିବା ପାଇଁ ଆସିଥିବା ଏଲିଏନ ସ୍ପେସଶିପ ନୁହେଁ?'

ମୁଁ ସାମାନ୍ୟ ହସିକି କହିଲି, 'ନାଁ', ତୁମେ ଯେପରି ଭାବୁଛ ସେପରି ଏଲିଏନ ମହାକାଶ ଯାନ ନୁହେଁ। କିନ୍ତୁ ଏହା ଅନ୍ୟ ଏକ ତାରାମଣ୍ଡଳର ପରିଦର୍ଶକ – ଜଣେ ଅନ୍ତଃନକ୍ଷତ୍ରୀୟ ଯାତ୍ରୀ। ଏହାକୁ ଏକ ମହାଜାଗତିକ ବାର୍ତ୍ତାବାହକ ଭାବରେ ଭାବିବା ଯିଏ ଆମେ କେବେ ଦେଖିନଥିବା ଦୁନିଆରୁ ଅଜଣା ବାର୍ତ୍ତା ଆଣିଛି।' ଏହାଶୁଣି ଲୋପା ଉତ୍କଣ୍ଠାପୂର୍ଣ୍ଣ ନୟନରେ ମୋ ଆଡ଼କୁ ଅନାଇଲେ। ତାଙ୍କ ଉତ୍କଣ୍ଠା ଦେଖି, ଆମ ସମୟର ସବୁଠାରୁ ରୋମାଞ୍ଚକର ଆବିଷ୍କାର ମଧ୍ୟରୁ ଗୋଟିଏ ବିଷୟରେ ମୋର ବ୍ୟାଖ୍ୟା ଆରମ୍ଭ କଲି। ୩ଇ/ଆଟଲାସ ଏକ ରହସ୍ୟମୟ ବସ୍ତୁ, ଯାହାର ଆଗମନ ଜ୍ୟୋତିର୍ବିଜ୍ଞାନୀ, ବୈଜ୍ଞାନିକ ଏବଂ ସାଧାରଣ ଜନତା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଚିଲିରେ ଆଟଲାସ ସର୍ଭେ ଦୂରବୀକ୍ଷଣ ଯନ୍ତ୍ର ଦ୍ୱାରା ଚଳିତ ବର୍ଷ ଜୁଲାଇ ୧ରେ ଆବିଷ୍କୃତ '୩ଇ/ଆଟଲାସ' ହେଉଛି ଆମର ସୌରମଣ୍ଡଳ ଦେଇ ଗତି କରୁଥିବା ତୃତୀୟ ଆନ୍ତଃନାକ୍ଷତ୍ରିକ ବସ୍ତୁ। ଏହାର ଏପରି ନାମକରଣ ହେବାର ଯଥାର୍ଥତା ହେଲା '୩ଆଇ' ର ଅର୍ଥ 'ତୃତୀୟ ଆନ୍ତଃନାକ୍ଷତ୍ରିକ,' (3rd interstellar) ଏବଂ 'ଆଟଲାସ' ହେଉଛି ଏହାକୁ ଖୋଜିଥିବା ଟେଲିସ୍କୋପର ନାମ। ଆମେ ଆକାଶରେ ଦେଖୁଥିବା ଅଧିକାଂଶ ବସ୍ତୁ – ଗ୍ରହ, ଧୂମକେତୁ, ଗ୍ରହାଣୁ , ଆମ ସୌରଜଗତ ପରିବାରର ଅଂଶ। ଏମାନେ କୋଟି କୋଟି ବର୍ଷ ଧରି ବିଶ୍ୱସ୍ତ ଭାବରେ ଆମର ସୂର୍ଯ୍ୟଙ୍କୁ ପରିକ୍ରମା କରୁଛନ୍ତି। କିନ୍ତୁ ୩ଇ/ଆଟଲାସ ଏମାନଙ୍କଠାରୁ ଭିନ୍ନ। ଏହା ସୂର୍ଯ୍ୟ ଚାରିପାଖରେ ପରିକ୍ରମା କରେ ନାହିଁ। ଏହା ଏକ ହାଇପରବୋଲିକ୍ ପଥ ଅନୁସରଣ କରି ଭ୍ରମଣ କରୁଛି। ତା'ର ଭ୍ରମଣ ପଥରେ ଆମ ସୌରଜଗତ ପଡ଼ିବାରୁ କିଛି ସମୟ ପାଇଁ ଏକ ଅଜଣା ସଂକ୍ଷିପ୍ତ ପରିଦର୍ଶକ ଭାବରେ ଆମ ସୌରଜଗତକୁ ବୁଲି ଆସିଛି। ତା'ର ଭ୍ରମଣ ସାରି ପୁଣି ବ୍ରହ୍ମାଣ୍ଡର ଅନନ୍ତ ଅନ୍ଧକାରକୁ ଫେରିଯିବ। ଏହାର ଆଗମନ ହେଉଛି ଏକ ବୋତଲରେ ଲୁକ୍କାୟିତ, ଦୂର ଦୂରାନ୍ତରର ଅନ୍ୟ ଗ୍ରହ ପ୍ରଣାଳୀ ବିଷୟରେ ସୂଚନା ବହନ କରିଥିବା ଏକ ବାର୍ତ୍ତା ପରି, ଯାହା ମହାଜାଗତିକ ସମୁଦ୍ର ଦେଇ ଭାସି ଯାଉଛି।

ଏଠାରେ ପ୍ରଶ୍ନ ଉଠେ ଯେ ଏହା ଅନ୍ୟ ମହାଜାଗତିକ ବସ୍ତୁମାନଙ୍କଠାରୁ କିପରି ସ୍ୱତନ୍ତ୍ର, ଯେଉଁଥିପାଇଁ ଏହା ବୈଜ୍ଞାନିକମାନଙ୍କ ମନରେ ଏତେ ଉତ୍କଣ୍ଠା ସୃଷ୍ଟି କରିଛି। ୩ଇ/ଆଟଲାସ ଅବିଶ୍ୱସନୀୟ ଭାବରେ ଦ୍ରୁତ ଗତିରେ ଗତି କରୁଛି, ଏତେ ଦ୍ରୁତ ଯେ ସୂର୍ଯ୍ୟର ଗୁରୁତ୍ୱାକର୍ଷଣ ମଧ ଏହାକୁ ଧରି ରଖିପାରିବ ନାହିଁ। ଏହା ପାଖକୁ ଆସିବା ସହିତ ସୂର୍ଯ୍ୟକିରଣ ଏହାର ପୃଷ୍ଠକୁ ଉଷ୍ମ କରିଥାଏ, ଯାହା ଫଳରେ ବରଫ ଏବଂ ଧୂଳି ବାଷ୍ପୀଭୂତ ହୋଇ ଏକ ଉଜ୍ଜ୍ୱଳ ଆଭା ମଣ୍ଡଳ ସୃଷ୍ଟି କରିଥାଏ ଯାହାକୁ 'କୋମା' କୁହାଯାଏ। ଯେତେବେଳେ ଚଳିତ ବର୍ଷ ଜୁଲାଇରେ ପ୍ରଥମେ ଏହା ଦେଖାଦେଇଥିଲା, ସେତେବେଳେ ଏହାର କୋମାର ରଙ୍ଗ ରକ୍ତିମ ଲାଲ ଥିଲା। ଏହାର ବାହ୍ୟ ପୃଷ୍ଠରେ ସୂର୍ଯ୍ୟକିରଣର ପ୍ରତିଫଳନ ଯୋଗୁ ସମ୍ଭବତଃ ଏହି ରଙ୍ଗ ଦେଖାଯାଉଥିଲା। ସେପ୍ଟେମ୍ବର ମାସ ବେଳକୁ ଲାଲ ରଙ୍ଗ ବଦଳରେ ଏହାର ପୃଷ୍ଠରୁ ସବୁଜ ରଶ୍ମୀ ନିର୍ଗତ ହେଲା। ବୈଜ୍ଞାନିକ ମାନଙ୍କ ମତରେ ଲକ୍ଷ ଲକ୍ଷ ବର୍ଷ ଧରି ଏହା ପୃଷ୍ଠରେ ଗଚ୍ଛିତ ଥିବା ଜୈବିକ ଅଣୁ ସୂର୍ଯ୍ୟ ରଶ୍ମୀ ସଂସ୍ପର୍ଷରେ ଆସିବା ଯୋଗୁ ବିଘଟନ ଘଟି ସୃଷ୍ଟି କରୁଥିବା ସାୟାନାଇଡ ଓ ଦୁଇ ପରମାଣୁ ବିଶିଷ୍ଟ ଅଙ୍ଗାରକ ଅଣୁ ଏହି ସବୁଜ ରଙ୍ଗ ଉତ୍ପନ୍ନ କରୁଛନ୍ତି। ଜେମ୍ସ ୱେବ ଦୂରବୀକ୍ଷଣ ଯନ୍ତ୍ର (JWST) ବ୍ୟବହାର କରି, ବୈଜ୍ଞାନିକମାନେ କିଛି ଆଶ୍ଚର୍ଯ୍ୟଜନକ ଜିନିଷ ପାଇଥିଲେ। ଏହାର କୋମା ଅସାଧାରଣ ଭାବରେ କାର୍ବନ ଡାଇଅକ୍ସାଇଡରେ ସମୃଦ୍ଧ ଏବଂ ସାଧାରଣ ଧୂମକେତୁ ତୁଳନାରେ ଏଥିରେ କମ ପାଣି ଅଛି। ଏହି ପାର୍ଥକ୍ୟ ସୂଚାଇ ଦିଏ ଯେ ଏହା ଏକ ସମ୍ପୂର୍ଣ୍ଣ ଭିନ୍ନ ପ୍ରକାରର ସୌରମଣ୍ଡଳରେ ହୁଏତ ଆମ ଠାରୁ ବିପରୀତ ପରିସ୍ଥିତିରେ ଅନ୍ୟ ଏକ ତାରା ଚାରିପାଖରେ ଗଠିତ ହୋଇଅଛି। କଥା ଏତିକିରେ ସରିନାହିଁ, ଯେତେ ଯେତେ ସେ ପାଖକୁ ଆସୁଛି, ସେତେ ବିସ୍ମୟକର ତଥ୍ୟ ସାମ୍ନାକୁ ଆସୁଛି। ତେଣୁ ତା'ର କାହାଣୀ ଆହୁରି ରୋମାଞ୍ଚକର ଓ ଅନିଶ୍ଚିତ ହେଇଯାଉଛି। ଏହି କ୍ରମରେ ଏପରି ଏକ ଆବିଷ୍କାର ଆସିଲା ଯାହା ବୈଜ୍ଞାନିକ ଜଗତକୁ ଚହଳ ପକାଇଲା। ସାମ୍ପ୍ରତିକ ଜେମ୍ସ ୱେବ ଦୂରବୀକ୍ଷଣ ଯନ୍ତ୍ର ତଥ୍ୟ ସୂଚାଇଲା ଯେ ୩ଇ/ଆଟଲାସ ଆଲୋକର ବେଗ ଅପେକ୍ଷା ଦ୍ରୁତ ଗତିରେ ଗତି କରୁଥିବା ପରି ମନେ ହେଉଛି! ଏକଥା ଶୁଣି ଲୋପାଙ୍କ ପାଟିରୁ ତତକ୍ଷଣାତ୍ ବାହାରି ଆସିଲା 'ଅସମ୍ଭବ!' ସେ ମୋତେ କହିଲେ, ଆଇନଷ୍ଟାଇନଙ୍କ ଆପେକ୍ଷିକ ତତ୍ତ୍ୱକୁ କ'ଣ ଭୁଲିଗଲ? ଏହି ତତ୍ତ୍ୱ ଅନୁସାରେ କୌଣସି ବସ୍ତୁ ଆଲୋକ ଅପେକ୍ଷା ଦ୍ରୁତଗତିରେ ଯାଇପାରିବ ନାହିଁ? ମୁଁ କହିଲି, ହଁ, ସେଥିପାଇଁ ବୈଜ୍ଞାନିକମାନେ ସତର୍କ ଅଛନ୍ତି। ଏହି ଅବିଶ୍ୱସନୀୟ ପର୍ଯ୍ୟବେକ୍ଷଣର ଅର୍ଥ ନୁହେଁ ଯେ ୩ଇ/ଆଟଲାସ ପ୍ରକୃତରେ ମହାଜାଗତିକ ଗତି ସୀମା ଭଙ୍ଗ କରୁଛି। ଏହା ଦ୍ରୁତ ଗତିରେ ଗତିଶୀଳ ଧୂଳି ଏବଂ ଗ୍ୟାସ ସହିତ ଆଲୋକର ପ୍ରତିକ୍ରିୟା ଯୋଗୁ ଦୃଷ୍ଟି ଭ୍ରମ ସୃଷ୍ଟି ପାଇଁ ହୋଇପାରେ କିମ୍ବା ଦୂରବୀକ୍ଷଣ ଯନ୍ତ୍ରର ସେନ୍ସରଗୁଡ଼ିକ ଗଣନାରେ କୌଣସି ତ୍ରୁଟି ଯୋଗୁ ମଧ ହୋଇପାରେ। ତଥାପି ଏହି ଆବିଷ୍କାର ପଦାର୍ଥ ବିଜ୍ଞାନର ଆମର ବୁଝାମଣାକୁ ଚ୍ୟାଲେଞ୍ଜ କରିଛି ଏବଂ ଅତିଶୟ କଠିନ ପରିସ୍ଥିତିରେ ପଦାର୍ଥର ଆଚରଣ ବିଷୟରେ ଅନେକ ନୂତନ ପ୍ରଶ୍ନ ସୃଷ୍ଟି କରିଛି। କୌଣସି ଅଦୃଶ୍ୟ ଶକ୍ତି ଏହାର ଗତିକୁ ନିୟନ୍ତ୍ରଣ କରୁଛି କି? ଆମେ ଜାଣିଥିବା ଭୌତିକ ବିଜ୍ଞାନର ନିୟମ ବାହାରେ ବି ଆହୁରି ଅନେକ କିଛି ଅଛି ଯାହାକୁ ଏହା ପ୍ରକାଶ କରିଛି, ଯାହା ଆମେ ଏବେ ଯାଏ ଜାଣି ନାହେଁ! (କ୍ରମଶଃ..)

–ବରିଷ୍ଠ ପ୍ରାଧ୍ୟାପକ ସ୍ନାତକୋତ୍ତର
ରସାୟନ ବିଜ୍ଞାନ ବିଭାଗ, ବି.ଜେ.ବି.
ସ୍ୱୟଂଶାସିତ ମହାବିଦ୍ୟାଳୟ,
ଭୁବନେଶ୍ୱର
ମୋ : ୯୮୬୧୩୯୧୧୯୦

## ସହଜରେ ନିରୂପଣ ହେବ ଫୁସ୍‌ଫୁସ୍ କ୍ୟାନ୍‌ସର




କଥାରେ ଅଛି–'କ୍ୟାନ୍‌ସର ନୋ ଆନ୍‌ସର'। ହେଲେ ଚିକିତ୍ସା ବିଜ୍ଞାନ ଦିନକୁ ଦିନ ଯେଉଁଭଳି ଉନ୍ନତି କରୁଛି ତାକୁ ଆଧାର କରି ଏବେ କ୍ୟାନ୍‌ସର ଭଳି ମାରାତ୍ମକ ସ୍ୱାସ୍ଥ୍ୟ ସମସ୍ୟାକୁ ପ୍ରାରମ୍ଭରୁ ଚିହ୍ନଟ କରାଯାଇପାରୁଛି ଏବଂ କେତେକେ ଏଥିରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ ମଧ କରିପାରୁଛନ୍ତି। କିନ୍ତୁ ଏହାକୁ ଚିହ୍ନଟ କରିବାରେ ଯଦି ବିଳମ୍ବ ହେଲା ତେବେ ତାହା ସମସ୍ୟାକୁ ଆହୁରି ବଢ଼େଇ ଦେଇଥାଏ। ଏପରିକି କ୍ୟାନ୍‌ସର ଅକାଳ ମୃତ୍ୟୁର କାରଣ ସାଜିଥାଏ। ତେବେ ନିକଟରେ ସ୍ୱିଡେନ୍ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏପରି ଏକ ସଫ୍ଟୱେର ଉଦ୍ଭାବନ କରିଛନ୍ତି ଯାହାଦ୍ୱାରା ଫୁସ୍‌ଫୁସ୍ କ୍ୟାନ୍‌ସରକୁ ସହଜରେ ଚିହ୍ନଟ କରିହେବ। ଏହାକୁ ପ୍ରାଥମିକ ସ୍ତରରେ ପରୀକ୍ଷା କରାଯାଇ ସେଥିରୁ ସଫଳତା ମିଳିଛି ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ତେବେ 'କ୍ୟୁରେ ଏଆଇ' ନାମକ ଏହି ସଫ୍ଟୱେର କିପରି ଆହୁରି ଉନ୍ନତମାନର ହେବ ସେ ନେଇ ଚେଷ୍ଟା ଜାରି ରହିଛି।

## ବ୍ରେକ୍‌ଫାଷ୍ଟରେ ଅନିୟମିତତା ହେଲେ...




ସକାଳର ପ୍ରଥମ ଖାଦ୍ୟ ହେଉଛି ବ୍ରେକ୍‌ଫାଷ୍ଟ। ଏହାକୁ ନିୟମିତ ଖାଇବା ଦରକାର। ତଟକା ଫଳମୂଳ, ଜୁସ୍, ସାଲାଡ ଆଦିକୁ ଏଥିରେ ସାମିଲ କରନ୍ତୁ। କିନ୍ତୁ ଯଦି ଏଥିରେ ଅନିୟମିତତା ଦେଖାଯାଏ ତେବେ ତାହା କେତେକ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ। ବିଶେଷଭାବରେ ଏହି ସମସ୍ୟା ଲାଗି ରହିଲେ ତାହା ଭବଷ୍ୟତରେ ରକ୍ତଚାପ ବା ବ୍ଲଡପ୍ରେସର ସୃଷ୍ଟି କରିବାର ଆଶଙ୍କା ରହିଛି। ବ୍ରେକଫାଷ୍ଟ ବିଷୟରେ ଅଧିକ ତଥ୍ୟ ଜାଣିବାକୁ ହୋଇଥିବା ଏକ ସର୍ଭେରେ ବର୍ଲିନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକଥା ଜାଣିବାକୁ ପାଇଥିଲେ। ବ୍ରେକ୍‌ଫାଷ୍ଟରେ ଅନିୟମିତତା ଥିବା କେତେକ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରିଥିଲେ। ଏହି ସମୟରେ ସେମାନଙ୍କର ରକ୍ତଚାପ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କଠାରେ ରକ୍ତଚାପର ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେଣୁ ନିୟମିତ ବ୍ରେକ୍‌ଫାଷ୍ଟ ଖାଇବାକୁ ସେମାନେ ପରାମର୍ଶ ଦେଇଛନ୍ତି।

## ଦୃଷ୍ଟିଶକ୍ତି ବଢ଼ାଏ ଗାଜର



ଆମେ ଖାଉଥିବା ବିଭିନ୍ନ ପନିପରିବାରେ ଅନେକ ଉପକାରୀ ଗୁଣ ଭରି ରହିଛି। ବିଶେଷଭାବରେ ସବୁଜ ପନିପରିବାରେ ଭିଟାମିନ୍ ପ୍ରଚୁର ପରିମାଣରେ ଅଛି। ଗାଜର ଆମ ଶରୀର ପାଇଁ ବେଶ୍ ଉପକାରୀ। ଏଥିରେ ଭିଟାମିନ୍ସ, ଫାଇବର୍ ଓ ଆଣ୍ଟି ଅକ୍ସିଡ଼ାଣ୍ଟ ଉପାଦାନ ଭରିହୋଇ ରହିଛି। ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଅସ୍ଥି ଓ ମଜ୍ଜାକୁ ଶକ୍ତ କରିଥାଏ। ଗାଜରର ଆଉ ଏକ ଉପକାରୀ ଗୁଣ ରହିଛି। ଏହା ଦୃଷ୍ଟି ଶକ୍ତି ବୃଦ୍ଧି କରିବାରେ ଅନେକାଂଶରେ ସାହାଯ୍ୟ କରିଥାଏ। ଏଥିରେ ଥିବା କାରୋଟିନ୍ ନାମକ ଏକ ଉପାଦାନ ଥିବାରୁ ଦୃଷ୍ଟିଶକ୍ତି ପାଇଁ ବେଶ୍ ଉପଯୋଗୀ। ଏହା ସୂର୍ଯ୍ୟକିରଣଠାରୁ ଆଖିକୁ ରକ୍ଷା କରିଥାଏ। ଅନ୍ୟପକ୍ଷରେ ଏଥିରେ ଭିଟାମିନ୍ ସି' ଭରି ରହିଛି। ନିୟମିତ ଗାଜର ଖାଇଲେ ସେଥିରେ ଥିବା ଆଣ୍ଟି ଅକ୍ସିଡ଼ାଣ୍ଟ ଗୁଣ ଡାଇବେଟିସ ଏପରିକି କ୍ୟାନ୍‌ସର ଆଶଙ୍କା କେତେକାଂଶରେ ଦୂର କରିଥାଏ ବୋଲି ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ଗବେଷଣାରୁ ଜାଣିପାରିଛନ୍ତି। ରକ୍ତରେ ଶର୍କରାର ପରିମାଣକୁ ସନ୍ତୁଳନ ରଖିବା ଏହା ସାହାଯ୍ୟ କରିବା ସହ ଉଚ୍ଚ ରକ୍ତଚାପକୁ ସନ୍ତୁଳିତ ରଖେ। ଗାଜର ମଧ ହାର୍ଟ ପାଇଁ ଉପକାରୀ। ଏହା ମଧ ଶରୀରର ଓଜନକୁ ସନ୍ତୁଳିତ ରଖେ। କଞ୍ଚା ଗାଜର ଖାଇବା ଦ୍ୱାରା ଦାନ୍ତ ଶକ୍ତ ହୋଇଥାଏ। ଏହାଦ୍ୱାରା ଦାନ୍ତମୂଳ ଜନିତ ସମସ୍ୟା କେତେକାଂଶରେ ଦୂର ହୋଇଥାଏ। କେଶମୂଳକୁ ମଧ ଏହା ଦୃଢ଼ ରଖିବାରେ ସାହାଯ୍ୟ କରେ।

## ମେଦବହୁଳତା କମାଏ ସନ୍ତୁଳିତ ଜୀବନଶୈଳୀ



ବର୍ତ୍ତମାନ ଆମେ ସମ୍ମୁଖୀନ ହେଉଥିବା ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରେ ମେଦବହୁଳତା ଅନ୍ୟତମ। ବିଶେଷଭାବରେ ଅସନ୍ତୁଳିତ ଖାଦ୍ୟପେୟ ବ୍ୟତୀତ ଆଉ କେତେକ କାରଣ ଏଥିପାଇଁ ଦାୟୀ। ତେବେ ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ ଗୋଟିଏ ଜିନିଷ ପ୍ରତି ଧ୍ୟାନ ଦେଇପାରନ୍ତି। ତାହା ହେଲା ସନ୍ତୁଳିତ ଜୀବନଶୈଳୀ। 'ମେଦବହୁଳତା ଏବଂ ସନ୍ତୁଳିତ ଜୀବନଶୈଳୀ' ବିଷୟ ଉପରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରି ଏକଥା ଜାଣିପାରିଛନ୍ତି। ଏହି ସମୟରେ ସେମାନେ ମେଦବହୁଳତା ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କୁ ସେମାନଙ୍କର ଜୀବନଶୈଳୀକୁ ସନ୍ତୁଳିତ ରଖିବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟପକ୍ଷରେ ଏହାର ପ୍ରଭାବ ସେମାନଙ୍କର ମେଦ ବହୁଳତା ଉପରେ କିପରି ପଡୁଛି ତାହାକୁ ନିରୀକ୍ଷଣ କରାଯାଇଥିଲା। ପରିଶେଷରେ ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତଙ୍କର ଓଜନ କେତେକାଂଶରେ ନିୟନ୍ତ୍ରଣକୁ ଆସିଥିଲା ବୋଲି ରିପୋର୍ଟରୁ ଜଣାପଡିଛି। ଏହାସହ ଖାଦ୍ୟପେୟ ଏବଂ ବ୍ୟାୟାମ ଉପରେ ଧ୍ୟାନ ଦେବାକୁ ସେମାନେ ପରାମର୍ଶ ଦେଇଛନ୍ତି।

## ଜାଣି ରଖନ୍ତୁ



➔ନିଜ ଶରୀରରେ କୋଲେଷ୍ଟରଲ ପରିମାଣ ଯେପରି ସବୁବେଳେ ସନ୍ତୁଳିତ ରହିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଏଥିପାଇଁ ବିଶେଷଭାବରେ ଅଧିକ ତେଲମସଲାଯୁକ୍ତ ଖାଦ୍ୟ ଏବଂ ଫାଷ୍ଟଫୁଡ୍ ଯେତେ କମ୍ ଖାଇବେ ସେତେ ଭଲ।

➔ନିୟମିତ ସମୟ ବ୍ୟବଧାନରେ ନିଜ ଘରେ ରଖିଥିବା ଫାଷ୍ଟ–ଏଡ୍ ବକ୍ସ ଚେକ୍ କରି ନିଅନ୍ତୁ। ଘରେ ଯଦି କୌଣସି ମେଡିସିନ୍ ରଖିଛନ୍ତି ତେବେ ତାହାର ଏକ୍ସପାଏରି ତାରିଖ ବିଷୟରେ ଅବଗତ ହୁଅନ୍ତୁ।

➔ନିଜେ ସୁସ୍ଥ ରହିବା ଅନେକାଂଶରେ ନିଜ ଉପରେ ହିଁ ନିର୍ଭର କରିଥାଏ। ତେଣୁ ଏଥିନେଇ ନିଜ ଜୀବନଶୈଳୀ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ।

➔ବାହାର ଖାଦ୍ୟ ବିଶେଷ ଭାବରେ ଷ୍ଟ୍ରିଟ୍ ଫୁଡ୍ ସବୁବେଳେ ଖାଇବାର ଯଦି ଅଭ୍ୟାସ ଅଛି ତେବେ ଏହାକୁ ନିୟନ୍ତ୍ରଣକୁ ଆଣନ୍ତୁ।

➔ଯଦି ଡାକ୍ତରଙ୍କ ସହ ନିଜର କୌଣସି ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଆଲୋଚନା କରୁଛନ୍ତି ତେବେ ସେ ପଚାରୁଥିବା ସମସ୍ତ ପ୍ରଶ୍ନର ଠିକ୍ ଉତ୍ତର ଦିଅନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

➢ନିଶାଦ୍ରବ୍ୟ ସେବନ ଏକ ଅଭ୍ୟାସରେ ପରିଣତ ହୋଇଯାଇଛି କି? ଯଦି ହଁ, ତେବେ ଏହାକୁ ତୁରନ୍ତ ବର୍ଜନ କରନ୍ତୁ। ଏଭଳି ଅଭ୍ୟାସ ମନକୁ ସାମୟିକ ଆନନ୍ଦ ଦେଇଥାଏ, ହେଲେ ପରୋକ୍ଷରେ ହୃଦ୍‌ଜନିତ ସମସ୍ୟା ଏପରି କି କ୍ୟାନ୍‌ସରର କାରଣ ମଧ ସାଜିଥାଏ।

➢ଯଦି ବ୍ୟାୟାମ କରୁଛନ୍ତି ତେବେ ଠିକ୍ ପରେ ପରେ ପାଣି କିମ୍ବା କୋଲ୍ଡ ଡ୍ରିଙ୍କସ ପିଅନ୍ତୁ ନାହିଁ। କିଛି ସମୟରେ ପାଣି ପିଅନ୍ତୁ।



➢ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ କିଛି ପରିମାଣର ପ୍ରୋଟିନଯୁକ୍ତ ଖାଦ୍ୟ ସାମିଲ କରନ୍ତୁ।

➢ବୟସ ୫୦ ଟପିଥିଲେ ପ୍ରଥମେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ନିଜର ଶରୀର ସମ୍ପୂର୍ଣ୍ଣ ରୋଟିନ୍ ଚେକ୍‌ଅପ କରାଇ ନିଅନ୍ତୁ। କାରଣ ବୟସ ବଢ଼ିବା ସହ କେତେକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି।

➢କୌଣସି ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଯଦି ନିଜର ସବିଶେଷ ଜ୍ଞାନ ନାହିଁ ତେବେ ଅନ୍ୟମାନଙ୍କୁ ଏ ବିଷୟରେ ଉପଦେଶ ଦେବା ଠିକ୍ ନୁହେଁ।

➢ରାତିରେ ଶୋଇବା ପୂର୍ବରୁ ଭଲ ଭାବରେ ଗୋଡ଼, ହାତ ଏବଂ ମୁହଁ ଭଲ ଭାବରେ ଧୁଅନ୍ତୁ। ଏହାଦ୍ୱାରା ଭଲ ନିଦ ହୋଇଥାଏ।

➢ଶରୀରରେ ଜଳୀୟ ଅଂଶ ଯେପରି ପ୍ରଭାବିତ ନ ହୁଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଦିନକୁ ଅତିକମ୍‌ରେ ୨–୩ ଲିଟର ପାଣି ପିଇବା ଆବଶ୍ୟକ।

ନୋବେଲ ପୁରସ୍କାର-୨୦୨୫ (ରସାୟନ ବିଜ୍ଞାନ)

## ମେଟାଲ ଅର୍ଗାନିକ୍ ଫ୍ରେମ୍‌ୱାର୍କ


(ଶେଷ ଭାଗ)

### ସୁଷୁମୁ କିଟାଗାୱା

ସୁଷୁମୁ କିଟାଗାୱା ୧୯୫୧ ମସିହା ଜୁଲାଇ ୪ ତାରିଖରେ ଜାପାନର କ୍ୱିଟୋଠାରେ ଜନ୍ମଗ୍ରହଣ କରିଥିଲେ। ସେ କ୍ୱିଟୋ ବିଶ୍ୱବିଦ୍ୟାଳୟରୁ ରସାୟନବିଜ୍ଞାନରେ ଡକ୍ଟରେଟ (୧୯୭୯) ପ୍ରାପ୍ତ ହେଲା ପରେ କିଣ୍ଡାଇ ବିଶ୍ୱବିଦ୍ୟାଳୟ ଏବଂ ଟୋକିଓ ମେଟ୍ରୋପଲିଟାନ୍ କିଣ୍ଡାଇ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରିଥିଲେ। ତତ୍ପରେ ସେ କ୍ୱିଟୋ ବିଶ୍ୱବିଦ୍ୟାଳୟରେ ଯୋଗଦେଲେ (୧୯୯୮) ଏବଂ ବର୍ତ୍ତମାନ ସେଠାରେ 'ଡିଷ୍ଟିନ୍‌ଗୁଇସ୍‌ଡ ପ୍ରଫେସର' ପଦରେ ଅଧିଷ୍ଠିତ। ରସାୟନ ବିଜ୍ଞାନକୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଲାଗି କିଟାଗାୱାଙ୍କୁ ମିଳିଛି ଚଳିତ ବର୍ଷର ନୋବେଲ ବ୍ୟତୀତ ଆହୁରି ଅନେକ ପୁରସ୍କାର ଓ ସମ୍ମାନ। ସେଗୁଡିକ ମଧ୍ୟରେ ରହିଛି–ଜାପାନ ସରକାରଙ୍କ 'ମେଡାଲ ଉଇଥ ପରପଲ ରିବନ୍, ହମ୍ବୋଲ୍ଟ ରିସର୍ଚ୍ଚ ପ୍ରାଇଜ ଏବଂ ଲେଓ ଇସାକେ ପ୍ରାଇଜ। ୨୦୧୩ ମସିହାରେ ସେ ରୟାଲ ସୋସାଇଟିର 'ଫେଲୋ' ରୂପେ ନିର୍ବାଚିତ ହୋଇଥିଲେ।

### ରିଚାର୍ଡ ରୋବସନ୍

ରିଚାର୍ଡ ରୋବସନ ୧୯୩୭ ମସିହା ଜୁନ୍ ୪ ତାରିଖରେ ଇଂଲଣ୍ଡର ଗ୍ଲୁସବର୍ଣ୍ଣଠାରେ ଜନ୍ମଗ୍ରହଣ କରିଥିଲେ। ୧୯୬୨ ମସିହାରେ ସେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଏବଂ ପରେ କାଲିଫର୍ନିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜି ଓ



ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟରେ ଉଚ୍ଚତର ଗବେଷଣା କରିବା ପରେ ମେଲବୋର୍ଣ୍ଣ ବିଶ୍ୱବିଦ୍ୟାଳୟରେ ୧୯୬୬ରେ ଯୋଗ ଦେଇଥିଲେ। ସେଠାରେ ସେ ଏବେ 'ଏମିରେଟସ ପ୍ରଫେସର' ରୂପେ କାର୍ଯ୍ୟରତ। ଏହା ପୂର୍ବରୁ 'ବ୍ୟୁରୋ ଆୱାର୍ଡ' (୧୯୯୫) ଆଦି ପୁରସ୍କାର ଲାଭ କରିସାରିଥିଲେ। ତା'ସହ ଆମେରିକାନ୍ ଏକାଡେମୀ ଅଫ ସାଇନସେସ (୨୦୦୦) ଏବଂ ରୟାଲ ସୋସାଇଟିର 'ଫେଲୋ' ରୂପେ ନିର୍ବାଚିତ ହୋଇଥିଲେ।

### ଓମାର ୱାଘି

ଓମାର ୱାଘି ୧୯୬୫ ମସିହା ଫେବୃୟାରୀ ୪ ତାରିଖରେ ଜୋର୍ଡାନର ଓମାନ୍‌ଠାରେ ଏକ ଶରଣାର୍ଥୀ ପରିବାରରେ ଜନ୍ମଗ୍ରହଣ କରିଥିଲେ। ସେ ୧୫ ବର୍ଷ ବୟସରେ ଆମେରିକା ଚାଲିଯାଇଥିଲେ ଏବଂ ସେଠାରେ ତାଙ୍କର ଶିକ୍ଷା ଆରମ୍ଭ କରିଥିଲେ। ତାଙ୍କୁ ୧୯୯୦ ମସିହାରେ ଇଲିନଏସ୍ ଅର୍ବାନ–କ୍ୟାପେନ୍ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଡିଗ୍ରୀ ମିଳିଲା ପରେ ସେ ଆରିଜୋନା ଷ୍ଟେଟ ବିଶ୍ୱବିଦ୍ୟାଳୟ (୧୯୯୨–୧୯୯୮) ଏବଂ ମିଚିଗାନ ବିଶ୍ୱବିଦ୍ୟାଳୟରେ (୧୯୯୯–୨୦୦୦) ଅଧ୍ୟାପନା କରିଥିଲେ। ତତ୍ପରେ ସେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟ, ବେରକେଲେରେ ଯୋଗଦେଲେ ଏବଂ ସେଠାରେ ଏବେ ମଧ ପ୍ରଫେସର ରୂପେ କାର୍ଯ୍ୟରତ। ଚଳିତ ବର୍ଷର ନୋବେଲ ପୁରସ୍କାର ପାଇଁ ମନୋନୀତ ହେବା ପୂର୍ବରୁ ସେ ରସାୟନ ବିଜ୍ଞାନରେ ଉଲ୍‌ଫ ପୁରସ୍କାର (୨୦୧୮), ସାକୋନି ମେଡାଲ (୨୦୦୪) ଏବଂ ଭିନ୍ ଫିଉଚର ପୁରସ୍କାର (୨୦୨୨) ପାଇସାରିଥିଲେ।

ଏହି ତ୍ରୟ ବୈଜ୍ଞାନିକଙ୍କ ଗବେଷଣା ବିଷୟରେ ନୋବେଲ ପୁରସ୍କାର କମିଟିର ଅଧ୍ୟକ୍ଷ ହିନେର ଲିଙ୍କେ କହନ୍ତି, "ଏମ୍‌ଓଏଫ୍‌ରେ ରହିଛି ଏକ ବିଶାଳ ତଥା ବିସ୍ମୟକର ଭବିଷ୍ୟତ। ବିଭିନ୍ନ କ୍ଷେତ୍ରରେ ଏହାର ପ୍ରୟୋଗ ମାନବଜାତିର ବିଭିନ୍ନ କଲ୍ୟାଣକର କାର୍ଯ୍ୟରେ ନିୟୋଜିତ ହୋଇପାରିବ।"

–ପ୍ର. ରମେଶ ଚନ୍ଦ୍ର ପରିଡ଼ା
ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି
ବିହାର, ଭୁବନେଶ୍ୱର
ମୋ: ୯୯୩୭୩୦୧୪୬୦




# ତୃତୀୟ ଟି୨୦ ଜିତିଲା ଭାରତ

**ହୋବାର୍ଟ,୨।୧୧**

ଅର୍ଶଦୀପ ସିଂଙ୍କ ପ୍ରଭାବୀ ବୋଲିଂ ଓ ବ୍ୟାଟରଙ୍କ ମିଳିତ ପ୍ରଦର୍ଶନରେ ଏଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ତୃତୀୟ ଟି୨୦ କ୍ରିକେଟ୍ ମ୍ୟାଚ୍‌କୁ ଭାରତୀୟ ଦଳ ୫ ଉଇକେଟରେ ଜିତି ନେଇଛି। ଏହି ବିଜୟ ସହ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ୧-୧ରେ ବରାବର ସ୍ଥିତିରେ ପହଞ୍ଚିଛି। ହୋବାର୍ଟ ଗ୍ରାଉଣ୍ଡରେ ଏହା ଘରୋଇ ଅଷ୍ଟ୍ରେଲିଆ ଦଳର ପ୍ରଥମ ପରାଜୟ। ସିରିଜ୍‌ର ଚତୁର୍ଥ ମ୍ୟାଚ୍ ଆସନ୍ତା ୬ ତାରିଖରେ ଗୋଲ୍ଡ କୋଷ୍ଟଠାରେ ଖେଳାଯିବ।

ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମ ୩ ଓଭର ମଧ୍ୟରେ ଅର୍ଶଦୀପ ଅଷ୍ଟ୍ରେଲିଆର ଟ୍ରାଭିସ ହେଡ୍ (୬) ଓ ଜୋଶ ଇଙ୍ଗଲିସ(୧)ଙ୍କୁ ଆଉଟ୍ କରି ସୂର୍ଯ୍ୟଙ୍କ ନିଷ୍ପତ୍ତିକୁ ଠିକ୍ ସାବ୍ୟସ୍ତ କରିଥିଲେ। ଅଧିନାୟକ ମିଚେଲ ମାର୍ଶ (୧୧) ଓ ଟିମ ଡେଭିଡ୍ ତୃତୀୟ ଉଇକେଟରେ ଦ୍ରୁତ ୫୯ ରନ ଯୋଡ଼ିଥିଲେ। ନବମ ଓଭରରେ ବରୁଣ ଚକ୍ରବର୍ତ୍ତୀ ଲଗାତର ଦୁଇ ବଲରେ ମାର୍ଶ ଓ ମିଚେଲ ଓଏନ (୦)ଙ୍କୁ ପାଭିଲିଅନ ପଠାଇଥିଲେ। ବିସ୍ଫୋରକ ବ୍ୟାଟିଂ କରୁଥିବା ଡେଭିଡ୍‌ଙ୍କୁ ଶିବମ ଦୁବେ ବାଉଣ୍ଡ୍ରି ଲାଇନରେ ତିଳକ ବର୍ମାଙ୍କ ହାତରେ କ୍ୟାଚ୍ ଆଉଟ୍ କରାଇଥିଲେ। ଡେଭିଡ୍ ୩୮ ବଲରେ ୭୪ (୮ ଚୌକା ଓ ୫ ଛକା) ରନ କରିଥିଲେ। ଶେଷ ଆଡ଼କୁ ଷ୍ଟୋଇନିସ ଓ ମାଥ୍ୟୁ ଶର୍ଟ ଷଷ୍ଠ ଉଇକେଟରେ ୬୪ ରନ ଯୋଡ଼ି ଦଳକୁ ଏକ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ଷ୍ଟୋଇନିସ ୩୯ ବଲରେ ୬୪ (୮ ଚୌକା ଓ ୨ ଛକା) ରନ କରି ଆଉଟ୍ ହୋଇଥିବା ବେଳେ ଶର୍ଟ ୨୬ (୨ ଚୌକା ଓ ୧ ଛକା) ରନ କରି ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୮୬ ରନ କରିପାରିଥିଲା। ଭାରତ ପାଇଁ ଅର୍ଶଦୀପ ୩, ଚକ୍ରବର୍ତ୍ତୀ ୨ ଓ ଦୁବେ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ଭାରତକୁ ଭଲ ଆରମ୍ଭ ପ୍ରଦାନ କରିଥିଲେ ଅଭିଷେକ ଶର୍ମା ଓ ଶୁବମନ ଗିଲ। ଅଭିଷେକ ୧୬ ବଲରେ ୨୫ (୨ ଲେଖାଏ ଚୌକା ଓ ଛକା) ଓ ଗିଲ ୧୫ ରନ କରି ଆଉଟ୍ ହୋଇଥିଲେ। ଅଧିନାୟକ ସୂର୍ଯ୍ୟକୁମାର ୧୧ ବଲରେ ୨୪ (୧ ଚୌକା ଓ ୨ ଛକା), ତିଳକ ବର୍ମା ୨୯ (୧ ଲେଖାଏ ଚୌକା ଓ ଛକା) ଓ ଅକ୍ଷର ପଟେଲ ୧୭ (୧ ଚୌକା) ରନ କରି ପାଭିଲିଅନ ଫେରିଥିଲେ। ୱାଶିଂଟନ ସୁନ୍ଦର ୨୩ ବଲରେ ୪୯ (୩ ଚୌକା ଓ ୪ ଛକା) ଓ ଜୀତେଶ ଶର୍ମା ୨୨ (୩ ଚୌକା) ରନ କରି ମ୍ୟାଚ୍ ଫିନିଶ୍ କରିଥିଲେ। ଭାରତ ୧୮.୩ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଅଷ୍ଟ୍ରେଲିଆ ପାଇଁ ନାଥନ ଏଲିସ ୩ ଉଇକେଟ ନେଇଥିଲେ।



ଉଇକେଟ ନେବାପରେ ଅର୍ଶଦୀପ ସିଂ (ବାମ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ: ୨୦ ଓଭରରେ ୧୮୬/୬ (ଟିମ ଡେଭିଡ୍-୭୪, ମାର୍କସ ଷ୍ଟୋଇନିସ-୬୪, ମାଥ୍ୟୁ ଶର୍ଟ-୨୬*, ଅର୍ଶଦୀପ ସିଂ-୩/୩୫, ବରୁଣ ଚକ୍ରବର୍ତ୍ତୀ-୨/୩୩)। ଭାରତ: ୧୮.୩ ଓଭରରେ ୧୮୮/୫ (ୱାଶିଂଟନ ସୁନ୍ଦର-୪୯*, ତିଳକ ବର୍ମା-୨୯, ଅଭିଷେକ ଶର୍ମା-୨୫, ନାଥନ ଏଲିସ-୩/୩୬)।

## ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍ ଫାଇନାଲ ସ୍କୋର ବୋର୍ଡ

**ଭାରତ ଇନିଂସ**
ସ୍ମୃତି ମନ୍ଧାନା-କ-ସିନାଲୋ ଜାଫା-ବୋ-୪୫
ଶେଫାଳି ବର୍ମା-କ-ସୁନ୍ ଲୁସ-ବୋ-ଆୟା ବଙ୍ଗା ଖାକା-୮୭
ଜେମିମା ରୋଡ୍ରିଗ୍ସ-କ-ଲାଉରା ଓଭାର୍ଡଟ-ବୋ-ଆୟାବୋଙ୍ଗା ଖାକା -୨୪
ହରମନପ୍ରୀତ କୌର-ବୋ-ନନ୍‌କୁଲୁଲେକୋ ମଲାବା-୨୦
ଦୀପ୍ତି ଶର୍ମା-ରନଆଉଟ-୫୮
ଅମନଜୋତ କୌର-କଟ୍ ଆଣ୍ଡ ବୋଲ୍ଡ-ନାଡିନ୍ ଡି'କ୍ଲର୍କ-୧୨
ରିଚା ଘୋଷ-କ-ଆନେରିଡେର୍କସନ-ବୋ-ଆୟାବୋଙ୍ଗା-୩୪
ରାଧା ଯାଦବ-ନଟ୍ ଆଉଟ୍-୩
**ଅତିରିକ୍ତ:**୧୫
**ମୋଟ :** (୫୦ ଓଭର/୭ ଉଇକେଟ) ୨୯୮।
ଉଇକେଟ ପତନ: ୧/୧୦୪, ୨/୧୬୬, ୩/୧୭୧, ୪/୨୨୩, ୫/୨୪୫, ୬/୨୯୨, ୭/୨୯୮।
**ବୋଲିଂ (ଦକ୍ଷିଣ ଆଫ୍ରିକା)**
ମାରିଜାନେ କାପ୍ ୧୦-୧-୫୯-୦
ଆୟାବୋଙ୍ଗା ଖାକା ୯-୦-୫୮-୩
ନନ୍‌କୁଲୁଲେକୋ ମଲାବା ୧୦-୦-୪୭-୧
ନାଡିନ୍ ଡି'କ୍ଲର୍କ ୯-୦-୫୨-୧
ସୁନ୍ ଲୁସ୍ ୫-୦-୩୪-୦
କ୍ଲୋ ଟ୍ରାୟନ୍ ୭-୦-୪୬-୧

## ଦ. ଆଫ୍ରିକା ରାଷ୍ଟ୍ରପତି ଭୁଲ୍ ଜର୍ସି ପିନ୍ଧିଲେ


**ନଭି ମୁମ୍ବାଇ,୨।୧୧**

ଭାରତ ବିପକ୍ଷରେ ମହିଳା ଦିନିକିଆ ବିଶ୍ୱକପ୍ ଫାଇନାଲ ଖେଳାଯିବା ପୂର୍ବରୁ ଦକ୍ଷିଣ ଆଫ୍ରିକା ଦଳକୁ ଦକ୍ଷିଣ ଆଫ୍ରିକୀୟ ରାଷ୍ଟ୍ରପତି ସିରିଲ ରାମାଫୋସା ଦେଇଥିବା ଭିଡିଓ ବାର୍ତ୍ତାରେ ଏକ ବଡ଼ ଧରଣର ଭୁଲ୍ ନଜର ଆସିଥିଲା। ଉକ୍ତ ଭିଡରେ ଖେଳାଳିଙ୍କୁ ରାଷ୍ଟ୍ରପତି ଉତ୍ସାହିତ କରୁଥିବା ବେଳେ ସେ କ୍ରିକେଟ ପରିବର୍ତ୍ତେ ଫୁଟବଲ ଦଳର ଜର୍ସି ପିନ୍ଧିଥିଲେ।

## କୌରଙ୍କ ଅଲୋଡ଼ା ରେକର୍ଡ

ଭାରତୀୟ ମହିଳା ଦଳର ଅଧିନାୟିକା ହରମନପ୍ରୀତ କୌରଙ୍କ ଦୁର୍ଭାଗ୍ୟପୂର୍ଣ୍ଣ ଟସ୍ ହାରିବା ରେକର୍ଡ ବିଶ୍ୱକପ୍ ଫାଇନାଲରେ ମଧ୍ୟ ଜାରି ରହିଥିଲା। ଏହାକୁ ମିଶାଇ ଟୁର୍ନାମେଣ୍ଟରେ ସେ ୯ ମ୍ୟାଚ୍‌ରେ ଅଷ୍ଟମ ଥର ପାଇଁ ଟସ୍ ଜିତିବାରେ ବିଫଳ ହୋଇଥିଲେ।

## ବିବାହ ବନ୍ଧନରେ ରାଣୀ ରାମପାଲ



ପଙ୍କଜ ସରୋହାଙ୍କ ସହ ରାଣୀ ରାମପାଲ।

**ନୂଆଦିଲ୍ଲୀ, ୨।୧୧**

ଭାରତୀୟ ହକି ଆଇକନ ତଥା ପୂର୍ବତନ ଅଧିନାୟିକା ରାଣୀ ରାମ୍‌ପାଲଙ୍କ ବିବାହ ଏଠାରେ ରବିବାର ସମ୍ପନ୍ନ ହୋଇଛି। ସେ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ପଙ୍କଜ ସରୋହାଙ୍କୁ ବିବାହ କରିଛନ୍ତି। ବିବାହ ଉତ୍ସବରେ ଉଭୟଙ୍କ ପରିବାର ଏବଂ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ରାଣୀ ରାମପାଲ ହେଉଛନ୍ତି ଭାରତର ଜଣେ ଅନ୍ୟତମ ଜଣାଶୁଣା ସେଲିବ୍ରିଟି ଆଥ୍‌ଲେଟ। ତାଙ୍କ ଅଧିନାୟକତ୍ୱରେ ଭାରତୀୟ ମହିଳା ହକି ଦଳ ବିଶ୍ୱ ସ୍ତରରେ ଅନେକ ମାଇଲଖୁଣ୍ଟ ହାସଲ କରିଛି। ବିବାହ ପାଇଁ ନବବିବାହିତ ଦମ୍ପତିଙ୍କୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି।

# ପ୍ରମୋଦଙ୍କୁ ସ୍ୱର୍ଣ୍ଣ, ବ୍ରୋଞ୍ଜ ପଦକ

**ଭୁବନେଶ୍ୱର, ୨।୧୧ (ତପନ ସ୍ୱାଇଁ)**

**ଇଣ୍ଡୋନେସିଆ ପାରା ବ୍ୟାଡ୍‌ମିଣ୍ଟନ**

ଇଣ୍ଡୋନେସିଆର ସୋଲୋଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଓଡ଼ିଶାର ତାରକା ଖେଳାଳି ପ୍ରମୋଦ ଭଗତ ଡବଲ୍ସରେ ସ୍ୱର୍ଣ୍ଣ ଓ ମିକ୍ସଡ ଡବଲ୍ସରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ପୁରୁଷ ଡବଲ୍ସରେ ଦୀପ୍ ରଞ୍ଜନ ବିଷୋୟୀଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ପୁରୁଷ ଡବଲ୍ସ ଫାଇନାଲରେ ସୁକାନ୍ତ କଦମ ଓ ପ୍ରମୋଦଙ୍କ ଯୋଡ଼ି ଇଣ୍ଡୋନେସିଆର ଡି. ଦ୍ୱିୟୋକୋ ଓ ଏଫ୍. ସେତିୱାନଙ୍କୁ ପରାସ୍ତ କରିଛନ୍ତି। ସେହିପରି ପ୍ରମୋଦ ଓ ମନୀଷା ରାମଦାସ ଯୋଡ଼ି ମିକ୍ସଡ ଡବଲ୍ସ ସେମିଫାଇନାଲରେ ଇଣ୍ଡୋନେସିଆର ଏଫ୍.ସେତିୱାନ ଓ କେ.ସାଦିୟାଙ୍କଠାରୁ ପରାଜିତ ହୋଇ ବ୍ରୋଞ୍ଜରେ ସନ୍ତୁଷ୍ଟ ହୋଇଛନ୍ତି। ପୁରୁଷ ଡବଲ୍ସ ସେମିଫାଇନାଲରେ ଦୀପରଞ୍ଜନ ବିଷୋୟୀ ଓ ମନୋଜ ସରକାରଙ୍କ ଯୋଡ଼ି ଇଣ୍ଡୋନେସିଆର ଡି. ଦ୍ୱିୟୋକୋ ଏବଂ ଏଫ୍ ସେତିୱାନଙ୍କଠାରୁ ହାରିଛନ୍ତି।



ପଦକ ସହ ଦୀପ ରଞ୍ଜନ ବିଷୋୟୀ ଓ ପ୍ରମୋଦ ଭଗତ।

## ଟି୨୦ରୁ କେନ୍ ୱିଲିୟମସନଙ୍କ ଅବସର

**ଅକ୍‌ଲାଣ୍ଡ, ୨।୧୧ (ପି.ଟି.)**

ୱେଷ୍ଟଇଣ୍ଡିଜ ବିପକ୍ଷ ଘରୋଇ ୫ ମ୍ୟାଚ ବିଶିଷ୍ଟ ସିରିଜ ପୂର୍ବରୁ ନ୍ୟୁଜିଲାଣ୍ଡର ଷ୍ଟାର ବ୍ୟାଟର ତଥା ପୂର୍ବତନ ଅଧିନାୟକ କେନ୍ ୱିଲିୟମସନ ରବିବାର ଅନ୍ତର୍ଜାତୀୟ ଟି୨୦ରୁ ଅବସର ଘୋଷଣା କରିଛନ୍ତି। ୱିଲିୟମସନ ତାଙ୍କ କ୍ୟାରିୟରରେ ନ୍ୟୁଜିଲାଣ୍ଡ ତରଫରୁ ୯୩ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ନିକଟରେ ସେ ୨୦୨୬ ସିଜନ ପାଇଁ ଆଇପିଏଲ୍ ଫ୍ରାଞ୍ଚାଇଜ୍ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସର ରଣନୈତିକ ଉପଦେଷ୍ଟା ଭାବେ ନିଯୁକ୍ତି ପାଇଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ ପାଇଁ ନ୍ୟୁଜିଲାଣ୍ଡ ଦଳରେ ୩୫ବର୍ଷୀୟ ୱିଲିୟମସନଙ୍କୁ ସ୍ଥାନ ନ ମିଳିବା ପରେ ସେ ତାଙ୍କ ଅବସର ଘୋଷଣା କରିଛନ୍ତି।

# ଫଲୋଅନ ଆଶଙ୍କାରେ ଓଡ଼ିଶା

**ଭୁବନେଶ୍ୱର, ୨।୧୧ (ତପନ ସ୍ୱାଇଁ)**

**ରଣ୍‌ଜୀ ଟ୍ରଫି, ରଶିଦଙ୍କ ଶତକ**

କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ରଣ୍‌ଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଶେକ୍ ରଶିଦଙ୍କ ଅପରାଜିତ ଶତକ ସହାୟତାରେ ଆନ୍ଧ୍ରପ୍ରଦେଶ ଘରୋଇ ଓଡ଼ିଶା ବିପକ୍ଷରେ ବୃହତ୍ ସ୍କୋର କରିଛି। ୪୭୫/୭ରେ ଆନ୍ଧ୍ର ଏହାର ପ୍ରଥମ ଇନିଂସ ଘୋଷଣା କରିଛି। ଅନ୍ୟପକ୍ଷରେ ଓଡ଼ିଶା ପାରମ୍ପରିକଭାବେ ଚଳିତ ସିଜନରେ ନୈରାଶ୍ୟଜନକ ବ୍ୟାଟିଂ ଜାରିରଖି ୮୦ ରନ ମଧ୍ୟରେ ୪ ଉଇକେଟ ହରାଇ ଫଲୋଅନ ଆଶଙ୍କାରେ ପଡ଼ିଛି। ସ୍ୱସ୍ତିକ ସାମଲ ଖାତା ଖୋଲିପାରି ନ ଥିବାବେଳେ ଗୌରବ ଚୌଧୁରୀ ୪୮, ବାଦଲ ବିଶ୍ୱାଳ ୧ ଓ ଅଧିନାୟକ ଶୁଭ୍ରାଂଶୁ ସେନାପତି ୬ ରନକରି ଆଉଟ ହୋଇଛନ୍ତି। ଫଲୋଅନ ଏଡ଼ାଇବାକୁ ହେଲେ ଓଡ଼ିଶାକୁ ପ୍ରଥମ ଇନିଂସରେ ୩୨୫ରୁ ଊର୍ଦ୍ଧ୍ୱ ରନ କରିବାକୁ ହେବ। ଆନ୍ଧ୍ରର କାଭୁରି ସାଇତେଜା ଓ ସୌରଭ କୁମାର ୨ଟି ଲେଖାଏ ଉଇକେଟ ନେଇଛନ୍ତି।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୨୨୨/୩ରୁ ଖେଳ ଆରମ୍ଭ କରିଥିବା ଆନ୍ଧ୍ର ପ୍ରଦେଶ ଦ୍ୱିତୀୟ ଦିବସରେ ମଧ୍ୟ ଦୃଢ଼ ବ୍ୟାଟିଂ ପ୍ରଦର୍ଶନ କରିଥିଲା। କରନ ସିନ୍ଦେ ଯଦିଓ ୩୨ ରନକରି ଆଉଟ ହୋଇଥିଲେ ଶେକ୍ ରଶିଦ କିନ୍ତୁ ଚମତ୍କାର ବ୍ୟାଟିଂ କରି ୧୪୦ ରନରେ ଅପରାଜିତ ରହିବା ସହ ଆନ୍ଧ୍ରକୁ ଏକ ବଡ଼ ସ୍କୋରରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ୭ ଓ ୮ ନମ୍ବର ବ୍ୟାଟର କେ.ଭି. ଶଶିକାନ୍ତ ଓ ସୌରଭ କୁମାର ଯଥାକ୍ରମେ ୪୬ ଓ ୬୯ ରନର ଯୋଗଦାନ ଦେଇଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ସମ୍ବିତ ବରାଳ ଓ ଗୋବିନ୍ଦ ପୋଦ୍ଦାର ୨ଟି ଲେଖାଏ ଏବଂ ରାଜେଶ ମହାନ୍ତି, ତରାନୀ ସା ଓ ବାଦଲ ବିଶ୍ୱାଳ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଶଟ୍ ଖେଳିବା ଅବସରରେ ଶେକ୍ ରଶିଦ (ଫଟୋ: ରାଜକିଶୋର ମହାନ୍ତି)।

**ସଂକ୍ଷିପ୍ତ ସ୍କୋର**

ଆନ୍ଧ୍ର ପ୍ରଦେଶ ପ୍ରଥମ ଇନିଂସ: ୪୭୫/୭/ଘୋଷଣା (ଶେକ୍ ରଶିଦ-୧୪୦*, ଶ୍ରୀକର ଭରତ-୯୩, ଅଭିଷେକ ରେଡ୍ଡୀ-୭୬, ସୌରଭ କୁମାର-୬୯, ସମ୍ବିତ ବରାଳ-୨/୮୫, ରାଜେଶ ମହାନ୍ତି-୧/୧୧୮, ତରନୀ ସା-୧/୫୩, ବାଦଲ ବିଶ୍ୱାଳ-୧/୧୧୩)। ଓଡ଼ିଶା ପ୍ରଥମ ଇନିଂସ: ୮୦/୪ (ଗୌରବ ଚୌଧୁରୀ-୪୮, ସନ୍ଦୀପ ପଟ୍ଟନାୟକ-୨୪*, କାଭୁରି ସାଇତେଜା-୨/୧୬, ସୌରଭ କୁମାର-୨/୨୦)।

# ୨୦୭ ପଦକ ସହ ଓଡ଼ିଶା ପ୍ରଥମ




ଇଷ୍ଟଇଣ୍ଡିଆ କରାଟେ ଚାମ୍ପିୟନଶିପ୍‌ର ଉଦ୍‌ଯାପନୀରେ ଉପସ୍ଥିତ ଅତିଥି, କର୍ମକର୍ତ୍ତା ଓ ଅଫିସିଆଲମାନେ।

**ଭୁବନେଶ୍ୱର, ୨।୧୧ (ତପନ ସ୍ୱାଇଁ)**

**ଇଷ୍ଟଇଣ୍ଡିଆ କରାଟେ ଉଦ୍‌ଯାପିତ**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ୫ମ ଇଷ୍ଟଇଣ୍ଡିଆ କରାଟେ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଆଣ୍ଡାମାନ ନିକୋବରରୁ ପାଖାପାଖି୭୦୦ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରତିଯୋଗିତାରେ ଓଡ଼ିଶା କରାଟେକାମାନେ ପ୍ରଭାବୀ ପ୍ରଦର୍ଶନ କରି ୭୪ ସ୍ୱର୍ଣ୍ଣ, ୫୭ ରୌପ୍ୟ ଓ ୭୬ ବ୍ରୋଞ୍ଜ ସହ ମୋଟ ୨୦୭ ପଦକ ହାସଲ କରି ପ୍ରଥମ ସ୍ଥାନ ଅଧିକାର କରିଛି। ପଶ୍ଚିମବଙ୍ଗ ୪୩ ସ୍ୱର୍ଣ୍ଣ, ୫୫ ରୌପ୍ୟ ଓ ୮୬ ବ୍ରୋଞ୍ଜ ସହ ଦ୍ୱିତୀୟ ଏବଂ ବିହାର ୧୩ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୧୪ ବ୍ରୋଞ୍ଜ ପଦକ ପାଇ ତୃତୀୟ ସ୍ଥାନ ଅଧିକାର କରିଛି। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଅଲିମ୍ପିକ ସଂଘ ସଭାପତି ତଥା ବରିଷ୍ଠ ଭାଜପା ନେତା ସମୀର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ପୂର୍ବାଞ୍ଚଳ କରାଟେ ସଂଘର ସଭାପତି ହାନଶୀ ପ୍ରେମଜିତ ସେନ, ଓଡ଼ିଶା ରାଜ୍ୟ କରାଟେ ସଂଘ ସଭାପତି ହରିପ୍ରସାଦ ପଟ୍ଟନାୟକ, ସମ୍ପାଦକ ଗୌରୀ ମହାନ୍ତି, ଯୁଗ୍ମ ସମ୍ପାଦକ କାଳିପ୍ରସାଦ ନନ୍ଦ, ପ୍ରତିଷ୍ଠାତା ସଦସ୍ୟ ପ୍ରକାଶ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ବିଶ୍ୱକପ୍‌ରେ ମନ୍ଧାନାଙ୍କ ରେକର୍ଡ

**ନଭି ମୁମ୍ବାଇ, ୨।୧୧:** ଭାରତୀୟ ଓପନର ସ୍ମୃତି ମନ୍ଧାନା ମହିଳା ବିଶ୍ୱକପ୍‌ର ଗୋଟିଏ ସଂସ୍କରଣରେ ଭାରତୀୟ ବ୍ୟାଟର ଭାବେ ସର୍ବାଧିକ ରନ୍ କରିବାର ରେକର୍ଡ କରିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ବିଶ୍ୱକପ୍ ଫାଇନାଲରେ ୪୫ ରନ ସହ ଏହି ବିଶ୍ୱକପ୍‌ରେ ସେ ୯ ମ୍ୟାଚ୍‌ରେ ୫୪.୨୫ ଆଭରେଜ ଓ ୯୯.୦୮ ଷ୍ଟ୍ରାଇକ୍‌ରେଟରେ ୪୩୪ ରନ କରିଛନ୍ତି।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ